


Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Vol. 32 | ISSUE 343 | ଭାଗ ୩୨ | ସଂଖ୍ୟା ୩୪୩ | Bhubaneswar | Saturday 8 March 2025 | Page 8 Rs. 4.00 | ● ଭୁବନେଶ୍ୱର ଶନିବାର ୮ ମାର୍ଚ୍ଚ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ରାଜସ୍ୱ ମନ୍ତ୍ରୀଙ୍କ ଘୋଷଣା — ଆପ୍‌ରେ ମିଳିବ ତହସିଲ୍ ସେବା

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ଖୁବ୍‌ଶୀଘ୍ର ରାଜ୍ୟବାସୀ ତହସିଲ୍‌ରୁ ପାଉଥିବା ସମସ୍ତ ସୁବିଧାସୁଯୋଗ ମୋବାଇଲ୍ ମାଧ୍ୟମରେ ପାଇପାରିବେ। କାରଣ ଖୁବ୍‌ଶୀଘ୍ର ରାଜ୍ୟ ସରକାର ଏକ ସ୍ୱତନ୍ତ୍ର ଆପ୍ କାର୍ଯ୍ୟକାରୀ କରିବେ। ଏହି ଆପ୍ ଦ୍ୱାରା ଜନସାଧାରଣ ତହସିଲ୍‌ରୁ କୌଣସି ପ୍ରକାର ସେବା ପାଇପାରିବେ ବୋଲି ଆଜି ଏଠାରେ କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ସେ କହିଛନ୍ତି ଯେ ସମ୍ପ୍ରତି ସାଧାରଣ ଲୋକେ ସାମାନ୍ୟରୁ ସାମାନ୍ୟ କାମ ପାଇଁ ବି ତହସିଲ୍ ଅଫିସ୍‌କୁ ଦୌଡ଼ିବାକୁ ବାଧ୍ୟ ହେଉଛନ୍ତି। ଜାତିଗତ ପ୍ରମାଣପତ୍ର ହେଉ ଅବା ଆୟ ପ୍ରମାଣପତ୍ର କିମ୍ବା ଆବାସିକ ପ୍ରମାଣପତ୍ର, ସବୁକିଛି ପାଇଁ ଲୋକଙ୍କୁ ତହସିଲଦାରର କର୍ମଚାରୀମାନଙ୍କ ଉପରେ ନିର୍ଭର କରିବାକୁ ପଡୁଥିଲା। ଅନେକ ସମୟରେ ତହସିଲଦାର ହୁଅନ୍ତୁ ବା କୌଣସି ନିର୍ଦ୍ଦିଷ୍ଟ କର୍ମଚାରୀ କାର୍ଯ୍ୟାଳୟରେ ଉପସ୍ଥିତ ରହୁନଥିବାରୁ ଏନେଇ ଦୂରଦୂରାନ୍ତରୁ ଆସୁଥିବା ଲୋକମାନେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କିନ୍ତୁ ସେମାନଙ୍କୁ ଆସନ୍ତା ମାସରୁ ଆଉ ଏପରି ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିବନି। ରାଜ୍ୟ ସରକାରଙ୍କ ରାଜସ୍ୱ ବିଭାଗ ପକ୍ଷରୁ ଆସନ୍ତା ମାସରେ ଏକ ସ୍ୱତନ୍ତ୍ର ଆପ୍ ଲଞ୍ଚ୍ କରାଯିବ। ଏହା ମାଧ୍ୟମରେ ସମସ୍ତେ ତହସିଲ୍‌ରୁ କୌଣସି ପ୍ରକାର ପ୍ରମାଣପତ୍ର ପାଇପାରିବେ ବୋଲି ଶ୍ରୀ ପୂଜାରୀ



କହିଛନ୍ତି। ସେହିପରି ଚଳିତ ବର୍ଷ ଗ୍ରୀଷ୍ମଋତୁରେ ଲୋକମାନଙ୍କୁ ଯେପରି ନିରନ୍ତର ବିଦ୍ୟୁତ୍ ସେବା ମିଳିପାରିବ, ସେ ଦିଗରେ ପଦକ୍ଷେପ ନିଆଯିବ। ଏପରିକି ବିଦ୍ୟୁତ୍ ବିଲ୍ ବକେୟା ଥିଲେ ମଧ୍ୟ ବିତରକ କମ୍ପାନୀ ଉକ୍ତ ଉପଭୋକ୍ତାଙ୍କ ବିଦ୍ୟୁତ୍ ସଂଯୋଗ ଛିନ୍ନ କରିପାରିବେ ନାହିଁ ବୋଲି ଶ୍ରୀ ପୂଜାରୀ କହିଛନ୍ତି। ଖରା ତାତିରେ ଲୋକେ ହଇରାଣ ହରକତ ହେଉଥିବା ପରିପ୍ରେକ୍ଷୀରେ ବିଦ୍ୟୁତ୍ କାଟ ସେମାନଙ୍କ ଯନ୍ତ୍ରଣାକୁ ବହୁଗୁଣିତ କରିଥାଏ। କିନ୍ତୁ ଚଳିତ ବର୍ଷ ଏଥିରୁ ଜନସାଧାରଣଙ୍କୁ ରକ୍ଷା କରିବା ସକାଶେ କୌଣସି ପ୍ରକାର ଅଘୋଷିତ ବିଦ୍ୟୁତ୍ କାଟ ହେବ ନାହିଁ ବୋଲି ମଧ୍ୟ ମନ୍ତ୍ରୀ କହିଛନ୍ତି।

## ୪୨ କୋଟି ବ୍ୟୟରେ ନିର୍ମିତ ୧୪ ଥାନା ଉଦ୍‌ଘାଟିତ

# ମୋହନଙ୍କ ନାଲିଆଖି — ଏଫ୍‌ଆଇଆର୍ ନ ରଖିଲେ ସସ୍‌ପେଣ୍ଡ୍

- ପୁଲିସ୍‌ର ବ୍ୟବହାର ନେଇ ମୁଖ୍ୟମନ୍ତ୍ରୀଙ୍କ କଡ଼ା ଆଭିମୁଖ୍ୟ
- ଚା'ପାଣି ଦେଇ ଅଭିଯୋଗ ଶୁଣିବାକୁ ନିର୍ଦ୍ଦେଶ
- ଭିନ୍ନକ୍ଷମଙ୍କ ପାଇଁ ରାମ୍ପ୍ ସହ ସମସ୍ତ ଅତ୍ୟାଧୁନିକ ବ୍ୟବସ୍ଥା
- ଥାନା ଭିତ୍ତିଭୂମି ସୁଧାରିବାକୁ ସରକାର ନେଉଛନ୍ତି ପଦକ୍ଷେପ



**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ଏଫ୍‌ଆଇଆର୍ ନ ରଖିଲେ ସମ୍ପୃକ୍ତ ଆଇଆଇସି ସସ୍‌ପେଣ୍ଡ ହେବେ। ଥାନାକୁ ଆସୁଥିବା ଅଭିଯୋଗକାରୀଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କର। ଏଫ୍‌ଆଇଆର୍ ରଖିବା ସହ ଘଟଣା ସମ୍ପର୍କରେ ଆଲୋଚନା ନ କଲେ ସମ୍ପୃକ୍ତ ପୁଲିସ ଅଧିକାରୀଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ହେବ ବୋଲି ତାଗିଦ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେହିପରି କୌଣସି ସାଧାରଣ ଲୋକ ଅଭିଯୋଗ ନେଇ ଥାନାରେ ପହଞ୍ଚିଲେ, ତାଙ୍କୁ ଚା' ପାଣି ଦେଇ ସମ୍ମାନ ସହକାରେ ପୁଲିସ ଅଭିଯୋଗ ଶୁଣିବା ଦରକାର ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ବିଧାୟକ ଥିବା ସମୟରେ ସେ କିପରି ଭାବେ ପୁଲିସ୍ ଅବହେଳାର ଶିକାର ହୋଇଛନ୍ତି ସେନେଇ ନିଜର ବ୍ୟକ୍ତିଗତ ଅଭିଜ୍ଞତା ବଖାଣିଛନ୍ତି ମୁଖ୍ୟମନ୍ତ୍ରୀ। ସେ ନିଜେ ଭୁକ୍ତଭୋଗୀ ହୋଇଥିବାରୁ ଆଗାମୀ ଦିନରେ ତାଙ୍କ ପରି କେହି ଯେପରି ଥାନାରେ ଏପରି ସମସ୍ୟା ଭୋଗିବେ ନାହିଁ, ସେ ଦିଗରେ ସରକାର ପଦକ୍ଷେପ ନେବେ। ଆଗାମୀ ଦିନରେ ପୁଲିସ୍ ସଶକ୍ତ ହେବା ସହ ଲୋକଙ୍କୁ ଉପଯୁକ୍ତ ସେବା ଯୋଗାଇଦେବ ବୋଲି ଆଜି କମିଶନରେଟ ପୁଲିସ ଅନ୍ତର୍ଗତ ସ୍ଥାନୀୟ ନୟାପଲ୍ଲୀ ଥାନାଠାରେ ଆଭାସୀ ମାଧ୍ୟମରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ୧୪ଟି ନବନିର୍ମିତ ଥାନାଗୃହ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ନୟାପଲ୍ଲୀ ଥାନା ସହ ଅନୁଗୁଳ ଜିଲ୍ଲାର ସମଲ ଓ ସଦର ଥାନା, ବରଗଡ଼ ଜିଲ୍ଲାର ଭେଡେନ, କଳାହାଣ୍ଡି ଜିଲ୍ଲାର ଭବାନୀପାଟଣା ଟାଉନ ଥାନା, କୋରାପୁଟ ଜିଲ୍ଲାର ସୁଙ୍କି ଓ କୋରାପୁଟ ଟାଉନ ଥାନା, ମାଲକାନଗିରି ଜିଲ୍ଲାର କୋରକୁଣ୍ଡା, କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ, କମିଶନରେଟ ପୁଲିସ ଅନ୍ତର୍ଗତ କଟକର ସିଆରଆରଆଇ ଓ ମଙ୍ଗଳାବାଗ ଥାନା, ଜଗତସିଂହପୁର ଜିଲ୍ଲାର ପାରାଦୀପ ଲକ୍ ଥାନା, ଯାଜପୁର ଜିଲ୍ଲାର ଧର୍ମଶାଳା ଓ କୋରେଇ ଥାନାର ନବନିର୍ମିତ ଥାନା ଗୃହର ଉଦଘାଟନ କରିଛନ୍ତି। ଏହି ଅବସରରେ ନୟାପଲ୍ଲୀ ଥାନାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ➣ପୃଷ୍ଠା-୬

# କିସ୍ ଘୋଟାଲା ଘାଣ୍ଟିବ ଏନ୍‌ଏଚ୍‌ଆର୍‌ସି !

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ଆବଶ୍ୟକ ପଡ଼ିଲେ କିସ ବିରୋଧରେ ଉଠୁଥିବା ଅଭିଯୋଗର ମଧ୍ୟ ତଦନ୍ତ କରିବେ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି)। ଆଜି ତଦନ୍ତକାରୀ

- ସାଧାରଣ ଲୋକଙ୍କ ଅଭିଯୋଗ ଗ୍ରହଣ କଲେ ଟିମ୍
- ଆତ୍ମହତ୍ୟା ଓ ଆକ୍ରମଣ ନେଇ ଜେରା ହେଲେ ତିନି ସହପାଠୀ
- ତିନି ନିର୍ଦ୍ଦେଶକଙ୍କୁ ଉଚ୍ଚସ୍ତରୀୟ କମିଟିର ନୋଟିସ

ଏନଏଚଆରସି ଟିମ୍ ଆଗରେ କିଟ୍ ସହ କିସ୍ ଦୁର୍ନୀତି ନେଇ ପୂରା ତଥ୍ୟ ରଖିଛନ୍ତି ଆରଟିଆଇ କର୍ମୀ ପ୍ରତାପ ମହାନ୍ତି। ସବୁ ତଥ୍ୟ ପାଇବା ପରେ କିସ ବିରୋଧରେ ଆସିଥିବା ଅଭିଯୋଗର ମଧ୍ୟ ତଦନ୍ତ ହୋଇପାରେ ବୋଲି ଏନଏଚଆରସି ଟିମ କହିଥିବା ଶ୍ରୀ ମହାନ୍ତି କହିଛନ୍ତି।

କିସ୍‌ରେ କାହିଁକି ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ପାଳନ ହେଉନି, ସେନେଇ ସେ ପ୍ରଶ୍ନ କରିଛନ୍ତି। ସେ କହିଛନ୍ତି ଯେ ବାରମ୍ବାର ଚିଠି ସତ୍ତ୍ୱେ ଏହା ପାଳନ ହେଉନାହିଁ। କିସ୍‌ରେ ପଢୁଥିବା ପିଲାଙ୍କ ଯତ୍ନ ନିଆଯାଉନି ବୋଲି ସେ ଏନଏଚଆରସି ଟିମ୍‌କୁ ଅବଗତ କରିଛନ୍ତି। ଅଚ୍ୟୁତ ସାମନ୍ତ ବିଜେଡି ସାଂସଦ ଥିଲେ, ତେଣୁ ନିୟମକୁ ବଳି ଦିଆଯାଇଛି। ୮୨ ଏକର ଇଡ୍‌କୋ ଜମି ଜବରଦଖଲ କରି ରଖିଛନ୍ତି କିଟ୍ କର୍ତ୍ତୃପକ୍ଷ। କେବଳ ଇଡ୍‌କୋ ଜମି ନୁହେଁ, ଜଙ୍ଗଲ ଜମି ବି ଜବରଦଖଲ କରାଯାଇଛି। ଏସବୁର ତଦନ୍ତ ପାଇଁ ଟିମ୍‌କୁ ଅବଗତ କରାଇଥିବା ଶ୍ରୀ ➣ପୃଷ୍ଠା-୬

### କ୍ୟାମ୍ପସ୍‌କୁ ଫେରିଲେ ନେପାଳୀ ଛାତ୍ରଛାତ୍ରୀ



**ଭୁବନେଶ୍ୱର:** କିଟ୍ କ୍ୟାମ୍ପସରେ ସ୍ୱାଭାବିକତା ସୁନିଶ୍ଚିତ କରିବା ଦିଗରେ କିଟ୍ କର୍ତ୍ତୃପକ୍ଷ ବ୍ୟାପକ ପଦକ୍ଷେପ ନେଇଛନ୍ତି। ଫଳରେ ଏବେ ନେପାଳୀ ଛାତ୍ରଛାତ୍ରୀମାନେ କ୍ୟାମ୍ପସ୍‌କୁ ଫେରିଛନ୍ତି। ବର୍ତ୍ତମାନ ସୁଦ୍ଧା ୧୦୦୦ ଛାତ୍ରଛାତ୍ରୀ ହଷ୍ଟେଲ୍‌କୁ ଫେରିସାରିଲେଣି। ୧୧୦୦ ଛାତ୍ରଛାତ୍ରୀଙ୍କ ମଧ୍ୟରୁ ବାକି ୧୦୦ ଛାତ୍ରଛାତ୍ରୀ ମଧ୍ୟ କ୍ୟାମ୍ପସ୍‌କୁ ଫେରୁଛନ୍ତି। ନେପାଳୀ ଛାତ୍ରଛାତ୍ରୀଙ୍କୁ ପୁନର୍ବାର କ୍ୟାମ୍ପସ୍‌କୁ ଫେରାଇ ଆଣିବା ଦିଗରେ ଓଡ଼ିଶା ସରକାର, ଭାରତ ସରକାରଙ୍କ ବୈଦେଶିକ ମନ୍ତ୍ରାଳୟ, ନୂଆଦିଲ୍ଲୀସ୍ଥିତ ନେପାଳ ଦୂତାବାସ ଓ ନେପାଳ ସରକାରଙ୍କ ସହଯୋଗ ପାଇଁ କିଟ୍ କର୍ତ୍ତୃପକ୍ଷ ସେମାନଙ୍କୁ କୃତଜ୍ଞତା ଜଣାଇଛନ୍ତି। ନେପାଳୀ ଛାତ୍ରଛାତ୍ରୀ ➣ପୃଷ୍ଠା-୬

## ନବମ ଓ ଦଶମ ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ପ୍ରସଙ୍ଗ — ଖର୍ଚ୍ଚ ହେବ ୬୪୬.୩୧ କୋଟି



**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ନବମ ଓ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନଭୋଜନ ଦେବାପାଇଁ ଘୋଷଣା କରିଥିବାବେଳେ ଏଥିପାଇଁ ବର୍ଷକୁ ୬୪୬ କୋଟି ଟଙ୍କାରୁ ଅଧିକ ଅର୍ଥ ବ୍ୟୟ ହେବ। ଏହି ଦୁଇ ଶ୍ରେଣୀରେ ପଢୁଥିବା ୧୦ ଲକ୍ଷରୁ ଅଧିକ ପିଲା ଯୋଜନାରେ ସାମିଲ ହେବେ ବୋଲି ସୂଚନା ଦେଇଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ। ଆଜି ବିଧାନସଭାରେ ବିଧାୟକ ଚନ୍ଦ୍ରମଣି କହଁରଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ଗଣ୍ଡ ଏହି ସୂଚନା ଦେଇଛନ୍ତି । ମନ୍ତ୍ରୀ ଦର୍ଶାଇଛନ୍ତି ଯେ ରାଜ୍ୟରେ ବର୍ତ୍ତମାନ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟମାନଙ୍କରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୪୧ ଲକ୍ଷ ୭୪ ହଜାର ୯୧୫ ଜଣ ଛାତ୍ରଛାତ୍ରୀ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଦ୍ୱାରା ଉପକୃତ ହେଉଛନ୍ତି । ଛାତ୍ରଛାତ୍ରୀମାନଙ୍କ ଦିଆଯାଉଥିବା ମୁଣ୍ଡପିଛା ଖାଦ୍ୟର ମୂଲ୍ୟ ➣ପୃଷ୍ଠା-୬

## ଏଣିକି ରଥ ଚଢୁନଥିବା ସେବାୟତଙ୍କୁ ମିଳିବ କ୍ଷତିପୂରଣ



### ବଜେଟରେ ୧୩ କୋଟିର ବ୍ୟୟବରାଦ

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ରଥଯାତ୍ରା ସମୟରେ ରଥ ଉପରକୁ ଅଧିକ ସଂଖ୍ୟକ ସେବାୟତ ଚଢ଼ିବା ଓ ରଥକୁ ଭକ୍ତମାନଙ୍କୁ ଚଢାଇବା ନେଇ କଟକଣା ଜାରି ହୋଇଛି। ଏପରିକି ଗତବର୍ଷ ରଥଯାତ୍ରା ସମୟରେ କିଛି ସେବାୟତଙ୍କ ବିରୋଧରେ ଏଥିପାଇଁ କାର୍ଯ୍ୟାନୁଷ୍ଠାନ ହୋଇଛି। ତେବେ ରଥଯାତ୍ରା ସମୟରେ ରହିଥିବା ଏହି କଟକଣାରେ କ୍ଷତିଗ୍ରସ୍ତ ହେଉଥିବା ସେବାୟତଙ୍କୁ ରାଜ୍ୟ ସରକାର ଦେବେ କ୍ଷତିପୂରଣ। ଏନେଇ ୨୦୨୫-୨୬ ମୂଳ ବଜେଟରେ ୧ କୋଟି ୪୪ ଲକ୍ଷ ଟଙ୍କାର ବ୍ୟୟବରାଦ ହୋଇଥିବା ବେଳେ ଅତିରିକ୍ତ ବଜେଟରେ ଆଉ ୧୧ କୋଟି ୮୮ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ବଜେଟ ଅଧିବେଶନରେ ଉପସ୍ଥାପିତ ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ ଉପରେ ଆଇନ ବିଭାଗର ବ୍ୟୟ ଅଟକଳ ନେଇ ବିଧାନସଭା ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ଆଜି ଆଇନ ବିଭାଗ ସହ ସବୁ ବିଭାଗର ଷ୍ଟାଣ୍ଡିଂ କମିଟି ରିପୋର୍ଟ ବିଧାନସଭାରେ ଉପସ୍ଥାପିତ ହୋଇଛି। ଏଥିସହ କୋଠ ଭୋଗ ପାଇଁ ମଧ୍ୟ ସେବାୟତଙ୍କୁ ମିଳବ ପାଉଣା। କୋଠ ଭୋଗଦାନ ଯୋଜନାରେ ସେବାୟତଙ୍କ ପାଉଣା ବାବଦରେ ମୂଳ ବଜେଟରେ ୮୦ ଲକ୍ଷ ଟଙ୍କାର ବ୍ୟବସ୍ଥା କରାଯାଇଥିବା ବେଳେ ଅତିରିକ୍ତ ବଜେଟରେ ଆଉ ୧୫ କୋଟି ୧ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ଆଇନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ କର୍ମଚାରୀଙ୍କ ପାଇଁ ମଧ୍ୟ ଦରମା ବାଦ୍ ପାରିଶ୍ରମିକ ଦିଆଯିବ। ଏଥିପାଇଁ ମୂଳ ବଜେଟ ଓ ଅତିରିକ୍ତ ବଜେଟରେ ମୋଟ ୧୧ କୋଟି ୫୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ସେବାୟତଙ୍କ ପାଇଁ ମଧ୍ୟ ସମନ୍ୱିତ ଫାସିଲିଟି ମ୍ୟାନେଜମେଣ୍ଟ ବ୍ୟବସ୍ଥା ଗ୍ରହଣ କରାଯିବ। ଏଥିପାଇଁ ପୂର୍ବରୁ ଗଠନ କରାଯାଇଥିବା ଏକ କମିଟି ରିପୋର୍ଟ ଆଧାରରେ ବଜେଟରେ ୨୫ କୋଟି ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି ବୋଲି ଷ୍ଟାଣ୍ଡିଂ କମିଟି ରିପୋର୍ଟରେ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଆଜି ସୁଭଦ୍ରା ଦ୍ୱିତୀୟ କିସ୍ତି

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ଆସନ୍ତାକାଲି ହିତାଧିକାରୀଙ୍କୁ ମିଳିବ ସୁଭଦ୍ରାର ଦ୍ୱିତୀୟ କିସ୍ତି। ବ୍ରହ୍ମପୁର ଆମ୍ବପୁଆ ବିବେକ ବିହାର ପଡ଼ିଆରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ସୁଭଦ୍ରା ଦ୍ୱିତୀୟ କିସ୍ତିର ଶୁଭାରମ୍ଭ କରିବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ପ୍ରାୟ ୨୫ ହଜାର ମହିଳା। ଏନେଇ ସମସ୍ତ ପ୍ରସ୍ତୁତି ସରିଛି। ଏହା ପୂର୍ବରୁ ଗତକାଲି ସୁଭଦ୍ରା ପ୍ରଥମ କିସ୍ତିର ପଞ୍ଚମ ➣ପୃଷ୍ଠା-୬




# ହଟ୍ଟଗୋଳ ଓ ନାରାବାଜିରେ ଧୋଇଗଲା

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ବିଧାନସଭା ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ଦିନ ଗୃହ ଚାଲିପାରିଲାନି। କଂଗ୍ରେସ ଓ ବିଜେଡିର ଭିନ୍ନ ଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳକୁ ନେଇ ପୂରା ଦିନ ଧୋଇ ହୋଇଯାଇଥିଲା। ପ୍ରଶ୍ନକାଳ ଆରମ୍ଭ ପୂର୍ବରୁ କଂଗ୍ରେସ ନାରୀ ନିର୍ଯାତନାକୁ ନେଇ ଗୃହ ବାହାରେ ଓ ଭିତରେ ଗର୍ଜିଥିଲା। ବିଜେଡି ବି ବିଜୁ ପଟ୍ଟନାୟକଙ୍କୁ ଅସମ୍ମାନ ପ୍ରସଙ୍ଗରେ ଗୃହର ମଧ୍ୟଭାଗକୁ ଲମ୍ଫ ଦେଇଥିଲା।




ବିଜେଡି ନେତାମାନେ କହିଛନ୍ତି ପ୍ରବାଦ



- ବିଜୁ ପ୍ରସଙ୍ଗରେ ମୁହାଁମୁହିଁ ହେଲେ ବିଜେପି-ବିଜେଡି
- ପ୍ରତିହିଂସା ପରାୟଣ ହୋଇ ବରପୁତ୍ରଙ୍କୁ ଅସମ୍ମାନ : ରାଜା
- ଶଙ୍ଖ ଭବନରେ କାହିଁକି ନାହିଁ ବିଜୁ ମୂର୍ତ୍ତି: ରବି

ପୁରୁଷ ଓଡ଼ିଶାର ଗର୍ବ ଓ ଗୌରବ। ସ୍ୱାଭିମାନୀ ସହ ଓଡ଼ିଶାକୁ ଶୀର୍ଷରେ ପହଞ୍ଚାଇବାକୁ ତାଙ୍କ ଅବଦାନ ସବୁଠାରୁ ଆଗରେ। ଆଧୁନିକ ଓଡ଼ିଶାର ସେ ଥିଲେ ନିର୍ମାତା। ରାଉରକେଲା ଷ୍ଟିଲ ପ୍ଲାଣ୍ଟ, ଏନଆଇଟି, ଓୟୁଏଟି, ସୈନିକ ସ୍କୁଲ ତାଙ୍କ ଉଦ୍ୟମରେ ଓଡିଶାରେ ପ୍ରତିଷ୍ଠା ହୋଇଥିଲା। ୧୯୬୧ରେ ମୁଖ୍ୟମନ୍ତ୍ରୀ ହୋଇ ସେ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥା ଆରମ୍ଭ କଲେ। ୧୯୯୨ରେ ଯେବେ ସମ୍ବିଧାନ ସଂଶୋଧନ ହେଲା, ତାକୁ ମାନ୍ୟତା ମିଳିଲା। ୩୩ ପ୍ରତିଶତ ମହିଳା ସଂରକ୍ଷଣ କରିଥିଲେ ବିଜୁବାବୁ। ସରପଞ୍ଚ ଗାଁର ମୁଖ୍ୟମନ୍ତ୍ରୀ ବୋଲି ସେ କହିଥିଲେ। ସମ୍ବିଧାନ ସଂଶୋଧନରେ ଯେଉଁ ସୁବିଧା ଦେଶ ପାଇଲା, ତା'ଠୁ ବହୁ ଆଗରୁ ବିଜୁବାବୁ ଓଡ଼ିଶାରେ ଏହି ବ୍ୟବସ୍ଥା ଆରମ୍ଭ କରିସାରିଥିଲେ। ମେଣ୍ଟରେ ଥିବା ବିଜେପି ତ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ କରୁଥିଲେ। ହେଲେ କି ଷଡ଼ଯନ୍ତ୍ର ହେଲା ଯେ ରାତିରାତି ଏହା ବନ୍ଦ କରାଗଲା ବୋଲି ପ୍ରଶ୍ନ କରିଛନ୍ତି ବିଜେଡି ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ। ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ପ୍ରତୀକ ବିଜୁବାବୁଙ୍କୁ ସରକାର ପ୍ରତିହିଂସାପରାୟଣ ହୋଇ ଅସମ୍ମାନ କରିଛନ୍ତି। ବିଜେପି ପାଖରେ ବିଜୁବାବୁଙ୍କ ସମକକ୍ଷ ନେତା ନାହାନ୍ତି। ସରକାର କରି ବି ବିଜେଡିଠାରୁ କମ୍ ଭୋଟ ପାଇଛି ବିଜେପି।

ବିଜୁବାବୁଙ୍କୁ ନେଇ ବିଜେଡି ରାଜନୀତିର ଜବାବ ଦେଇଛନ୍ତି ପଞ୍ଚାୟତିରାଜ ମନ୍ତ୍ରୀ ରବି ନାଏକ। ସେ କହିଛନ୍ତି ବିଜେଡି ନେତାମାନେ ବିଜୁବାବୁଙ୍କୁ ନେଇ ଏତେ ହଟ୍ଟଗୋଳ କରୁଛନ୍ତି, ହେଲେ ବିଜେଡ଼ି ପାର୍ଟି ଅଫିସରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତି ନାହିଁ। ➣ପୃଷ୍ଠା-୬




# ବିରୋଧ ପାଇଁ ବିରୋଧୀଙ୍କ ବଳ କଷାକଷି

- ବାଚସ୍ପତି ପହଞ୍ଚିବା ପୂର୍ବରୁ ହଟ୍ଟଗୋଳ
- ଗୃହରେ କଂଗ୍ରେସ-ବିଜେଡି ଠେଲାପେଲା



**ଭୁବନେଶ୍ୱର,୭।୩ (ସଂଚାର ବ୍ୟୁରୋ):** ବିଜେପି ସରକାରକୁ ବିରୋଧ ପାଇଁ ଏବେ ରାଜ୍ୟର ଦୁଇ ପ୍ରମୁଖ ବିରୋଧୀଦଳ ବିଜେଡି ଓ କଂଗ୍ରେସ ମଧ୍ୟରେ ବଳ କଷାକଷି ଆରମ୍ଭ ହୋଇଯାଇଛି। ଉଭୟ ବିଧାନସଭା ଭିତରେ ଓ ବାହାରେ କେହି କାହାରିକୁ ଆଗକୁ ଛାଡ଼ିବାକୁ ନାରାଜ।

ଦ୍ୱିତୀୟ ପର୍ଯ୍ୟାୟ ବଜେଟ୍ ଅଧିବେଶନର ପ୍ରଥମ ଦିନରୁ ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ ବିଜେପି ସରକାରକୁ ବିରୋଧ କରିବାକୁ ଯାଇ କଂଗ୍ରେସ ବିଧାୟକମାନେ ନିଜ ନିଜ ଶରୀରରେ ପୋଷ୍ଟର ଲଗାଇ ପ୍ରଥମେ ଗାନ୍ଧୀମୂର୍ତ୍ତି ଆଖପାଖ ଦଖଲ କରିନେଲେ । କାଳେ ପୂଜ୍ୟପୂଜା ଅବହେଳା ପ୍ରସଙ୍ଗରେ ବିଜେଡି ସେଠାରେ ବସିଯିବ ସେଥିପାଇଁ କଂଗ୍ରେସର ଏହାଥିଲା ରଣନୀତି। ତେବେ ଗୃହ ଆରମ୍ଭ ହେବା ପୂର୍ବରୁ ଦୁଇ ଦଳ ବିଧାନସଭା ମୁହାଁ ହୋଇଥିଲେ । ବାଚସ୍ପତି ଗୃହକୁ ଆସିବାକୁ ଦୁଇ ମିନିଟ୍ ପୂର୍ବରୁ କଂଗ୍ରେସ ସଦସ୍ୟମାନେ ପ୍ରଥମେ ଗୃହ ମଧ୍ୟଭାଗକୁ ମାଡିଆସିଥିଲେ। ଏହାକୁ ଦେଖି କାଳେ କଂଗ୍ରେସ ଶ୍ରେୟ ନେଇଯିବ ସେଥିପାଇଁ ବିଜେଡି ସଦସ୍ୟମାନେ ବି ହାତରେ ପ୍ଲାକାର୍ଡ ଧରି ଗୃହ ମଧ୍ୟଭାଗକୁ ଆସି ହଟଗୋଳ କରିଥିଲେ ।

ଦୁଇ ଦଳ ଗୃହ ମଧ୍ୟଭାଗରେ ସରକାରୀ ବିରୋଧୀ ଧ୍ୱନିମାନ ଦେଇ ହଟ୍ଟଗୋଳ କରିବାର ଦୁଇ ମିନିଟ୍ ପରେ ବାଚସ୍ପତି ଗୃହକୁ ଆସିଥିଲେ। ବାଚସ୍ପତି ଆସିବା ପରେ କିଏ ଅଧିକ ବିରୋଧ କରିବ, ତାକୁ ନେଇ ଚାଲିଥିଲା ବଳ କଷାକଷି। ଉଭୟ ଦଳ ଭିନ୍ନ ଭିନ୍ନ ସ୍ଲୋଗାନ ଦେଉଥିବାରୁ କିଏ କ'ଣ କହୁଛି କିଛି ଶୁଣାଯାଇ ନଥିଲା। ଏହାପରେ ଆରମ୍ଭ ହୋଇଥିଲା ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢ଼ିବାକୁ ଦୁଇ ଦଳର ପ୍ରତିଯୋଗିତା। ବିଜେଡି ବିଧାୟକ ଅଧିରାଜ ପାଣିଗ୍ରାହୀ ଓ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ଏକା ସାଙ୍ଗରେ ପୋଡିୟମ ଉପରକୁ ଚଢ଼ିବାକୁ ପ୍ରତିଯୋଗିତା କରିଥିଲେ। ବାଚସ୍ପତି ପ୍ରଶ୍ନକାଳ ଚଳାଇଥିବା ବେଳେ ଏହା ସିଧା ପ୍ରସାରଣ ହେଉଥିବାରୁ କିଏ ଅଧିକ ବିରୋଧ କରିବ, ସେଥିପାଇଁ ଦୁଇ ଦଳ ଜୋରଦାର କସରତ କରିଥିଲେ।

ହଟ୍ଟଗୋଳ ଜୋରଦାର ହେବାରୁ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ଅପରାହ୍ନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ଦୁଇ ଦଳର ବିଧାୟକ ଭିନ୍ନ ଭିନ୍ନ ଦିଗରେ ଯାଇଥିଲେ। ବିଜେଡି ବିଧାୟକ ବିଜୁ ମୂର୍ତ୍ତି ତଳେ ଧାରଣାରେ ବସିଥିବା ବେଳେ କଂଗ୍ରେସ ସଦସ୍ୟମାନେ ଗାନ୍ଧୀ ମୂର୍ତ୍ତି ତଳେ ବସିଥିଲେ। ➣ପୃଷ୍ଠା-୬

SANCHAR
ସଂଚାର

# ହଟିଲେ ବିବାଦୀୟ ସିଡିପିଓ

**ଗାଡି ବିଲ୍ ପାଇଁ ଲାଞ୍ଚ ନେବା ଘଟଣାରେ ହୋଇପଡ଼ିଥିଲେ ବିବାଦୀୟ**

**ଅଙ୍ଗନବାଡି କର୍ମୀଙ୍କୁ ଦୁର୍ବ୍ୟବହାର ପରେ ଜିଲ୍ଲାପାଳ ନେଲେ କାର୍ଯ୍ୟାନୁଷ୍ଠାନ**

**ରାଜନଗର,୭।୩ (ସଂଚାର ବ୍ୟୁରୋ):** ରାଜନଗର ସିଡିପିଓ ସ୍ମିତାଞ୍ଜଳି ରାୟଙ୍କୁ ରାଜନଗରରୁ ହଟାଇ ଜିଲ୍ଲା ମୁଖ୍ୟାଳୟକୁ ନିଆଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ୬ ମାର୍ଚ୍ଚ ୨୦୨୫ରେ ଚିଠି ନମ୍ବର ୧୦୦୯ରେ ରାଜନଗର ସିଡିପିଓ ସ୍ମିତାଞ୍ଜଳି ରାୟଙ୍କୁ ରାଜନଗର ସମନ୍ୱିତ ଶିଶୁ ବିକାଶ ବିଭାଗରୁ ହଟାଇ ନିଆଯାଇ କେନ୍ଦ୍ରାପଡା ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଅବସ୍ଥାପିତ କରାଯାଇଛି। ପ୍ରଶାସନିକ ଆବଶ୍ୟକତା ଦୃଷ୍ଟିରୁ ଏପରି କାର୍ଯ୍ୟାନୁଷ୍ଠାନ ନିଆଯାଇଥିବା ଚିଠିରେ ଉଲ୍ଲେଖ କରାଯାଇଛି। ଏହା ସହିତ ବିଡିଓଙ୍କ ଠାରୁ ରାଜନଗର ସମନ୍ୱିତ ଶିଶୁ ବିକାଶ ବିଭାଗର ଆର୍ଥିକ କ୍ଷମତା ମଧ୍ୟ ପ୍ରତ୍ୟାହାର କରି ନିଆଯାଇଛି। ପଟ୍ଟାମୁଣ୍ଡାଇ ସିଡିପିଓ ଲକ୍ଷ୍ମୀମଣି ସିଂହଙ୍କୁ ରାଜନଗରର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି।

ମାତ୍ର ତିନି ମାସ ତଳେ ରାଜନଗରରେ ସିଡିପିଓ ଭାବେ ସ୍ମିତାଞ୍ଜଳି ରାୟ ଯୋଗ ଦେଇଥିଲେ। ଫେବୃୟାରି ୨୦ ତାରିଖ ଦିନ ବୁଆଁଳ ଗ୍ରାମର ବ୍ରୋଲେରୋ ମାଲିକ ସମରେନ୍ଦ୍ର ସାହୁଙ୍କ ବାପା ଉମାକାନ୍ତ ସାହୁ ରାଜନଗର ସିଡିପିଓଙ୍କୁ ଲାଞ୍ଚ ଦେଇଥିବା ଅଭିଯୋଗ କରିଥିଲେ। ଅଭିଯୋଗ ମୁତବକ ତାଙ୍କର ଚାରି ଚାକିଆ ବୋଲେରୋ ଗାଡି ସିଡିପିଓଙ୍କ କାର୍ଯ୍ୟାଳୟରେ ଭଡାରେ ଲଗାଇଥିଲେ। ସିଡିପିଓ ଏହି ବକେୟା ଭଡା ବିଲ କରିବା ପାଇଁ ଲାଞ୍ଚ ମାଗିଥିଲେ। ଏହା ପରେ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟରେ ରାଜନଗର ସେକ୍ଟରର ବୈଠକରେ ଅଧିକାଂଶ ଅଙ୍ଗନବାଡି କର୍ମୀ ବୈଠକକୁ ଆସିନଥିବାରୁ ସିଡିପିଓ ଉତକ୍ଷିପ୍ତ ହୋଇ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏହାକୁ ନେଇ ରାଜନଗର ସେକ୍ଟରର ସମସ୍ତ ଅଙ୍ଗନବାଡି କର୍ମୀମାନେ ରାଜନଗର ଥାନାରେ ଅଭିଯୋଗ କରିଥିଲେ। ସେହିପରି ଚଳିତ ମାସ ୪ ତାରିଖ ଦିନ ଜିଲ୍ଲା ସମ୍ପାଦିକା ପୁଷ୍ପଲତା ରଥଙ୍କ ନେତୃତ୍ୱରେ ରାଜନଗର ବ୍ଲକ ସଂଘର ସଭାନେତ୍ରୀ ଲୀଳାବତୀ ବେହେରା, ଉପସଭାନେତ୍ରୀ ରମାବତୀ ସ୍ୱାଇଁ, ସହ ସମ୍ପାଦିକା ମିନତୀ ଭୂୟାଁ, ମଞ୍ଜୁବାଳା ମଲ୍ଲିକ ପ୍ରମୁଖ କେନ୍ଦ୍ରାପଡା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କୁ ଭେଟି ରାଜନଗର ସିଡିପିଓଙ୍କୁ ରାଜନଗରରୁ ହଟାଇବା ପାଇଁ ଦାବି କରିଥିଲେ। ଏପରି ଦୁର୍ନୀତି ଖୋର ସିଡିପିଓଙ୍କୁ ରାଜନଗରରୁ ବଦଳି କରାନଗଲେ ଅଙ୍ଗନବାଡି କର୍ମୀମାନେ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ଲିଖିତ ଭାବେ ଜଣାଇଥିଲେ। ଏହାପରେ ସିଡିପିଓଙ୍କୁ ରାଜନଗରରୁ ହଟାଇ ନିଆଯାଇଛି।

# ଜନ-ଔଷଧୀ ଦିବସରେ ସାଂସଦଙ୍କ ଯୋଗଦାନ

**କେନ୍ଦ୍ରାପଡ଼ା,୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଗରାପୁର ଠାରେ ସପ୍ତମ ଜନଔଷଧି ଦିବସ ଉପଲକ୍ଷେ ଆୟୋଜିତ ସଭାରେ କେନ୍ଦ୍ରାପଡ଼ା ଲୋକସଭା ସାଂସଦ ବୈଜୟନ୍ତ ଜୟ ପଣ୍ଡା ଯୋଗ ଦେଇଥିଲେ । ପ୍ରଧାନମନ୍ତ୍ରୀ ଜନଔଷଧି କେନ୍ଦ୍ର ଜରିଆରେ ସୁଲଭ ଦରରେ ମିଳୁଥିବା ଉନ୍ନତମାନର ଜେନେରିକ ଔଷଧ ହେଉଛି ୫୦%ରୁ ୮୦%ପର୍ଯ୍ୟନ୍ତ ଶସ୍ତା ଔଷଧ । ଏହା ହେଉଛି ଉଚ୍ଚମାନର ଡବ୍ଲୁଏଚଓ ଏବଂ ଏନଏବିଏଲ ପ୍ରମାଣିତ ଔଷଧ ଓ ଏହାର ବହୁଳ ପ୍ରଚାର ଏବଂ ପ୍ରସାର କରିବା ପାଇଁ ସାଂସଦ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ । ଉପସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରୀୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ଡାଇବେଟିସ ଓ ଉଚ୍ଚ ରକ୍ତଚାପ ସମେତ ୧୦୬ ପ୍ରକାର ଔଷଧ ଓ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର




ସ୍ତରୀୟ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ୧୭୨ ପ୍ରକାର ଔଷଧ ବିନା ମୂଲ୍ୟରେ ଉପଲବ୍ଧ ହେଉଛି। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ସମସ୍ତ ଡାକ୍ତରଙ୍କୁ ଜେନେରିକ ଔଷଧ ଲେଖିବାକୁ ପରାମର୍ଶ ଦେଇଥିଲେ । ଉକ୍ତ ସଭାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା.ପ୍ରମୋଦ କୁମାର ପ୍ରହରାଜ, ସହ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡ଼ା.ନୃପେନ ଶତପଥି, ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ପୂର୍ବତନ ଜିଲ୍ଲା ପରିଷଦ ଅଧକ୍ଷା ଗୀତାଞ୍ଜଳୀ ସେଠୀ, ତେଜେଶ୍ୱର ପରିଡା, ପୂର୍ବତନ ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା,ସଂଜୟ କୁମାର ରଥ, ଅଭିମନ୍ୟୁ ଗୋଛାୟତ, ସୁନାକର ବେହେରା, ପ୍ରଶାନ୍ତ ସେଠୀ ଙ୍କ ସମେତ ବହୁ ବୁଦ୍ଧିଜୀବୀ, ଜନସାଧରଣ ଓ ସୁରେଶ କୁମାର ମହାନ୍ତିଙ୍କ ସମେତ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ଜନଔଷଧି କେନ୍ଦ୍ରର ମୁଖ୍ୟ କର୍ମକର୍ତ୍ତା ପ୍ରମୁଖ ଯୋଗ ଦେଇଥିଲେ ।

# ବାଲ୍ୟବିବାହକୁ ରୋକିଲା ପ୍ରଶାସନ



**ସାଲେପୁର,୭।୩ (ସଂଚାର ବ୍ୟୁରୋ):** ଏକ ଶିବ ମନ୍ଦିରରେ ଜଣେ ନାବାଳିକାକୁ ବିବାହ କରୁଥିବାବେଳେ ଶିଶୁ ସୁରକ୍ଷା ସେଲ୍‌ଫର ଅଧିକାରୀମାନେ ସେଠାରେ ପହଞ୍ଚି ସାଲେପୁର ପୁଲିସ ସହାୟତାରେ ନାବାଳିକାକୁ ଉଦ୍ଧାର କରି ସିଡବ୍ଲୁସିରେ ହାଜର କରିବାପରେ ବସୁନ୍ଧରାକୁ ପଠାଇଦେଇଥିବା ଜଣାଯାଇଛି। ପ୍ରକାଶ ଯେ ଟାଙ୍ଗୀ ଅଞ୍ଚଳର ଜଣେ ନାବାଳିକାକୁ ସାଲେପୁର ବ୍ଲକ ରାମେଶ୍ୱର ଅଞ୍ଚଳର କ୍ଷୀରୋଦ ପ୍ରଧାନଙ୍କ ପୁଅ ଭବାନୀ ଶଙ୍କର ପ୍ରଧାନ ବିବାହ କରୁଥିବାବେଳେ ଉତ୍କଳ ସେବା ସମାଜର କର୍ମକର୍ତ୍ତାମାନେ ଘଟଣା ସମ୍ପର୍କରେ ଚାଇଲ୍ଡ ଲାଇନ୍‌କୁ ଅବଗତ କରିବା ସହ ସାଲେପୁର ସିଡିପିଓ ସୌଦାମିନୀ ପଣ୍ଡାଙ୍କୁ ଅବଗତ କରାଇଥିଲେ। ସିଡିପିଓଙ୍କ ନିର୍ଦ୍ଦେଶ କ୍ରମେ ରାମେଶ୍ୱର ଅଞ୍ଚଳର ସୁପରଭାଇଜର ସବିତା ଦାସ, ଚାଇଲ୍ଡ ଲାଇନ୍ ଅଧିକାରୀ, ଉତ୍କଳ ସେବା ସମାଜର କର୍ମକର୍ତ୍ତାମାନେ ସାଲେପୁର ପୁଲିସ ସହାୟତାରେ ରାମେଶ୍ୱର ହନୁମଞ୍ଚେଶ୍ୱର ମନ୍ଦିରରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରି ପ୍ରଥମେ ସିଡବ୍ଲୁସିରେ ହାଜର କଲାପରେ ତାକୁ ବସୁନ୍ଧରାରେ ଛଡାଯାଇଥିବା ଜଣାଯାଇଛି। ଅପର ପକ୍ଷରେ ସମ୍ପୃକ୍ତ ଯୁବକ ବେଆଇନ୍ ଭାବେ ନାବାଳିକାକୁ ବିବାହ କରୁଥିବା ନେଇ ଉତ୍କଳ ସେବା ସମାଜ ପକ୍ଷରୁ ଯୁବକଙ୍କ ବିରୁଦ୍ଧରେ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାଯାଇଛି।

# ୧୦ରୁ ପେଣ୍ଠ ବେଳାଭୂମିରେ ସାଗରବେଳା ମହୋତ୍ସବ

**ରାଜନଗର,୭।୩ (ସଂଚାର ବ୍ୟୁରୋ):**ରାଜନଗର ବ୍ଲକ ବଂଗୋପସାଗର ତଟବର୍ତ୍ତୀ ପେଣ୍ଠ ବେଳାଭୂମିଠାରେ ମାର୍ଚ୍ଚ ୧୦ ତାରିଖରୁ ୧୨ ତାରିଖ ଯାଏଁ ୩ଦିନ ବ୍ୟାପି ସାଗରବେଳା ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ସାଗରବେଳା ମହୋତ୍ସବ ସାଂସ୍କୃତିକ ପରିଷଦ ପକ୍ଷରୁ ମହୋତ୍ସବର ସଂସ୍କୃତ ସଂସ୍କରଣରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜନଗର ମାଟିର ଐତିହ୍ୟ, ସଂସ୍କୃତି, ପରମ୍ପରା, ଧର୍ମ ଭାବନା ଏବଂ ପ୍ରକୃତିର ଅଫୁରନ୍ତ ଐଶ୍ୱର୍ଯ୍ୟର ଗୌରବ ଗାଥାକୁ ସ୍ମରଣ କରିବା ସହିତ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ବିଭବ ସମ୍ବନ୍ଧରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ତ୍ରିଦିବସୀୟ ମୋହଉଶଛବ ଓଡିଶାର ବିଶିଷ୍ଟ ସାହିତ୍ୟକ, ପ୍ରଶାସକ, ପ୍ରବାଚକ, ସନ୍ଥ ସହିତ ରାଜନେତା ମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତ୍ୟକ ଦିନ ସନ୍ଧ୍ୟାରେ ଓଡିଶା ସରକାରଙ୍କ ସୀକୃତିପ୍ରାପ୍ତ କଳା ପ୍ରତିଷ୍ଠାନ ନୃତ୍ୟ ସାଧନ ଡ୍ୟାନ୍ସ ଏକାଡେମି ପୁରୀ, ସୁନିତା ନାୟକ ଏବଂ ଗ୍ରୁପ ଖୋର୍ଦ୍ଧା, ଭଗବତ ଭଜନ ଧାରା ଓ ହଂସୁଆ କଳାପ୍ରତିଷ୍ଠନ, ରାଜନଗର ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ।

# ଓକିଲ ସଂଘ ନିର୍ବାଚନ ଶେଷଦିନରେ ୧୫ ନାମାଙ୍କନପତ୍ର ଦାଖଲ



**କେନ୍ଦ୍ରାପଡ଼ା,୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଓକିଲ ସଂଘ ନିର୍ବାଚନ ପାଇଁ ନାମାଙ୍କନ ପତ୍ରର ଶେଷ ଦିନ ଥିବାରୁ ୧୫ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ଜଣାପଡିଛି । ଏଥିରେ ସଭାପତି ଭାବେ ଗୋବର୍ଦ୍ଧନ ରାଉତ, ରବି ନାରାୟଣ ମହାନ୍ତି, ଉପ ସଭାପତି ଭାବେ ଅଞ୍ଜନା ମହାନ୍ତି, ହାଡିବନ୍ଧୁ ସିଂହ, ସଂପାଦକ ଭାବେ ଅଜୟ କୁମାର ମହାନ୍ତି, ଅରକ୍ଷିତ ସୁଆର, ନୃସିଂହ ଚରଣ ରାଉତ, ଯୁଗ୍ମ ସଂପାଦକ ଭାବେ ବିନୋଦ କୁମାର ବେହେରା, ସହ ସଂପାଦକ ଭାବେ ମମତାମୟୀ ସାମଲ, କୋଷାଧ୍ୟକ୍ଷ ଭାବେ ବିଭୂତି ଭୂଷଣ କର, ଚୈତନ୍ୟ ଚରଣ ମଲିକ, ପରିଚାଳନା ପରିଷଦ ର ସଭ୍ୟ ଭାବେ (ପୁରୁଷ) ହରି ପ୍ରସାଦ କର, ମାନସ ରଞ୍ଜନ ଶତପଥୀ, (ମହିଳା) ରେଣୁବାଳା ସାମଲ, ସୌଦାମିନୀ ଜେନା ପ୍ରମୁଖ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନିର୍ବାଚନ ଅଧିକାରୀ ଭାବେ ସଂଜୟ କୁମାର ପତ୍ରୀ, ସହକାରୀ ନିର୍ବାଚନ ଅଧିକାରୀ ଭାବେ କାର୍ତ୍ତିକ ଚନ୍ଦ୍ର ତ୍ରିପାଠୀ, ଦିଲିପ ମହାନ୍ତି, ବିରଂଚି ପଟ୍ଟନାୟକ, ସୁଶୋଭନ ଜଗଦିଶ, ନୀଳମଣି ମହାନ୍ତି ପ୍ରମୁଖ ସହ ଯୋଗ କରିଥିଲେ ।

# କେନ୍ଦ୍ରାପଡ଼ାରେ ମେଡିକାଲ୍ କଲେଜ ସ୍ୱପ୍ନ ଧୂଳିସାତ !

## ● କେନ୍ଦ୍ରକୁ ପ୍ରସ୍ତାବ ଦେଇନି ରାଜ୍ୟ ● ଗୁମର ଖୋଲିଲା ଗୌତମଙ୍କ ଚିଠି

**କେନ୍ଦ୍ରାପଡ଼ା,୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ୍ କଲେଜ ସ୍ଥାପନ ନେଇ ଯେଉଁ ରଙ୍ଗିନ ସ୍ୱପ୍ନ ରାଜନେତାମାନେ ଜିଲ୍ଲାବାସୀଙ୍କୁ ଦେଖାଇଥିଲେ ସେଥିରୁ ପରଦା ହଟିଛି। କେନ୍ଦ୍ରାପଡାରେ ମେଡିକାଲ୍ କଲେଜ ସ୍ଥାପନା ପାଇଁ ରାଜ୍ୟ ସରକାରଙ୍କ ତରଫରୁ କୌଣସି ପ୍ରସ୍ତାବ ଆସି ନାହିଁ ବୋଲି ଜଣାଯିବା ପରେ ଜିଲ୍ଲାବାସୀଙ୍କୁ ନେତାମାନେ ଦିନରେ ଦେଖାଉଥିବା ଲଣ୍ଠନ କାହାଣୀର ପୂର୍ଣ୍ଣଛେଦ ପଡ଼ିଛି। ଯାହା ଜଣାପଡିବା ପରେ ଜିଲ୍ଲାବାସୀଙ୍କ ମେଡିକାଲ୍ କଲେଜ ସ୍ଥାପନା ସ୍ୱପ୍ନ ଧୂଳିସାତ ହୋଇଛି।

କେନ୍ଦ୍ରାପଡାରେ ମେଡିକାଲ୍ କଲେଜ ହେବ। ଜିଲ୍ଲାବାସୀଙ୍କୁ ଉନ୍ନତ ମୂଳକ ସେବା ଯୋଗାଇ ଦିଆଯିବ। ଏନେଇ ରାଜନେତାମାନେ ଜିଲ୍ଲାବାସୀଙ୍କୁ କେବଳ ଆଇ ମାଆ କାହାଣୀ ଶୁଣାଉଥିଲେ। ଯାହା ଏବେ ଧରା ପଡୁଛି। କେନ୍ଦ୍ରାପଡା ଜିଲ୍ଲାରେ ବିଭିନ୍ନ ସମୟରେ ବଡ଼ ବଡ଼ ରାଜନେତା ପ୍ରତିନିଧିତ୍ୱ କରିଛନ୍ତି। ଏହି ଜିଲ୍ଲାରୁ ସ୍ୱାସ୍ଥ୍ୟ ମନ୍ତ୍ରୀ ଭାବରେ ଅତନୁ ସବ୍ୟସାଚୀ ନାୟକ ମଧ୍ୟ ପ୍ରତିନିଧିତ୍ୱ କରିସାରିଛନ୍ତି। ପୂର୍ବ ସରକାର ସମୟରେ ସବୁ ନିର୍ବାଚନ ମଣ୍ଡଳୀରେ ସରକାରୀ ଦଳର ବିଧାୟକମାନେ ଥିଲେ। ହେଲେ ରାଜନୈତିକ ଉଦାସୀନତା ଅଭାବ ପାଇଁ ଜିଲ୍ଲାବାସୀଙ୍କୁ ଅଣଦେଖା କରି କେବଳ ରାଜନୈତିକ ରୁଟି ସେକି ଚାଲିଥିଲେ।

ଜିଲ୍ଲାରେ ମେଡିକାଲ୍ କଲେଜ ସ୍ଥାପନା ପାଇଁ ବିଭିନ୍ନ ସମୟରେ ଆନ୍ଦୋଳନ ହେବାରେ ଦେଖିବାକୁ ମିଳିଛି। ବିଜେଡି ସରକାର ସମୟରେ କଂଗ୍ରେସ ଦଳ,ମିଳିତ କ୍ରିୟାନୁଷ୍ଠାନ କମିଟି ତରଫରୁ ମେଡିକାଲ୍ କଲେଜ ପାଇଁ ସ୍ୱର ଉଠାଇଛନ୍ତି। ହେଲେ ତାହା ବାସ୍ତବତାର ରୂପ ନେଇ ପାରିନି।

ଏବେ କିନ୍ତୁ ସମସ୍ତ ଘଟଣାର ସତ ପଦାକୁ ଆସିଛି। ଉତ୍କଳମଣି ଯୁବକ ସଂଘର ସଭାପତି ଗୌତମ ବେହେରା କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ୍ କଲେଜ ସ୍ଥାପନା ପାଇଁ କ'ଣ ସ୍ଥିତି ରହିଛି ବୋଲି ରାଜ୍ୟ ସରକାର, ସ୍ୱାସ୍ଥ୍ୟ ବିଭାଗଙ୍କୁ ଚିଠି କରିଥିଲେ। ଯାହାର ସୂଚନା କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ତା୨୦ ଅଗଷ୍ଟ ୨୦୨୪ରେ ଚିଠି ନମ୍ବର ୧୦୨୩୦ ରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିଲା। ମେଡିକାଲ୍ କଲେଜ ଉଚ୍ଚ ବିଭାଗୀୟ ନିଷ୍ପତ୍ତି ଉପରେ ନିର୍ଭର ବୋଲି ସେଥିରେ ଉଲ୍ଲେଖ କରିଥିଲେ। ଯାହା ପରେ ଗୌତମ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଆଉ ଏକ ଚିଠି ଲେଖିଥିଲେ। ଗୌତମଙ୍କ ଚିଠି ପରେ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଡେପୁଟି ସେକ୍ରେଟାରୀ ପୁନମ ମୀନା ସୂଚନା ଦେଇଛନ୍ତି କି ସାରା ଦେଶରେ ୨୦୨୩-୨୪ ଆର୍ଥିକ ବର୍ଷରେ ମୋଟ ୧୫୭ଟି ମେଡିକାଲ୍ କଲେଜ ଅନୁମୋଦନ କରାଯାଇଛି। ହେଲେ କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ୍ କଲେଜ ସ୍ଥାପନା ପାଇଁ କୌଣସି ପ୍ରସ୍ତାବ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ଆସି ନାହିଁ। ଯାହା ଏବେ ଜିଲ୍ଲାବାସୀଙ୍କୁ ନେତାମାନେ କେମିତି ମେଡିକାଲ୍ ସ୍ୱପ୍ନ ଦେଖାଇ ବୋକା ବନାଉଥିଲେ ତାହା ଜଣାପଡ଼ିଛି।

ଏବେ ରାଜ୍ୟରେ ବିଜେପି ସରକାର। ସବୁ ଜିଲ୍ଲାରେ ମେଡିକାଲ୍ କଲେଜ ସ୍ଥାପନା ପାଇଁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି କହିଛନ୍ତି। ହେଲେ ଏହାର ବାସ୍ତବତା କେତେ ତାହା ସମୟ ହିଁ କହିବ। ଭାଷଣବାଜିରେ ସ୍ୱପ୍ନ ଦେଖାଇବା ବନ୍ଦ୍ କରି ବିଧାୟକ ମାନେ ରାଜ୍ୟ ସରକାରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟକୁ ମେଡିକାଲ୍ କଲେଜ ସ୍ଥାପନା ପାଇଁ ପ୍ରସ୍ତାବ ଦେଲେ ହିଁ ଜିଲ୍ଲାବାସୀଙ୍କ ପ୍ରକୃତ ସ୍ୱପ୍ନ ପୂରଣ ହୋଇ ପାରିବ।

# ବେଆଇନ୍ ଇଟାଭାଟି ପାଇଁ ଜନଜୀବନ ଅସ୍ତବ୍ୟସ୍ତ



**ଡେରାବିଶ,୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅଞ୍ଚଳରେ ବେଆଇନ୍ ଇଟାଭାଟି ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ପରିଲକ୍ଷିତ ହେଉଛି। ସ୍ଥାନୀୟ ପ୍ରଶାସନର ଖାମଖିଆଲି ମନୋଭାବ ପାଇଁ ଇଟା ବ୍ଯବସାୟ କୁଟୀର ଶିଳ୍ପରେ ପରିଣତ ହୋଇଥିବା ସାଧାରଣରେ ଆଲୋଚନା ହେଉଛି। ଏମିତିକି ମାଟି ଉଠାଣ କଟକଣାକୁ ଭୃକ୍ଷେପ ନକରି ଇଟା ମାଫିଆମାନେ ବିଲବାଡ଼ି, ନଦୀପଠାରେ ତଥା ଜନବସତି ଅଞ୍ଚଳରେ ମଧ୍ୟ ବେଆଇନ ଭାବେ ଇଟାଭାଟି ସ୍ଥାପନ କରି ନିର୍ବିଘ୍ନରେ ବ୍ୟବସାୟ କରିଚାଲିଛନ୍ତି। ଏହି ବେଆଇନ୍ ଇଟାଭାଟି ପରିବେଶ ପ୍ରଦୂଷଣ କରିବାସହ ଫ୍ଲାଏ ଆଶ୍ ଇଟାନିର୍ମାଣକାରୀ ଯୁବ ଶିଳ୍ପୋଦ୍ୟୋଗୀମାନଙ୍କ ମୁଣ୍ଡ ବ୍ୟଥାର କାରଣ ସାଜିଛି।

ଦିନକୁ ଦିନ ଗ୍ରୀଷ୍ମ ପ୍ରକୋପ ବୃଦ୍ଧି ପାଉଥିବା ବେଳେ ଇଟାଭାଟିର ଉତ୍ତାପ ଓ ଧୂଆଁ ଜନଜୀବନ ଅସ୍ତବ୍ୟସ୍ତ କରିଦେଲାଣି। ଡେରାବିଶ ବ୍ଲକର ଚାନ୍ଦୋଳ,କାଉପଡା, କୁରଜଙ୍ଗା, ବେଲାରପୁର, ଛୋଟୀ ଡେରାବିଶ ରାଜସ୍ୱ ସର୍କଲରେ ତହସିଲ ପ୍ରଶାସନର ବେପରୁଆ ମନୋଭାବ ପାଇଁ ସାଧାରଣ ଜନତାଙ୍କ ଜୀବନ ଯାପନ ପ୍ରଭାବିତ ହେଉଛି।ଗଣମାଧ୍ୟମରେ ବାରମ୍ବାର ଏନେଇ ଖବର ପ୍ରକାଶନ ହେଲେ ମଧ୍ୟ ପ୍ରଶାସନ ନିସ୍ତବ୍ଧ ହୋଇପଡିଥିବା ଦେଖିବାକୁ ମିଳିଛି। ପ୍ରଶାସନ ତୁରନ୍ତ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସାଧାରଣରେ ଦାବି ହେଉଛି।

# ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ




**କେନ୍ଦ୍ରାପଡ଼ା,୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାରେ ଜିଲ୍ଲା ସ୍ତରୀୟ ଆନ୍ତର୍ଜାତୀୟ ମହିଳା ଦିବସ ପୌର ଟାଉନ ହଲ ପରିସରରେ ପାଳନ କରାଯାଇଛି । ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ବିଭାଗୀୟ ଅଧିକାରୀ ମନୋରମା ସ୍ୱାଇଁ ଅଧ୍ୟକ୍ଷତା କରିଥିବା ବେଳେ ଜିଲ୍ଲା ପରିଷଦ ସଭାନେତ୍ରୀ ଲିଳିତା ଦାସ ମୁଖ୍ୟ ଅତିଥି, ପୌର ଅଧ୍ୟକ୍ଷା ସରିତା ସାହୁ, ଜିଲ୍ଲା ଅଇନସେବା ପ୍ରାଧିକରଣ ସଚିବ ସୁମିତ୍ରା ସାହୁ, ଜିଲ୍ଲା ମିଶନ ଶକ୍ତିର ପୋଗ୍ରାମ୍ ମ୍ୟାନେଜର ଆରତୀ ସାହୁ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଜିଲ୍ଲା ସୁରକ୍ଷା ଅଧିକାରୀ ଭାରତୀ ବେହେରା, ଡିପିସି ମମତା ମନୋ ରଞ୍ଜନ ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହି ଦିବସ ପାଳନର ତାତ୍ପର୍ଯ୍ୟ ଓ ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ଏହି ଅବସର ରେ ଜିଲ୍ଲାର ସମସ୍ତ ସିଡିପିଓ, ସୁପର ଭାଇଜର, ଅଙ୍ଗନୱାଡି କର୍ମୀ, ସମାଜସେବୀ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇ ଥିଲା । ବିଭିନ୍ନ ପ୍ରତିଯୋଗିତା ରେ ଅଂଶ ଗ୍ରହଣ କରି ସଫଳ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଛି ।

**କୋଟି କୋଟି ଟଙ୍କାର ବାଲି ଚୋରି ପରେ ପ୍ରଶାସନର ନିଦ ଭାଙ୍ଗିଲା**

# ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ଜିଲ୍ଲାପାଳଙ୍କ ପ୍ରତିଶ୍ରୁତି

**କେନ୍ଦ୍ରାପଡା,୭।୩ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ନଦୀରୁ କିଛି ମାସ ମଧ୍ୟରେ କୋଟି କୋଟି ଟଙ୍କାର ଲଘୁ ଖଣିଜ ପଦାର୍ଥ ବେଆଇନ ଭାବେ ଲୁଟ୍ ହୋଇଚାଲିଛି । ମାଫିଆମାନେ କିଛି ନିର୍ଦ୍ଧିଷ୍ଟ ପ୍ରଶାସନିକ ଅଧିକାରୀଙ୍କୁ ହାତ ବାରିଶ କରି ଦିନ ରାତି ଯେସିବି ମେସିନ୍ , ଟ୍ରାକ୍ଟର ଏବଂ ହାଇୱା ଲଗାଇ ଦିନ ରାତି ନଦୀ ଶଯ୍ୟାରୁ ସହ ସହ ଟ୍ରିପ୍ ବାଲିଉଠାଣ ଓ ଚୋରା ଚାଲାଣ କରିଚାଲିଛନ୍ତି। କେନ୍ଦ୍ରାପଡା ଜିଲ୍ଲାରେ ପାଖାପାଖି ୪୦ରୁ ଊର୍ଦ୍ଧ ସ୍ଥାନରେ ବାଲି ମାଫିଆ ପୁରା ସକ୍ରିୟ ରହି ବାଲି ଚୋରି କରିବା ସହ ମୋଟା ଅଙ୍କର ଅର୍ଥ ରୋଜଗାର କରି ପଡ଼ୋଶୀ ଜିଲ୍ଲାକୁ ମଧ୍ୟ ସପ୍ଲାଏ କରୁଛନ୍ତି । ପୂର୍ବରୁ ଅବାଧ ବାଲି ଚାଲାଣ ହେଉଥିବାର ଖବର ପାଇବା ସହ ଅଭିଯୋଗ ସତ୍ତ୍ୱେ ପ୍ରଶାସନିକ ଅଧିକାରୀ କୌଣସି ପଦକ୍ଷେପ ନେଉନଥିଲା । ବରଂ ମାଫିଆ ମାନଙ୍କୁ ଅଧିକ ପ୍ରୋତ୍ସାହନ ଯୋଗାଉଥିବା ଅଭିଯୋଗ ହେଉଥିଲା। ଯାହାକୁ ନେଇ ବିଭିନ୍ନ ଗଣମାଧ୍ୟମ ବିଭିନ୍ନ ପ୍ରଶ୍ନ ଉଠାଇଥିଲା।



ଦୀର୍ଘ ଦିନ ବ୍ୟବଧାନ ପରେ ଜିଲ୍ଲା ବରିଷ୍ଠ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ଶେଷରେ ନିଦ ଭାଙ୍ଗିଛି। କୋଟି କୋଟି ଟଙ୍କାର ବାଲି ଚୋରି ହୋଇସାରିବା ପରେ ଏବେ ମାଫିଆଙ୍କୁ ସାବାଡ କରିବାକୁ ଆଗେଇ ଆସିଛନ୍ତି` ଯାହାକୁ ନେଇ ଶୁକ୍ରବାର ସନ୍ଧ୍ୟାରେ ଜିଲ୍ଲାପାଳ ନିଜେ ଏକ ସାମ୍ବାଦିକ ସମ୍ମିଳନୀ ଡ଼ାକି ସମ୍ପୂର୍ଣ୍ଣ ସୂଚନା ପ୍ରଦାନ କରିଛନ୍ତି । ଲଘୁ ଖଣିଜ ପଦାର୍ଥ ଚୋରି ସମ୍ପର୍କରେ ସୂଚନା ବିଭିନ୍ନ ଅଭିଯୋଗ ପାଇବା ପରେ, ବାଲି ଏବଂ ଖଣିଜ ପଦାର୍ଥର ଅବୈଧ ଉଠାଣ ଏବଂ ପରିବହନ ବିରୁଦ୍ଧରେ ଦୃଢ଼ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନ ଟାସ୍କ ଫୋର୍ସ ଗଠନ କରିଛି ।ଏପରି କୌଣସି ବେଆଇନ କାର୍ଯ୍ୟକଳାପକୁ ବରଦାସ୍ତ କରାଯିବ ନାହିଁ ଏବଂ କେନ୍ଦ୍ରାପଡ଼ା ଜିଲ୍ଲାର ବେଆଇନ ବାଲିଉଠାଣ ଓ ଚୋରା ଚାଲାଣ ଏବଂ ଅନଧିକୃତ ଇଟା ଭାଟିର ନିର୍ମାଣ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେବେ ଏହି ବାଲି ଓ ଲଘୁ ଖଣିଜ ପଦାର୍ଥ ଚୋରା ଚାଲାଣ ଉପରେ ନଜର ରଖିବା ପାଇଁ ଉପ ଜିଲ୍ଲାପାଳ କେନ୍ଦ୍ରାପଡା, ଏସଡିପିଓ କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ଜନ ସଧାରଣ ସୂଚନା ଦେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆଜିର ସାମ୍ବାଦିକ ସମ୍ମିଳନୀ ରେ ପ୍ରଶାସନ ତରଫରୁ ସ୍ପଷ୍ଟ କରାଯାଇଛି ।

# ମନୋଜ ପରିଡ଼ା ଉତ୍କଳ ଯାଦବ ମହାସଭା ଉପସଭାପତି



**ଆଲି,୭।୩ (ସଂଚାର ବ୍ୟୁରୋ):** ଉତ୍କଳ ଯାଦବ ମହାସଭାର ଉପସଭାପତି ଭାବରେ ମନୋଜ ପରିଡ଼ାଙ୍କୁ ନିଯୁକ୍ତ କରାଯାଇଛି। ସଭାପତି ଆଶୀର୍ବାଦ ବେହେରା ଏନେଇ ଶ୍ରୀ ପରିଡାଙ୍କୁ ପତ୍ର ଲେଖି ଜଣାଇଛନ୍ତି। ମନୋଜ ପରିଡ଼ା ଜଣେ ଦୃଢ଼ ସଙ୍ଗଠକ। ଛାତ୍ର ଜୀବନରୁ ସାମାଜିକ ସଙ୍ଗଠନ ମାଧ୍ୟମରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ତାଙ୍କର ହାତ ତିଆରି ଅନୁଷ୍ଠାନ ରାଜକନିକା ବ୍ଲକ୍ ଯାଦବ ମହାସଭା ର ସେ ସମ୍ପାଦକ ଓ କେନ୍ଦ୍ରାପଡା ଜିଲ୍ଲା ଯାଦବ ମହାସଭାର କାର୍ଯ୍ୟକାରୀ ସଭାପତି ଭାବରେ କାର୍ଯ୍ୟ କରୁଛନ୍ତି। ମିଳିଥିବା ନୂଆ ଦାୟିତ୍ୱକୁ ରାଜ୍ୟ ନେତୃତ୍ୱ ମାନଙ୍କ ସହିତ ମିଶି ସୂଚାରୁରୂପେ ତୁଲାଇବା ସହ ଯାଦବ ମାନଙ୍କ ସମସ୍ୟା ଓ ସାଙ୍ଗଠନିକ ବ୍ୟବସ୍ଥାକୁ ମଜବୁତ କରି ଗଢିତୋଳିବାକୁ ସଭାପତି ତାଙ୍କ ଉପରେ ଆଶା ରଖିଛନ୍ତି। ମନୋଜଙ୍କୁ ମିଳିଥିବା ନୂଆ ଦାୟିତ୍ୱ ପାଇଁ ବିଭିନ୍ନ ଅନୁଷ୍ଠାନ, ସାମାଜିକ ସଙ୍ଗଠନ ଓ ଜନସାଧାରଣ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ବିଶ୍ୱରଞ୍ଜନ ଦାସଙ୍କୁ ଉତ୍କଳ ଯାଦବ ମହାସଭାର ସାମାଜିକ ଗଣମାଧ୍ୟମ ଶାଖାର ସଦସ୍ୟ ଭାବରେ ମନୋନୀତ କରାଯାଇଛି।

# କୃଷକ କଲ୍ୟାଣ ସମିତିର କାର୍ଯ୍ୟାଳୟ ଉଦ୍‌ଘାଟିତ




**ଡେରାବିଶ,୭।୩ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବରାହିଲୋ ଗ୍ରାମରେ ଆଜି କୃଷକ କଲ୍ୟାଣ ସମିତିର କାର୍ଯ୍ୟାଳୟ ଉଦ୍‌ଘାଟନ ହୋଇଯାଇଛି। ଏହି ଉଦ୍‌ଘାଟନ ସଭାରେ ରଞ୍ଜନ କୁମାର ମଲିକ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥିଭାବରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ କେନ୍ଦ୍ରାପଡ଼ା ଶାଖାର ମୁଖ୍ୟ ପରିଚାଳକ ବିଶ୍ୱଜିତ ରାଉତରାୟ ଓ ସମ୍ମାନିତ ଅତିଥିଭାବରେ ସହ ପରିଚାଳକ ସୁପ୍ରିୟା ମଲିକ, ସମାଜସେବୀ କେଦାରନାଥ ସାମନ୍ତରାୟ ଓ ଆଇନ ପରାମର୍ଶଦାତା ରମଣୀ ରଞ୍ଜନ ରାଉତ ଉପସ୍ଥିତ ରହି ଏହି ସମବାୟ ସମିତି ସ୍ଥାନୀୟ ଅଞ୍ଚଳର କୃଷକମାନଙ୍କର ଆର୍ଥିକ ଉନ୍ନତି ନିମନ୍ତେ ସମସ୍ତ ଉଦ୍ୟମ କରିବ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନେ କାର୍ଯ୍ୟାଳୟ ପରିସରେ ଷ୍ଟେଟ୍‌ବ୍ୟାଙ୍କର ଏକ ଗ୍ରାହକ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ଶତାଧିକ କୃଷକଙ୍କ ସମେତ ଶହଶହ ମହିଳାମାନେ ଉପସ୍ଥିତ ରହିଥିଲେ।

# ଗହୀରମଥାରେ ଅଲିଭ ରିଡଲେଙ୍କ ଗଣଅଣ୍ଡାଦାନ ଆରମ୍ଭ



**ରାଜନଗର,୭।୩ (ସଂଚାର ବ୍ୟୁରୋ):** ବିରଳ ଅଲିଭରିଡଲେ କଇଁଛଙ୍କ ଏକ୍ତିଶାଳ କେନ୍ଦ୍ରାପଡା ଉପକୂଳର ଗହୀରମଥାରେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଋଷିକୁଲ୍ୟା ମୁହାଁଣରେ ଫ୍ରେବୃୟାରି ୧୬ରୁ ୨୩ ତାରିଖ ଯାଏଁ ରେକର୍ଡ ସଂଖ୍ୟକ ଅଲିଭରିଡଲେ ଅଣ୍ଡା ଦାନ କରିଛନ୍ତି। କୂଳରେ ଥିଲେ ମଧ୍ୟ ପ୍ରତିକୂଳ ପାଗ ଯୋଗୁଁ କଇଁଛ ଅଣ୍ଡାଦାନ କରୁନଥିବାରୁ ଚଳିତ ବର୍ଷ ଗଣ ଅଣ୍ଡାଦାନ ହେବ କି ନହିଁ ସେ ନେଇ ଆଶଙ୍କା ପ୍ରକାଶ ପାଇଥିଲା।

ମାତ୍ର ଚଳିତ ମାସ ୫ ତାରିଖ ସନ୍ଧ୍ୟାରୁ ଗହୀରମଥାର ନାସୀ-୨ ବିଚରେ ବିରଳ ଅଲିଭରିଡଲେ କଇଁଛ ଗଣ ଅଣ୍ଡା ଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ପ୍ରଥମ ଦିନ ୭୮,୭୪୩ କଇଁଛ ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଥିବା ବେଳେ ଦିତୀୟ ଦିନ ୧,୧୪,୦୦୨ କଇଁଛ ଅଣ୍ଡାଦାନ କରିଛନ୍ତି। ପ୍ରଥମ ଦୁଇ ଦିନରେ ୧, ୯୨, ୭୪୫ କଇଁଛ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଗଣ ଅଣ୍ଡାଦାନ ପ୍ରକ୍ରିୟା ଆଜି ମଧ୍ୟ ଜାରି ରହିଛି। ଦଳ ଦଳ ହୋଇ ମାଆ କଇଁଛମାନେ ଗହୀରମଥାର ନାସୀ-୨ ବାଲୁକା ଶଯ୍ୟାକୁ ଉଠି ଗଣ ଅଣ୍ଡାଦାନ ପ୍ରକ୍ରିୟାରେ ସାମିଲ ହେଉଛନ୍ତି। ପ୍ରଥମ ଦୁଇ ଦିନରେ ଗଣ ଅଣ୍ଡାଦାନ ସଂଖ୍ୟା ଭଲ ଥିବାରୁ ଚଳିତବର୍ଷ ରେକର୍ଡ ସଂଖ୍ୟକ ଅଣ ଅଣ୍ଡାଦାନ ହେବା ନେଇ ଆଶା ପ୍ରକାଶ ପାଇଛି।

ଅଲିଭରିଡଲେ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ଆରମ୍ଭ ହୋଇଥିବାରୁ ଏମାନଙ୍କ ସୁରକ୍ଷା ପାଇଁ ବନବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ଅଣ୍ଡାଦାନ ସ୍ଥଳକୁ ବାଡ ବୁଜାଯିବା ସହ ବନ କର୍ମଚାରୀମାନେ ଜଗି ରହିଛନ୍ତି। ରାଜନଗର ଓ ଭଦ୍ରକ ଡିଭିଜନ ପକ୍ଷରୁ ଅଲିଭରିଡଲେଙ୍କ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯାଇଛି। ରାଜନଗର ଡିଏଫଓ ସୁଦର୍ଶନ ଗୋପିନାଥ ଯାଦବ, ଏସିଏଫ ମାନସ କୁମାର ଦାସ ପ୍ରମୁଖ ଅଣ୍ଡାଦାନ ସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଅନୁଧ୍ୟାନ କରୁଛନ୍ତି।

# ସ୍ୱରୂପା ମହିଳା ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ

**ନିଶ୍ଚିନ୍ତକୋଇଲି,୭।୩ (ସଂଚାର ବ୍ୟୁରୋ):** ପ୍ରତିବର୍ଷ ମାର୍ଚ୍ଚ ମାସ ୮ତାରିଖକୁ ଆନ୍ତର୍ଜାତୀୟ ମହିଳା ଦିବସ ଭାବରେ ପାଳନ କରାଯାଉଥିବା ବେଳେ ସରକାରୀ ସ୍ତରରେ ଏହି ଦିନଟି ଛୁଟି ଥିବା ସ୍ଥଳେ ଗୋଟେ ଦିନ ପୂର୍ବରୁ ଅର୍ଥାତ ଆଜି ୭ ତାରିଖ ଶୁକ୍ରବାର ଅପରାହ୍ନ ସମୟରେ ନିଶ୍ଚିନ୍ତକୋଇଲି ବ୍ଲକ ସଭାଗୃହ ପରିସରରେ ବ୍ଲକ୍ ଫେଡରସନ୍ ସଭାପତି କନକଲତା ଭୂୟାଁଙ୍କ ସଭାପତିତ୍ୱରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି।

ଏଥିରେ ସ୍ୱରୂପା ମହିଳା ମହାସଂଘର ସଦସ୍ୟା ଓ ବ୍ଲକର ସମସ୍ତ ସ୍ୱୟଂସହାୟକ ଗୋଷ୍ଠି ମହିଳା ମାନଙ୍କ ସମେତ ସିଆରପି, ଏମ୍ବିକେମାନେ ଯୋଗଦେଇଥିବା ବେଳେ ଅତିଥି ଭାବେ ବ୍ଲକ୍ ଏବିଡିଓ ସୁଶାନ୍ତ କୁମାର ମହାନ୍ତି, ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଣି ସତ୍ୟଭାମା ବିଷୋୟୀ, ବିପିଏମ୍ ତନୁଜା ସାହୁ, ବିପିସି ଜ୍ୟୋତିରଞ୍ଜନ ସାହୁ,ବିପିଏ ଦିପାଳି ସାହୁ ପ୍ରମୁଖ ଯୋଗଦେଇ ମହିଳା ମାନଙ୍କ ସମ୍ମାନ,ସ୍ନେହ ଓ ଶ୍ରଦ୍ଧାର ନିଦର୍ଶନ ନିମନ୍ତେ ଏହି ଦିବସ ପାଳନର ମୁଖ୍ୟ ତାତ୍ପର୍ଯ୍ୟ ରହିଥିବା ବେଳେ ମହିଳା ମାନଙ୍କ ଅର୍ଥନୈତିକ,ରାଜନୈତିକ, ଏବଂ ସାମାଜିକ ଅଭିବୃଦ୍ଧିର ଉତ୍ସବ ଭାବରେ ଏହି ଦିନର ମହତ୍ତ୍ୱ ରହିଛି। ମହିଳା ମାନଙ୍କୁ ସମାଜରେ ସେମାନଙ୍କ ଉଚିତ୍ ସ୍ଥାନ ଦେବା ଏବଂ ସେମାନଙ୍କ ଉପଲବ୍ଧିକୁ ସର୍ବସାଧାରଣରେ ପ୍ରୋତ୍ସାହନ ଦେବା ତଥା ପ୍ରଶଂସା କରିବା ବିଶ୍ୱ ମହିଳା ଦିବସ ଏକ ପ୍ରମୁଖ ମାଧ୍ୟମ ବୋଲି ମତପ୍ରକାଶ କରିଥିଲେ। ପରିଶେଷରେ ବ୍ଲକ୍ ଫେଡରେସନ୍ ସମ୍ପାଦିକା ସତ୍ୟଭାମା ନାୟକ ଧନ୍ୟବାଦ୍ ଅର୍ପଣ କରିଥିଲେ।





## ଓଡ଼ିଆ ଜନମାନସରେ ଚିର ଅମର ରହିବେ ଉତ୍ତମ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଲୋକପ୍ରିୟ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନରେ ପହଞ୍ଚି ପରିବାର ଲୋକଙ୍କୁ ଭେଟିବା ସହ ଦିବଂଗତ ଅଭିନେତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏଥିସହ ସେ ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ଏନେଇ କେନ୍ଦ୍ର ମନ୍ତ୍ରୀ ଶ୍ରୀ ପ୍ରଧାନ ସୋସିଆଲ୍ ମିଡିଆ 'ଏକ୍ସ'ରେ ସୂଚନା ଦେଇଛନ୍ତି। ସେ ଉଲ୍ଲେଖ କରିଛନ୍ତି ଯେ ଲୋକପ୍ରିୟ ଅଭିନେତା ସ୍ୱର୍ଗତ ଉତ୍ତମ ମହାନ୍ତିଙ୍କ ଭୁବନେଶ୍ୱରସ୍ଥିତ ବାସଭବନକୁ ଯାଇ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କଲି। ଅପରାଜିତା ଅପା, ବାବୁସାନଙ୍କ ସମେତ ପରିବାରର ଅନ୍ୟ ସଦସ୍ୟମାନଙ୍କୁ ଭେଟିଲି। ସ୍ୱର୍ଗତଃ ଉତ୍ତମ ଭାଇଙ୍କ ସହ ମୋର ପାରିବାରିକ ସମ୍ପର୍କ ଥିଲା। ଚଳଚ୍ଚିତ୍ର ଜଗତ ପ୍ରତି ତାଙ୍କର ଜୀବନବ୍ୟାପୀ ସାଧନା ଓ କୃତି ପାଇଁ ସେ ଓଡ଼ିଆ ଜନମାନସରେ ଚିର ଅମର ହୋଇ ରହିବେ। ଶ୍ରୀ ପ୍ରଧାନ ଅମର ଆତ୍ମାର ସଦଗତି କାମନା କରିବା ସହ ଏହି ଦୁଃଖଦ ସମୟରେ ମହାପ୍ରଭୁ ପରିବାର ବର୍ଗଙ୍କୁ ଅସୀମ ଧୈର୍ଯ୍ୟ ଓ ସାହସ ପ୍ରଦାନ କରିବା ନେଇ ପ୍ରାର୍ଥନା କରିଛନ୍ତି।

# ଭୁବନେଶ୍ୱର ଷ୍ଟେସନରୁ ଯାତ୍ରା କରିବ ତିନି ନୂଆ ଟ୍ରେନ୍

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ଭୁବନେଶ୍ୱର ନୂଆ ଷ୍ଟେସନରୁ ତିନୋଟି ଗୁରୁତ୍ୱପୂର୍ଣ୍ଣ ଟ୍ରେନ୍ ସେମାନଙ୍କର ଯାତ୍ରା ପ୍ରାରମ୍ଭ ଏବଂ ଏଠାରେ ଯାତ୍ରା ସମାପ୍ତ କରିବାକୁ ପୂର୍ବତଟ ରେଳପଥ ପକ୍ଷରୁ ଯୋଜନା କରାଯାଇଅଛି ଯାହା ଖୁବ୍ ଶୀଘ୍ର କାର୍ଯ୍ୟକାରୀ କରାଯିବ । ଏହି ଟ୍ରେନ୍ ଗୁଡ଼ିକ ମଧ୍ୟରେ ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ୍, ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ୍ ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ୍ ଅନ୍ତର୍ଭୁକ୍ତ । ଏହି ପରିବର୍ତ୍ତନଗୁଡ଼ିକ ପାଇଁ କାର୍ଯ୍ୟାନ୍ୱୟନ ତାରିଖ ଖୁବ୍ ଶୀଘ୍ର ଘୋଷଣା କରାଯିବ ।

ଭୁବନେଶ୍ୱର ନୂଆ ଷ୍ଟେସନରୁ ଯାତ୍ରା ପ୍ରାରମ୍ଭ କରିବାକୁ ଥିବା ଏହି ଟ୍ରେନ୍ ଗୁଡ଼ିକ ଭୁବନେଶ୍ୱର ଉତ୍ତର ଅଂଚଳ ଏବଂ ସଂଲଗ୍ନ ଅଞ୍ଚଳର ଯାତ୍ରୀମାନଙ୍କୁ ବିପୁଳ ଲାଭ ପ୍ରଦାନ କରିବ। ଏହି ଟ୍ରେନଗୁଡ଼ିକ ମଧ ମଞ୍ଚେଶ୍ୱର ରେଳ ଷ୍ଟେସନରେ ପ୍ରତ୍ୟେକ ଦୁଇ ମିନିଟ୍ ପାଇଁ ରହଣି ପ୍ରଦାନ କରିବେ। ଉତ୍ତର ଭୁବନେଶ୍ୱର ଅଞ୍ଚଳରେ ଅବସ୍ଥିତ ଅନେକ ଇଞ୍ଜିନିୟରିଂ, ମେଡିକାଲ ଏବଂ ଅନ୍ୟାନ୍ୟ ଶିକ୍ଷାନୁଷ୍ଠାନରେ ଅଧ୍ୟୟନ କରୁଥିବା

- ଉତ୍ତର ଭୁବନେଶ୍ୱର ଏବଂ ସଂଲଗ୍ନ ଅଞ୍ଚଳର ଲୋକମାନଙ୍କୁ ସୁବିଧା ପ୍ରଦାନ
- ଉତ୍ତର ଭୁବନେଶ୍ୱରରେ ଅବସ୍ଥିତ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ଯାତ୍ରା ସୁବିଧା
- ଉତ୍ତର ଭୁବନେଶ୍ୱରର ଡାକ୍ତରଖାନାମାନଙ୍କରେ ଚିକିତ୍ସା ସୁବିଧା ଚାହୁଁଥିବା ଲୋକମାନଙ୍କୁ ଯାତାୟାତ ସୁବିଧା
- ଭୁବନେଶ୍ୱର-ମୁମ୍ବାଇ କୋଣାର୍କ ଏକ୍ସପ୍ରେସ, ଭୁବନେଶ୍ୱର-ସିକନ୍ଦରାବାଦ ବିଶାଖା ଏକ୍ସପ୍ରେସ ଏବଂ ଭୁବନେଶ୍ୱର-ବିଶାଖାପାଟଣା ଇଣ୍ଟରସିଟି ଏକ୍ସପ୍ରେସ ଭୁବନେଶ୍ୱର ନୂଆ ଷ୍ଟେସନରୁ ଯାତ୍ରା
- ତିନୋଟି ଟ୍ରେନ୍ ମଞ୍ଚେଶ୍ୱର ଷ୍ଟେସନରେ ରହଣି

ଛାତ୍ରଛାତ୍ରୀଙ୍କ ପାଇଁ ଭୁବନେଶ୍ୱର ନୂଆ ଷ୍ଟେସନ ଏକ ସୁବିଧାଜନକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ । ମେଡିକାଲ ଯାତ୍ରା ଆବଶ୍ୟକ କରୁଥିବା ଯାତ୍ରୀମାନେ ବହୁତ ଉପକୃତ ହେବେ, କାରଣ ଭୁବନେଶ୍ୱର ସହରର ଏହି




ଅଂଶରେ ଅନେକ ହସ୍ପିଟାଲ ଅବସ୍ଥିତ । ଭୁବନେଶ୍ୱର ନୂଆ ଷ୍ଟେସନରୁ ଏହି ଟ୍ରେନଗୁଡ଼ିକ ଯାତ୍ରା ପ୍ରାରମ୍ଭ କରିବା ସହିତ, ସ୍ଥାନୀୟ ବାସିନ୍ଦାମାନେ ଭୁବନେଶ୍ୱର ମୁଖ୍ୟ ଷ୍ଟେସନ ଯିବା ଆସିବା ସମସ୍ୟା ଏଡ଼ାଇବା ସହିତ ଏଠାରେ କମ୍ ଭିଡ଼ ଅନୁଭବ କରିବେ। ଅମୃତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ନୂତନ ଷ୍ଟେସନର ପୁନର୍ବିକାଶ ମଧ ପ୍ରସ୍ତାବିତ, ଯାହାର ପ୍ରାଥମିକ ଧାନ ଯାତ୍ରୀ ସୁବିଧା ବୃଦ୍ଧି ଉପରେ ରହିଛି । ଭୁବନେଶ୍ୱର ନୂଆ ଷ୍ଟେସନଠାରେ ଯୋଜନା କରାଯାଉଥିବା ପ୍ରମୁଖ କାର୍ଯ୍ୟଗୁଡ଼ିକ ହେଲା ସର୍କୁଲେଟିଂ ବା ଚଳପ୍ରଚଳ କ୍ଷେତ୍ରର ସମ୍ପ୍ରସାରଣ ଏବଂ ଉନ୍ନତିକରଣ, ଅତିରିକ୍ତ ଫୁଟ ଓଭର ବ୍ରିଜ୍ ବ୍ୟବସ୍ଥା, ଉନ୍ନତ ଯାତ୍ରୀ ସେବା ଓ ପ୍ରତୀକ୍ଷା ପାଇଁ ଆଧୁନିକ ପ୍ରତୀକ୍ଷା କକ୍ଷ ଏବଂ ଶୌଚାଳୟ ବ୍ୟବସ୍ଥା, ବିଦ୍ୟମାନ ପ୍ଲାଟଫର୍ମ ଏବଂ ଏହାର ଆଲୋକୀକରଣର ଉନ୍ନତି, କୋଚ୍ ମାନଙ୍କରେ ପାଣି ଭର୍ତ୍ତି କରିବାର ସୁବିଧା ସ୍ଥାପନ, ସମସ୍ତ ପ୍ଲାଟଫର୍ମରେ ଲିଫ୍ଟର ବ୍ୟବସ୍ଥା, ବର୍ତ୍ତମାନର ଷ୍ଟେସନ କୋଠାର ଉନ୍ନତିକରଣ, ଏହି ବିକାଶ ସହିତ, ଭୁବନେଶ୍ୱର ନୂତନ ଷ୍ଟେସନ ଛାତ୍ର, ଯାତ୍ରୀ, ଉତ୍ତର ଭୁବନେଶ୍ୱର ଏବଂ ସଂଲଗ୍ନ ଅଞ୍ଚଳର ବାସିନ୍ଦାଙ୍କ ଯାତ୍ରା ଆବଶ୍ୟକତା ପୂରଣ କରିବ। ଏହି ପଦକ୍ଷେପ ରେଳ ସଂଯୋଗକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବ ଏବଂ ଅନେକ ଯାତ୍ରୀଙ୍କ ପାଇଁ ଯାତ୍ରା ଅଭିଜ୍ଞତାକୁ ସହଜ କରିବ।

ପୂର୍ବତଟ ରେଳପଥ ଏହାର ଯାତ୍ରୀମାନଙ୍କ ପାଇଁ ଉନ୍ନତ ଟ୍ରେନ୍ ସେବା ଏବଂ ସୁଗମ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବାକୁ ପ୍ରତିବଦ୍ଧ।

### ଗ୍ରୀଷ୍ମ ମୁକାବିଲା ପ୍ରସ୍ତୁତିର ସମୀକ୍ଷା କଲେ ନଗର ଉନ୍ନୟନ ମନ୍ତ୍ରୀ

# ଜଳାଭାବ ଅଭିଯୋଗର ତ୍ୱରିତ ସମାଧାନକୁ ଗୁରୁତ୍ୱ

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ସମ୍ଭାବ୍ୟ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ବିଭିନ୍ନ ସହରାଞ୍ଚଳରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଜି ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ସମୀକ୍ଷା କରିଛନ୍ତି। ଏଥିରେ ଡଃ ମହାପାତ୍ର ପାନୀୟ ଜଳର ଅଭାବକୁ ରୋକିବା ସହ ଅଚଳ ନଳକୂପକୁ ସଚଳ କରିବା ଓ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକାରୀ କରିବା ସହ ଲୋକଙ୍କ ଅଭିଯୋଗର ତୁରନ୍ତ ସମାଧାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ବିଭାଗ ଜାରି କରିଥିବା ନିର୍ଦ୍ଦେଶନାମାକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବାକୁ ମଧ୍ୟ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ବଡ଼ ବଡ଼ କୋଠା, ପ୍ରଶସ୍ତ ରାସ୍ତା ଓ ସୌରତାପ ଶକ୍ତି ଶୋଷଣ ଯୋଗୁଁ ସହରାଞ୍ଚଳବାସୀ ଗ୍ରୀଷ୍ମଋତୁରେ ଅଧିକ ତାତି ଅନୁଭବ କରୁଛନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ବିସ୍ତୃତ ଏସଓପି ଜାରି କରି ଏହାକୁ କଡ଼ାକଡ଼ି ପାଳନ କରିବା ସହ ସମସ୍ତ ପୌରାଞ୍ଚଳ ଦ୍ୱାରା ଆବଶ୍ୟକ ପଦକ୍ଷେପ ନେବା ସଂକ୍ରାନ୍ତରେ



ବିଭାଗୀୟ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ ସୂଚନା ଦେଇଛନ୍ତି। ସମସ୍ତ ନଳକୂପ ଓ ହ୍ୟାଣ୍ଡପମ୍ପକୁ କାର୍ଯ୍ୟକ୍ଷମ ଅବସ୍ଥାରେ ରଖିବା ଓ ମରାମତି ପାଇଁ ଯନ୍ତ୍ରାଂଶ ପ୍ରସ୍ତୁତ ରଖିବା ଉପରେ ବିଭାଗୀୟ ସଚିବ ଗୁରୁତ୍ୱରୋପ କରିଛନ୍ତି। ଆହୁରି ନିୟନ୍ତ୍ରଣ କକ୍ଷଗୁଡ଼ିକ ଯଥାରୀତି ଖୋଲାଯିବା ସହ ଜଳାଭାବ ସମ୍ପର୍କିତ ଅଭିଯୋଗର ତ୍ୱରିତ ସମାଧାନ ପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶଦେଇଛନ୍ତି।

ଭାରତୀୟ ପାଣିପାଗ ବିଭାଗ ଦ୍ୱାରା ଜାରି ହୋଇଥିବା ଗ୍ରୀଷ୍ମ ଲହରୀ ସତର୍କତାକୁ ନିୟମିତ ଭାବରେ ଟ୍ରାକ୍ କରାଯିବା ଉଚିତ ଓ ଆବଶ୍ୟକ ହେଲେ ଏପରି ସୂଚନା ପାଇଁ ଭାରତୀୟ ପାଣିପାଗ ବିଭାଗ/ରାଜ୍ୟ ନିୟନ୍ତ୍ରଣ କକ୍ଷ ସହ ଯୋଗାଯୋଗ କରାଯାଇପାରିବ। ପୌରାଞ୍ଚଳରେ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନମାନଙ୍କ ମାଧ୍ୟମରେ ରାସ୍ତାକଡ଼, ଛକ, ସରକାରୀ କାର୍ଯ୍ୟାଳୟ, ବସ୍‌ଷ୍ଟାଣ୍ଡ, ରେଳଷ୍ଟେସନ, ବଜାର ଆଦିରେ ଅଧିକ ଜଳ କିଓସ୍କ ଖୋଲାଯିବ। ସେହିପରି ମ୍ୟୁନିସିପାଲିଟି କଠିନ ବର୍ଜ୍ୟ, ବଗିଚା/ଗଛର ଅବଶିଷ୍ଟାଂଶ ପୋଡ଼ିବା ଉପରେ ରୋକ ଲଗାଯିବ। ପରିବାର ସମ୍ମୁଖରେ ପାଣିପାତ୍ର ରଖିବା ପାଇଁ ସଚେତନତା ସୃଷ୍ଟି କରାଯିବ। ନିର୍ମାଣ ସଂସ୍ଥା ଓ କିମ୍ବା କୌଣସି ପରିବାର କାର୍ଯ୍ୟ ସମୟରେ ଧୂଳି ଏଡ଼ାଇବା ସକାଶେ ସେସବୁକୁ ଢାଙ୍କିବେ। ଯେଉଁମାନେ କାର୍ଯ୍ୟସ୍ଥଳରେ ଧୂଳି ଉଡ଼ିବା ରୋକିବା ଦିଗରେ ପଦକ୍ଷେପ ନ ନେବେ, ସେମାନଙ୍କୁ ନିୟମାନୁସାରେ ଦଣ୍ଡିତ କରାଯିବ। ଆହୁରି ବାଲି, ଇଟା, ସିମେଣ୍ଟ ଏବଂ ଅଳିଆ ଆଦି ପରିବହନ ସମୟରେ ଯାନଗୁଡ଼ିକ ତାରପୋଲିନ୍‌ରେ ସେସବୁକୁ ଆଚ୍ଛାଦିତ କରିବେ। ସେହିପରି ପ୍ରଦୂଷଣ ଓ ତାପମାତ୍ରା ବୃଦ୍ଧି ରୋକିବା ସକାଶେ ରାସ୍ତାପାର୍ଶ୍ୱ ହୋଟେଲ ଓ ଖାଦ୍ୟ ପ୍ରସ୍ତୁତ କରୁଥିବା ଦୋକାନରୁ ବାହାରୁଥିବା ପାଉଁଶ ରାସ୍ତାରେ ଜମା ନ ହେବା ଉଚିତ। ସମସ୍ତ ସହରାଞ୍ଚଳରେ କୋଇଲା କିମ୍ବା କୋଇଲା ବ୍ରିକେଟ ବ୍ୟବହାର ନିଷେଧ କରିବା ସକାଶେ ନିର୍ଦ୍ଦେଶ ଦିଆଯାଇଛି।

ଆଭାସୀରେ ଅନୁଷ୍ଠିତ ଉକ୍ତ ବୈଠକରେ ପୌର ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଅତିରିକ୍ତ ଶାସନ ସଚିବ ରବୀନ୍ଦ୍ର ସାହୁ , ସମସ୍ତ ମହାନଗର ନିଗମ କମିଶନର, ଏନ୍‌ଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ପଦାଧିକାରୀ ଅଂଶଗ୍ରହଣ କରିଥିଲେ।

## ଓ୍ୟୁଟିଆର କ୍ୟାମ୍ପସ ନିଯୁକ୍ତି ହାର ସର୍ବାଧିକ

**ଭୁବନେଶ୍ୱର,୭।୩:** ସରକାରୀ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ଯାନ୍ତ୍ରିକ ମହାବିଦ୍ୟାଳୟ ମଧ୍ୟରୁ ଭୁବନେଶ୍ୱର ଠାରେ ଥିବା ଓ୍ୟୁଟିଆରର କ୍ୟାମ୍ପସ୍ ନିଯୁକ୍ତ ହାର ସର୍ବାଧିକ ରହିଛି । ଏଠାରେ ଶେଷ ବର୍ଷରେ ଅଧ୍ୟୟନ କରୁଥିବା ୭୧ ପ୍ରତିଶତ ଛାତ୍ରଛାତ୍ରୀ ନିଯୁକ୍ତି ସୁଯୋଗ ପାଇଛନ୍ତି । ଆଜି ବିଧାନସଭାରେ ଏହି ସୂଚନା ଦେଇଛନ୍ତି ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ । ବିଜେଡି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଦର୍ଶାଇଛନ୍ତି ଯେ ଓ୍ୟୁଟିଆରରେ ସର୍ବାଧିକ କ୍ୟାମ୍ପସ ନିଯୁକ୍ତି ସୁଯୋଗ ଥିବାବେଳେ ସରାଙ୍ଗ ସ୍ଥିତ ଆଇଜିଆଇଟିରେ ୬୫ ପ୍ରତିଶତ, ବୁର୍ଲା ଭିସୁଟ୍‌ରେ ୬୦.୨୨ ପ୍ରତିଶତ, କେନ୍ଦୁଝରର ଜିଇସିରେ ୫୬.୫୬ ପ୍ରତିଶତ, କଳାହାଣ୍ଡି ଜିଇସିରେ ୫୩.୬୯ ପ୍ରତିଶତ ଏବଂ ବ୍ରହ୍ମପୁର ସ୍ଥିତ ପିଏମ୍‌ଇସିରେ ଏହା ୪୧.୧୦ ପ୍ରତିଶତ ରହିଛି । ସେହଭଳି ୨୦୨୩-୨୪ ଶିକ୍ଷାବର୍ଷରେ ୩୫ଟି ସରକାରୀ ପଲିଟେକ୍‌ନିକ୍‌ରେ କ୍ୟାମ୍ପସ ନିଯୁକ୍ତି ସୁଯୋଗ ହାର ୫୪.୪୮ ପ୍ରତିଶତ ଥିବାବେଳେ ୭୨ଟି ସରକାରୀ ଆଇଟିଆଇରେ ଏହିହାର ୩୬.୪୧ ପ୍ରତିଶତ ରହିଛି । ସେହିଭଳି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ଦକ୍ଷତା ବିକାଶ ଓ ବୈଠକ ବିଭାଗ ଅଧିନରେ ୩ଟି ସରକାରୀ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ, ୪ଟିସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଏବଂ୨୫ଟି ସରକାରୀ ଯନ୍ତ୍ରିକ ବିଦ୍ୟାଳୟ ରହିଛି। ସେହିଭଳି ରାଜ୍ୟରେ ୫ଟି ବେସରକାରୀ ଯାନ୍ତ୍ରିକ ବିଶ୍ୱବିଦ୍ୟାଳୟ, ୭୨ଟି ବେସରକାରୀ ଯାନ୍ତ୍ରିକ ମହାବିଦ୍ୟାଳୟ ଓ ୧୨୫ଟି ବେସରକାରୀ ଯାନ୍ତ୍ରିକ ବିଦ୍ୟାଳୟ ରହିଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି । (ତଥ୍ୟ)

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିବ କଂଗ୍ରେସ



**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ବିଗତ ୮ ମାସର ଡବଲ ଇଞ୍ଜିନ ସରକାର ରେ ରାଜ୍ୟରେ ମହିଳାମାନଙ୍କ ପ୍ରତି ଅତ୍ୟାଚାର ଓ ପାଶବିକ ଅତ୍ୟାଚାର ହୁହୁ ହୋଇ ବଢ଼ିଚାଲିଛି। ଗୋଟିଏ ପଟେ ଡବଲ ଇଞ୍ଜିନ ସରକାର ରାଜ୍ୟର ଦ୍ରୁତ ପ୍ରଗତୀର ସ୍ୱପ୍ନ ଦେଖାଇଥିଲା ବେଳେ ରାଜ୍ୟର ସମୁଦାୟ ଜନସଂଖ୍ୟାର ୫୦ ଭାଗ ହେଉଛନ୍ତି ମହିଳା,କିନ୍ତୁ ସେମାନେ ଆଜି ଅତିମାତ୍ରାରେ ଅତ୍ୟାଚାରିତ ଓ ଉତ୍ପୀଡ଼ନର ଶିକାର ହେଉଛନ୍ତି ବୋଲି ଆଜି କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଉଦବେଗ ପ୍ରକାଶ କରି କହିଛନ୍ତି ନେତା ତଥା ଭୁବନେଶ୍ୱର ଜିଲ୍ଲା ପ୍ରଭାରୀ ଶ୍ରୀ ନବଜ୍ୟୋତୀ ପଟ୍ଟନାୟକ କହିଛନ୍ତି। ପିସିସି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ଆସନ୍ତା ମାର୍ଚ୍ଚ ୧୦ ତାରିଖ ଦିନ ସମସ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଓ ବିକ୍ଷୋଭ କରାଯିବା ସହ ଜିଲ୍ଲାପାଳଙ୍କ ଜରିଆରେ ମହାମହିମ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯିବ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧରେ ବିଧାୟକ ପାର୍ଥ ପ୍ରଶାନ୍ତ ଚମ୍ପତି,ଅଶୋକ ଦାଶ,ପ୍ରକାଶ ଜେନା,ଗୀତାଞ୍ଜଳି ମହାନ୍ତି,ମନିଷା ଦାଶ ପଟ୍ଟନାୟକ,ପ୍ରାଚୀ ରାଉତରାୟ,କୁସୁମ ପ୍ରଧାନ, ସ୍ନେହା ଜେନା,ସୁବ୍ରତ ମହାପାତ୍ର,ମିହିର ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

## ମାର୍ଚ୍ଚ ୧୦ରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ



**ଭୁବନେଶ୍ୱର,୭।୩ (ସଂଚାର ବ୍ୟୁରୋ):** ଆଗାମୀ ମାର୍ଚ୍ଚ ୧୦ ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ତୃତୀୟ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ମାର୍ଚ୍ଚ ୧୦ ତାରିଖ ଦିନ ଭୁବନେଶ୍ୱର, ୟୁନିଟ-୫ ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ ଠାରେ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ସମ୍ବାଦପତ୍ର ଓ ଅନ୍ୟ ଗଣମାଧ୍ୟମ ଜରିଆରେ ଜଣାଇ ଦିଆଯିବ। ଏ ସଂପର୍କରେ ରାଜ୍ୟ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

### 'ନିର୍ବାଚନ ୨୦୨୪-ଓଡ଼ିଶା ରାଜନୀତିର କଡ଼ ଲେଉଟାଣି' ପୁସ୍ତକ ଉନ୍ମୋଚିତ

# ଓଡ଼ିଆ ସାମାଜିକ ଜୀବନରେ ପ୍ରେରକ ହେବ: ଧର୍ମେନ୍ଦ୍ର

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଏଠାରେ ସାମ୍ବାଦିକ ତଥା ଲେଖକ ଚୌଧୁରୀ ଅମିତାଭ ଦାସଙ୍କ ଲିଖିତ 'ନିର୍ବାଚନ ୨୦୨୪-ଓଡ଼ିଶା ରାଜନୀତିର କଡ଼ ଲେଉଟାଣି' ପୁସ୍ତକ ଉନ୍ମୋଚନ କରିଛନ୍ତି।ବା ସହ ଲୋକାର୍ପିତ ପୁସ୍ତକ ଓଡ଼ିଆ ସାମାଜିକ ଜୀବନରେ ପ୍ରେରକ ହେବ ବୋଲି କହିଛନ୍ତି।

- ଗତ ନିର୍ବାଚନରେ ଓଡ଼ିଆ ଲୋକମାନଙ୍କର ବିଜୟ ହୋଇଛି
- ଓଡ଼ିଆ ଲୋକଙ୍କ ନିର୍ଣ୍ଣୟ ପାଇଁ ବିଜେପିର ବିଜୟ ହୋଇଛି

ସେ କହିଛନ୍ତି ଯେ ୨୦୨୪ ନିର୍ବାଚନର ଟିକିନିଖି ବିବରଣୀକୁ ଏହି ପୁସ୍ତକରେ ସ୍ଥାନ ଦିଆଯାଇଛି। ପୁସ୍ତକଟି ତଥ୍ୟଭିତ୍ତିକ। ଅନେକ ଅକୁହା ଓ ସାର୍ବଜନୀନ କଥା ଏଥିରେ ଉଲ୍ଲେଖ ଅଛି।



ଅନେକ ରାଜ୍ୟରେ ନିର୍ବାଚନ ଶେଷ ହେବା ପରେ ପ୍ରବୀଣ ସାମ୍ବାଦିକମାନେ ନିର୍ବାଚନକୁ ନେଇ ପୁସ୍ତକ ଲେଖନ୍ତି। ଓଡ଼ିଶାରେ ମଧ୍ୟ ଆଜି ସେଭଳି ଜାତୀୟ ସ୍ତରର ପୁସ୍ତକ ଉନ୍ମୋଚନ ଖୁସିର ବିଷୟ। ଆଜି ଏଭଳି ବିଷୟକୁ ତଥ୍ୟ ଆଧାରିତ ପୁସ୍ତକର ରୂପ ଦେଇଥିବାରୁ ଲେଖକ ଓ ପ୍ରକାଶନ ସଂସ୍ଥାକୁ ଧନ୍ୟବାଦ ଜଣାଉଛି। ଗଣତନ୍ତ୍ରରେ ଭିନ୍ନ ମତକୁ ସମ୍ମାନ ଦେବା ଦରକାର। ନିର୍ବାଚନ ସବୁବେଳେ ଉତ୍କଣ୍ଠାର ବିଷୟ ଥାଏ । ନୂଆ ନୂଆ ଚରିତ୍ର ସହ ଯୋଡି ହୋଇଥାଏ। ସବୁ ସମୟରେ ସବୁ ନିର୍ବାଚନର ନିଜସ୍ୱ ଚରିତ୍ର ଅଛି। ସବୁ ନିର୍ବାଚନର ପ୍ରସଙ୍ଗ, ପ୍ରଚାର ଶୈଳୀ ଭିନ୍ନ ଥାଏ ଏବଂ ଅନେକ ସମୟରେ ନୂଆ ନୂଆ ବିଷୟର ଅଭ୍ୟୁଦୟ ମଧ୍ୟ ହୋଇଥାଏ। ଓଡ଼ିଶା ନିର୍ବାଚନ ସମ୍ପର୍କରେ ସମ୍ପର୍କିତ ପୁସ୍ତକ ଭବିଷ୍ୟତର ପିଢ଼ି ତଥା ଆଗାମୀ ପିଢ଼ିର ଜନପ୍ରତିନିଧିଙ୍କୁ ଅନୁପ୍ରାଣିତ କରିବ। ଏହି ବହି ଆଗାମୀ ଦିନରେ ଓଡ଼ିଶାର ସାମାଜିକ ଜୀବନକୁ ସ୍ୱଚ୍ଛ କରିବା ଦିଗରେ ସହାୟକ ହେବ ବୋଲି ଶ୍ରୀ ପ୍ରଧାନ ଆଶା କରିବା ସହ ପୁସ୍ତକଟି ଅଧିକରୁ ଅଧିକ ଲୋକାଦୃତ ହେବା ନେଇ ପ୍ରଭୁଙ୍କ ନିକଟରେ କାମନା କରିଛନ୍ତି।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେଉଁ ଜାତିର ନିଜସ୍ୱ ପରିଚୟ ଅଛି, ଅଭିମାନ ଅଛି, ସେହି ଜାତିର ଉନ୍ନତି ଏବଂ ଗାରିମା ଅକ୍ଷୁଣ୍ଣ ରଖିବା ପାଇଁ ଦଳ, ମତ, ବିଚାର ନିର୍ବିଶେଷରେ ସମସ୍ତ ରାଜନୈତିକ ନେତୃତ୍ୱ ଏକାଠି ହେବା ଦରକାର। ଗତ ନିର୍ବାଚନରେ ଓଡ଼ିଆ ଲୋକଙ୍କର ବିଜୟ ହୋଇଛି। ଓଡ଼ିଆ ଲୋକେ ସ୍ୱାଭିମାନୀ। ସେମାନଙ୍କ ଭିତରେ ସହନଶକ୍ତିର ଗୋଟିଏ ସୀମା ରହିଛି। ଏଥର ଓଡ଼ିଆ ଲୋକଙ୍କ ନିର୍ଣ୍ଣୟ ପାଇଁ ବିଜେପିର ବିଜୟ ହୋଇଛି। ବିଜେପି ସରକାରକୁ ଆସିଛି। ସରକାର ଗଠନ ହେବା ପରେ ସୁଭଦ୍ରା ଭଳି ଯୋଜନାରେ ୧ କୋଟି ହିତାଧିକାରୀ ଯୋଡ଼ିହୋଇଛନ୍ତି। ଧାନର ଏମଏସପି କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ବୃଦ୍ଧି କରିବା ଭଳି ଅନେକ ନିର୍ବାଚନ ପ୍ରତିଶ୍ରୁତିକୁ ବିଜେପି ପୂରଣ କରିଛି ବୋଲି ସେ କହିଛନ୍ତି।

### ଓଡ଼ିଶା ସରକାର ଓ ମେଟା ଇଣ୍ଡିଆ ମଧରେ ଏମ୍‌ଓୟୁ ସ୍ୱାକ୍ଷରିତ

# ହ୍ୱାଟ୍ସଆପ୍ ମାଧ୍ୟମରେ ମିଳିବ ସମସ୍ତ ସରକାରୀ ସେବା

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ଓଡ଼ିଶା ସରକାର ଓ ମେଟା ଇଣ୍ଡିଆ ମିଳିତ ଭାବେ ଆଜି ଏକ ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍ ବଟ୍‌ର ଶୁଭାରମ୍ଭ କରିଛନ୍ତି, ଯାହା ରାଜ୍ୟର ୪୫ ନିୟୁତରୁ ଅଧିକ ଲୋକଙ୍କୁ ସମୟ କ୍ରମେ ସମସ୍ତ ସରକାରୀ ସେବା ପ୍ରଦାନ କରିବ। ଏହି ଚାଟ୍ ବଟ୍ ଜରିଆରେ ନାଗରିକମାନେ ଗୋଟିଏ ହ୍ୱାଟ୍ସଆପ୍ ନମ୍ବର




**ପ୍ରଶାସନିକ ବ୍ୟବସ୍ଥାରେ ହ୍ୱାଟ୍ସଆପ୍ ବ୍ୟବହାର କ୍ଷେତ୍ରରେ ଓଡ଼ିଶା ଦେଶର ତୃତୀୟ ରାଜ୍ୟ**

ଜରିଆରେ ଜନ୍ମ ଓ ଆୟ ପ୍ରମାଣପତ୍ର ପାଇବା, ଡ୍ରାଇଭିଂ ଓ ସାର ଲାଇସେନ୍ସ ପାଇଁ ଆବେଦନ କରିବା ଏବଂ ଜାତୀୟ ପରିବାର ମଙ୍ଗଳ ଯୋଜନା ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସରକାରୀ ସେବା ପାଇପାରିବେ। ଆଜି ଲୋକସେବା ଭବନଠାରେ ଅନୁଷ୍ଠିତ ଏହି ବୁଝାମଣାପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜା, ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସୁରେନ୍ଦ୍ର କୁମାର, ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ମହା ନିର୍ଦ୍ଦେଶକ ଜି. ମାଥିଭାଥାନନ, ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ଶାସନ ସଚିବ ଶ୍ରୀ ଅରବିନ୍ଦ ଅଗ୍ରୱାଲ ଏବଂ ପୂର୍ବତନ ସୂଚନା କମିଶନର ତଥା ସିୱାଇଏସଡିର ପରାମର୍ଶଦାତା ଶ୍ରୀ ଜଗଦାନନ୍ଦଙ୍କ ପ୍ରମୁଖଙ୍କ ଉପସ୍ଥିତିରେ ବିଭିନ୍ନ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଓଡ଼ିଶା ସରକାରଙ୍କ ତରଫରୁ ସେଣ୍ଟର ଫର ମଡର୍ଣ୍ଣାଇଜିଂ ଗଭର୍ଣ୍ଣମେଣ୍ଟ ଇନିସିଏଟିଭ୍ (ସିଏମଜିଆଇ), ମେଟା ଇଣ୍ଡିଆ ସହ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛନ୍ତି। ୟୁନିଫାଏଡ୍ ହ୍ୱାଟ୍ସଆପ୍ ଚାଟ୍ ୪୨୯ଟି ସରକାରୀ ସେବାକୁ ଗୋଟିଏ ହ୍ୱାଟ୍ସଆପ୍ ନମ୍ବରରେ ସମନ୍ୱିତ କରିବ। ଏହି ଅବସରରେ ମନୋଜ ଆହୁଜା କହିଥିଲେ ଯେ, ପ୍ରତ୍ୟେକ ନାଗରିକଙ୍କୁ ସୁବିଧାରେ ସରକାରୀ ସେବା ଯୋଗାଇଦେବା ପାଇଁ ଓଡ଼ିଶା ସରକାର ପ୍ରତିଶ୍ରୁତିବଦ୍ଧ। ବୈଷୟିକ ଜ୍ଞାନକୌଶଳ ଏବଂ ପ୍ରଶିକ୍ଷଣ କ୍ଷେତ୍ରରେ ଆମର ପୁଞ୍ଜିନିବେଶ ଦ୍ୱାରା ଏହି ବ୍ୟବସ୍ଥା ସହଜ ହୋଇଛି। ଅମଲାତାନ୍ତ୍ରିକ ବ୍ୟବସ୍ଥାରେ ରହିଥିବା କେତେକ ପ୍ରତିବନ୍ଧକକୁ ଦୂର କରି ଜନସାଧାରଣଙ୍କୁ ଉଦ୍ଦିଷ୍ଟ ସେବାର ସାମଗ୍ରିକ ଉପଲବ୍ଧତା ବୃଦ୍ଧି କରିବା ଏହି ବୁଝାମଣା ପତ୍ରର ମୁଖ୍ୟ ଉଦ୍ଦେଶ୍ୟ। ଉନ୍ନୟନ କମିଶନର ଶ୍ରୀମତୀ ଗର୍ଗ ସର୍ବସାଧାରଣ ସେବା ଯୋଗାଣ ସୁନିଶ୍ଚିତ କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରିବା ସହ ସେବା ପ୍ରଦାନରେ ଉତ୍ତରଦାୟିତ୍ୱ ଏବଂ ଏହାର ସରଳତା ବିଷୟରେ ପ୍ରକାଶ କରିଥିଲେ। ୟୁନିଫାଇଡ୍ ହ୍ୱାଟ୍ସଆପ୍ ଚାଟ୍ ମାଧ୍ୟମରେ ଲୋକମାନେ ସହଜରେ ସେବା ପାଇବେ ବୋଲି ସେ ଆସ୍ଥା ପ୍ରକଟ କରିଛନ୍ତି। ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ କୁମାର ଅସୁବିଧାମୁକ୍ତ ସେବା ଯୋଗାଇବା ପାଇଁ ପ୍ରଶାସନିକ ସଂସ୍କାରର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଜିଏଏର ମହା ନିର୍ଦ୍ଦେଶକ ଶ୍ରୀ ମାଥିଭାଥାନନ ଶାସନ ବ୍ୟବସ୍ଥାରେ ନାଗରିକ ସେବାକୁ ଆଙ୍ଗୁଠିରେ ଆଣିବାରେ ସିଏମଜିଆଇର ପ୍ରୟାସକୁ ପ୍ରଶଂସା କରିବା ସହ ଓଆରଟିପିଏସ୍‌ଏ ସେବାଗୁଡ଼ିକ ଠିକ୍ ସମୟରେ ପ୍ରଦାନ କରିବା ପାଇଁ ସରକାରୀ ଅଧିକାରୀଙ୍କ ପ୍ରଶିକ୍ଷଣ ଏବଂ ଦକ୍ଷତା ବିକାଶ ଦିଗରେ ଜିଏଏ ଆବଶ୍ୟକ ସମସ୍ତ ସହଯୋଗ ପ୍ରଦାନ କରିବ ବୋଲି ସେ କହିଥିଲେ।

ଏହି ଅବସରରେ ରାଜ୍ୟରେ ଓଡ଼ିଶା ଲୋକସେବା ଅଧିକାର ଆଇନ (ଓଆରଟିପିଏସଏ)କୁ କାର୍ଯ୍ୟକାରୀ କରିବା ପାଇଁ ସମ୍ବଳ ସହାୟକ ସଂସ୍ଥା ଭାବେ ସିଏମଜିଆଇ ଏବଂ ସେଣ୍ଟର ଫର ୟୁଥ୍ ଆଣ୍ଡ ସୋସିଆଲ ଡେଭଲପମେଣ୍ଟ (ସିୱାଇଏସଡି) ମଧରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହାବ୍ୟତୀତ ସରକାରୀ କର୍ମଚାରୀଙ୍କ ପାଇଁ ଯୋଜନାଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ସିଏମଜିଆଇ, ସିୱାଇଏସଡି ଏବଂ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀ ମଧରେ, ଓଡ଼ିଶା ଲୋକସେବା ଅଧିକାର ଆଇନ କାର୍ଯ୍ୟକାରିତା ସଂପର୍କିତ ଅଭିଯାନ ଏବଂ ସଚେତନତା ପାଇଁ ଏନଏସଏସ ଛାତ୍ର ସ୍ୱେଚ୍ଛାସେବୀମାନଙ୍କୁ ସାମିଲ କରିବା ଦିଗରେ ସିଏମଜିଆଇ, ସିୱାଇଏସଡି, ଉଚ୍ଚଶିକ୍ଷା ବିଭାଗ ମଧରେ ଏବଂ ପଂଚାୟତିରାଜ ନିର୍ବାଚିତ ସଦସ୍ୟ ଏବଂ ଗୋଷ୍ଠୀ ପ୍ରତିନିଧିମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ସିଏମଜିଆଇ, ସିୱାଇଏସଡି ଏବଂ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ପ୍ରତିଷ୍ଠାନ (ଏସଆଇଆରଡି) ମଧରେ ତ୍ରିପାକ୍ଷିକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ସାଧାରଣ ପ୍ରଶାସନ ଏବଂ ସାଧାରଣ ଅଭିଯୋଗ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀ ଦେବବ୍ରତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ମୁଖ୍ୟ ଶାସନ ସଚିବଙ୍କ ଅନୁ ଶାସନ ସଚିବ ଶ୍ରୀ ଅଂଶୁମାନ ରଥ ଏବଂ ସିଏମଜିଆଇର ପ୍ରକଳ୍ପ ସଂଯୋଜକ ଶ୍ରୀ ପିନାକୀ ମହାନ୍ତି ସଂଯୋଜନା କରିଥିଲେ।

## ମିଳିଲାନି ଛୁଟି, ଦେହରେ ସାଲାଇନ ଲଗାଇ ସ୍କୁଲ ଆସିଲେ ଶିକ୍ଷକ



**ପାଟଣାଗଡ଼,୭।୩(ସଂଚାର ବ୍ୟୁରୋ):** ରୋଗୀ ହୋଇ ସ୍କୁଲ ଆସିଥିଲେ ଶିକ୍ଷକ । ହାତରେ ଲାଗିଥିଲା ସାଲାଇନ । ଅନ୍ୟ ଜଣଙ୍କ ସହଯୋଗରେ ସାଲାଇନ ଲଗାଇ, ସ୍କୁଲ ଆସିଥିଲେ ଶିକ୍ଷକ । କିନ୍ତୁ କାହିଁକି ଓ କଣ ପାଇଁ ହାତରେ ସାଲାଇନ ଲଗାଇ ସ୍କୁଲ ଆସିଥିଲେ ଶିକ୍ଷକ ? ରୋଗ ହୋଇଥିଲେ, ଛୁଟି ନେଲେ ନାହିଁ କାହିଁକି... ? କିନ୍ତୁ ଏଠି ଛୁଟିକୁ ନେଇ ବିବାଦ । ପରିବାରର ଜଣକର ମୃତ୍ୟୁ ପରେ, ଛୁଟି ଆବେଦନ କଲାପରେ, ଛୁଟି ବଦଳରେ ମିଳିଲା ଅଧିକ କାମର ଦାୟିତ୍ୱ । ଶବ ସତ୍କାର ସହିତ ସ୍କୁଲର କାମ କରି ଅସୁସ୍ଥ ହେଲେ ଶିକ୍ଷକ । ତଥାପି ଛୁଟି ଦେଲେନି ପ୍ରିନିସିପାଲ । ତେଣୁ ସାଲାଇନ ଲଗାଇ, ଶିକ୍ଷକ ସ୍କୁଲ ଆସିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି। ଓଡିଶା ଆଦର୍ଶ ବିଦ୍ୟାଳୟ, ଭଇଁଷା । କିନ୍ତୁ ଦେଖିବାକୁ ମିଳିଛି ସ୍କୁଲ ଆଗରେ ରୋଗୀ । ହାତରେ ସାଲାଇନ ଲାଗିଛି । ମୁହଁ ଶୁଖିଯାଇଛି । ଦେଖିଲେ ଅସୁସ୍ଥ ରୋଗୀ ଭଳି ଲାଗୁଛି । ସତେ ଯେମିତି, ହସପିଟାଲକୁ ଆସିଛନ୍ତି । କିନ୍ତୁ ହସପିଟାଲ ବଦଳରେ କାହିଁକି ସ୍କୁଲ ଆସିଲେ ରୋଗୀ ଜଣକ । କଥା ବୁଝୁ ବୁଝୁ ଜଣାପଡିଲା, ଦୁଇ ଦିନ ଧରି ଛୁଟି ମାଗି ବିଫଳ ହେଲା ପରେ, ସାଲାଇନ ଲଗାଇ ସ୍କୁଲ ଆସିଛନ୍ତି ଶିକ୍ଷକ ।

ଜୀବନ ଅମୃତ ଅନୁଚିନ୍ତା

ଜୀବନର ସଙ୍କଳ୍ପ-ଜୀବନ କହିଲେ କେବଳ ଧନ ସମ୍ପଦକୁ ବୁଝାଏ ନାହିଁ। ଜୀବନ ହେଉଛି କର୍ମର ସମ୍ଭାର। ଜୀବନ ହେଉଛି ଏକ ସଙ୍କଳ୍ପ ଯାହାର ଉଦ୍ଦେଶ୍ୟ କେବଳ ଈଶ୍ୱରଙ୍କ ନିର୍ଦ୍ଦେଶକୁ ପରିପାଳନ କରିବା।

SANCHAR
ସଂଚାର

୪ ଶନିବାର ୮ ମାର୍ଚ୍ଚ ୨୦୨୫, ଭୁବନେଶ୍ୱର
Saturday 8 March 2025 Bhubaneswar


# ଅପରିଣାମଦର୍ଶୀ ନିଷ୍ପତ୍ତି

ଜଣେ ବିଚାରଶକ୍ତିହୀନ ଶାସକଙ୍କ ଅପରିଣାମଦର୍ଶୀ ନିଷ୍ପତ୍ତି ଫଳରେ ସାରା ବିଶ୍ୱ ଏବଂ ମାନବ ସମାଜକୁ କିପରି କ୍ଷତିଗ୍ରସ୍ତ ହେବାକୁ ପଡ଼ିଥାଏ, କିପରି ସମଗ୍ର ବିଶ୍ୱ ଏହା ଦ୍ୱାରା ପ୍ରଭାବିତ ହୋଇଥାଏ ତାହାର ନିଛକ ଉଦାହରଣ ହେଲା ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକାଧିକ ବିବାଦୀୟ ନିଷ୍ପତ୍ତି। ତାଙ୍କ ଅହଂକାର, ହାମବଡ଼ା ନୀତି ଯୋଗୁ ଆଜି ସାରା ବିଶ୍ୱରେ ହାହାକାର ପଡ଼ିଯାଇଛି। ରାଷ୍ଟ୍ରପତି ଭାବେ ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ଦାୟିତ୍ୱଗ୍ରହଣ କରିବା ପରେ ବିଶ୍ୱ ଅର୍ଥନୀତି, କୂଟନୀତିରେ ବଡ଼ ପରିବର୍ତ୍ତନ ଲକ୍ଷ୍ୟ କରାଯାଉଛି। ଟ୍ରମ୍ପଙ୍କ ଏକଚାଟିଆ କାରବାର ଆଗରେ ସାରା ବିଶ୍ୱ ହତଚକିତ ହୋଇଛି। ଜଣେ ବିଶ୍ୱନେତା ଭାବେ ନୁହେଁ, ଜଣେ ଅହଂକାରୀ, ଏକଛତ୍ରବାଦୀ ଶାସକ ଏବଂ ବେପାରୀ ଭଳି ସେ ଆଚରଣ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଆମେରିକା ପ୍ରଥମେ ନୀତି ସାରା ବିଶ୍ୱପାଇଁ ମହଙ୍ଗା ପଡ଼ୁଛି। ଆମେରିକା ରାଷ୍ଟ୍ରପତି ଭାବେ ନିଜ ଦେଶର ସ୍ୱାର୍ଥ ରକ୍ଷା ଦାୟିତ୍ୱ ତାଙ୍କର। ସେଥିରେ କାହାର କିଛି ଆପତ୍ତି ନାହିଁ। ଏହା ତାଙ୍କର ଦାୟିତ୍ୱ ଏବଂ ନିଜସ୍ୱ ଅଧିକାର। କିନ୍ତୁ ଅନ୍ୟକୁ ଆଘାତ ଦେବାର ଅଧିକାର ତାଙ୍କର ନାହିଁ। ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବା ଟ୍ରମ୍ପ ପ୍ୟାରିସ ଜଳବାୟୁ ଚୁକ୍ତିରୁ ଆମେରିକା ଓହରିଯିବା ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ସଦସ୍ୟତାକୁ ବାତିଲ କରିବା ନିମନ୍ତେ ଦୁଇଟି ନିଷ୍ପତ୍ତି ନେଲେ। ଏବେ ଆମେରିକା ଜାତିସଂଘ, ବିଶ୍ୱବ୍ୟାଙ୍କ, ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିରୁ ଓହରିଯିବାକୁ ଚିନ୍ତା କରୁଥିବା ସଙ୍କେତ ମିଳିଛି। ଟ୍ରମ୍ପଙ୍କ ପ୍ରମୁଖ ପରାମର୍ଶଦାତା ଭାବେ ପରିଚିତ ଏଲନ ମସ୍କ ଏବଂ ଅନ୍ୟ କେତେକ ବେପାରୀ ତାଙ୍କୁ ଏଭଳି ଦୁର୍ବୁଦ୍ଧି ଦେଉଛନ୍ତି। ଈଶ୍ୱର କରନ୍ତୁ ଟ୍ରମ୍ପଙ୍କ ସଦବୁଦ୍ଧି ଉଦୟ ହେଉ ଏବଂ ସେ ଏଭଳି ଅପ୍ରୀତିକର ନିଷ୍ପତ୍ତିରୁ ଓହରି ଯାଆନ୍ତୁ। ଟ୍ରମ୍ପ କ୍ଷମତାସୀନ ହେବା ପରେ ଆମେରିକା ସହ ଏହାର ବନ୍ଧୁ ରାଷ୍ଟ୍ରମାନଙ୍କ ସମ୍ପର୍କ ତିକ୍ତ ହୋଇଛି। ଏବେ ଆମେରିକା ନାଟୋରୁ ଓହରିଯିବାକୁ ଚିନ୍ତା କରୁଛି। ଆମେରିକାର ବନ୍ଧୁ ରାଷ୍ଟ୍ର ଇଂଲଣ୍ଡ, ଫ୍ରାନ୍ସ ଆଦି ରାଷ୍ଟ୍ରଙ୍କ ପ୍ରତି ଟ୍ରମ୍ପଙ୍କ ବ୍ୟବହାର, କଟୁକ୍ତି ଏବଂ ଛଳନାତ୍ମକ ଆଚରଣ ଅସହ୍ୟ ଏବଂ ଏହାକୁ ଅପ୍ରତ୍ୟାଶିତ ବୋଲି କୁହାଯାଇପାରେ। ଦୀର୍ଘ ବର୍ଷ ହେବ ଆମେରିକା ଯେଉଁ ରାସ୍ତାରେ ଯାଉଥିଲା, ବିଶ୍ୱ ନେତାଭାବେ ଦାୟିତ୍ୱ ବହନ କରି ଆସୁଥିଲା, ତାହା ଏବେ ବ୍ୟାହତ ହେବ। ଏଥିରେ ଆମେରିକାର ନେତୃତ୍ୱକୁ କିଏ କାହିଁକି ଗ୍ରହଣ କରିବ? ଆମେରିକା ବିଶ୍ୱର ସବୁଠାରୁ ଧନଶାଳି ଏବଂ ଶକ୍ତିଶାଳି ରାଷ୍ଟ୍ର ହୋଇପାରେ। କିନ୍ତୁ ବିଶ୍ୱର ଅନ୍ୟ ଦେଶମାନଙ୍କୁ ଉପେକ୍ଷା କରି, ସେମାନଙ୍କୁ ଅଣଦେଖା କରି ଆମେରିକା ନିଜର ପ୍ରଭୁତ୍ୱ ସାବ୍ୟସ୍ତ କରିପାରିବ ନାହିଁ। ଟ୍ରମ୍ପ ଇତିମଧ୍ୟରେ ବିଭିନ୍ନ ଦେଶରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି। ସବୁଠାରୁ ଅଧିକ ଟାରିଫ ବଢ଼ିଛି ଚୀନରୁ ଆମଦାନୀ ହେଉଥିବା ସାମଗ୍ରୀ ଉପରେ। ଭାରତ ମଧ୍ୟ ଏଥିରେ ପ୍ରଭାବିତ ହେବାକୁ ଯାଉଛି। ଟ୍ରମ୍ପଙ୍କ ବ୍ଲାକମେଲିଂ ଆଗରେ ଅନେକ ମୁଣ୍ଡ ନୁଆଁଇବାକୁ ବାଧ୍ୟ ହୋଇପାରନ୍ତି। କିନ୍ତୁ ତାହା ଦୀର୍ଘସ୍ଥାୟୀ ହେବ ନାହିଁ। ଏମିତି ସମୟ ଆସିବ ଆମେରିକା ବିଶ୍ୱରେ ଏକଘରିକିଆ ହୋଇଯିବ। ଟ୍ରମ୍ପ ଗୋଟିଏ ପଟେ ଚୀନ ସହ ଶତ୍ରୁତା କରୁଥିବା ବେଳେ ରଷିଆ ସହ ହାତ ମିଳାଇଛନ୍ତି। ୟୁକ୍ରେନ ଉପରେ ରଷିଆ ଆକ୍ରମଣକୁ ତିନି ବର୍ଷ ତଳେ ଆମେରିକା ନିନ୍ଦା କରୁଥିଲା ଏବଂ ୟୁକ୍ରେନକୁ ସାମରିକ ତଥା ଆର୍ଥିକ ସହାୟତା ପ୍ରଦାନ କରୁଥିଲା। ଏବେ ଟ୍ରମ୍ପ ପୁଟିନଙ୍କ ସହ ହାତ ମିଳାଇ ୟୁକ୍ରେନ ପ୍ରତି କ୍ରୁର ଆଚରଣ ପ୍ରଦର୍ଶନ କରୁଛନ୍ତି। ରଷିଆ ନିକଟରେ ଆତ୍ମସମର୍ପଣ କରିବାକୁ ସେ ୟୁକ୍ରେନକୁ ବାଧ୍ୟ କରୁଛନ୍ତି। ଏହା ସହିତ ୟୁକ୍ରେନକୁ ସମସ୍ତ ପ୍ରକାର ସାମରିକ ସହାୟତାକୁ ଟ୍ରମ୍ପ ବନ୍ଦ କରି ଦେଇଛନ୍ତି। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଧନ୍ୟବାଦ ଦେବାକୁ ପଡ଼ିବ, ତାଙ୍କ ସହାସହକୁ ପ୍ରଶଂସା କରିବାକୁ ପଡ଼ିବ। ସେ ଟ୍ରମ୍ପଙ୍କ ନାଲି ଆଖିକୁ ଖାତିର ନକରି ଆମେରିକା ଛାଡ଼ି ଚାଲିଆସିଲେ। ନିଜ ଘରକୁ ଆସିଥିବା ଜଣେ ଅତିଥୀଙ୍କ ପ୍ରତି ଟ୍ରମ୍ପ ଯେପରି ଆଚରଣ ପ୍ରଦର୍ଶନ କଲେ ତାହା ଅତି ଅସଭ୍ୟ ଏବଂ ଅଭଦ୍ରୋଚିତ। ଏହାକୁ ଯେତେ ନିନ୍ଦା କଲେ ବି କମ ହେବ। ଏବେ ଆମେରିକାର ବିଶ୍ୱସନୀୟତା ହ୍ରାସ ପାଉଛି। ଏହାର ସୁଯୋଗ ନେବ ଚୀନ। ଆମେରିକାକୁ ପଛରେ ପକାଇ ଚୀନ ବିଶ୍ୱ ନେତା ହେବାକୁ ବେଶୀ ଡେରି ଲାଗିବ ନାହିଁ। ଟ୍ରମ୍ପ ମନେ ରଖିବା ଉଚିତ ଯେ ସେ ସବୁଦିନ କ୍ଷମତାରେ ରହିବେ ନାହିଁ। କିନ୍ତୁ ସେ ନିଜ ଦେଶର ଯେଉଁ କ୍ଷତିସାଧାନ କରି ଚାଲିଯିବେ, ତାହା ଭବିଷ୍ୟତରେ ଦେଶ ପାଇଁ ମହଙ୍ଗା ସାବ୍ୟସ୍ତ ହେବ। ଭାରତ ମଧ ଏବେ ସତର୍କ ରହିବାର ସମୟ। ଆମେରିକାର ଶକ୍ତି ହେଲା ହାର ଡଲାର। ଯେଉଁଦିନ ବିଶ୍ୱବାସୀ ଆମେରିକୀୟ ଡଲାରକୁ ପ୍ରତ୍ୟାଖ୍ୟାନ କରିବେ, ସେହିଦିନ ଆମେରିକା ଶକ୍ତିହୀନ ହୋଇଯିବ।

ଇତିମଧରେ ୟୁକ୍ରେନ ଉପରେ ରଷିଆର ଆକ୍ରମଣକୁ ୩ ବର୍ଷ ଅତିକ୍ରାନ୍ତ ହୋଇଛି। ଯୁଦ୍ଧ ଆରମ୍ଭରେ କେହି କଳ୍ପନା କରିନଥିଲେ ଯେ, ଏହା ଏତେ ଦିନ ଚାଲିବ। ୟୁକ୍ରେନ ତୁଳନାରେ ରଷିଆର ସାମରିକ ଶକ୍ତି ବହୁ ଅଧିକ। ତେଣୁ ଯୁଦ୍ଧ ୧୫ ଦିନରେ ସରିଯିବ ଏବଂ ୟୁକ୍ରେନ ରଷିଆ ନିକଟରେ ମୁଣ୍ଡ ନୁଆଁଇବ ବୋଲି ଅନେକ ବିଚାର କରିଥିଲେ। କିନ୍ତୁ ୩ ବର୍ଷ ପରେ ମଧ ୟୁକ୍ରେନ ଆତ୍ମସର୍ପଣ କରିନାହିଁ। ଯଦିଓ ରଷିଆ ଯୁଦ୍ଧରେ ଏହାର ଶତ ପ୍ରତିଶତ ଶକ୍ତି ବିନିଯୋଗ କରିନାହିଁ, କିନ୍ତୁ ତଥାପି ରଷିଆ ଆକ୍ରମଣକୁ ୟୁକ୍ରେନ ଆଜି ପର୍ଯ୍ୟନ୍ତ ପ୍ରତିହତ କରିବା ଏକ ବଡ଼ କଥା। ଏଥିପାଇଁ ୟୁକ୍ରେନବାସୀଙ୍କ ସାହସ ପ୍ରଶଂସନୀୟ। ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଏହି ଯୁଦ୍ଧରେ ଧୈର୍ଯ୍ୟ ଓ ସାହସର ପ୍ରମାଣ ଦେଇଛନ୍ତି। ଯୁଦ୍ଧରେ ରଷିଆର ମୁକାବିଲା ନିମନ୍ତେ ସେ ପାଶ୍ଚାତ୍ୟ ରାଷ୍ଟ୍ରରୁ ସହାୟତା ପାଇଛନ୍ତି। ତିନି ବର୍ଷ କାଳ ଯୁଦ୍ଧ ଲାଗିବା ସତ୍ତ୍ୱେ ୟୁକ୍ରେନର ଅର୍ଥନୀତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିନି। ରଷିଆ ସହ ସାଲିସ କରିବା ଏବଂ ଯୁଦ୍ଧ ବିରତି ଲାଗି ତାଙ୍କ ଉପରେ ବିଭିନ୍ନ ଦିଗରୁ ଚାପ ପଡ଼ିଛି। ଏହାକୁ ସେ ଦୃଢ଼ତାର ସହ ଏଡ଼ାଇ ଚାଲିଛନ୍ତି। ଆମେରିକାରେ ଡୋନାଲ୍ଡ ଟ୍ରମ୍ପ ରାଷ୍ଟ୍ରପତି ହେବା ପରେ ଆଶା କରାଯାଉଥିଲା ଯେ, ଏଥର ରଷିଆ-ୟୁକ୍ରେନ ଯୁଦ୍ଧର ପରିସମାପ୍ତି ହେବ। ରଷିଆ ରାଷ୍ଟ୍ରପତି ପୁଟିନଙ୍କ ସହ ଟ୍ରମ୍ପ ଆଲୋଚନା କରିବା ପରେ ଯୁଦ୍ଧର ପରିସମାପ୍ତି ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ଆଲୋଚନାରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କିଙ୍କୁ ଆଶ୍ଚର୍ଯ୍ୟଜନକ ଭାବେ ବାଦ ଦିଆଗଲା। ଏହା ୟୁକ୍ରେନ ପାଇଁ ନିହାତି ଅପମାନଜନକ। ୟୁକ୍ରେନକୁ ଆଲୋଚନା ପ୍ରକ୍ରିୟାରେ ସାମିଲ ନକରି ଶାନ୍ତି ପ୍ରତିଷ୍ଠା ଅସମ୍ଭବ ଏବଂ ଏକପାଖିଆ ଭାବେ କୋୖଣସି ନିଷ୍ପତ୍ତିକୁ ୟୁକ୍ରେନ ଗ୍ରହଣ କରିବ ନାହିଁ ବୋଲି ଜେଲେନସ୍କି ସ୍ପଷ୍ଟ କରି ଦେଇଛନ୍ତି। ଇତିମଧରେ ୱାଶିଂଟନ ଗସ୍ତରେ ଯାଇ ଜେଲେନସ୍କି ହ୍ୱାଇଟ ହାଉସରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ ଆଲୋଚନା କରିଛନ୍ତି। ଆଲୋଚନା ବେଳେ ଜେଲେନସ୍କି ଓ ଟ୍ରମ୍ପଙ୍କ ମଧରେ ଉଚ୍ଚବାଚ ଏବଂ କଥା କଟାକଟି ହୋଇଥିଲା। ରଷିଆ ରାଷ୍ଟ୍ରପତି ପୁଟିନଙ୍କୁ ଜେଲେନସ୍କି ଜଣେ ହତ୍ୟାକାରୀ ଭାବେ ବର୍ଣ୍ଣନା କରି ତାଙ୍କ ସହ କୋୖଣସି ପ୍ରକାର ସାଲିସ କରାଯାଇପାରିବ ନାହିଁ ବୋଲି କହିଛନ୍ତି। ଟ୍ରମ୍ପଙ୍କ ଧମକ୍ ଆଗରେ ସେ ମୁଣ୍ଡ ନୁଆଁଇବାକୁ ସ୍ପଷ୍ଟ ମନା କରି ଦେଇଛନ୍ତି। ଆଲୋଚନା ବେଳେ ଟ୍ରମ୍ପ କହିଥିଲେ ଯେ, ଯଦି ତାଙ୍କ ପ୍ରସ୍ତାବକୁ ଜେଲେନସ୍କି ଗ୍ରହଣ କରୁ ନାହାଁନ୍ତି ତେବେ ସେ ଆଲୋଚନା ପ୍ରକ୍ରିୟାରୁ ଓହରିଯାଉଛନ୍ତି। ଟ୍ରମ୍ପଙ୍କ ନାଲିଆଖିକୁ ଜେଲେନସ୍କି ଖାତିର ନକରି ହ୍ୱାଇଟ ହାଉସରୁ ବାହାରି ଆସିଛନ୍ତି। ହ୍ୱାଇଟ ହାଉସରେ ବସି ଆମେରିକା ରାଷ୍ଟ୍ରପତିଙ୍କ ସହ ଯୁକ୍ତି ତର୍କ କରିବା ଏବଂ ଆମେରିକା ରାଷ୍ଟ୍ରପତିଙ୍କ ନାଲିଆଖିକୁ ଖାତିର ନକରିବା ଜେଲେନସ୍କିଙ୍କ ସ୍ୱାଭିମାନ ଏବଂ ସାହସକୁ ପ୍ରମାଣିତ କରୁଛି। ନିଜ ଦେଶର ସମ୍ମାନ ଏବଂ ସାର୍ବଭୋୖମତ୍ୱ ସହ ସେ ସାଲିସ କରିନାହାଁନ୍ତି। ବାସ୍ତବରେ ସେ ୟୁକ୍ରେନର ରାଷ୍ଟ୍ରପତି ହେ୧ବାକୁ ଯୋଗ୍ୟ। ଉଭୟ ଆମେରିକା ଏବଂ ରଷିଆ ଭଳି ବିଶ୍ୱର ଦୁଇ ମହାଶକ୍ତିଙ୍କ ମୁକାବିଲା କରିବା ସହଜ ନୁହେଁ। ଅନ୍ୟ ପକ୍ଷରେ ରାଷ୍ଟ୍ରପତି ଟ୍ରମ୍ପଙ୍କ ହାମ ବଡ଼ା ନୀତି ଏବେ ସମଗ୍ର ବିଶ୍ୱପାଇଁ ଚିନ୍ତାର କାରଣ ହୋଇଛି। ନିଜ ଦେଶରେ ବସବାସ କରୁଥିବା ବେଆଇନ ପ୍ରବାସୀ ବା ଅନୁପ୍ରବେଶକାରୀଙ୍କୁ ବିଦା କରିବାର ଅଧିକାର ତାଙ୍କର ରହିଛି। କିନ୍ତୁ ଟ୍ରମ୍ପ ଯେପରି ଭାବେ ବିଭିନ୍ନ ଦେଶର ସାମଗ୍ରୀ ଆମଦାନୀ ଉପରେ ଟାରିଫ ବୃଦ୍ଧି କରିଛନ୍ତି ତାହା ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ଗଭୀର ପ୍ରଭାବ ପକାଇଛି। ସେୟାର ବଜାର ଭୁଶୁଡ଼ିଛି। ନିବେଶକ ମାନେ ବିପୁଳ କ୍ଷତି ସହିଛନ୍ତି। ଟ୍ରମ୍ପଙ୍କ ପାଗଳାମି ସମସ୍ତଙ୍କ ପାଇଁ ମହଙ୍ଗା ପଡ଼ିଛି। ତାଙ୍କର ଆମେରିକା ପ୍ରଥମେ ନୀତିକୁ କେହି ବିରୋଧ କରୁନାହାଁନ୍ତି। କିନ୍ତୁ ସେ ଯେପରି ଭାବେ ଅନ୍ୟ ଦେଶକୁ ଅଣଦେଖା କରୁଛନ୍ତି ଏବଂ ହେୟଜ୍ଞାନ କରୁଛନ୍ତି ତାହା ନିଶ୍ଚିତ ଭାବେ ନିନ୍ଦନୀୟ।

# ମହିଳା ଦିବସର ଅଭିପ୍ରାୟ



## ନିରୁପମା ଭୂୟାଁ



ଆଜି ମହିଳାମାନଙ୍କୁ ରୋଷେଇ ଘରର କର୍ମୀ ଭାବରେ ହୀନ ଦୃଷ୍ଟିର ଦେଖାଯାଉଛି। ମହିଳାମାନେ ଅଧ୍ୟୟନ କରିପାରିବେ, ଚାକିରୀ କରିପାରିବେ, କିନ୍ତୁ ସେମାନେ ନିଜର ଘରକରଣା ସମ୍ବନ୍ଧୀୟ କର୍ତ୍ତବ୍ୟର ଅବହେଳା କରିବା ଉଚିତ ନୁହେଁ। ଯଦି ଉଭୟ ସ୍ୱାମୀ ଓ ସ୍ତ୍ରୀ ଅଫିସ ଯାଆନ୍ତି, ତେବେ ଘରର ଦାୟିତ୍ୱ କିଏ ବୁଝିବ? ଯଦି ମହିଳାମାନେ ପିଲାମାନଙ୍କୁ ପଢ଼ାଇବା ପାଇଁ ସ୍କୁଲ ଯାଆନ୍ତି ତେବେ ସେମାନଙ୍କ ନିଜ ପିଲାମାନଙ୍କୁ କିଏ ଶିକ୍ଷା ଦେବ? ମାତାମାନେ ସେମାନଙ୍କ ପିଲାମାନଙ୍କର କଲ୍ୟାଣ ପାଇଁ ଦାୟୀ। ସେମାନେ ନିଜର ପିଲାମାନଙ୍କୁ ଆଧାତ୍ମିକ ବାଟ ମଧ ଦେଖାନ୍ତି। ତେଣୁ ନିଜର ମାତାଙ୍କୁ କଦାପି ଭୁଲି ଯାଅ ନାହିଁ। ଏହି ପ୍ରସଙ୍ଗରେ ଏକ ଆଦର୍ଶ ସ୍ଥାପନ କରିବା ପାଇଁ ଶ୍ରୀ ସତ୍ୟସାଇ ବାବା ତାଙ୍କ ଜନ୍ମ ଦିନରେ ତାଙ୍କ ପିତାମାତାଙ୍କ ସମାଧିକୁ ଯାଇଥାନ୍ତି। ଏପରି କି ସ୍ୱୟଂ ଭଗବାନ ଶ୍ରୀସତ୍ୟ ସାଇବାବା ମଧ ଏପରି ପବିତ୍ର କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି ବୋଲି ଏହି ଉତ୍ତମ ଭାବନା ଲୋକମାନଙ୍କ ହୃଦୟରେ ବପନ କରିବା ପାଇଁ ସେ କରିଥାନ୍ତି। ପ୍ରତ୍ୟେକ ବ୍ୟକ୍ତି ନିଜର ମାତାଙ୍କୁ ଆଦର ସମ୍ମାନ, ପୂଜା ଓ ପ୍ରେମ କରିବା ଉଚିତ। ମାତାଙ୍କ ପ୍ରତି ଆଦର ଓ ପ୍ରେମ ବିକଶିତ କରିବା ପାଇଁ ଭଗବାନ ବାବା ମହିଳା ଦିବସ ଆରମ୍ଭ କରିଛନ୍ତି। ପ୍ରତି ମାସର ୧୯ ତାରିଖରେ ଶ୍ରୀସତ୍ୟସାଇ ସେବା ସଙ୍ଗଠନ ତାଙ୍କର ସମସ୍ତ ଶାଖା ଅନୁଷ୍ଠାନରେ ମହିଳା ଦିବସ ପାଳନ କରିଥାନ୍ତି। ପରିସ୍ଥିତି ଭଲ ବା ମନ୍ଦ ଯାହା ହେଉ ନା କାହିଁକି ଆମର ମାତାଙ୍କୁ ଭୁଲି ଯିବା ଉଚିତ ନୁହେଁ। କଳିଯୁଗର ପ୍ରଭାବ ଯୋଗୁଁ ଲୋକମାନେ ସେମାନଙ୍କର ମାଆ ମାନଙ୍କୁ କେବଳ ରୋଷେଇଆ ଭାବରେ ଦେଖୁଛନ୍ତି। କେବଳ ସେତିକି ନୁହେଁ ସେମାନଙ୍କୁ ଚାକର ସ୍ତରକୁ ଖସାଇ ଦିଆଯାଇଛି। ଆଜି ମଣିଷ ଉପରେ ଏହି ଦୁର୍ଭାଗ୍ୟ ପଡ଼ିଛି।

ଭିକ୍ଷୁକ ଘରକୁ ଆସି ଡାକ ପକାଏ, "ଭବତି ଭିକ୍ଷାଂ ଦେହି'। ସେ ସତର୍କ କରାଇ ଦିଏ, "ହେ ଗୃହସ୍ଥ ଓ ଗୃହିଣୀ, ପୂର୍ବ ଜନ୍ମରେ ମୁଁ ଭିକାରୀକୁ ଭିକ' ଦେଇ ନଥିଲି। ଫଳରେ ମୁଁ ଆଜି ତୁମ ଦ୍ୱାର ଦେଶରେ ଭିକ ମାଗିବାକୁ ଠିଆ ହୋଇଛି। ସେହି ଭୁଲ କର ନାହିଁ। ମୁଁ ତିନି ଜନ୍ମ ଧରି ଭିକାରୀ ହୋଇଛି। ପୂର୍ବ ଜନ୍ମରେ ମୁଁ ଭିକାରୀମାନଙ୍କୁ ଭିକ ଦେଇ ନଥିଲି। ଏହି ଜନ୍ମରେ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ ହୋଇଥିବା ଯୋଗୁଁ ମୁଁ କିଛି ଦାନ ଦେଇପାରୁ ନାହିଁ। ଫଳରେ ପର ଜନ୍ମରେ ମୁଁ ପୁଣି ଭିକାରୀ ହେବି। ସାବଧାନ ସେ କାହାକୁ ଭିକ୍ଷା ମାଗୁଛି? ସେ କହେ, "ଭିକ୍ଷାଂ ଦେହି'। "ଦେହି' ଅନ୍ତର୍ବାସୀଙ୍କୁ ସୂଚିତ କରେ। ପଞ୍ଚମହାଭୂତରେ ଗଠିତ ଏହି ଶରୀର ଦିନେ ନା ଦିନେ ନଷ୍ଟ ହୋଇଯିବ। ଅନ୍ତର୍ବାସୀଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ ଏବଂ କୌଣସି ପ୍ରକାର ଆସକ୍ତି ନାହିଁ। ପ୍ରକୃତରେ କହିବାକୁ କଲେ ଅନ୍ତର୍ବାସୀଙ୍କ ହେଉଛନ୍ତି ସ୍ୱୟଂ ଭଗବାନ। ତେଣୁ ଭିକ୍ଷୁକ ଅନ୍ତର୍ବାସୀଙ୍କୁ ସମ୍ବୋଧନ କରେ, ଗୃହସ୍ଥ ବା ଗୃହିଣୀଙ୍କୁ ନୁହେଁ। ସେ ଭଗବାନଙ୍କ ଠାରୁ ଭିକ୍ଷା ମାଗେ। ସମସ୍ତଙ୍କୁ ଭଗବାନଙ୍କ ଠାରୁ ଭିକ୍ଷା ମାଗିବାକୁ ପଡ଼ିବ। ଭଗବାନ ଆମକୁ ସବୁ ପ୍ରକାର ଭିକ୍ଷା ଦେଇପାରିବେ - ଟଙ୍କା, ଶିକ୍ଷା, ଜ୍ଞାନ, ବୁଦ୍ଧି ଇତ୍ୟାଦି। ଆମେ ଭଗବାନଙ୍କ ଠାରୁ ଯାହା ପାଇଛେ ତାହା ସମସ୍ତଙ୍କୁ ବିତରଣ କରିବା ଉଚିତ। ଆମେ ଆମର ଧନ ଓ ଜ୍ଞାନ ଅନ୍ୟମାନଙ୍କୁ ବିତରଣ କଲେ ହିଁ ଏହା ସର୍ବଦା ଆମ ପାଖରେ ରହିବ। ତ୍ୟାଗ ମଣିଷ ପାଇଁ ଅତି ଆବଶ୍ୟକ। ଏହା ଅମରତ୍ୱ ଆଡ଼କୁ ପାହାଚ ଅଟେ।

ମାତା ନିଜର ସନ୍ତାନମାନଙ୍କ ପାଇଁ ନିଜର ଜୀବନ ମଧ ତ୍ୟାଗ କରିବାକୁ ପ୍ରସ୍ତୁତ। ସେଥିପାଇଁ ଏହି ଭାରତ ବର୍ଷରେ ମାତାଙ୍କୁ ଏପରି ଉଚ୍ଚ ସ୍ଥାନ ଦିଆଯାଇଛି। ଜନନୀ ଜନ୍ମଭୂମିଶ୍ଚ ସ୍ୱର୍ଗାଦପି ଗରୀୟସୀ ବୋଲି ଶ୍ରୀରାମ କହିଥିଲେ। ରାମଙ୍କର ଏହି ଆଦର୍ଶ ଆଜି ବିସ୍ମୃତ ହୋଇଯାଇଛି। କେବଳ ରାମ ନାମ ଜପ କରିବା ଯଥେଷ୍ଟ ନୁହେଁ। ଆମେ ତାଙ୍କର ଆଦେଶ ଅନୁସରଣ କଲେ ହିଁ ପ୍ରକୃତ ଭକ୍ତ ବୋଲାଇପାରିବା। ନିଜର ମାତାଙ୍କୁ ଭକ୍ତି ଓ ପ୍ରେମ କରିବା ଉଚିତ ଏବଂ କଦାପି ତାଙ୍କ ଭାବନାକୁ ଆଘାତ ଦେବା ଉଚିତ ନୁହେଁ, ଏହା ମହିଳା ଦିବସ ସ୍ମରଣ କରାଏ।

ଶଙ୍କରାଚାର୍ଯ୍ୟ ତାଙ୍କ ଆଶ୍ରମରେ ଦୁଇ ଜଣ ପ୍ରହରୀ ନିଯୁକ୍ତି କରିଥିଲେ। ସେମାନେ "ତସ୍ମାତ୍ ଜାଗ୍ରତ ଜାଗ୍ରତ' କହି ଚାରିପଟେ ବୁଲୁଥିଲେ। ଥରେ ଏପରି ହେଲା ଯେ ଶଙ୍କରାଚାର୍ଯ୍ୟ ତାଙ୍କ ମଠରୁ ଭୌତିକ ଉପଲବ୍ଧି ଓ ଧନସଂପତ୍ତି ବିଷୟରେ ଚିନ୍ତା କରୁଥିଲେ। ସେ ଦ୍ୱାରଦେଶରେ ପହଞ୍ଚିବା ବେଳକୁ ପ୍ରହରୀମାନଙ୍କୁ "ତସ୍ମାତ୍ ଜାଗ୍ରତ ଜାଗ୍ରତ' ଆବୃତ୍ତି କରୁଥିବାର ଶୁଣିଲେ। ଏହା ତାଙ୍କୁ ନିଜର ଦୋଷ ଉପଲବ୍ଧି କରାଇଥିଲେ। ତାପରେ ସେ କହିଲେ "ଜନ୍ମ ଦୁଃଖଂ ଜରା ଦୁଃଖଂ ଜାୟ ଦୁଃଖଂ ପୁନଃ ପୁନଃ। ଅନ୍ତକାଳେ ମହାଦୁଃଖଂ ତସ୍ମାତ୍ ଜାଗ୍ରତ ଜାଗ୍ରତ।' କୌଣସି ପ୍ରକାରେ ଆମର ମାତାଙ୍କୁ ଆଘାତ କରିବା ନାହିଁ। ଆମେ କହୁଛ, ସ୍ୱାମୀଙ୍କ ପ୍ରେମ ହଜାର ହଜାର ମାତାଙ୍କ ପ୍ରେମ ସହିତ ସମାନ। ଆମେ ଯେତେବେଳେ ଜଣେ ମାତାଙ୍କର ସ୍ନେହକୁ ହୃଦୟଙ୍ଗମ ଓ ଅନୁଭବ କରି ପାରୁନାହଁ ତେବେ ଆମେ ହଜାରେ ମାତାଙ୍କ ପ୍ରେମକୁ କିପରି ବୁଝିପାରିବା? ଆମେ ଯଦି ଆମ ମାତାଙ୍କୁ ଆନନ୍ଦ ଦେଇପାରୁନାହିଁ, ତେବେ ଆମେ ସ୍ୱାମୀଙ୍କୁ କିପରି ଆନନ୍ଦ ଦେବା? ଆମ ମାତାଙ୍କୁ ଆମେ ଆନନ୍ଦ ଦେଲେ ସ୍ୱାମୀ ଆନନ୍ଦିତ ହେବେ। ସ୍ୱାମୀ କିଛି ଚାହାନ୍ତି ନାହିଁ। ଅନେକ ଲୋକ ବାବାଙ୍କ ସୁଖକର ଜନ୍ମଦିନ କାମନା କରିଥାନ୍ତି। ନିଜର ପିତାମାତା, ବନ୍ଧୁବାନ୍ଧବମାନଙ୍କୁ ସୁଖ ଦିଅ। ଭଗବାନ ପରମାନନ୍ଦ ଓ ଜ୍ଞାନର ସ୍ୱରୂପ, ଅଦ୍ୱୈତ, ଅଦ୍ୱିତୀୟ, ଶାଶ୍ୱତ, ଶୁଦ୍ଧ, ମନ ଓ ତିନିଗୁଣର ଅତୀତ। ଆମେ ତାଙ୍କ ପାଇଁ କିପରି ଆନନ୍ଦ କାମନା କରିପାରିବା? ବାବା ବହୁ ସମୟରେ ଛାତ୍ରମାନଙ୍କୁ କହିଥାନ୍ତି, "ଆନନ୍ଦ ହେଉଛି ଭଗବାନଙ୍କ ସହିତ ମିଳନ।' ପିତାମାତାଙ୍କୁ ଆଦର କଲେ ଭଗବାନ ଖୁସି ହୁଅନ୍ତି ବାବାଙ୍କର କିଛି କାମନା ନାହିଁ। ତୁମେ ଖୁସି ଓ ତୁମର ପିତାମାତାଙ୍କର ଖୁସିରେ ଆନନ୍ଦ ନିହିତ। ପିତାମାତାଙ୍କୁ ଭକ୍ତି ଓ ଉପାସନା କର। ପିତାମାତାଙ୍କର ଖୁସିରେ ଆମର କଲ୍ୟାଣ ନିହିତ। ଯେଉଁମାନେ ନିଜର ପିତାମାତାଙ୍କୁ ଖୁସି କରନ୍ତି ଭଗବାନ ସେମାନଙ୍କ ଉପରେ ନିଜର କରୁଣା ଢ଼ାଳି ଦିଅନ୍ତ। ଆମେ ଆମର ପିଲାମାନଙ୍କ ଠାରୁ ଯେଉଁ ଆଦର ଓ ପ୍ରେମ ପାଉଛ ତାହା ଆମେ ଆମର ପିତାମାତାଙ୍କୁ ଦେଖାଯାଉଥିବା ଆଦର ଓ ପ୍ରେମ ଉପରେ ନିର୍ଭର କରେ।

ଆମେ କେବେ ବିଶ୍ୱ ବିରାଟ ସ୍ୱରୂପ ଦମନ କରିଛେ କି ଯାହାକି ପୃଥିବୀ, ଜଳ, ଆକାଶ ଆଦି ଏହି ଭିତରେ ଦେଖିହେବ। ବ୍ରହ୍ମାଣ୍ଡ ପଞ୍ଚଭୂତରେ ଗଢ଼ା ଏବଂ ସେହି ପଞ୍ଚଭୂତ ଆମ ମାନଙ୍କ ଭିତରେ ଅଛି। ତେଣୁ ଆମ୍ଭେମାନେ ମଧ ବିଶ୍ୱବିରାଟ ସ୍ୱରୂପ। ଭଗବାନ ଆମ ଭିତରେ ଓ ପ୍ରତ୍ୟେକଙ୍କ ଭିତରେ ଅଛନ୍ତି। ତେଣୁ ଅନ୍ୟମାନଙ୍କୁ ଆଘାତ କରିବା ଭଗବାନଙ୍କୁ ଆଘାତ କରିବା ସହିତ ସମାନ। ଅନ୍ୟମାନଙ୍କର ସମାଲୋଚନା ଓ ଦର୍ଶନ କରିବାନାହିଁ। ସମସ୍ତଙ୍କୁ ଭଲ ପାଇବା ଓ ସମସ୍ତଙ୍କର ସେବାକରିବା। ଆମର ପିତାମାତାଙ୍କର ଆଦର, ସମ୍ମାନ ଓ ଉପାସନା କରିବା। ସେମାନେ ହିଁ ଆମ ଜୀବନର ପ୍ରକୃତ ସଂପତ୍ତି। ଆମ୍ଭ ପିତାମାତାଙ୍କର ଆଶୀର୍ବାଦ ଆମକୁ ସ୍ୱାସ୍ଥ୍ୟ ଓ ସଂପଦ ପ୍ରଦାନ କରିବ। ଆମେ ଆମର ପିତାମାତାଙ୍କୁ ଭକ୍ତି ଓ ସେବା କଲେ ଭଗବାନ ଆପେ ଆପେ ଆମ ନିକଟକୁ ଆସିବେ।

ପୁଣ୍ଡରୀକ ପ୍ରତିଦିନ ଶ୍ରୀ ପାଣ୍ଡୁରଙ୍ଗ ମନ୍ଦିରକୁ ଯାଉଥିଲା। ଦିନେ ସେ ତାର ପିତାମାତାଙ୍କ ସେବାରେ ଏତେ ନିମଗ୍ନ ହୋଇପଡ଼ିଲା ଯେ ସେ ମନ୍ଦିରକୁ ଯାଇପାରିଲା ନାହିଁ। ତେଣୁ ପ୍ରଭୁ ପାଣ୍ଡୁରଙ୍ଗ ନିଜେ ପୁଣ୍ଡରିକ ପାଖକୁ ଆସିଲେ। ସେତେବେଳେ ପୁଣ୍ଡରୀକ ତା ପିତାମାତାଙ୍କ ଗୋଡ଼ ମୋଡି ଦେଉଥିଲା। ପୁଣ୍ଡରୀକ ପିତାମାତାଙ୍କ ସେବାରେ ବ୍ୟସ୍ତ ଥିବାରୁ ସେ ପ୍ରଭୁ ପାଣ୍ଡୁରଙ୍ଗଙ୍କୁ ଟିକିଏ ଅପେକ୍ଷା କରିବାକୁ କହିଲା। ଏହା କହି ସେ ଇଟାଖଣ୍ଡିଏ ପ୍ରଭୁଙ୍କ ପାଖକୁ ବଢ଼ାଇ ଦେଲା। କାରଣ ସେ କାଳରେ ଚୌକି ବା ସୋଫା ନଥିଲା। ପିତାମାତାଙ୍କ ସେବା କରି ସାରିବା ପରେ ପୁଣ୍ଡୁରୀକ ପ୍ରଭୁ ପାଣ୍ଡୁରଙ୍ଗାଙ୍କର ଯୋଗ୍ୟ ଉପାସନା କଲା। ପିତାମାତାଙ୍କ ପ୍ରତି ତାର ଭକ୍ତି ଭାବ ଦେଖି ପ୍ରଭୁ ଅତିଶୟ ପ୍ରୀତ ହୋଇଥିଲେ ଏବଂ ତାକୁ ଆଶୀର୍ବାଦ କରି କହିଥିଲେ, "ତୁମର ଆଚରଣ ଉତ୍ତମ ହେଲେ ଭଗବାନ ଆପେ ଆପେ ତୁମ ପାଖକୁ ଆସିବେ। ପିତାମାତାଙ୍କ ସେବାଠାରୁ ବଳି ବଡ଼ ସେବା ଆଉ କିଛି ନାହିଁ। ପିତାମାତାଙ୍କ ସେବାକୁ ଭଗବତ୍ ସେବା ବୋଲି ଭାବ'। ଆମେ ଭଗବାନଙ୍କ ନିକଟକୁ ଯିବା ଦରକାର ନାହିଁ, କିନ୍ତୁ ଭଗବାନଙ୍କୁ ଆମ ପାଖକୁ ଆସିବାକୁ ଦେବା ଉଚିତ। ଜଣେ ନିଜର ସ୍ତ୍ରୀକୁ ବାଛିପାରେ, କିନ୍ତୁ ନିଜର ପିତାମାତାଙ୍କୁ ନୁହେଁ। କେବଳ ଭଗବାନ ନିଜର ପିତାମାତାଙ୍କୁ ବାଛି ଥାଆନ୍ତି। ମୁଁ ଚାହୁଁଛି ଯେ ତୁମେମାନେ ତୁମର ପିତାମାତାଙ୍କର ଆଶୀର୍ବାଦ ଲାଭ କର ଏବଂ ସମଗ୍ର ପୃଥିବୀ ପାଇଁ ଆଦର୍ଶ ସ୍ଥାପନ କର।

ଆଜିର ସମୟରେ ଅନେକ ପିତାମାତା ସେମାନଙ୍କର ନ୍ୟାଯ୍ୟ ସମ୍ମାନ ପାଉ ନାହାଁନ୍ତି। କେବଳ ଦରକାର ସେମାନଙ୍କୁ ପଚରାଯାଉଛି ଓ ଅନ୍ୟ ସମୟରେ ସେମାନଙ୍କୁ ଅବହେଳା କରାଯାଉଛି। ଆଜି ପୃଥିବୀରେ ଏପରି ଅନେକ ଛାତ୍ର ଅଛନ୍ତି। ସେମାନେ ବିଦେଶକୁ ଯିବାମାତ୍ରେ ସେମାନଙ୍କର ପିତାମାତାଙ୍କୁ ଭୁଲି ଯାଆନ୍ତି। ଭଗବାନଙ୍କୁ କ'ଣ ଭଲ ଲାଗେ ତାହା ଆମ୍ଭେମାନେ ପଚାରିବା ଦରକାର ନାହିଁ। ପିତାମାତାଙ୍କର ସନ୍ତୋଷ ହିଁ ବାବାଙ୍କୁ ଆନନ୍ଦ ଦେଇଥାଏ। ଆମ୍ଭେମାନେ ଯେତେବେଳେ ଆମ୍ଭମାନଙ୍କର ପିତାମାତାଙ୍କୁ ସୁଖ ଦେଇଥାଉ ତାହା ବାବାଙ୍କୁ ଖୁସି ଦେଇଥାଏ। ନିଜର ପିତାମାତାଙ୍କୁ ସନ୍ତୁଷ୍ଟ କରିବାକୁ ଚେଷ୍ଟା କରିବା ବଡ଼ଧର୍ମ। ଆମ୍ଭମାନଙ୍କର ପିତାମାତା ଯଦି ଆମ କଥାରେ ସନ୍ତୁଷ୍ଟ ନ ହେଉଛନ୍ତି ତେବେ ସେମାନଙ୍କୁ ଆମ କଥାର ଯଥାର୍ଥ ବୁଝାଇ ଦେବା ଉଚିତ। ସେମାନଙ୍କୁ ରୁକ୍ଷ ଭାବରେ କହିଲେ ତାହା ଆମର କଥାବୁଝାଇବାରେ ସହାୟକ ହେବ ନାହିଁ। ଶାନ୍ତିର ସହ ଓ ସେମାନଙ୍କୁ ଧୈର୍ଯ୍ୟର ସହିତ ଶୁଣିବା। ତାହାହେଲେ ହିଁ ଆମେ ସେମାନଙ୍କୁ ବୁଝାଇବାକୁ ସକ୍ଷମ ହେବା। ପବିତ୍ର ଭାବ ବପନ କରିବାକୁ ଚେଷ୍ଟାକରିବା। ତାହେଲେ ହିଁ ଏହି ସଂସ୍ଥାନରେ ଆମର ଅଧ୍ୟୟନ ଫଳପ୍ରଦ ହେବ।


**ପୂର୍ବତନ ଜିଲ୍ଲା ସଂଯୋଜିକା (ଶିକ୍ଷା) ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ, କେନ୍ଦ୍ରାପଡ଼ା, ପଲାଇ ବାଲିଚନ୍ଦ୍ରପୁର, ଯାଜପୁର**
**ମୋବାଇଲ୍: ୯୯୩୭୪୭୦୯୮୦**


# ପ୍ରଶ୍ନ ଓ ଉପଲବ୍ଧି



## ଅନୀତା ପଟ୍ଟନାୟକ

ମୁଁ ଦିନେ ଜଗନ୍ନାଥଙ୍କ ନିକଟରେ ଉପଲବ୍ଧି କଲି, ଯେ ଭଗବାନ ମତେ କିଛି ଦୃଶ୍ୟ ଓ ଅଦୃଶ୍ୟ ଜିନିଷ ଦେଇଛନ୍ତି। ଦୃଶ୍ୟ ଜିନିଷକୁ ଅଦୃଶ୍ୟ ଜିନିଷ ଗୁଡ଼ିକ ପରିଚାଳିତ କରୁଛନ୍ତି। ମୋର ଦୃଶ୍ୟମାନ ଦେହ ଭିତରେ ମନ, ଆତ୍ମା, ବିବେକ, ବୁଦ୍ଧି ପ୍ରଭୃତି ଅଛନ୍ତି। ମୁଁ ଅନୁଭବ କଲି ମୋର ତିନି ପ୍ରକାରର ଅସୁସ୍ଥତା ଅଛି। ତାହା ହେଉଛି ଶାରୀରିକ, ମାନସିକ, ଆଧାତ୍ମିକ। ବିଭିନ୍ନ ବିଷଦ୍ୱାରା ମୋର ଶାରୀରିକ ରୋଗ ହେଉଅଛି। ମୋର ଭିତରେ ଭୟ, ଦୁଶ୍ଚିନ୍ତା, କ୍ରୋଧ ପ୍ରଭୃତି ଖଞ୍ଜା ଯାଇଥିବାରୁ ମୋର ମାନିସକ ସନ୍ତୁଳନତା ବିଗିଡ଼ି ଯାଉଛି ଓ ମୁଁ ଅସୁସ୍ଥ ହୋଇ ପଡ଼ୁଛି। ଆଧାତ୍ମିକ ଅସୁସ୍ଥତା ମୋର ଅଜ୍ଞାନତାରୁ ସୃଷ୍ଟି ହୋଇଛି। ମୋର ଅଜ୍ଞତା ହିଁ ମୋର ସବୁଠାରୁ ବଡ଼ ରୋଗ ହୋଇଯାଇଛି।

ରାଥାରୁଢ଼ ଜଗନ୍ନାଥ ସତେଯେପରି ମୋତେ କହିଲେ ଦେଖ! ଯେଉଁମାନେ ଏଠାକୁ ଆସୁଛନ୍ତି ଦିନେ ସେମାନେ ସେଲଫି ଉଠାଇ, ବଡ଼ଦାଣ୍ଡର ଚାକଚକ୍ୟରେ ବୁଡ଼ିଯିବା ପାଇଁ, ସମୁଦ୍ରରେ ସ୍ନାନ ପାଇଁ, ବ୍ୟବସାୟ ଓ ବ୍ୟବସାୟିକ ପଦାର୍ଥରେ ମାତିଯିବା ପାଇଁ ଆସିନଥିଲେ। ସେମାନେ ଆସିଥିଲେ ପଚାରିବା ପାଇଁ ଯେ ସେମାନେ କିଏ? କେଉଁଠାରୁ ଆସିଛନ୍ତି? କେଉଁଠାକୁ ଯିବେ? ଓ କେଉଁଠାରେ ଅଛନ୍ତି? ଏହି ପ୍ରଶ୍ନର ଉତ୍ତର ସରଳ ହୋଇଥିଲେ ମଧ ତାହାକୁ ଭୁଲିଯାଇ ସଂସାରର ଜଟିଳତାରେ ସେମାନେ ପ୍ରବେଶ କଲେ। ମତେ ପ୍ରଭୁ କହିଲେ, ତୋର ଶଣୀର କ୍ଷଣଭଙ୍ଗୁର ଏହାର ଜନ୍ମ, ଅଭିବୃଦ୍ଧି ଓ ପରିପକ୍ୱତା ହେବାପରେ ସେ କ୍ଷୟ ଓ ମୃତ୍ୟୁକୁ ଲାଭ କରିଥାଏ। ଆଶ୍ଚର୍ଯ୍ୟ ଚକିତ ହୋଇ ମୁଁ ଜଗନ୍ନାଥଙ୍କୁ କହିଲି ମୋର ଭିତରେ ଦେଇଥିବା ମନଟି ମଧ ଏହି ପ୍ରକ୍ରିୟାରୁ ବାଦ ପଡ଼ିପାରୁନାହିଁ। ମୋର ଜନ୍ମ ସହିତ ମନର ଜନ୍ମ ହେଉଛି। ଶରୀରର ଅଭିବୃଦ୍ଧି ସହ ମନର ମଧ ଅଭିବୃଦ୍ଧି ହେଉଛି। ମୁଁ ପରିପକ୍ୱତା ଲାଭ କରିବା ସମୟରେ ଦେଖୁଛି ଏହା ମନର ପରିପକ୍ୱତା ହେତୁ ଘଟିଅଛି। ଶରୀରର କ୍ଷୟ ସହିତ ମନର ମଧ କ୍ଷୟ ଘଟୁଛି ଓ ମୁଁ ମୃତ୍ୟୁ ଲାଭ କଲେ ମନର ମଧ ମୃତ୍ୟୁ ହେଉଛି।

ପ୍ରଭୁ ଜଗନ୍ନାଥ ସତେଯେପରି କହିଲେ, ପୃଥିବୀ ନାହିଁ ଅର୍ଥ ଭଗବାନ ନାହାଁନ୍ତି। ଭଗବାନ ଅର୍ଥ ମନୁଷ୍ୟ ଯାହାଙ୍କୁ ଭଗବାନର ଆଖ୍ୟା ଦେଇଛି। ପ୍ରାଣୀ ଜଗତ ନାହିଁ ଅର୍ଥ ଭଗବାନଙ୍କ ସତ୍ତାକୁ ଉପଲବ୍ଧି କରିବାର ବସ୍ତୁ ନାହିଁ। ସେଥିପାଇଁ ମୁଁ ତୋ ଭିତରେ ଓ ମଣିଷ ମାନଙ୍କ ଭିତରେ କେତେକ ଶକ୍ତି ଦେଇଛି। ତାହାହେଉଛି ପ୍ରେରଣା, ବିବେକ ଓ ବୁଦ୍ଧି। ବିବେକ, ବୁଦ୍ଧି ଏଥିପାଇଁ ଦିଆଯାଇଛି କାରଣ ତୁ ସତ୍ ଓ ଅସତ୍ ବଷୟରେ ପ୍ରାର୍ଥକ୍ୟ ଜାଣିପାରିବୁ। ମଣିଷମାନେ ନିଜର ଅନ୍ତରାତ୍ମାକୁ ପରିପୁଷ୍ଟ ନକରି ମୋ ନିକଟକୁ ଆସିଥଲେ ମଧ ମୌଳିକ ପ୍ରଶ୍ନ ମୁଁ କିଏ? ମୁଁ କେଉଁଠାରୁ ଆସିଛି? ମୁଁ କେଉଁଠାକୁ ଯିବି? ଏହାକୁ ଭୁଲିଯାଇ ସଂସାରକୁ ପରିପୁଷ୍ଟ କରୁଛି। ସେ ଦେଖୁଛି। ଅନୁଭବ କରୁଛି ଯେ ସେ ବାହ୍ୟ ଜଗତର ଯେଉଁ ବସ୍ତୁ ଗୁଡ଼ିକୁ ଦିନେ ଆଗ୍ରହର ସହିତ ଘରକୁ କିଣିଆଣିଥିଲା ତାହା ସବୁ ଅଦରକାରୀ ଓ ଅନଗ୍ରହ ପଦାର୍ଥରେ ପରିଣତ ହୋଇଯାଇଛି। ଅଦୃଶ୍ୟ ଭାବେ ଅଜାଣତରେ କେତେବେଳେ ଏସବୁ ଜିନିଷ ଘଟି ଯାଇଛି। ବର୍ତ୍ତମାନ ତାକୁ ସେହି ଅନାଗ୍ରହ ବସ୍ତୁଗୁଡ଼ିକୁ ଫୋପାଡ଼ି ଦେଇ ପୁଣି ଜାଗତିକ ଆକର୍ଷଣୀୟ ପଦାର୍ଥ ଗୁଡ଼ିକୁ କିଣି ଆଣିବାକୁ ଚାହୁଁଛି। ସେ ଭାବୁଛି ସେଥିରେ ଆନନ୍ଦ ରହିଅଛି।

ପ୍ରଭୁ ଜଗନ୍ନାଥଙ୍କୁ ଏପରି କାହିଁକି ହେଉଛି ପଚାରିବାରୁ ପ୍ରଭୁ କହିଲେ ତୋର ପ୍ରେରଣା ଓ ପ୍ରବୃତ୍ତିର ଅନ୍ତନାହିଁ। ଏକାନ୍ତରେ ଓ ପର୍ବତ ଶିଖରରେ ତୋର ପ୍ରେରଣା ଓ ପ୍ରବୃତ୍ତି ଯୋଗୁ ତୁ ଶାନ୍ତିକୁ ଖୋଜୁଅଛୁ। ବିଭିନ୍ନ ପବିତ୍ର ନଦୀ ଓ ମହୋଦଧିରେ ବୁଡ଼ ଦେଇ ଶାନ୍ତିର ସ୍ଥାନ ଖୋଜିବାକୁ ଚାହୁଁଛୁ। କେତେକଙ୍କର ଯାତ୍ରା ଶୀଘ୍ର ସରିଯାଉଥିଲେ ମଧ କେତେକଙ୍କର ଯାତ୍ରା ବିଳମ୍ବ ହୁଏ। ତୋର ଶରୀର ଏକ ସୁନ୍ଦର ବିଶ୍ରାମ ସ୍ଥଳୀ ଯେଉଁଠାରେ ମୁଁ ଆତ୍ମାରୂପରେ ବିଦ୍ୟମାନ। ତୁ ନିଜ ଠାରେ ମତେ ପାଇବା ଠାରୁ ବଳି ଅଧିକ ଶାନ୍ତିପ୍ରଦ ସ୍ଥାନ ନାହିଁ। ମୁଁ ଆକାର ଓ ନିରାକାର ମଧ। ମୁଁ ତତେ ଆଶୀର୍ବାଦ କରୁଛି ଏହାକୁ ଉପଲବ୍ଧି କର ଓ ଜୀବନରେ ଶାନ୍ତିଲାଭ କର।


**ଅବସରପ୍ରାପ୍ତ ପ୍ରଧାପିକା, ସେକ୍ଟେର-୧୦, ସିଡିଏ, କଟକ**
**ମୋବାଇଲ୍: ୯୬୨୯୮୦୦୨୬**


# ଆଧ୍ୟାତ୍ମିକ ଚେତନାରେ ଦୋଳଯାତ୍ରା

## ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର



ଆଜକୁ ଆଠ ଶହ ବର୍ଷ ତଳୁ ଓଡ଼ିଶାରେ ଦୋଳଯାତ୍ରା ପାଳିତ ହୋଇ ଆସୁଛି। ଏହା କେବଳ ଓଡ଼ିଶାର ଆଞ୍ଚଳିକ ପର୍ବ ନୁହେଁ, ସମଗ୍ର ଭାରତ ଓ ଭାରତ ବାହାରେ ଥିବା ଇସ୍କନ ଭକ୍ତମାନେ ମହାସମାରୋହରେ ଏହାକୁ ପାଳନ କରିଥାନ୍ତି। ପୁରାଣବିତ୍‌ଙ୍କ ମତରେ ଏପରି ପରମ୍ପରାର ଆରମ୍ଭ ଅନନ୍ତ ଯୁଗରୁ। କିନ୍ତୁ ବିଧିବଦ୍ଧ ଭାବରେ ଦ୍ୱାପର ଯୁଗରୁ ଶୁଭାରମ୍ଭ ହୋଇଥିଲା। କୋଟି କୋଟି ବର୍ଷ ଧରି ଈଶ୍ୱର ପ୍ରାପ୍ତି ନିମନ୍ତେ ତପସ୍ୟାରେ ମଗ୍ନ ମୁନିଋଷିମାନେ ଭଗବାନ ଶ୍ରୀ ନାରାୟଣଙ୍କ ଆଶିଷରୁ ଗୋପନାରୀ ଭାବେ ଜନ୍ମଲାଭ କରିଥିଲେ। ସେମାନଙ୍କ ମନସ୍କାମନା ପୂରଣ କରିବା ନିମନ୍ତେ ଭଗବାନ ଶ୍ରୀନାରାୟଣ ଗୋପପୁରରେ ଶ୍ରୀକୃଷ୍ଣ ଭାବରେ ପ୍ରତ୍ୟକ୍ଷ ଲୀଳା ରଚନା କରିଥିଲେ। ଭଗବାନ ଶ୍ରୀକୃଷ୍ଣଙ୍କ ପ୍ରେମରେ ବିଭୋର ଗୋପାଙ୍ଗନାମାନେ କେତେବେଳେ ଭକ୍ତିର ରଙ୍ଗରେ ମଜ୍ଜିଯାଉଥିଲେ ତ ପୁଣି କେତେବେଳେ ଭଗବାନ ଶ୍ରୀକୃଷ୍ଣ ସେମାନଙ୍କ ଦେହରେ ଆଶିଷର ରଙ୍ଗ ବୋଳି ସାରା ଜଗତରେ ଭକ୍ତିମୟ ପରିବେଶ ସୃଷ୍ଟି କରୁଥିଲେ। ଏହା ହିଁ ମହାରାସ ନାମରେ ସର୍ବତ୍ର ବିଦିତ। ଦ୍ୱାପର ଯୁଗର ପବିତ୍ର ମହାରାସକୁ ପୁଣି ଥରେ ମନେପକାଇ ଦେବା ଲାଗି ପ୍ରତିବର୍ଷ ଧରାପୃଷ୍ଠରେ ପାଳିତ ହୋଇଥାଏ ଦୋଳଯାତ୍ରା।

ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଦୋଳପୂର୍ଣ୍ଣିମା ବିଷୟରେ କହିଛନ୍ତି - ଶ୍ରୀରାଧା ଭଗବାନ କୃଷ୍ଣଙ୍କୁ ମନପ୍ରାଣ ସହକାରେ ଭଲ ପାଉଥିଲେ, ଗୁଣରେ, ରୂପରେ, ରାଗରେ, ଚରିତ୍ରରେ - କିନ୍ତୁ ବିବାହ ବନ୍ଧନରେ ଆବଦ୍ଧ ହୋଇନଥିଲେ। ଭଗବାନ ଶ୍ରୀକୃଷ୍ଣ ସମାଜର ହିତ ସାଧନ ନିମିତ୍ତ ସର୍ବଦା ବ୍ୟସ୍ତ ରହୁଥିଲେ। ଶ୍ରୀରାଧା ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଅନୁସରଣ କରି ସର୍ବଦା କୃଷ୍ଣମୟ ହୋଇ ରହୁଥିଲେ। ଏହି ନୈସର୍ଗିକପ୍ରେମ କେବଳ ଭକ୍ତ ଓ ଭଗବାନଙ୍କ ଭିତରେ ଦେଖାଯାଏ। ସବୁ ସ୍ଥାନରେ ଯେଭଳି ଜୟ ସୀତା-ରାମ ଶୁଣାଯାଏ ସେହିପରି ଭାବରେ ଜୟ ରୁକ୍ମିଣୀ-କୃଷ୍ଣ ଶୁଣାଯାଏ ନାହିଁ, ଯଦିଓ ମହାରାଣୀ ରୁକ୍ମିଣୀଙ୍କୁ ଆର୍ଯ୍ୟବର୍ତ୍ତ ଭୁଲିନାହିଁ। ଭାଗବତର ନିର୍ଦ୍ଦେଶରେ ସମସ୍ତେ ରାଧା-କୃଷ୍ଣଙ୍କୁ ସ୍ମରଣ କରନ୍ତି। ଶ୍ରୀରାଧା କୃଷ୍ଣଙ୍କୁ ଭଜନା କରୁଥିଲେ ସାଧାରଣ ମନୁଷ୍ୟ ଶ୍ରୀରାଧାଙ୍କୁ ଜାଣନ୍ତି। ଶ୍ରୀରାଧାଙ୍କ ନାମ ଭାଗବତରେ ନାହିଁ, ଭାଗବତରେ ଶ୍ରୀରାଧାଙ୍କୁ ପ୍ରଧାନା ଗୋପିନୀ ଭାବରେ ବର୍ଣ୍ଣନା କରାଯାଇଛି। ପ୍ରଧାନା ଗୋପିନୀ (ରାଧା) ହିଁ ଆରାଧନାର ଆଦର୍ଶ। ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ଭଗବାନ କୃଷ୍ଣଙ୍କର ହ୍ଲାଦିନୀ ଶକ୍ତି ହିଁ ହେଉଛି ରାଧା। ରାଧା ହେଉଛି ଭଗବାନ ଶ୍ରୀକୃଷ୍ଣଙ୍କର ବୀଜ ମନ୍ତ୍ର ଓ ନାମ ଓ ନାମୀ ଅଭେଦ। ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ବିଭିନ୍ନ ନୀତି ପାଳିତ ହୁଏ। ମେଣ୍ଢାପୋଡିରୁ ମନ୍ଦିରରେ ଆରମ୍ଭ ହୁଏ ଦୋଳପୂର୍ଣ୍ଣିମା ନୀତି। ଦୋଳବେଦୀରେ ମଦନମୋହନ ଓ ଲକ୍ଷ୍ମୀ ବିଜେ କରି ଭକ୍ତମାନଙ୍କୁ ଦର୍ଶନ ଦିଅନ୍ତି। ଏହି ଦିନ ରତ୍ନ ସିଂହାସନରେ ସୁନାବେଶ ଅନୁଷ୍ଠିତ ହୁଏ। ଦୋଳଯାତ୍ରା ଓ ରଥଯାତ୍ରା ମଧ୍ୟରେ ଅନେକ ସାମଞ୍ଜସ୍ୟ ରହିଛି। ରଥଯାତ୍ରା ବେଳେ ମହାପ୍ରଭୁ ଶ୍ରୀଜଗନ୍ନାଥ ଯେପରି ନିଜ ସିଂହାସନରୁ ଓହ୍ଲାଇ ଆସି ଭକ୍ତବୃନ୍ଦଙ୍କୁ ଦର୍ଶନ ଦେଇଥାଆନ୍ତି, ଠିକ୍ ସେହିପରି ଦୋଳଯାତ୍ରାରେ ଭକ୍ତ ହାତରୁ ଖାଦ୍ୟ ଗ୍ରହଣ କରିବା ଲାଗି ମହାପ୍ରଭୁ ଶ୍ରୀଜଗନ୍ନାଥ ରାଧାକୃଷ୍ଣ ରୂପରେ ଦୋଳ ବିମାନରେ ବିରାଜମାନ କରନ୍ତି। ତେବେ ଫଗୁ ଦଶମୀ ଠାରୁ ଦୋଳପୂର୍ଣ୍ଣିମା ନିମନ୍ତେ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଏହି ଦିନ ଦୋଳଗୁଡ଼ିକ ସଜ୍ଜାଯାଇ ଠାକୁରଙ୍କ ଚଳନ୍ତି ପ୍ରତିମା ସ୍ଥାପନ କରାଯାଏ। ସଂଧାରେ ଦେଉଳ ଭିତରେ ଠାକୁରଙ୍କ ସହ ଫଗୁଖେଳ ହୁଏ। କେତେକ ସ୍ଥାନରେ ଠାକୁରଙ୍କୁ ବିଧିମୁତାବକ ପୂଜାର୍ଚ୍ଚନା କରାଯାଇ ପଂକ୍ତି ଭୋଗ ଅର୍ପଣ କରାଯାଏ। ତା'ପରଦିନ ଠାରୁ ଠାକୁର ଦୋଳବିମାନ ଆରୋହଣ କରି ବିଭିନ୍ନ ଗ୍ରାମକୁ ଚାଚେରୀ ଖାଇବା ଲାଗି ଯାଇଥାଆନ୍ତି। ଏଥିଲାଗି ବିଭିନ୍ନ ଗ୍ରାମ, ସାହି, ଓ ପଡ଼ା ଉତ୍ସବ ମୁଖର ହୋଇଉଠେ। ଗ୍ରାମର ପ୍ରତିଘରକୁ ଯାଇ ଠାକୁର ଶ୍ରଦ୍ଧା ଓ ଭକ୍ତିର ପ୍ରତୀକ ଭୋଗ ଗ୍ରହଣ କରିଥାଆନ୍ତି। ଏଭଳି ପ୍ରକ୍ରିୟା ଦୋଳପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲେ।

ଉତ୍କଳଖଣ୍ଡ ଭାରତବର୍ଷର ଏକ ଅଂଶମାତ୍ର । ଭାରତ ଭୂମିର ସୁବିସ୍ତୃତ କଳେବର ଯେତେବେଳେ ବିଭିନ୍ନ ଜାତିର ଲୀଳାଭୂମି ହୋଇଛି, ଉତ୍କଳ ଖଣ୍ଡମଧ ଭାରତର ଅଂଶ ହିସାବରେ ଊଣା ଅଧିକେ ଏ ଲୀଳାର ରଙ୍ଗଭୂମି ହୋଇଛି । ଭାରତବର୍ଷର ସନାତନ ବୈଦିକ ମୁନିଋଷିମାନଙ୍କର ଭଗବତ୍ ପ୍ରେମ ଏବଂ ପରଧର୍ମ ସହିଷ୍ଣୁତା ଓଡ଼ିଶାର ମହାନ ସାଂସ୍କୃତିକ ପରମ୍ପରା ଅଭିନ୍ନ ଅଙ୍ଗ । ଏଠାରେ ବହୁଧର୍ମ ଓ ସଂପ୍ରଦାୟର ସାଧୁସନ୍ଥମାନଙ୍କର ସମାଗମ ହୋଇଛି, ଏବଂ ଓଡ଼ିଶା ସମସ୍ତଙ୍କୁ ଆଦର୍ଶ ପୂର୍ବକ ଗ୍ରହଣ କରିଛି । ଏହି ପାରମ୍ପରିକ ନିୟମରେ ପବିତ୍ର ହୋଲି ମହୋତ୍ସବ ପାଳନ ଅବସରରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଚରଣାରବିନ୍ଦରେ ଏତିକି ପ୍ରାର୍ଥନା ସେହି ମୋହନ ମୁରଲିର ମଧୁର ମୂର୍ଚ୍ଛନା ସମସ୍ତଙ୍କ ଅନ୍ତଃକରଣରେ ନିନାଦିତ ହେଉ ।


**ସହ-ପ୍ରତିରତ୍ୱିକ, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋବାଇଲ୍: ୯୪୩୭୦୫୧୯୫୭**

## ପଳାତକ ଲଳିତ ମୋଦିଙ୍କୁ ମିଳିଲା ଭାନୁଆଟୁ ନାଗରିକତା

**ନୂଆଦିଲ୍ଲୀ,୭ ।୩:** ଇଣ୍ଡିଆନ ପ୍ରିମିୟର ଲିଗ (ଆଇପିଏଲ)ର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦି ତାଙ୍କର ଭାରତୀୟ ନାଗରିକତା ପରିତ୍ୟାଗ କରି ଭାନୁଆଟୁ ନାଗରିକତା ହାସଲ କରିଛନ୍ତି। ଭାନୁଆଟୁ ଏକ ଛୋଟ ପ୍ରଶାନ୍ତ ମହାସାଗରୀୟ ଦ୍ୱୀପ ରାଷ୍ଟ୍ର ଯାହା ଏହାର ବିଦେଶ-ଅନୁକୂଳ ନୀତି ଏବଂ ପ୍ରତ୍ୟର୍ପଣ ଚୁକ୍ତିନାମା ଅଭାବ ପାଇଁ ଜଣାଶୁଣା। ଅନ୍ତର୍ଜାତୀୟ ସୂତ୍ରରୁ ପ୍ରାପ୍ତ ଲଳିତ ମୋଦିଙ୍କ ଭାନୁଆଟୁ ପାସପୋର୍ଟ ଏବେ କପିରୁ ଜଣାପଡିଛି ଯେ ତାଙ୍କର ନୂତନ ନାଗରିକତା ଡିସେମ୍ବର ୩୦ ୨୦୨୪ ରେ ଆନୁଷ୍ଠାନିକ ଭାବରେ ଅନୁମୋଦନ କରାଯାଇଥିଲା। ଏବେ ବୈଦେଶିକ ମନ୍ତ୍ରଣାଳୟ ଏକ ଜାତୀୟ ଗଣମାଧ୍ୟମର ଖବରକୁ ନିଶ୍ଚିତ କରିଛି ଏବଂ ଲଳିତ ମୋଦି ଭାନୁଆଟୁ ନାଗରିକତା ହାସଲ କରିଥିବା ସ୍ୱୀକାର କରିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ ଶୁକ୍ରବାର କହିଛନ୍ତି ଯେ ଲଳିତ ମୋଦି ଲଣ୍ଡନରେ ଥିବା ଭାରତୀୟ ହାଇକମିଶନଙ୍କ ନିକଟରେ ତାଙ୍କ ପାସପୋର୍ଟ ଜମା କରିବାକୁ ଆବେଦନ କରିଛନ୍ତି। ବିଦ୍ୟମାନ ନିୟମ ଏବଂ ପ୍ରକ୍ରିୟା ଅନୁସାରେ ଏହାର ତଦନ୍ତ କରାଯିବ। ଆମକୁ ଏହା ମଧ୍ୟ କୁହାଯାଇଛି ଯେ ସେ ଭାନୁଆଟୁ ନାଗରିକତା ହାସଲ କରିଛନ୍ତି। ଆମେ ଆଇନ ଅନୁଯାୟୀ ତାଙ୍କ ବିରୋଧରେ ମାମଲା ଚାଲୁ ରଖୁଛୁ।

## ବଜେଟରେ ମୁଖ୍ୟମନ୍ତ୍ରୀଙ୍କ ବଡ଼ ଘୋଷଣା,ମାଗଣାରେ ୨୦୦ ୟୁନିଟ ବିଜୁଳି

**ଜମ୍ମୁ-କଶ୍ମୀର,୭ ।୩:** ଜମ୍ମୁ-କଶ୍ମୀର ବିଧାନସଭାରେ ଶୁକ୍ରବାର ବଜେଟ ଉପସ୍ଥାପିତ ହୋଇଛି। ବଜେଟ ଉପସ୍ଥାପନ ବେଳେ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଅନେକ ବଡ଼ ଘୋଷଣା କରିଛନ୍ତି। ଜମ୍ମୁ-କଶ୍ମୀରର ମହିଳାମାନଙ୍କୁ ମାଗଣା ବସ୍ ସେବା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି। ଏପରିକି ପ୍ରତି ପରିବାରକୁ ମାଗଣାରେ ୨୦୦ ୟୁନିଟ ବିଜୁଳି ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି। ଏପରିକି ବଜେଟରେ ୧୫ ହଜାର ସରକାରୀ ସ୍କୁଲ ଖୋଲିବାକୁ ବ୍ୟବସ୍ଥା କରାଯାଇଛି। ପ୍ରତି ଜିଲ୍ଲା ହସ୍ପିଟାଲରେ ସିଟି ସ୍କାନ୍ ବ୍ୟବସ୍ଥା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପରିକି ମହିଳାମାନଙ୍କ ବିକାଶ ପାଇଁ ଲକ୍ଷପତି ଦିଦି ଯୋଜନା ଘୋଷଣା କରିଛନ୍ତି ଓମାର ଅବଦୁଲ୍ଲା। ସେହିପରି ପୂର୍ବରୁ ଗରିବ ଶ୍ରେଣୀର ଝିଅମାନଙ୍କ ବାହାଘରରେ ସରକାର ୫ ହଜାର ଟଙ୍କା ପ୍ରଦାନ କରୁଥିବା ବେଳେ ଏହି ରାଶିକୁ ସରକାର ୭୫ ହଜାର ଟଙ୍କାକୁ ବୃଦ୍ଧି କରିଛନ୍ତି।

## ନାବାଳିକାଙ୍କ ଜୋରଜବରଦସ୍ତି ବିବାହ

● ସ୍ୱାମୀ ଟେକି ନେଇଯାଉଥିବାର ଭିଡିଓ ଭାଇରାଲ, ୪ ଗିରଫ

**ନୂଆଦିଲ୍ଲୀ, ୭ ।୩:** ୧୪ ବର୍ଷୀୟା ନାବାଳିକାଙ୍କୁ ବଳପୂର୍ବକ ଜଣେ ସମ୍ପର୍କୀୟଙ୍କ ସହ ବିବାହ କରାଉଥିଲେ ମା'। ଯେତେ ମନା କଲେ ମଧ କେହି ଶୁଣି ନ ଥିଲେ। ତେବେ ନାବାଳିକାଙ୍କୁ ଜେଜେ ମା' ଘଟଣା ସ୍ଥଳରେ ଅଭିଯୋଗ କରିବା ପରେ ତାଙ୍କୁ ଉଦ୍ଧାର କରାଯାଇଛି। ଘଟଣା ଅନୁଯାୟୀ ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହୋଇଥିଲା। ନ ଯେଉଁଥିରେ ଜଣେ ପୁରୁଷ କିଶୋରୀଙ୍କୁ ବୋହି ନେଇଯାଉଛନ୍ତି, ସେ ଚିତ୍କାର କରି କାନ୍ଦୁଥିଲେ, କିନ୍ତୁ କେହି ତାଙ୍କର ଏହି କାନ୍ଦ ଶୁଣି ନ ଥିଲେ ଏବଂ ଟେକି ନେଇଯାଉଥିଲେ। ଅନ୍ୟ ଜଣେ ପୁରୁଷ ଏବଂ ମହିଳା ତାଙ୍କ ପଛେ ପଛେ ଯାଉଥିଲେ ମଧ, ସେମାନେ ତାଙ୍କୁ ସାହାଯ୍ୟ କରିବାକୁ କୌଣସି ଚେଷ୍ଟା କରି ନ ଥିଲେ। କର୍ଣ୍ଣାଟକର ହୋସୁରର ଏହି ଭିଡିଓ ସୋସିଆଲ ମିଡିଆରେ ବହୁଳ ଭାବରେ ପ୍ରସାରିତ ହେଲା ପରେ ପୋଲିସ ଚାରି ଜଣଙ୍କୁ ଗିରଫ କରିଛି। ସୂଚନା ଅନୁଯାୟୀ ୭ମ ଶ୍ରେଣୀ ପରେ ସ୍କୁଲ ଛାଡିଥିବା ନାବାଳିକାଙ୍କୁ ଜଣେ ୨୯ ବର୍ଷୀୟ ଯୁବକଙ୍କ ସହ ଜୋରଜବରଦସ୍ତ ବିବାହ କରାଯାଇଥିଲା। ବିବାହ ମାର୍ଚ୍ଚ ୩ ତାରିଖରେ ବେଙ୍ଗାଲୁରୁରେ ଅନୁଷ୍ଠିତ ହୋଇଥିଲା, ତା'ପରେ ଝିଅକୁ ଆଞ୍ଚେଟିରେ ଥିବା ତାଙ୍କ ଗାଁକୁ ଫେରାଇ ଅଣାଯାଇଥିଲା। ସୂତ୍ର ଅନୁଯାୟୀ, ସେ ତାଙ୍କ ଦାଦାଙ୍କ ଘରକୁ ପଳାଇ ଆସିଥିଲେ, ତାଙ୍କ ବୈବାହିକ ଘରକୁ ଯିବାକୁ ରାଜି ନଥିଲେ। ବୁଧବାର (୫ ମାର୍ଚ୍ଚ, ୨୦୨୫) ଦିନ, ତାଙ୍କ ସ୍ୱାମୀ ତାଙ୍କୁ ତାଙ୍କ ଘରକୁ ବଳପୂର୍ବକ ଟେକି ନେଇ ଯାଉଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଘଟଣାରେ ପୋଲିସ ଅଧୀକ୍ଷକ ପି. ଥାଙ୍ଗାଦୁରାଇ କହିଛନ୍ତି ଯେ ଝିଅର ଜେଜେମାଙ୍କଠାରୁ ଏକ ଅଭିଯୋଗ ଆସିଛି, ଯିଏ ସାହାଯ୍ୟ ପାଇଁ ପୋଲିସକୁ ଡାକିଥିଲେ। ବୁଧବାର ସନ୍ଧ୍ୟାରେ ପୀଡିତାଙ୍କ ୨୯ ବର୍ଷୀୟା ମାଆ, ସ୍ୱାମୀ ଏବଂ ତାଙ୍କ କାକାଙ୍କୁ ଗିରଫ କରାଯାଇ ହେପାଜତକୁ ପଠାଯାଇଛି। "ଆମେ ପୋକ୍ସୋ ଆଇନର ବ୍ୟବସ୍ଥା ଅନୁଯାୟୀ ଯୌନ ନିର୍ଯାତନା ଏବଂ ବାଲ୍ୟ ବିବାହ ଆଇନ ଲାଗୁ କରୁଛୁ। ଝିଅଟିକୁ ତାଙ୍କ ଜେଜେମାଙ୍କ ସହିତ ଥାନାରେ ପଚରାଉଚରା କରାଯାଉଛି। ପରେ, ତାଙ୍କୁ ନିରାପଦ ହେପାଜତ ପାଇଁ ଏକ ୱାନ୍-ଷ୍ଟପ୍ ସେଣ୍ଟରକୁ ପଠାଯିବ," ଶ୍ରୀ ଥାଙ୍ଗାଦୁରାଇ କହିଛନ୍ତି। ବୁଧବାର ସନ୍ଧ୍ୟା ସୁଦ୍ଧା (୫ ମାର୍ଚ୍ଚ, ୨୦୨୫) ଏସପିଙ୍କ ଅନୁଯାୟୀ, ଝିଅଟି ଡେଙ୍କାନିକୋଟ୍ଟାଇର ଥାନାରେ ଥିଲା।

## ଟ୍ରମ୍ପଙ୍କ ପାଇଁ କ୍ୟାମେରା ଆଗରେ କାନ୍ଦି ପକାଇଲେ ଜଷ୍ଟିନ ଟ୍ରୁଡୋ

**ଓଟାୱା,୭ ।୩:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା ଉପରେ ଟାରିଫ୍ ଘୋଷଣା କରିଛନ୍ତି। ଯାହା ପରେ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋଙ୍କୁ ଭାବପ୍ରବଣ କରିଦେଇଛି ଏବଂ ସେ କ୍ୟାମେରା ସାମ୍ନାରେ କାନ୍ଦୁଥିବାର ଏକ ଭିଡିଓ ସାମ୍ନାକୁ ଆସିଛି। କାନାଡାର ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ଶେଷ ଗଣମାଧମ ବ୍ରିଫିଙ୍ଗ୍‌ରେ, ଟ୍ରୁଡୋ ଭାବପ୍ରବଣ ହୋଇଯାଇଛନ୍ତି ଏବଂ ତାଙ୍କ ୯ ବର୍ଷର କାର୍ଯ୍ୟକାଳ ଏବଂ ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଦ୍ୱାରା ଲାଗୁ କରାଯାଇଥିବା ଟାରିଫ୍ ବିଷୟରେ କହିବା ସମୟରେ ତାଙ୍କ ଆଖିରୁ ଲୁହ ବାହାରି ଆସିଥିଲା। ଜାନୁଆରୀରେ ଇସ୍ତଫା ଘୋଷଣା କରିଥିବା ଟ୍ରୁଡୋ କାନାଡିଆନଙ୍କୁ ପ୍ରାଥମିକତା ଦେବା ପାଇଁ ତାଙ୍କର ପ୍ରତିବଦ୍ଧତାକୁ ଦୋହରାଇଛନ୍ତି। ଟ୍ରୁଡୋ କହିଛନ୍ତି, ନିଶ୍ଚିତ କରିଛି ଯେ ଏହି କାର୍ଯ୍ୟାଳୟରେ ପ୍ରତିଦିନ ମୁଁ କାନାଡିଆନମାନଙ୍କୁ ପ୍ରଥମେ ରଖିବି। ସେଥିପାଇଁ ମୁଁ ଏଠାରେ ଆପଣଙ୍କୁ କହିବାକୁ ଆସିଛି ଯେ ଆମେ ଆପଣଙ୍କ ସହିତ ଅଛୁ। ଏହି ସରକାରଙ୍କ ଶେଷ ଦିନରେ ମଧ, ଆମେ କାନାଡିଆନମାନଙ୍କୁ ନିରାଶ କରିବୁ ନାହିଁ। ଆପଣଙ୍କୁ କହି ରଖୁଛୁ ଯେ ଶାସକ ଲିବରାଲ ପାର୍ଟି ନୂତନ ନେତା ଚୟନ କରିବା ପରେ ଜଷ୍ଟିନ ଟ୍ରୁଡୋ ଏହି ରବିବାର ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେବେ। ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ଶେଷ ମିଡିଆ ବ୍ରିଫିଙ୍ଗ୍ ସମୟରେ, ଟ୍ରୁଡୋ ଏକ ଜ୍ୱଳନ୍ତ ଭାଷଣ ଦେଇଥିଲେ ଏବଂ କାନାଡିଆନମାନଙ୍କ ମଧରେ ଏକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହିତ ସେ ଟ୍ରମ୍ପଙ୍କ ଟାରିଫ୍ ଧମକ ଏବଂ କାନାଡାର ମିଶ୍ରଣ ବିଷୟରେ ବୟାନବାଜି ଯୋଗୁ ଆଗାମୀ କଷ୍ଟକର ସମୟ ବିଷୟରେ ମଧ ଚେତାବନୀ ଦେଇଥିଲେ। ସେ ଟ୍ରମ୍ପଙ୍କୁ କାରବାର ବୃଦ୍ଧି ପାଇଁ ମଧ ଟାର୍ଗେଟ କରିଥିଲେ ।

## ଟିଭି ଦେଖିଲେ ମିଳିବ ଦଣ୍ଡ, ହେୟାର ଷ୍ଟାଇଲ ବି ବାଛିବେ ସରକାର

**ଉତ୍ତର କୋରିଆ,୭ ।୩:** ବିଷୟରେ ସାରା ବିଶ୍ୱରେ ଅନେକ କଥା କୁହାଯାଏ। ସେଠାକାର କଠୋର ସରକାର, କଠୋର ନିୟମ ଏବଂ ସାଧାରଣ ଲୋକଙ୍କ ସ୍ୱାଧୀନତା ଉପରେ କଟକଣା କାହାଠାରୁ ଲୁଚି ନାହିଁ। ଆପଣ ଶୁଣିଥିବେ ଯେ ସେଠାକାର ନାଗରିକମାନଙ୍କୁ କେଶ କାଟିବା ଠାରୁ ଆରମ୍ଭ କରି ପୋଷାକ ପିନ୍ଧିବା ପର୍ଯ୍ୟନ୍ତ ସବୁକିଛି ପାଇଁ ସରକାରଙ୍କଠାରୁ ଅନୁମତି ନେବାକୁ ପଡ଼ିଥାଏ। କିନ୍ତୁ ଆପଣ କ'ଣ ଜାଣନ୍ତି କି ଉତ୍ତର କୋରିଆରେ ଘରେ ଟିଭି ରଖିବା କିମ୍ବା ଦେଖିବା ବି ନିଷେଧ? ଯଦି ଜଣେ ନାଗରିକ ଟିଭି କିଣନ୍ତି, ତେବେ ଏଥିପାଇଁ ତାଙ୍କୁ କଠୋର ଦଣ୍ଡ ଦିଆଯାଇପାରେ। ଉତ୍ତର କୋରିଆରୁ ପଳାଇ ଆସିଥିବା ଟିମୋଥି ଚୋ ଗଣମାଧମ ସହିତ ଏକ ସାକ୍ଷାତକାରରେ ଦେଶ ବିଷୟରେ ଅନେକ ଆଶ୍ଚର୍ଯ୍ୟଜନକ ସତ୍ୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ ଦୈନନ୍ଦିନ ଜୀବନରେ ବ୍ୟବହୃତ ଅନେକ ଜିନିଷ ସେଠାକାର ନାଗରିକମାନଙ୍କ ପାଇଁ ମଧ ଉପଲବ୍ଧ ନୁହେଁ। ଯଦି ଜଣେ ବ୍ୟକ୍ତି ଟିଭି କିଣନ୍ତି, ତେବେ ସରକାରୀ ଅଧିକାରୀ ଘରକୁ ଆସି ଯାଞ୍ଚ କରନ୍ତି ଯେ ନାଗରିକ କେବଳ ସରକାରୀ କାର୍ଯ୍ୟକ୍ରମ ଦେଖନ୍ତି କି ନାହିଁ।

# ଟ୍ରମ୍ପଙ୍କ କଡ଼ା ଆଭିମୁଖ୍ୟରେ ଚୀନ ବାଉଳା

## ଭାରତ ସହ ସମ୍ପର୍କ ମଜବୁତ କରିବାକୁ ବଢ଼ାଇଲା ହାତ



**ନୂଆଦିଲ୍ଲୀ,୭ ।୩:** ଆମେରିକା ସହ ଟ୍ରେଡ୍ ୱାର ଓ ଡୋନାଲ୍ଡ ଟ୍ରମ୍ପଙ୍କ ପକ୍ଷରୁ ୨୦ ପ୍ରତିଶତ ଟାରିଫ୍ (ଶୁଳ୍କ) ଲଗା ଯିବାର ଘୋଷଣାରେ ଚୀନ୍ ଚିନ୍ତାରେ ପଡ଼ି ଯାଇଛି। ଖାଲି ଏତିକି ନୁହେଁ , ଚୀନ୍ ଏବେ ଭାରତ ପକ୍ଷରୁ ବନ୍ଧୁତାର ହାତ ବଢ଼ାଇଛନ୍ତି। ଚୀନ୍‌ର କହିବା ହେଲା ଯେ, ଯଦି ଭାରତ ଓ ଆମେ ପରସ୍ପର ସହ ମୁକାବିଲା ପରିବର୍ତ୍ତେ ଏକାଠି ହୋଇ ଚାଲିବା, ତ ଦୁନିଆର ବ୍ୟାପାରିକ ସମୀକରଣ ହିଁ ବଦଳି ପାରେ। ଚୀନ୍‌ର ବିଦେଶ ମନ୍ତ୍ରୀ ୱାଙ୍ଗ ୟୀ ଶୁକ୍ରବାର କହିଛନ୍ତି କି, ଏହା ହେଉଛି ପ୍ରକୃତ ସମୟ , ଯେବେ କି ଦିଲ୍ଲୀ ଓ ବେଜିଂକୁ ଏକାଠି ହୋଇ କାମ କରିବା ଉଚିତ୍। ସେ କହିଛନ୍ତି, ଏକାଧିକାର ଓ ପାୱାର ପଲିଟିକ୍ସର ମୁକାବିଲା ଆମେ ଏକାଠି ମିଶି କରିବା ଉଚିତ୍। ନ୍ୟାସନାଲ ପିପଲ୍ସ କଂଗ୍ରେସର ମିଟିଂ ପରେ ୱାଙ୍ଗ୍ କହିଛନ୍ତି ଯେ, ଡ୍ରାଗନ୍ ଓ ଏଲିଫେଣ୍ଟକୁ ଏକାଠି ଡ୍ୟାନ୍ସ କରିବା ଉଚିତ୍। ବର୍ତ୍ତମାନ ଏହା ସବୁଠୁ ଭଲ ଜିନିଷ। ୱାଙ୍ଗ ୟି କହିଛନ୍ତି ଯେ , ଆମେ ପରସ୍ପର ସହ ମୁକାବିଲା କରିବା ପରିବର୍ତ୍ତେ ମଜବୁତ୍‌ର ସହ ସହଯୋଗ କରିବା ଉଚିତ୍। ଏଥିରେ ଆମର ପରସ୍ପରର ହିତ ପାଇଁ ଜରୁରୀ। ସେ କହିଛନ୍ତି ଯେ, ଯଦି ଏସିଆର ଦୁଇ ସବୁଠୁ ବଡ଼ ଅର୍ଥବ୍ୟବସ୍ଥା ଏକାଠି ହୋଇ ଯିବେ ତ ପୁଣି ଗ୍ଲୋବାଲ ସାଉଥ୍‌ର ଭବିଷ୍ୟତ ଉଜ୍ଜ୍ୱଳ ହୋଇଯିବ। ସେ କହିଛନ୍ତି ଯେ , ବୈଶ୍ୱିକ ସମ୍ବନ୍ଧରେ ଗଣତାନ୍ତ୍ରିକ ପ୍ରକ୍ରିୟାର ବିକଶିତ ହେବା ଜରୁରୀ। ଏବେସୁଦ୍ଧା ଭାରତ ପକ୍ଷରୁ ଚୀନ୍‌ର ଏହି ବୟାନ ଉପରେ କୌଣସି ଜବାବ ଦିଆଯାଇ ନାହିଁ। ଅନ୍ୟପଟେ ଗୁରୁବାର ବିଦେଶ ମନ୍ତ୍ରୀ ଏସ୍.ଜୟଶଙ୍କର କହି ଥିଲେ ଯେ , ଭାରତ ସରକାର ଚୀନ୍ ସହ ଭଲ ସଂପର୍କ ରଖିବାକୁ ଚେଷ୍ଟା କରୁଛନ୍ତି। ଚୀନର ନିୟନ୍ତ୍ରଣରେ ଆସୁଥିବା ତୀର୍ଥସ୍ଥାନ ଗୁଡ଼ିକ ପର୍ଯ୍ୟନ୍ତ ସିଧା ବିମାନ ଉଡ଼ାଣ ଓ ସାମ୍ବାଦିକଙ୍କ ଯିବା ଆତାୟତ ଉପରେ କଥାବାର୍ତ୍ତା ଚାଲିଛି। ଚାଇନା ବିଦେଶ ମନ୍ତ୍ରୀ ଏହି କଥା ସେତେବେଳେ କହିଛନ୍ତି, ଯେତେବେଳେ ତାଙ୍କୁ ଭାରତ ବିଷୟରେ ପ୍ରଶ୍ନ କରାଯାଇ ଥିଲା। ସେ କହିଥିଲେ ଯେ, ଦିଲ୍ଲୀ ସହ ଆମର ସମ୍ବନ୍ଧରେ ସୁଧାର ହୋଇଛି। ଗତ ଏକ ବର୍ଷରେ ଆମେ ସଂପର୍କ ସୁଧାରିଛୁ। ସୀମାରୁ ସେନା ପ୍ରତ୍ୟାହାର କରିଛୁ ଏବଂ ଶାନ୍ତି ପ୍ରତିଷ୍ଠା ହୋଇଛି। ଏହା ବ୍ୟତୀତ ଗତ ବର୍ଷ ଅକ୍ଟୋବରରେ ପିଏମ୍ ନରେନ୍ଦ୍ର ମୋଦିଙ୍କୁ ଚାଇନା ରାଷ୍ଟ୍ରପତି ଶି ଜିନପିଙ୍ଗଙ୍କ ସାକ୍ଷାତ ହୋଇ ଥିଲା। ସେ କହିଥିଲେ ଯେ, ଆମକୁ ଦେଖିବାର ଅଛି ଯେ, ସୀମା ବିବାଦର ଆଧାରରେ ଦ୍ୱିପାକ୍ଷୀୟ ସମ୍ବନ୍ଧ ସ୍ଥିର ନହେଉ। ଏହାକୁ ଅଲଗା ନଜରରେ ଦେଖିବାର ଅଛି। ଚୀନ ଓ ଆମେରିକା ମଧରେ ଟାରିଫ୍ ୱାର ଜାରି ରହିଛି। ଆମେରିକାର କ୍ଷମତାରେ ଡୋନାଲ୍ଡ ଟ୍ରମ୍ପଙ୍କ ରହିବା ପରେ ପରେ ଅନେକ ଦୃଢ ନିଷ୍ପତ୍ତି ନେଇଛନ୍ତି। ଚୀନ୍, କାନାଡା , ମେକ୍ସିକୋ ଓ ଭାରତ ଭଳି ଦେଶ ଗୁଡ଼ିକ ଉପରେ ଡୋନାଲ୍ଡ ଟ୍ରମ୍ପ ଟାରିଫ (ଶୁଳ୍କ) ବଢ଼ାଇବାକୁ ଚାହାନ୍ତି।

## ସମସ୍ତ ପଣବନ୍ଦୀଙ୍କୁ ମୁକ୍ତି କର, ନଚେତ୍ ପରିଣତି ଭୋଗିବ: ଟ୍ରମ୍ପ୍



**ୱାଶିଂଟନ,୭ ।୩:** ଗାଜାରେ ଥିବା ସମସ୍ତ ପଣବନ୍ଦୀଙ୍କୁ ମୁକ୍ତ କରିଦେବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ହମାସ୍‌କୁ କଡ଼ା ଚେତାବନୀ ଦେଇଛନ୍ତି। ହମାସ୍ ଆତଙ୍କବାଦୀ ସଂଗଠନ ସହ ସିଧାସଳଖ ଆଲୋଚନା ପାଇଁ ଏକ ପ୍ରତିନିଧି ଦଳ ପଠାଯାଇଥିବା ହ୍ୱାଇଟ୍ ହାଉସ୍ ସ୍ପଷ୍ଟ କରିବା ପରେ ଟ୍ରମ୍ପ୍ କଡ଼ା ବାର୍ତ୍ତାରେ ଉପରୋକ୍ତ ଚେତାବନୀ ଦେଇଛନ୍ତି। ସେ ହ୍ୱାଇଟ୍ ହାଉସ୍‌ରେ ୮ ଜଣ ପୂର୍ବତନ ପଣବନ୍ଦୀଙ୍କୁ ଭେଟିବା ପରେ ନିଜ ଟ୍ରୁଥ୍ ସୋସିଆଲ ପ୍ଲାଟ୍‌ଫର୍ମରେ ଲେଖିଛନ୍ତି, ପଣବନ୍ଦୀ ମୁକ୍ତି ପାଇଁ ଯାହା ଆବଶ୍ୟକ ହେବ ସେ ଇସ୍ରାଏଲ୍‌କୁ ପଠାଇବେ। ସମସ୍ତ ପଣବନ୍ଦୀ ଏବଂ ଯୁଦ୍ଧରେ ମରିଥିବା ଲୋକଙ୍କ ମୃତଦେହ ଶୀଘ୍ର ପଠାଅ ନଚେତ୍ ପରିଣତି ଭୋଗିବ ବୋଲି ହମାସ୍‌କୁ ଟ୍ରମ୍ପ୍ କହିଛନ୍ତି। ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ସମର୍ଥନ କରି ଟ୍ରମ୍ପ୍ ଏଭଳି ଧମକ ଦେବାକୁ ହମାସ୍ ସମାଲୋଚନା କରିଛି। ନେତାନ୍ୟାହୁଙ୍କୁ ଗାଜା ଯୁଦ୍ଧବିରତି ଚୁକ୍ତିନାମାରୁ ବାହାରିଯିବା ପାଇଁ ଟ୍ରମ୍ପ୍ ସମର୍ଥନ କରୁଛନ୍ତି ଏବଂ ଗାଜାବାସୀଙ୍କୁ ଭୋକରେ ରଖିବାକୁ ଚାହୁଁଛନ୍ତି ବୋଲି ହମାସ୍ କହିଛି। ମଧ୍ୟସ୍ଥଙ୍କ ଜରିଆରେ ସ୍ୱାକ୍ଷର ହୋଇଥିବା ଯୁଦ୍ଧବିରତି ଚୁକ୍ତିନାମାର ଦ୍ୱିତୀୟ ପର୍ଯ୍ୟାୟ ଅନୁପାଳନ କରାଯାଉ ବୋଲି ହମାସ୍ ମୁଖପାତ୍ର ଅବଦେଲ-ଲତିଫ୍ ଅଲ୍ କନୌଆ ଗଣମାଧ୍ୟମକୁ କହିଛନ୍ତି।

## ମହିଳାଙ୍କୁ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବେ ରେଖା



**ନୂଆଦିଲ୍ଲୀ,୭ ।୩:** ଦିଲ୍ଲୀରେ ସରକାର ଗଠନ କରିବା ପରେ ଭାରତୀୟ ଜନତା ପାର୍ଟି ତାର ନିର୍ବାଚନୀ ପ୍ରତିଶ୍ରୁତି ପୂରଣ କରିବା ଆରମ୍ଭ କରିଛି । ମୁଖ୍ୟମନ୍ତ୍ରୀ ଭାବରେ ଶପଥ ନେବା ପରେ ରେଖା ଗୁପ୍ତା ଯମୁନା ନଦୀ ସଫା କରିବା ଅଭିଯାନ ଆରମ୍ଭ କରିଛନ୍ତି । ଏବେ ଶନିବାର ସେ ଦିଲ୍ଲୀବାସୀଙ୍କୁ ଦୁଇଟି ବଡ଼ ଉପହାର ଦେବାକୁ ଯାଉଛନ୍ତି । ହୋଲି ପୂର୍ବରୁ, ଦିଲ୍ଲୀ କ୍ୟାବିନେଟ୍ ଶନିବାର (୮ ମାର୍ଚ୍ଚ) ଦୁଇଟି ବଡ଼ ଯୋଜନା ପାସ୍ କରିବାକୁ ଯାଉଛି । ରେଖା ଗୁପ୍ତାଙ୍କ ନେତୃତ୍ୱାଧୀନ ସରକାର ଶନିବାର ମହିଳା ସମୃଦ୍ଧି ଯୋଜନା ଏବଂ ହୋଲି-ଦୀପାବଳି ସମୟରେ ସିଲିଣ୍ଡର ଯୋଗାଇବା ଯୋଜନାକୁ ପାସ୍ କରିବେ। ଆସନ୍ତାକାଲି (ଶନିବାର) ଦିନ ୧୨ଟା ପରେ ମହିଳା ସମୃଦ୍ଧି ଯୋଜନା ଘୋଷଣା କରାଯିବ । ଏହା ସହିତ ହୋଲି-ଦୀପାବଳିରେ ଗୋଟିଏ ସିଲିଣ୍ଡର ଦେବାର ଘୋଷଣା ମଧ ଆସନ୍ତାକାଲି କରାଯିବ । ଶନିବାର ସକାଳ ୧୧ଟାରେ ଦିଲ୍ଲୀ କ୍ୟାବିନେଟରେ ଏହି ଦୁଇଟି ଯୋଜନା ପାରିତ ହେବ। ଏହା ପରେ, ଜବାହରଲାଲ ନେହେରୁ ଷ୍ଟାଡିୟମରେ ଉଭୟ ଯୋଜନାର କାର୍ଯ୍ୟାନ୍ୱୟନ ଘୋଷଣା କରାଯିବ ।

## ନିଜ ଜୀବନ ହାରିଲେ ମୁମ୍ବାଇ ଆନିମେଟର

● ସୁଇସାଇଡ ନୋଟ୍‌ରେ ପତ୍ନୀଙ୍କୁ କଲେ ଦାୟି



**ନୂଆଦିଲ୍ଲୀ,୭ ।୩:** ସ୍ତ୍ରୀ ଙ୍କ ଅତ୍ୟାଚାରରେ ଅତିଷ୍ଠ ହୋଇ ପୁଣି ଜୀବନ ହାରିଲେ ଆଉଜଣେ ୪୧ ବର୍ଷିୟ ଯୁବକ। ଯୁବକ ଜଣକ ପେଶାରେ ଜଣେ ଆନିମେଟର ହୋଇଥିବା ବେଳେ ସେ ମୁମ୍ବାଇର ଏକ ହୋଟେଲରେ ଆତ୍ମହତ୍ୟା କରିଥିବା ନେଇ ସୂଚନା ମିଳିଛି। ସେ ଆତ୍ମହତ୍ୟା କରିବା ପୂର୍ବରୁ ଏକ ସୁଇସାଇଡ ନୋଟ ଛାଡିଯିବା ସହ ତାଙ୍କ କମ୍ପାନି ୱେବସାଇଟରେ ମଧ ଏକ ସୁଇସାଇଡ ନୋଟକୁ ପବ୍ଲିକ କରିଦେଇଛନ୍ତି। ମୃତ ଯୁବକଙ୍କ ନାମ ନିଶାନ୍ତ ତ୍ରିପାଠି ହୋଇଥିବା ବେଳେ ସେ ନିଜ ହୋଟେଲ ରୁମରେ ଆତ୍ମହତ୍ୟା କରିଥିବା ଜଣାପଡିଛି। ସୁଇସାଇଡ ନୋଟରେ ମିଜ ପତ୍ନୀଙ୍କ ନାମ ଉଲ୍ଲେଖ କରି ନିଶାନେତ ଲେଖିଚନ୍ତି ଯେ "ହାଏ ବେବ। ତୁମେ ଯେତେବେଳେ ଏ ଚିଠି ପାଇବ, ମୁଁ ସେତେବେଳେ ଏ ଦୁନିଆରୁ ଯାଇସାରିଥିବି। ତୁମେ ମୋ ସହ ଯାହା ସବୁ କରିଛ ତାହା ପାଇଁ ମୋର ଶେଷ ସମୟରେ ମଧ ମୁଁ ତୁମକୁ ଘୃଣା କରିପାରିଥାନ୍ତି। କିନ୍ତୁ ନା ମୁଁ ତାହା ପାରୁନି। ଏହି ସମୟରେ ମୁଁ ପ୍ରେମ କରିବାକୁ ପସନ୍ଦ କରିବି। ମୁଁ ସେତେବେଳେ ବି ତୁମକୁ ଭଲ ପାଉଥିଲି ଏବେ ମଧ ଭଲ ପାଏ ଆଉ ଆଗକୁ ମଧ ପାଇବି। ମୁଁ ତୁମକୁ ଯେମିତି କଥା ଦେଇଥିଲି ଏଥିରେ ଜମାବି ଉଣା ହେବ ନାହିଁ।" ନୋଟ୍ ରେ ଆହୁରି ଲେଖା ରହିଛି ଯେ "ମୋ ମା ମୋର ସବୁ ଉତ୍ଥାନ ପତନ ସମ୍ପର୍କରେ ଜାଣେ। ତେବେ ତୁମେ ଆଉ ପ୍ରାର୍ଥନା ମାଉସି ମୋ ମୃତ୍ୟୁ ପାଇଁ ସମ୍ପୂର୍ଣ୍ଣ ରୂପେ ଦାୟି।

## ଉନ୍ନତ ହେବ 'ଧାରାବୀ' ଦୃଶ୍ୟ




**ମୁମ୍ବାଇ,୭।୩:** ସୁପ୍ରିମକୋର୍ଟ ଧାରାବୀ ପୁନଃବିକାଶ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ବନ୍ଦ କରିବାକୁ ମନା କରିଦେଇଛନ୍ତି। ଏଥି ସହିତ, ସେ ବମ୍ବେ ହାଇକୋର୍ଟଙ୍କ ନିଷ୍ପତ୍ତି ଉପରେ ରୋକ ଲଗାଇବାକୁ ମନା କରିଛନ୍ତି। ସୁପ୍ରିମକୋର୍ଟ ଆଦାନୀ ଗ୍ରୁପର ଦସ୍ତାବିଜକୁ ଗ୍ରହଣ କରି କହିଛନ୍ତି ଯେ ଧାରାବୀ ପ୍ରକଳ୍ପର କାମ ଆରମ୍ଭ ହୋଇଛି। ବମ୍ବେ ହାଇକୋର୍ଟଙ୍କ ସେହି ଆଦେଶ ବିରୁଦ୍ଧରେ ସୁପ୍ରିମକୋର୍ଟ ଆବେଦନର ଶୁଣାଣି କରିଥିଲେ, ଯେଉଁଥିରେ ସେକଲିଙ୍କ୍ ଟେକ୍ନୋଲୋଜି କର୍ପୋରେସନ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଖାରଜ କରାଯାଇଥିଲା। ପୁନଃନିର୍ମାଣ କାମରେ ରୋକ ଲଗାଇବାକୁ ଅଗ୍ରାହ୍ୟ କଲେ ସିଜେଆଇ: ଏହି ଆବେଦନରେ, ରାଜ୍ୟ ସରକାରଙ୍କ ଧାରାବୀ ପୁନଃବିକାଶକୁ ଆଦାନୀ ପ୍ରପର୍ଟିଜ୍ ଲିମିଟେଡକୁ ଦେବାର ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରାଯାଇଥିଲା। ଏହି ମାମଲାର ଶୁଣାଣି ମେ ୨୦୨୫ ରେ ହେବ। ଏହାରି ଭିତରେ ଆବେଦନକାରୀ ବର୍ତ୍ତମାନ ପାଇଁ ସ୍ଥିତାବସ୍ଥା ବଜାୟ ରଖିବାକୁ ଦାବି କରିଥିଲେ, କିନ୍ତୁ ମୁଖ୍ୟ ବିଚାରପତି ସଞ୍ଜିବ ଖାନ୍ନାଙ୍କ ଖଣ୍ଡପୀଠ ଏହାକୁ ପ୍ରତ୍ୟାଖ୍ୟାନ କରିଥିଲେ। ସେ କହିଛନ୍ତି ଯେ ସେଠାରେ କାମ ଆରମ୍ଭ ହୋଇଛି ଏବଂ କିଛି ରେଳବାଇ କ୍ୱାର୍ଟର ମଧ ଭାଙ୍ଗି ଦିଆଯାଇଛି। କୋର୍ଟରେ କ'ଣ କହିଲା ଆଦାନୀ ଗ୍ରୁପ୍: ଅବଶ୍ୟ ଖଣ୍ଡପୀଠ କହିଛନ୍ତି ଯେ ଆଦାନୀ ଗ୍ରୁପ୍ ସମସ୍ତ ଦେୟ ଗୋଟିଏ ଏସ୍କ୍ରୋ ଆକାଉଣ୍ଟରୁ କରିବ। ସିଜେଆଇ ଖାନ୍ନା ମୌଖିକ ଭାବରେ କହିଥିଲେ ଯେ ଆମେ ହାଇକୋର୍ଟର ନିଷ୍ପତ୍ତି ସହିତ ସହମତ। ଆମକୁ ଏଥିପାଇଁ ଏପରି କରିବାକୁ ପଡ଼ିଲା, କାରଣ ଏଠାରେ ଏକ ରେଳ ଲାଇନ ମଧ ବିକଶିତ ହେବ ଏବଂ ଏହାକୁ ଚୁକ୍ତିନାମାରେ ସାମିଲ କରାଯିବ ବୋଲି ମନେ କରାଯାଇଥିଲା। ଏହାରି ଭିତରେ ଆଦାନୀ ଗ୍ରୁପ୍ ପକ୍ଷରୁ ବରିଷ୍ଠ ଓକିଲ ମୁକୁଲ ରୋହତଗୀ କହିଥିଲେ ଯେ କାମ ଆରମ୍ଭ ହୋଇସାରିଛି, କୋଟି କୋଟି ଟଙ୍କାର ମେସିନ୍ ଏବଂ ଉପକରଣ ଲଗାଯାଇସାରିଛି। ଏଠାରେ ପ୍ରାୟ ୨୦୦୦ ଲୋକ ନିଯୁକ୍ତି ପାଇଛନ୍ତି ଏବଂ ଏପରି ପଦକ୍ଷେପ ଅପୂରଣୀୟ କ୍ଷତି ଘଟାଇବ। ସୁପ୍ରିମକୋର୍ଟ ଏହି ଆବେଦନ ଉପରେ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି।

## ଟ୍ରେନିଂ ବେଳେ ବାୟୁସେନାର ଜାଗୁଆର ବିମାନ କ୍ରାସ୍



**ହରିୟାଣା,୭ ।୩:** ପଞ୍ଚକୁଲାରେ ବାୟୁସେନା ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଟ୍ରେନିଂ ସମୟରେ ଏକ ଜାଗୁଆର ବାୟୁସେନା ବିମାନ କ୍ରାସ ହୋଇଛି । ଅମ୍ବାଲା ଏୟାରବେସରୁ ଉଡ଼ାଣ ଭରିଥିବା ବିମାନ । କ୍ରାସ୍ ପରେ ପାରାଚ୍ୟୁଟରେ ଓହ୍ଲାଇ ପଡିଥିଲେ ପାଇଲଟ୍। ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛି ବାୟୁସେନା ।

## ଏୟାରପୋର୍ଟର ଅପରେଟିଂ ପ୍ରଣାଳୀକୁ ବଦଳାଇବ କର୍ଣ୍ଣାଟକ

### ରାନ୍ୟା ରାଓଙ୍କ ଗିରଫଦାରୀ ପରେ ଘୋଷଣା କଲେ ସରକାର




**ନୂଆଦିଲ୍ଲୀ,୭ ।୩:** ବେଙ୍ଗାଲୁରୁ ଏୟାରପୋର୍ଟର ଅପରେଟିଂ ପ୍ରଣାଳିକୁ ବହୁ ଜଲଦି ପରିବର୍ତ୍ତନ କରିବେ କର୍ଣ୍ଣାଟକ ସରକାର। ଏନେଇ ରାଜ୍ୟ ଗୃହମନ୍ତ୍ରୀ ଜି ପରମେଶ୍ୱର ଆଧିକାରିକ ସ୍ତରରେ ଘୋଷଣା କରିଛନ୍ତି। ଖବର ମୁତାବକ ପୂର୍ବରୁ ଅମଲାତନ୍ତ୍ରର କର୍ଯ୍ୟରତ ଥିବା କର୍ମଚାରୀଙ୍କ ପରିବାର ଓ ବନ୍ଧୁବାନ୍ଧବ ମାନଙ୍କୁ ସାଧାରଣ ସୁରକ୍ଷା ବ୍ୟବସ୍ଥା ଦେଇ ଯିବାକୁ ପଡୁ ନଥିଲା। କିନ୍ତୁ କନ୍ନଡ ଅଭିନେତ୍ରୀ ତଥା ଜଣେ ବରିଷ୍ଠ ପୋଲିସ ଅଧିକାରିଙ୍କ ଝିଅ ରାନ୍ୟା ରାଓ ଦୁବାଇରୁ ୧୨ କୋଟି ଟଙ୍କା ମୁଲ୍ୟର ସୁନା ଚୋରା କାରବାର କରିବା ସମୟରେ ଧରାପଡିବା ପରେ ସରକାର ଏହି ନିୟମରେ ପରିବର୍ତ୍ତନ ଆଣିବାକୁ ଯାଉଛନ୍ତି। ଆରକ୍ଷୀ ନିର୍ଦ୍ଦେଶକ(ଡିଜିପି)ଙ୍କୁ ନୂତନ ସୁରକ୍ଷା ବ୍ୟବସ୍ଥା ଉପରେ ନଜର ରଖିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହ କର୍ମଚାରୀ ଓ ପ୍ରଶାସନ ସଂସ୍କାର ଉପରେ ମଧ ତୁରନ୍ତ କାର୍ଯ୍ୟ କରିବାକୁ ଡିଜିପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାନ୍ୟା ରାଓଙ୍କୁ ଜେରା ସମୟରେ ସେ ଏହି କଥା ପ୍ରକାଶ କରିଛନ୍ତି। ସେ ବରିଷ୍ଠ ଆଇପିଏସ ଅଧିକାରୀ ରାମଚନ୍ଦ୍ର ରାଓଙ୍କ ଝିଅ ହୋଇଥିବାରୁ ନିଜ ପିତାଙ୍କ ପରିଚୟ ବ୍ୟବହାର କରି ସେ ସୁରକ୍ଷା ଯାଞ୍ଚକୁ ଏଡାଇ ବିମାନ ଯାତ୍ରା କରିଥାନ୍ତି। ସେ ଏହି ପ୍ରକ୍ରିୟାରେ ୟୁଏଇରୁ ଅନେକ ପରିମାଣର ସୁନା ଆଣି ଭାରତକୁ ଫେରିଥାନ୍ତି। ଏହା ସହ ସେ ଏୟାରପୋର୍ଟରେ ଥିବା ପୋଲିସ ଅଧିକାରିଙ୍କୁ ମଧ ତାଙ୍କ ସୁରକ୍ଷା ପାଇଁ ତାଙ୍କ ସହ ଯିବା ପାଇଁ ବାଧ କରିଥାନ୍ତି ବୋଲି ମଧ ଅଭିଯୋଗ ରହିଛି।

## ହିରୋସିମା-ନାଗାସାକି ବିଷୟରେ ଜାପାନକୁ ମନେପକାଇଲା ଚୀନ୍

# ପରମାଣୁ ବୋମା ପକାଇବାକୁ ଦେଲା ଖୋଲାଖୋଲି ଧମକ



**ନୂଆଦିଲ୍ଲୀ,୭।୩:** ତାଇୱାନ ସହିତ ବଢୁଥିବା ବିବାଦ ଭିତରେ ଜାପାନ୍‌କୁ ବଡ଼ ଧମକ ଦେଇଛି ଚୀନ୍। ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଜାପାନ ଉପରେ ପରମାଣୁ ବୋମା ଆକ୍ରମଣ କରିବାକୁ ଧମକ ଦେଇଛନ୍ତି। ଚୀନ୍ ବୈଦେଶିକ ମନ୍ତ୍ରୀ କହିଛନ୍ତି ଯେ ଜାପାନ ହିରୋସିମା ଏବଂ ନାଗାସାକିର ଇତିହାସକୁ ଭୁଲିଯିବା ଉଚିତ୍ ନୁହେଁ। ଆମେ ଏହାଠାରୁ ଆହୁରି ଅଧିକ ଯନ୍ତ୍ରଣା ଦେଇପାରିବୁ। ବ୍ଲୁମବର୍ଗ ରିପୋର୍ଟ ଅନୁଯାୟୀ, ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି ଆମେରିକୀୟ ଶୁଳ୍କ ବିଷୟରେ ଆଲୋଚନା କରିବା ସମୟରେ ଜାପାନକୁ ମଧ ଟାର୍ଗେଟ କରିଥିଲେ। ୱାଙ୍ଗ ୟି କହିଛନ୍ତି, "ଜାପାନ ହିରୋସିମା ଉପରେ ପରମାଣୁ ଆକ୍ରମଣର ୮୦ ବର୍ଷ ପୂରଣ କରିବାକୁ ଯାଉଛି। ଆମେ ସେମାନଙ୍କ ପ୍ରତି ସମବେଦନା ଜଣାଉଛୁ, କିନ୍ତୁ ଯଦି ଜାପାନ ତା'ର ଆଭିମୁଖ୍ୟ ନସୁଧାରେ ତେବେ ଆମେ ଆହୁରି ଯନ୍ତ୍ରଣା ଦେଇପାରିବୁ।" ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟି କହିଛନ୍ତି, "ତାଇୱାନ ଆମ ଦେଶର ଏକ ଅଂଶ। ତାଇୱାନର ଲୋକମାନେ ଟୋକିଓର ନିର୍ଦ୍ଦେଶରେ ଆକାଶରେ ଉଡ଼ିବାକୁ ଲାଗିଛନ୍ତି। ଜାପାନ ଜାଣିଶୁଣି ଚୀନ୍‌ରେ ଅସ୍ଥିରତା ସୃଷ୍ଟି କରିବାକୁ ଚେଷ୍ଟା କରୁଛି ଏବଂ ଏପରି ପରିସ୍ଥିତିରେ ଚୀନ୍ ଚୁପ୍ ରହିବ ନାହିଁ।" ୱାଙ୍ଗ ୟି କହିଛନ୍ତି ଯେ ଏସିଆ ମହାଦେଶର କୌଣସି ଦେଶ ମଧରେ କୌଣସି ପ୍ରତିଦ୍ୱନ୍ଦ୍ୱିତା ନାହିଁ। ଏଠାରେ ସବୁକିଛି ଠିକ୍ ଅଛି। ସେ ଆହୁରି କହିଛନ୍ତି, "ଚୀନର ପ୍ରୟାସ ହେଉଛି ସମଗ୍ର ବିଶ୍ୱରେ ସମ୍ପୂର୍ଣ୍ଣ ଶାନ୍ତି ଫେରାଇ ଆଣିବା। ଆମେ ସବୁବେଳେ ଶାନ୍ତିର ପକ୍ଷରେ ରହିଛୁ ଏବଂ ଭବିଷ୍ୟତ ପାଇଁ ମଧ ସେହିପରି ଚାହୁଁଛୁ। ଚୀନ ଚାହୁଁଛି ଯେ ରୁଷ ଏବଂ ୟୁକ୍ରେନ ମଧରେ ୩ ବର୍ଷରୁ ଅଧିକ ସମୟ ଧରି ଚାଲିଥିବା ଯୁଦ୍ଧର ଅନ୍ତ ହେଉ ଏବଂ ଦୁଇ ଦେଶ ମଧରେ ଏକ ଶାନ୍ତି ଚୁକ୍ତି ହେଉ।

## 'ୱାକଫ' ବିଲର ବିରୋଧ ପାଇଁ ସବୁ ଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରିବ କଂଗ୍ରେସ: ଜୟରାମ ରମେଶ

**ନୂଆଦିଲ୍ଲୀ ୭ ।୩:** କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଶୁକ୍ରବାର କହିଛନ୍ତି ଯେ ୱାକଅଫ (ସଂଶୋଧନ) ବିଧେୟକ ଗୃହୀତ ହେବା ପାଇଁ ଆସିଲେ ତାଙ୍କ ପାର୍ଟି ଏହାର ବିରୋଧ ଲାଗି ସବୁ ଗଣତାନ୍ତ୍ରିକ ଉପାୟ ଅବଲମ୍ବନ କରିବ। ସେ କହିଛନ୍ତି ଯେ ଇଣ୍ଡିଆ ବ୍ଲକ୍ ପ୍ରସ୍ତାବିତ ଆଇନର ବିଷୟବସ୍ତୁ, ଉଦ୍ଦେଶ୍ୟ ଓ ସୀମାର ବିରୋଧୀ। ବଜେଟ ଅଧିବେଶନର ଦ୍ୱିତୀୟ ଭାଗ ଆରମ୍ଭ ହେବା ପୂର୍ବରୁ ରମେଶ ଏହା କହିଛନ୍ତି। ସେ କହିଛନ୍ତି ଯେ ବିଧେୟକକୁ ମିଳିତ ବିରୋଧ କରିବା ପାଇଁ ଇଣ୍ଡିଆ ବ୍ଲକ୍ ପାର୍ଟିମାନଙ୍କ ମଧରେ ବ୍ୟାପକ ପରାମର୍ଶ କରାଯିବ ଓ ସଂସଦର ଉଭୟ ସଦନରେ ବିରୋଧୀ ଦଳ ନେତା ଖୁବ୍ ଶୀଘ୍ର ଏ ବାବଦେ ଇଣ୍ଡିଆ ବ୍ଲକ୍ ପାର୍ଟିମାନଙ୍କ ସହିତ ସମନ୍ୱୟ କରିବେ। ରମେଶ କହିଛନ୍ତି ଯେ ୱାକଅଫ (ସଂଶୋଧନ)ବିଧେୟକ ସମ୍ଭବତଃ ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟରେ ଆଗତ ହୋଇପାରେ। ଏହି ବିଧେୟକକୁ କଂଗ୍ରେସ ବିରୋଧ କରିବା ନିସନ୍ଦେହ ଓ ଏଥିରେ ଅନ୍ୟ ରାଜନୈତିକ ଦଳ ମଧ ଏହାକୁ ବିରୋଧ କରିବେ। ରମେଶ କହିଛନ୍ତି ଯେ ଯୁଗ୍ମ ସଂସଦୀୟ କମିଟି (ଜେପିସି)ରେ ଏହି ବିଧେୟକକୁ ଜୋର ଜବରଦସ୍ତ ଗୃହୀତ କରାଯାଇଛି। ଯାହାକୁ ଏବେ ଜେପିସିର ପରିହାସ ବୋଲି ବୁଝା ଯାଉଛି। ରମେଶ କହିଛନ୍ତି ଯେ ଏାହ ବିବାଦସ୍ପଦ ବିଧେୟକ ଓ ଏହାକୁ ପୁରା ଜୋରରେ ବିରୋଧ କରାଯିବ। କାରଣ ଏହା ସବୁଠୁ ଆବଶ୍ୟକ ଓ ଯୁଗ୍ମ ସଂସଦୀୟ କମିଟି ଯେପରି କାମ କରିଛି ଏହା ଅଗଣତାନ୍ତ୍ରିକ। ରମେସ କହିଛନ୍ତି ଯେ ଏଥି ପାଇଁ କିଛି ବଛାବଛା ସାକ୍ଷଙ୍କୁ ଡକାଯାଇଥିଲା ଓ କିଛି ସାକ୍ଷଙ୍କୁ ଡକା ଯାଇ ନଥିଲା।

## ୨୦୨୬ ଫିଫା ବିଶ୍ୱକପ

# ପାକିସ୍ତାନ, ରୁଷ ଓ କଙ୍ଗୋକୁ ବ୍ୟାନ୍ କଲା ଫିଫା




**ନୂଆଦିଲ୍ଲୀ,୭।୩:** ଆଇସିସି ଚାମ୍ପିୟନ୍ସ ଟ୍ରଫି ଆୟୋଜକ ପାକିସ୍ତାନ ଟୁର୍ନାମେଣ୍ଟରୁ ବାଦ ପଡ଼ିଛି। ଏଥିସହିତ ଭାରତୀୟ ଦଳ ଟୁର୍ନାମେଣ୍ଟ ପାଇଁ ପାକିସ୍ତାନ ଗସ୍ତ କରିବାକୁ ମନା କରିଦେଇଥିଲା। ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ ଟିମ ଇଣ୍ଡିଆ ହାଇବ୍ରିଡ ମଡେଲ ଅନୁଯାୟୀ ଦୁବାଇରେ ଏହାର ମ୍ୟାଚ ଖେଳୁଛି। କ୍ରିକେଟ ପରେ ଏବେ ପାକିସ୍ତାନ ଫୁଟବଲ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛି। ପ୍ରକୃତରେ, ପାକିସ୍ତାନ ବ୍ୟତୀତ, ଫିଫା ରୁଷିଆ ଏବଂ କଙ୍ଗୋକୁ ୨୦୨୬ ବିଶ୍ୱକପରୁ ବ୍ୟାନ୍ କରିଛି। ଚାମ୍ପିୟନ୍ସ ଟ୍ରଫିରେ ଲଜ୍ଜାଜନକ ପ୍ରଦର୍ଶନ ପରେ, ଫିଫା ବିଶ୍ୱକପରୁ ବାସନ୍ଦ ହେବା ପାକିସ୍ତାନ ପାଇଁ ଏକ ବଡ଼ ଧକ୍କା ବୋଲି ବିବେଚନା କରାଯାଉଛି।

୨୦୨୬ ଫିଫା ବିଶ୍ୱକପ ଆମେରିକା, କାନାଡା ଏବଂ ମେକ୍ସିକୋରେ ଆୟୋଜିତ ହେବ। ଏହି ଟୁର୍ନାମେଣ୍ଟର ଇତିହାସରେ ପ୍ରଥମ ଥର ପାଇଁ, ୪୮ଟି ଦଳ ଅଂଶଗ୍ରହଣ କରିବେ। ତେଣୁ, ଏହି ଟୁର୍ନାମେଣ୍ଟ ବହୁତ ବଡ଼ ହେବାକୁ ଯାଉଛି କିନ୍ତୁ ଏହି ସମୟ ମଧ୍ୟରେ ପାକିସ୍ତାନ ବ୍ୟତୀତ, ଫିଫା ରୁଷିଆ ଏବଂ କଙ୍ଗୋକୁ ବ୍ୟାନ୍ କରିଛି। ଏବେ ପ୍ରଶ୍ନ ହେଉଛି ଏହି ଦେଶଗୁଡ଼ିକୁ କାହିଁକି ବ୍ୟାନ୍ କରାଯାଇଛି। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ପାକିସ୍ତାନ ଫୁଟବଲ ଫେଡେରେଶନ (ପିଏଫଏଫ) ମୁକ୍ତ ଏବଂ ନିରପେକ୍ଷ ନିର୍ବାଚନର ଗ୍ୟାରେଣ୍ଟି ଦେଉଥିବା ନୂତନ ସମ୍ବିଧାନ ଆପଣାଇନାହିଁ। ଯେତେବେଳେ ଫିଫା ଏବଂ ଏସୀୟ ଫୁଟବଲ କନଫେଡେରେଶନ (ଏଏଫସି) ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସର୍ତ୍ତ ରଖିଥିଲେ। ସେହିପରି ରୁଷିଆ ୨୦୨୬ ଫିଫା ବିଶ୍ୱକପ ପାଇଁ ଯୋଗ୍ୟତା ଅର୍ଜନ କରିନାହିଁ। ପ୍ରକୃତରେ, ପ୍ରାୟ ୩ ବର୍ଷ ପୂର୍ବେ, ୟୁକ୍ରେନ ଆକ୍ରମଣ ସହିତ ଆରମ୍ଭ ହୋଇଥିବା ଫିଫା ଏବଂ ୟୁଇଏଫଏ ଅଧୀନରେ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାରୁ ରୁଷିଆ ଜାତୀୟ ଫୁଟବଲ ଦଳକୁ ନିଷିଦ୍ଧ କରାଯାଇଥିଲା। ତେଣୁ, ଏହି ପ୍ରତିବନ୍ଧକ ରୁଷିଆ ଉପରେ ଜାରି ରହିବ।

### ଚାମ୍ପିଅନ୍ସ ଟ୍ରଫି ଫାଇନାଲ ମ୍ୟାଚ୍ ପାଇଁ ଅଫିସିଆଲ ଘୋଷଣା

## ରାଇଫେଲ, ଇଲିଂୱର୍ଥ ଅମ୍ପାୟାର, ୱିଲସନ୍ ତୃତୀୟ ଅମ୍ପାୟାର



**ଦୁବାଇ,୭।୩:** ଆସନ୍ତା ରବିବାର ଦିନ ଚଳିତ ଚାମ୍ପିଅନ୍ସ ଟ୍ରଫିର ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଟାଇଟଲ ଲଢ଼େଇରେ ଭାରତ ଓ ନ୍ୟୁଜିଲାଣ୍ଡ ସାମ୍ନା ସାମ୍ନି ହେବେ। ଆଇସିସି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ଭାରତ ଆଜି ପର୍ଯ୍ୟନ୍ତ ନ୍ୟୁଜିଲାଣ୍ଡକୁ ହରାଇ ନାହିଁ। ୨୦୦୦ରେ ଅନୁଷ୍ଠିତ ଆଇସିସି ନକ୍‌ଆଉଟ୍ ଫାଇନାଲ୍ ଓ ୨୦୨୧ ବିଶ୍ୱ ଟେଷ୍ଟ ଚାମ୍ପିଅନ୍ସ ଟ୍ରଫି ଫାଇନାଲ୍‌ରେ ଉଭୟ ପରସ୍ପରକୁ ଭେଟିଥିଲେ ଓ ଉଭୟ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ବିଜୟୀ ହୋଇଥିଲା। ଏଥର ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତୀୟ ଦଳ ପୂର୍ବ ପରାଜୟର ପ୍ରତିଶୋଧ ନେବାକୁ ପ୍ରୟାସ କରିବ। ଆଇସିସି ପକ୍ଷରୁ ଫାଇନାଲ୍ ମ୍ୟାଚ୍ ପାଇଁ ଅଫିସିଆଲ ଘୋଷଣା କରାଯାଇଛି। ପଲ୍ ରାଇଫେଲ ଓ ରିଚାର୍ଡ ଇଲିଂୱର୍ଥ ପଡ଼ିଆ ଅମ୍ପାୟାର ନିଯୁକ୍ତ ହୋଇଛନ୍ତି। ସେହିପରି ଜୋଏଲ ୱିଲସନ୍ ତୃତୀୟ ଅମ୍ପାୟାର, କୁମାର ଧର୍ମସେନା ଚତୁର୍ଥ ଅମ୍ପାୟାର ଓ ରଞ୍ଜନ ମଦୁଗଲେଙ୍କୁ ମ୍ୟାଚ୍ ରେଫରୀ ନିଯୁକ୍ତ କରାଯାଇଛି।

## ଦୁବାଇ ଦଙ୍ଗଲ୍: ଫାଇନାଲ ମ୍ୟାଚରେ ପଚିଶ ବର୍ଷ ତଳର ପ୍ରତିଶୋଧ ନେବ ଭାରତ




**ଦୁବାଇ, ୭।୩:** ୨୫ ବର୍ଷର ପ୍ରତିଶୋଧ ନେବ ଭାରତ। ୨୫ ବର୍ଷ ତଳେ ଯେଉଁ ଦାଗ ଲାଗିଥିଲା ସେ ଦାଗ ଏଥର ଲିଭାଇବ ଭାରତ ଆଉ ୨୫ ବର୍ଷ ତଳର ସେ ଦରଜକୁ ବି ବିଜୟର ସ୍ୱାଦ ଚାଖି କମାଇବ ଭାରତ। ଏଥିପାଇଁ ପୂରା ପ୍ରସ୍ତୁତ ଟିମ୍ ଇଣ୍ଡିଆ। ଆସନ୍ତା ୯ତାରିଖରେ ଦୁବାଇ ହେବ ଆଇସିସି ଚାମ୍ପିୟନ୍ସ ଟ୍ରଫି ଫାଇନାଲ ମୁକାବିଲା। ଟାଇଟଲ ଟକ୍କରରେ ମୁହାଁମୁହିଁ ହେବେ ଭାରତ-ନ୍ୟୁଜିଲାଣ୍ଡ। ଚଳିତ ଟୁର୍ଣ୍ଣାମେଣ୍ଟରେ ଲିଗ୍ ପର୍ଯ୍ୟାୟରେ କିୱି ଦଳକୁ ମାତ୍ ଦେଇଥିଲା ଭାରତ। ରୋମାଞ୍ଚକର ମୁକାବିଲାରେ ନ୍ୟୁଜିଲାଣ୍ଡକୁ ହରାଇ ଟେବୁଲ ଟପ୍ପର ଥିଲା ଇଣ୍ଡିଆ। ଚାମ୍ପିୟନ୍ସ ଟ୍ରଫିରେ ଭାରତ ଲଗାତାର ତୃତୀୟ ଥର ପାଇଁ ଫାଇନାଲ ଖେଳିବ। ନ୍ୟୁଜିଲାଣ୍ଡ ଶେଷ ଥର ପାଇଁ ୨୦୦୦ ମସିହାରେ ଫାଇନାଲ ଖେଳିଥିଲା। ଫାଇନାଲରେ ଭାରତକୁ ୪ ୱିକେଟ୍‌ରେ ହରାଇ ଟାଇଟଲ ହାତେଇଥିଲା ନ୍ୟୁଜିଲାଣ୍ଡ। ଦୀର୍ଘ ୨୫ ବର୍ଷ ପରେ ପୁଣିଥରେ ଫାଇନାଲରେ ଏଣ୍ଟ୍ରି କରିଛି କିୱି ଟିମ୍। ଆଉ ଆଉ ୨୫ ବର୍ଷର ବଦ୍‌ଲା ନେବା ପାଇଁ ପ୍ରସ୍ତୁତ ରହିଛି ରୋହିତ ବାହିନୀ। ସୁପର ସଣ୍ଡେରେ ହେବାକୁ ଥିବା ସୁପରହିଟ୍ ମୁକାବିଲାକୁ ନେଇ ଏବେ କ୍ରିକେଟ ପ୍ରେମୀଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି। ସେମିରେ ଅଷ୍ଟ୍ରେଲିଆକୁ ୪ ୱିକେଟରେ ମାତ ଦେଇଥିଲା ଭାରତ। ସେହିପରି ସେମିଫାଇନାଲରେ ଦକ୍ଷିଣ ଆଫ୍ରିକାକୁ ୫୦ରନରେ ହରାଇଛି ନ୍ୟୁଜିଲାଣ୍ଡ। ଭାରତ ଭଳି ନ୍ୟୁଜିଲାଣ୍ଡ ଟିମରେ ମଧ ଉଭୟ ବ୍ୟାଟିଂ ଓ ବୋଲିଂରେ ସନ୍ତୁଳନ ରହିଛି। ଶେଷ ଥର ପାଇଁ ୨୦୨୧ ଆଇସିସି ନକଆଉଟ ଟୁର୍ଣ୍ଣାମେଣ୍ଟ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲରେ ଭାରତକୁ ହରାଇଥିଲା ନ୍ୟୁଜିଲାଣ୍ଡ। କିନ୍ତୁ ଗତ କିଛି ବର୍ଷର ରେକର୍ଡ ଦେଖିଲେ କିୱି ଟିମ୍ ଅପେକ୍ଷା ଭାରତର ଭଲ ପ୍ରଦର୍ଶନ ରହିଛି। ତେବେ ଫାଇନାଲରେ କଡା ଟକ୍କର ହେବ ବୋଲି ଆଶା ରଖିଛନ୍ତି କ୍ରିକେଟ ପ୍ରେମୀ।



## ରମଜାନରେ ଉପବାସ ନକରି କିଛି ଭୁଲ୍ କରିନାହାନ୍ତି ଶାମି: ଶମା

**ନୂଆଦିଲ୍ଲୀ, ୭।୩:** କଂଗ୍ରେସ ମୁଖପାତ୍ର ଶମା ମହମ୍ମଦ କିଛି ଦିନ ତଳେ ଭାରତୀୟ ଅଧିନାୟକ ରୋହିତ ଶର୍ମାଙ୍କ ଫିଟନେସକୁ ନେଇ ସମାଲୋଚନା କରିଥିଲେ। ଏଥିପାଇଁ ତାଙ୍କୁ ଟ୍ରୋଲ କରାଯାଇଥିବା ବେଳେ ଏବେ ସେ ଚାମ୍ପିଅନ୍ସ ଟ୍ରଫି ସମୟରେ ଦ୍ରୁତ ବୋଲର ମହମ୍ମଦ ଶାମିଙ୍କ ରୋଜା ନ ରଖିବାର ନିଷ୍ପତ୍ତିକୁ ସମର୍ଥନ କରି ଚର୍ଚ୍ଚାକୁ ଆସିଛନ୍ତି। ରମଜାନର ପବିତ୍ର ମାସରେ, ମଙ୍ଗଳବାର ଦିନ ଦୁବାଇ ଇଣ୍ଟରନ୍ୟାସନାଲ କ୍ରିକେଟ ଷ୍ଟାଡିୟମରେ ଅଷ୍ଟ୍ରେଲିଆ ବିପକ୍ଷ ସେମିଫାଇନାଲ ମୁକାବିଲା ହୋଇଥିଲା। ଏହି ସମୟରେ ୩୪ବର୍ଷୀୟ ଖେଳାଳି ଶାମି ଏନର୍ଜି ଡ୍ରିଙ୍କ୍ ପିଉଥିବା ଦେଖାଯାଇଥିଲା। ଏହା ପରେ ଅଲ୍ ଇଣ୍ଡିଆ ମୁସଲିମ୍ ଜମାତର ରାଷ୍ଟ୍ରୀୟ ଅଧ୍ୟକ୍ଷ ମୌଲାନା ଶହାବୁଦ୍ଦିନ ରଜଭି ତାଙ୍କୁ ଅପରାଧୀ ବୋଲି କହିଥିଲେ। ଏବେ ଶାମିଙ୍କୁ ସମର୍ଥନ କରି ଶମା କହିଛନ୍ତି ଯେ, ଇସଲାମରେ, ରମଜାନ ସମୟରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କଥା ଅଛି। ଯେତେବେଳେ ଆମେ ଯାତ୍ରା କରୁ, ଆମକୁ ଉପବାସ ରଖିବାର ଆବଶ୍ୟକତା ନାହିଁ। ଏବେ ମହମ୍ମଦ ଶାମି ଯାତ୍ରା କରୁଛନ୍ତି ଏବଂ ସେ ନିଜ ଘରେ ନାହାନ୍ତି। ସେ ଏପରି ଏକ ଖେଳ ଖେଳୁଛନ୍ତି ଯେଉଁଥିରେ ତାଙ୍କୁ ବହୁତ ଶୋଷ ଲାଗିପାରେ। ଏଭଳି ସ୍ଥିତିରେ ରୋଜା ରଖିବାର କୌଣସି ଆପଶ୍ୟକତା ନାହିଁ। ଆପଣଙ୍କ କର୍ମ ଯାହା ଗୁରୁତ୍ୱପୂର୍ଣ୍ଣ। ସେ କୌଣସି ଭୁଲ୍ କରିନାହାନ୍ତି।"

## ମ୍ୟାଚ୍ ବେଳେ ଶୋଇପଡ଼ି ଟାଇମ୍‌ଡ ଆଉଟ୍ ହେଲେ ସକିଲ

**ରାୱଲପିଣ୍ଡି, ୭।୩:** ପାକିସ୍ତାନର ପ୍ରଥମଶ୍ରେଣୀ କ୍ରିକେଟ୍ ପ୍ରତିଯୋଗିତା 'ପ୍ରେସିଡେଣ୍ଟ୍ସ କପ୍' ଅବସରରେ ଏକ ଅଜବ ଘଟଣା ଘଟିଛି। ମ୍ୟାଚ୍ ଚାଲିଥିଲା ବେଳେ ଶୋଇପଡ଼ିବାରୁ ପାକିସ୍ତାନ ଷ୍ଟେଟ୍ ବ୍ୟାଙ୍କ୍ ଦଳର ପ୍ରତିନିଧିତ୍ୱ କରୁଥିବା ଅନ୍ତର୍ଜାତୀୟ କ୍ରିକେଟର୍ ସୌଦ ସକିଲ ଟାଇମ୍‌ଡ ଆଉଟ୍ ଘୋଷିତ ହୋଇଛନ୍ତି। ଏଭଳି ଭାବେ ଆଉଟ୍ ହେବାରେ ମୋଟଉପରେ ସପ୍ତମ କ୍ରିକେଟର୍ ହୋଇଛନ୍ତି ସେ। ପାକିସ୍ତାନ ପ୍ରଥମଶ୍ରେଣୀ କ୍ରିକେଟ୍‌ରେ କିନ୍ତୁ ଏଭଳି ଘଟଣା ପ୍ରଥମ ଥର ପାଇଁ ଘଟିଛି। ରମ୍‌ଜାନ୍ ପାଇଁ ମଙ୍ଗଳବାର ରାତିର ପାକିସ୍ତାନ ଷ୍ଟେଟ୍ ବ୍ୟାଙ୍କ୍-ପିଟିଭି




ମ୍ୟାଚ୍ ସଂଧ୍ୟା ୭ଟା ୩୦ରୁ ରାତି ୨.୩୦ ପର୍ଯ୍ୟନ୍ତ ଖେଳାଯାଉଥିଲା। ସକିଲ ନିଜ ବ୍ୟାଟିଂ ପାଳିକୁ ଅପେକ୍ଷା କରିଥିଲେ। ତେବେ ଇତିମଧ୍ୟରେ ତାଙ୍କୁ ଡ୍ରେସିଂ ରୁମ୍‌ରେ ଛାଇ ନିଦ ଲାଗି ଯାଇଥିଲା। ଦୁର୍ଭାଗ୍ୟବଶତଃ ତାଙ୍କ ଦଳ ଷ୍ଟେଟ୍ ବ୍ୟାଙ୍କ୍ ଦୁଇଟି ବଲ୍‌ରେ ଦୁଇଟି ୱିକେଟ୍ ହରାଇଥିଲା। ଏଥିନେଇ ଅପ୍ରସ୍ତୁତ ଥିବା ସକିଲ ନିର୍ଦ୍ଧାରିତ ସମୟ ୩ ମିନିଟ୍ ପରେ କ୍ରିଜ୍‌ରେ ପହଞ୍ଚି ଗାର୍ଡ ନେବାକୁ ଚେଷ୍ଟା କରିଥିଲେ। ତେବେ ପିଟିଭି ଅଧିନାୟକ ଅମ୍ମଦ ବଟ୍ଟ ଏହା ବିରୋଧରେ ତୁରନ୍ତ ଅପିଲ୍ କରିଥିଲେ। ଅମ୍ପାୟାର ତାଙ୍କ ଅପିଲ୍‌କୁ ସମ୍ମାନ ଜଣାଇ ସକିଲଙ୍କୁ ଆଉଟ୍ ଘୋଷଣା କରିଥିଲେ। ଫଳରେ ସକିଲଙ୍କ ସ୍ଥାନରେ ଇର୍ଫାନ୍ ଖାନ୍ ନିଆଜି ବ୍ୟାଟିଂ କରିବାକୁ ଆସିଥିଲେ। ତାଙ୍କୁ ଆଉଟ୍ କରି ପିଟିଭିର ମହମ୍ମଦ ଶାହଜାଦ ନିଜ ହ୍ୟାଟ୍ରିକ୍ ପୂରଣ କରିଥିଲେ। ଭାରତ ବିପକ୍ଷ ଚାମ୍ପିଅନ୍ସ ଟ୍ରଫି ମ୍ୟାଚ୍‌ରେ ସକିଲ ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପାକିସ୍ତାନ କିନ୍ତୁ ଏହି ମ୍ୟାଚ୍‌ରେ ଶୋଚନୀୟ ପରାଜୟ ବରଣ କରିଥିଲା।

# ଅବସରରୁ ଫେରିଲେ ଫୁଟ୍‌ବଲ ଆଇକନ ସୁନୀଲ ଛେତ୍ରୀ




**ନୂଆଦିଲ୍ଲୀ,୭।୩:** ଚଳିତ ମାସରେ ହେବାକୁଥିବା ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଭାରତୀୟ ଦଳକୁ ସାହାଯ୍ୟ କରିବା ଲାଗି ଭାରତୀୟ ଫୁଟ୍‌ବଲ ଆଇକନ ସୁନୀଲ ଛେତ୍ରୀ ଅନ୍ତର୍ଜାତୀୟ ଅବସରରୁ ପ୍ରତ୍ୟାବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏ ନେଇ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ(ଏଆଇଏଫ୍ଏଫ୍) ପକ୍ଷରୁ ଅବଗତ କରାଯାଇଛି। ୪୦ ବର୍ଷ ବୟସରେ ଛେତ୍ରୀ ଭାରତୀୟ ଦଳକୁ ଫେରିଛନ୍ତି। ସୁନୀଲ ଫେରିଛନ୍ତି। ଅଧିନାୟକ, ଲିଡର, କିମ୍ବଦନ୍ତୀ ସୁନୀଲ ଚଳିତ ମାସରେ ହେବାକୁ ଥିବା ଫିଫା ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଭାରତ ଲାଗି ଖେଳିବେ ବୋଲି ଏଆଇଏଫ୍ଏଫ୍ ସୋସିଆଲ ମିଡିଆ ଏକ୍ସ'ରେ ପୋଷ୍ଟ କରି ସୂଚନା ଦିଆଯାଇଛି।

୨୦୦୫ରେ ଅନ୍ତର୍ଜାତୀୟସ୍ତରରେ ପଦାର୍ପଣ କରିଥିବା ଛେତ୍ରୀ ଭାରତ ପାଇଁ ସର୍ବାଧିକ ମ୍ୟାଚ୍ ଖେଳିବା ଏବଂ ସର୍ବାଧିକ ସଂଖ୍ୟକ ଗୋଲସ୍କୋର କରିବା ରେକର୍ଡ ସହ ଗତବର୍ଷ ଅବସର ଘୋଷଣା କରିଥିଲେ। କିନ୍ତୁ ତାଙ୍କୁ ୨୬ ଜଣିଆ ଭାରତୀୟ ଦଳରେ ସାମିଲ କରାଯାଇଛି। ଫଳରେ ସେ ଅବସର ଘୋଷଣା କରିବାର ଏକବର୍ଷ ମଧ୍ୟରେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସେ ଗତବର୍ଷ ଜୁନ୍ ୬ରେ କୁଏତ୍ ବିପକ୍ଷରେ ଖେଳାଯାଇଥିବା ଫିଫା ବିଶ୍ୱକପ କ୍ୱାଲିଫାୟର୍ସ ମ୍ୟାଚ୍ ପରେ ଅବସର ନେଇଥିଲେ। ଅବସର ପରଠାରୁ ସେ ଇଣ୍ଡିଆନ୍ ସୁପର ଲିଗ୍‌ରେ ବେଙ୍ଗାଲୁରୁ ଏଫ୍‌ସି ଲାଗି ଖେଳିବା ଜାରି ରଖିଥିଲେ। ସେ ଚଳିତ ସିଜନରେ ୨୩ ମ୍ୟାଚ୍‌ରେ ୧୨ ଗୋଲ କରିଥିଲେ, ଯାହାକି ଭାରତୀୟଙ୍କ ମଧ୍ୟରେ ସର୍ବାଧିକ। ମାନୋଲୋ ମାର୍କ୍ୟୁଜଙ୍କ ମାର୍ଗଦର୍ଶନରେ ଭାରତୀୟ ଦଳ ଆସନ୍ତା ୧୯ ତାରିଖରେ ମାଳଦ୍ୱୀପ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବ। ଏହାପରେ ୨୫ ତାରିଖରେ ବାଂଲାଦେଶ ବିପକ୍ଷରେ ଭାରତ ଏଏଫ୍‌ସି ଏସିଆନ କପ୍ ୨୦୨୭ କ୍ୱାଲିଫାୟର୍ସ ଅନ୍ତିମ ରାଉଣ୍ଡର ପ୍ରଥମ ମ୍ୟାଚ୍ ଖେଳିବ।

ମାର୍କ୍ୟୁଜ୍ କହିଛନ୍ତି, ଏସିଆନ କପ୍ ଲାଗି ଯୋଗ୍ୟତା ହାସଲ କରିବା ଆମ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଟୁର୍ନାମେଣ୍ଟର ଗୁରୁତ୍ୱ ଏବଂ ଆଗକୁ ଆମେ ଖେଳିବାକୁ ଥିବା ମ୍ୟାଚ୍‌କୁ ଦୃଷ୍ଟିରେ ରଖି ଜାତୀୟ ଦଳକୁ ସୁଦୃଢ଼ କରିବା ଲାଗି ମୁଁ ଛେତ୍ରୀଙ୍କ ସହ ଆଲୋଚନା କରିଥିଲି। ସେ ରାଜି ହୋଇଥିଲେ। ଏଥିଯୋଗୁ ତାଙ୍କୁ ଦଳରେ ସାମିଲ କରାଯାଇଛି। ଭାରତକୁ ଏସିଆନ କପ୍ ଲାଗି କ୍ୱାଲିଫାଇଙ୍ଗ ଗ୍ରୁପ୍‌ରେ ବାଂଲାଦେଶ, ହଂକଂ ଓ ସିଙ୍ଗାପୁର ସହ ସାମିଲ କରାଯାଇଛି। ଗତ ସଂସ୍କରଣରେ ଭାରତ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଭାରତ ତା'ର ସମସ୍ତ ଗ୍ରୁପ୍ ପର୍ଯ୍ୟାୟରେ ପରାଜିତ ହୋଇଥିଲା।

**ଗୋଲକିପର:** ଅମରିନ୍ଦର ସିଂ, ଗୁରମିତ ସିଂ, ବିଶାଲ କେଥ। **ଡିଫେଣ୍ଡର:** ଆଶିଷ ରାଇ, ବୋରିସ ସିଂ ଥାଙ୍ଗଜାମ, ଚିଙ୍ଗଲେନସାନା ସିଂ କୋନଶାମ, ମିଙ୍ଗଥାନମାଓ୍ୱଲା, ମେହତାବ ସିଂ, ରାହୁଲ ଭେକେ, ରୋହନ ସିଂ, ସନ୍ଦେଶ ଝିଙ୍ଗାନ, ସୁବାଶିଷ ବୋଷ। **ମିଡ୍‌ଫିଲ୍ଡର:** ଆଶିକ କୁରୁନିୟାନ, ଆୟୁଷ ଦେବ ଛେତ୍ରୀ, ବ୍ରାଣ୍ଡନ ଫର୍ନାଣ୍ଡେସ, ଜ୍ୟାକ୍‌ସନ ସିଂ ଥୋଉନାଓଜାମ, ଲାଲେଙ୍ଗମାୱିଆ, ଲିଷ୍ଟନ କୋଲାକୋ, ମହେଶ ସିଂ ନାଓରେମ, ସୁରେଶ ସିଂୱାଙ୍ଗଜାମ। **ଫର୍‌ୱାର୍ଡ:** ସୁନୀଲ ଛେତ୍ରୀ, ଫାରୁଖ ଚୌଧାରୀ, ଇର୍ଫାନ ୟାଦ୍ୱାଦ, ଲଲିଆଞ୍ଜୁଆଲା ଚାଙ୍ଗଟେ ଓ ମନ୍‌ଭିର ସିଂ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଏଫ୍‌ଆଇଆର୍...

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସମୁଦାୟ ୪୨ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ୧୪ଟି ଥାନାର ଅଧିକାରୀ ଓ କର୍ମଚାରୀମାନେ ସାଧାରଣ ଜନତାଙ୍କୁ ଉତ୍ସର୍ଗୀକୃତ ସେବା ପ୍ରଦାନ କରିବେ। ଏହି ଥାନାଗୁଡିକ ଦ୍ୱାରା ଲୋକେ ଉନ୍ନତ ମାନର ସେବା ପାଇବେ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ଏହି ନବନିର୍ମିତ ଥାନାଗୁଡ଼ିକରେ ଭିନ୍ନକ୍ଷମଙ୍କ ପାଇଁ ରାମ୍ପ୍ ବ୍ୟବସ୍ଥା, ବିଲ୍ଡିଂ ଓ ବାରାକ୍, ସମ୍ମିଳନୀ କୋଠରୀ, ସନ୍ଦିଗ୍ଧ ଓ ସାକ୍ଷୀ ପରୀକ୍ଷା କୋଠରୀ, ୱେୟାରଲେସ୍ ଓ ଯୋଗାଯୋଗ କୋଠରୀ, ଆଧୁନିକ ମାଲଖାନା, ରିସେପ୍‌ସନ୍ ସେଣ୍ଟର୍ ଏବଂ ମହିଳା ଓ ଶିଶୁ ହେଲ୍ପ ଡେସ୍କ ପ୍ରସ୍ତୁତ କରାଯାଇଛି। ଏହାଛଡ଼ା ଶିଶୁ ସଦନ, ଶିଶୁ ସ୍ତନ୍ୟପାନ କକ୍ଷ, ଯାନବାହନ ପାର୍କିଂ ବ୍ୟବସ୍ଥା, ତଥ୍ୟ ସଂରକ୍ଷଣ ସହ ୨୪ଘଣ୍ଟିଆ ସିସିଟିଭି କ୍ୟାମେରା ବ୍ୟବସ୍ଥା, ଅଗ୍ନି ନିର୍ବାପକ ଯନ୍ତ୍ର ଓ ଅଗ୍ନି ସତର୍କ ସୂଚନା ଘଣ୍ଟି ବ୍ୟବସ୍ଥା ଭଳି ଅତ୍ୟାଧୁନିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆଇନଶୃଙ୍ଖଳା ରକ୍ଷା ଦିଗରେ ଥାନାର ପ୍ରମୁଖ ଭୂମିକା ରହିଛି।

ସେଥିପାଇଁ ଆମ ସରକାର ଆସିବା ପରେ ଥାନାଗୁଡ଼ିକୁ ଆଧୁନିକୀକରଣ ଓ ସୁବ୍ୟବସ୍ଥିତ କରିବା ପାଇଁ ସମସ୍ତ ପଦକ୍ଷେପ ନେଉଛନ୍ତି। ଥାନାରେ କର୍ତ୍ତବ୍ୟରତ ସମସ୍ତ ଅଧିକାରୀ ଓ କର୍ମଚାରୀମାନଙ୍କୁ ଥାନାକୁ ଆସୁଥିବା ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର ପ୍ରଦର୍ଶନ କରନ୍ତୁ। କାରଣ ସେମାନେ ଅସୁବିଧାରେ ପଡ଼ି ମନଦୁଃଖରେ ଆପଣଙ୍କ ପାଖକୁ ଆସୁଛନ୍ତି। ସେମାନଙ୍କ ସହ ବନ୍ଧୁତ୍ୱପୂର୍ଣ୍ଣ ବ୍ୟବହାର କରିବା ଆପଣମାନଙ୍କ ଧର୍ମ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ଥାନାରେ କାର୍ଯ୍ୟରତ ପ୍ରତିଟି କର୍ମଚାରୀ ନିଜର ଆଚରଣରେ ପରିବର୍ତ୍ତନ ଆଣିବାକୁ ମୁଖ୍ୟମନ୍ତ୍ରୀ ତାଗିଦ୍ କରିଛନ୍ତି।

ସେ ଆହୁରି କହିଛନ୍ତି ଯେ ରାଜ୍ୟରେ ଅପରାଧ ନିୟନ୍ତ୍ରଣ ଓ ନିରାକରଣ ପାଇଁ ସରକାର ବିଭିନ୍ନ ଯୋଜନା ହାତକୁ ନେଇଛନ୍ତି। ଆଗାମୀ ଦିନରେ ସମସ୍ତ ଥାନାରେ ଅତିରିକ୍ତ ଯାନ ଉପଲବ୍ଧ କରିବା ନିମନ୍ତେ ଉଚ୍ଚମାନର ଦ୍ରୁତଗାମୀ ମହିନ୍ଦ୍ରା ସ୍କର୍ପିଓ ଗାଡ଼ି ଯୋଗାଇଦେବେ। ଏହାଛଡ଼ା ପ୍ରତ୍ୟେକ ଥାନାକୁ ୬ଟି ମୋଟର ସାଇକେଲ ମଧ୍ୟ ଦିଆଯିବ। ଏହି ଯାନବାହନର ସଠିକ ଉପଯୋଗ ଦ୍ୱାରା ଅପରାଧ ନିୟନ୍ତ୍ରଣ ତଥା ଆଇନଶୃଙ୍ଖଳା ରକ୍ଷା ଭଳି କାର୍ଯ୍ୟ ସୁରୁଖୁରୁରେ ସମ୍ପାଦିତ ହୋଇପାରିବ। ପୁଲିସ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତାକୁ ଆହୁରି ପ୍ରଭାବଶାଳୀ କରିବା ପାଇଁ ଆବଶ୍ୟକ ସମ୍ବଳ, ତାଲିମ ଓ ଭିତ୍ତିଭୂମି ଯୋଗାଇଦେବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରରେ ବିଗତ ଦିନରେ ଘଟିଥିବା ଅପରାଧର ଆଉ ଯେପରି ପୁନରାବୃତ୍ତି ନହୁଏ, ସେଥିପ୍ରତି ସଜାଗ ରହିବା ପାଇଁ ଉପସ୍ଥିତ ପୁଲିସ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେବା ସହ ଥାନାକୁ ଆସୁଥିବା ସାଧାରଣ ଲୋକଙ୍କୁ ଭଲ ବ୍ୟବହାର କରିବା ପାଇଁ ଅଧିକାରୀ ଓ କର୍ମଚାରୀଙ୍କୁ କଡ଼ା ଚେତାବନୀ ଦେଇଥିଲେ। ଥାନାକୁ ଅଭିଯୋଗ ନେଇଆସୁଥିବା ଲୋକଙ୍କ ପାଖରୁ ତୁରନ୍ତ ଏଫ୍‌ଆଇଆର୍ ଗ୍ରହଣ ନ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ନୟାପଲ୍ଲୀରେ ମୁଖ୍ୟମନ୍ତ୍ରୀଙ୍କ ଉପଦେଷ୍ଟା ପ୍ରକାଶ ମିଶ୍ର, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏବଂ ଅନ୍ୟ ଜିଲ୍ଲାମାନଙ୍କରେ ସାଂସଦ, ବିଧାୟକ ଓ ଜନପ୍ରତିନିଧି ଉପସ୍ଥିତ ଥିଲେ। ଡିଜିପି ଯୋଗେଶ ବାହାଦୁର ଖୁରାନିଆ ସ୍ୱାଗତ ଭାଷଣ ଦେଇଥିବା ବେଳେ ପୁଲିସ କମିଶନର ଏସ. ଦେବଦତ୍ତ ସିଂ ଧନ୍ୟବାଦ ଦେଇଥିଲେ।

### ଆଜି ସୁଭଦ୍ରା...

ପର୍ଯ୍ୟାୟରେ ୨ ଲକ୍ଷ ୩୦ ହଜାରରୁ ଅଧିକ ମହିଳାଙ୍କୁ ସହାୟତା ରାଶି ଦିଆଯାଇଛି। ଏହାକୁ ମିଶାଇ କୋଟିଏ ଟପିଛି ସୁଭଦ୍ରା ହିତାଧିକାରୀଙ୍କ ସଂଖ୍ୟା। ସୁଭଦ୍ରାରୁ ବଞ୍ଚିତ ହିତାଧିକାରୀଙ୍କୁ ଖୋଜିବାକୁ ମିଶନ୍ ଶକ୍ତି ପକ୍ଷରୁ ଡୋର ଟୁ ଡୋର ସର୍ଭେ ହେବ। ଆସନ୍ତା ୩୧ରେ ଆବେଦନ ପ୍ରକ୍ରିୟାକୁ ବନ୍ଦ କରି ସର୍ଭେ କରିବେ ସରକାର।

### ହଟ୍ଟଗୋଳ...

ଏଥିରୁ ସ୍ପଷ୍ଟ ଯେ ସେମାନେ କେତେ ବିଜୁବାବୁଙ୍କୁ ସମ୍ମାନ ଦେଉଛନ୍ତି। ବିଜୁବାବୁଙ୍କୁ କେବଳ ଦଳରେ ସୀମିତ ରଖିବାକୁ ଚାହୁଁଛି ବିଜେଡି। ବିଜୁବାବୁଙ୍କୁ ନେଇ ବିଜେଡ଼ି ରାଜନୀତି କରୁଛି। କିନ୍ତୁ ବିଜେପି ତାଙ୍କୁ ଆଗ ଧାଡ଼ିରେ ରଖିଛି।

ବିଜେଡିର ପାଦ ତଳୁ ମାଟି ଖସିଗଲାଣି, ପରିଚୟ ସଙ୍କଟ ଦେଖାଦେଲାଣି। ସେଥିପାଇଁ ସେମାନେ ବିଜୁବାବୁଙ୍କୁ ନେଇ ରାଜନୀତି କରିବାକୁ ଚେଷ୍ଟା କରୁଛନ୍ତି। ବିଜୁବାବୁଙ୍କୁ ପେଟେଣ୍ଟ କରିବାକୁ ଚାହୁଁଛି ବିଜେଡି। ବିଜୁବାବୁ ଓଡ଼ିଶାର ଗର୍ବ ଓ ଗୌରବ, ବିଜେଡିର ନୁହଁନ୍ତି। ଏପ୍ରିଲ ୨୪ରେ ପଞ୍ଚାୟତିରାଜ ଦିବସରେ କ'ଣ କରିବୁ ଦେଖିବେ ବୋଲି ସେ କହିଛନ୍ତି।

ସେହିଭଳି ବିଜୁବାବୁ ଯେତେବେଳେ ରୋଗଗ୍ରସ୍ତ ହୋଇଥିଲେ ବିଜେଡି ମୁଖିଆ ତାଙ୍କର କେତେ ଯତ୍ନ ନେଇଥିଲେ ବୋଲି ପ୍ରଶ୍ନ କରିଛନ୍ତି ବିଧାୟକ ଟଙ୍କଧର ତ୍ରିପାଠୀ। ତାଙ୍କ ନାକୁ ନେଇ ୨୪ ବର୍ଷ ଶାସନ କଲେ ଯାହାଙ୍କ ନାଁରେ ଦଳ ହୋଇଛି, ନିର୍ବାଚନ ବେଳେ ତାଙ୍କ ଫଟୋ କାଢ଼ିଦେଲେ। ଜଣେ ଅଫିସରଙ୍କ ପାଇଁ ବିଜୁବାବୁଙ୍କ ଫଟୋ ବିଜେଡି ବ୍ୟାନରରୁ ହଟିଗଲା। ନିଜର ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ବରପୁତ୍ରଙ୍କୁ ବ୍ୟବହାର କରୁଥିବାରୁ ବିଜେଡି କ୍ଷମା ପ୍ରାର୍ଥନା କରୁ ବୋଲି ଟଙ୍କଧର କହିଛନ୍ତି।

### କିସ୍ ଘୋଟାଲା...

ମହାନ୍ତି କହିଛନ୍ତି। କିଟ୍ ପାଇଁ ଅନେକ ସାଧାରଣ ଲୋକେ ନିଜ ଜମି ହରାଇଛନ୍ତି। ଜମି କିଣିଛନ୍ତି, ହେଲେ କିଟ୍ ସେସବୁ ଜମିକୁ ମାଡ଼ି ବସିଛି। ଏଭଳି କିଛି ଅଭିଯୋଗ ନେଇ ଟିମ୍ ପାଖରେ ଫେରାଦ ହୋଇଛନ୍ତି ଅନେକ ଲୋକ। ବର୍ଷ ବର୍ଷ ଧରି କିଟ୍ ଓ କିସ୍ ସେମାନଙ୍କ ଜମିକୁ ମାଡ଼ି ବସିଛି। ଫଳରେ ନିଜ ପ୍ଲଟ୍‌କୁ ଯିବାକୁ ବି ବାଟ ମିଳୁନି। ଅଭିଯୋଗ କରିବାକୁ ଆସିଥିବା ଜଣେ ବ୍ୟକ୍ତି କହିଛନ୍ତି ଯେ ସେ ୨୦ ବର୍ଷ ହେବ କିସ୍ ପାଖରେ କିଛି ଜାଗା କିଣିଥିଲେ। କିନ୍ତୁ ଏବେ ଯେତେବେଳେ ସେ ତାଙ୍କ ଜାଗାକୁ ଯିବାକୁ ଚାହୁଁଛନ୍ତି, କିଟ୍‌ର ସିକ୍ୟୁରିଟି ଗାର୍ଡମାନେ ତାଙ୍କୁ ଅଟକାଉଛନ୍ତି। ଏମିତି କି କିଟ୍ କର୍ତ୍ତୃପକ୍ଷ ସର୍ବସାଧାରଣ ବ୍ୟବହାର ପାଇଁ ଥିବା ରାସ୍ତାରେ ବି ଗେଟ୍ ଲଗାଇ ଅବରୋଧ କରିଛନ୍ତି। ଖାଲି ଏତିକି ନୁହେଁ, କିଟ୍ ସେମାନଙ୍କ ଜାଗାକୁ ମାଡ଼ି ବସିଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି।

ଏନେଇ ବାରମ୍ବାର ପୁଲିସଠୁ ଆରମ୍ଭ କରି ବିଭିନ୍ନ ସ୍ତରରେ ଜଣାଇବା ପରେ ବି କୌଣସି ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ଏନେଇ ସେ ବାରମ୍ବାର କିଟ୍ କର୍ତ୍ତୃପକ୍ଷ ଓ ପୁଲିସ୍‌କୁ ଜଣାଇବା ପରେ ମଧ୍ୟ କିଛି ସମାଧାନ ହୋଇନଥିବା କହିଛନ୍ତି। ମାମଲାର ତଦନ୍ତ କରୁଥିବା ଅଧିକାରୀଙ୍କଠାରୁ ବି ତଦନ୍ତର ଅଗ୍ରଗତି ନେଇ ରିପୋର୍ଟ ମାଗିଛନ୍ତି ଏନ୍‌ଏଚ୍‌ଆର୍‌ସି ଟିମ୍। ପରେ ମୃତ ଛାତ୍ରୀ ପ୍ରକୃତିଙ୍କ ସହପାଠୀ ଜଣେ ଛାତ୍ରୀ ଓ ୪ ଜଣ ଛାତ୍ରଙ୍କୁ ଡାକି ଟିମ୍‌ର ସଦସ୍ୟମାନେ ପଚରାଉଚରା କରିଥିଲେ। କିଟରେ ଗତ ୧୭ ଓ ୧୮ ତାରିଖରେ ହୋଇଥିବା ନାରକୀୟ କାଣ୍ଡ ବିଷୟରେ ଗୋଟି ଗୋଟି କରି ଏନଏଚଆରସିଙ୍କୁ କହିଛନ୍ତି ନେପାଳୀ ଛାତ୍ରଛାତ୍ରୀ। ପରେ କିଟ ଇଣ୍ଟରନ୍ୟାସନାଲ ରିଲେସନ ଅଫିସର ରେଶମା ନୱାଜ ଓ ଅନ୍ୟ ଜଣେ ମହିଳା କର୍ମଚାରୀ ବି ଜେରାର ସମ୍ମୁଖୀନ ହୋଇଥିଲେ। ଅପରପକ୍ଷେ, ଏହି ଅଭିଯୋଗକୁ ନେଇ କିଟ୍ କର୍ତ୍ତୃପକ୍ଷଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ସେପଟେ କିଟ ଘଟଣାରେ ଆଉ ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ହାଜର ପାଇଁ ନୋଟିସ୍ କରିଛନ୍ତି ଉଚ୍ଚସ୍ତରୀୟ କମିଟି। କିଟ୍‌ର ଷ୍ଟୁଡେଣ୍ଟ ଆଫେୟାର୍ସ ନିର୍ଦ୍ଦେଶକ, ବୈଦେଶିକ ସମ୍ପର୍କ ଡିଜି ଓ ପ୍ରଶାସନିକ ନିର୍ଦ୍ଦେଶକଙ୍କୁ ପଚରାଉଚରା ପାଇଁ ରାଜ୍ୟ ଅତିଥି ଭବନରେ ଉଚ୍ଚସ୍ତରୀୟ କମିଟି ନିକଟରେ ହାଜର ହେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### କ୍ୟାମ୍ପସ୍‌କୁ ...

କ୍ୟାମ୍ପସ୍‌ରେ ପହଞ୍ଚିବା ପରେ ସେମାନଙ୍କ ସୁରକ୍ଷା ସହ ନିରବଚ୍ଛିନ୍ନ ଶୈକ୍ଷିକ କାର୍ଯ୍ୟକଳାପ ପାଇଁ କିଟ୍ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି ।

ସୂଚନାଯୋଗ୍ୟ ଯେ ନେପାଳୀ ଛାତ୍ରଛାତ୍ରୀମାନେ ପୁଣି ଥରେ କ୍ଲାସ ଆରମ୍ଭ କରିଛନ୍ତି ଓ ଶୈକ୍ଷିକ କାର୍ଯ୍ୟସୂଚୀରେ ସାମିଲ ହୋଇଛନ୍ତି। ନିୟମିତ କ୍ଲାସଗୁଡ଼ିକ ବିନା କୌଣସି ବାଧାରେ ଜାରି ରହିଛି ଓ ଛାତ୍ରଛାତ୍ରୀମାନେ ପୂର୍ବପରି ସେମାନଙ୍କର ପାଠ୍ୟକ୍ରମ ଏବଂ କ୍ୟାମ୍ପସ କାର୍ଯ୍ୟକଳାପରେ ନିଜକୁ ନିୟୋଜିତ ରଖିଛନ୍ତି। ନେପାଳୀ ଛାତ୍ରଛାତ୍ରୀଙ୍କୁ କ୍ୟାମ୍ପସକୁ ଫେରାଇ ଆଣିବା ପାଇଁ କିଟ୍ କର୍ତ୍ତୃପକ୍ଷ ନେପାଳ ଦୂତାବାସ, ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ସହ ଲଗାତାର ପରାମର୍ଶ କରି ଛାତ୍ରଛାତ୍ରୀଙ୍କ କ୍ୟାମ୍ପସ୍‌ରେ ସମସ୍ତ ପ୍ରକାର ସୁରକ୍ଷା ସହ ସହଯୋଗ ଯୋଗାଇ ଦିଆଯିବା ନିମନ୍ତେ ପ୍ରତିଶ୍ରୁତି ଦେଇଛନ୍ତି। ଛାତ୍ରଛାତ୍ରୀଙ୍କର ଯେପରି କୌଣସି ଅସୁବିଧା ନହୁଏ, ସେଥିପାଇଁ ଏକ ସ୍ୱତନ୍ତ୍ର ପ୍ରକୋଷ୍ଠ ଖୋଲାଯାଇଛି।

### ବିରୋଧ ପାଇଁ ...

ତେବେ ଟାଣ ଖରା ଯୋଗୁଁ ଉଭୟ ଦଳର ବିଧାୟକମାନେ କିଛି ସମୟ ପରେ ଧାରଣାସ୍ଥଳ ଛାଡ଼ିଥିଲେ।

୧୨ଟାରେ ଗୃହ କାର୍ଯ୍ୟ ଆରମ୍ଭ ମାତ୍ରେ ପୁଣିଥରେ ଦୁଇ ଦଳ ବିରୋଧ ପାଇଁ ପ୍ରତିଯୋଗିତା କରିଥିଲେ। ବିଜେଡିର ବିଜୁ ପ୍ରସଙ୍ଗ ଓ କଂଗ୍ରେସର ମହିଳା ନିର୍ଯାତନା ପ୍ରସଙ୍ଗରେ ଗୃହ କମ୍ପିଥିଲା। ଉଭୟ ଦଳର ସଦସ୍ୟମାନେ ପୁଣିଥରେ ପୋଡିୟମ ଉପରକୁ ଚଢ଼ିବାକୁ ଉଦ୍ୟମ କରିଥିଲେ। ତେଣୁ ବାଚସ୍ପତି ବାଧ୍ୟ ହୋଇ ଗୃହକୁ ଅପରାହ୍ନ ୪ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାପରେ ବିଜେଡି ସଦସ୍ୟମାନେ ରାଜଭବନମୁହାଁ ହୋଇଥିଲେ। ଯଦିଓ ବିଜେଡି ଅପରାହ୍ନରେ ରାଜଭବନ ଯିବା ପାଇଁ ଯୋଜନା କରିଥିଲା, କାଳେ କଂଗ୍ରେସ ଆଗୁଆ ସେଠାକୁ ପଳାଇବ, ସେଥିପାଇଁ ଟାଣ ଖରା ସତ୍ତ୍ୱେ ସେମାନେ ରାଜଭବନ ଯାଇଥିଲେ।

ଅପରାହ୍ନ ଅଧିବେଶନରେ ବି ସକାଳର ଦୃଶ୍ୟ ରିପିଟ୍ ହୋଇଥିଲା।

ଗୃହ କାର୍ଯ୍ୟ ଚାଲିବା ମାତ୍ରେ ଦୁଇ ଦଳ ପୁଣି ନିଜ ନିଜ ଭିତରେ ବଳ କଷାକଷିରେ ଲାଗିପଡ଼ିଥିଲେ। ତେବେ ବିଜେଡି ସଦସ୍ୟମାନେ କକ୍ଷତ୍ୟାଗ କରିଥିବାବେଳେ କଂଗ୍ରେସ କିନ୍ତୁ ଗୃହ ମଧ୍ୟଭାଗରେ ତା'ର ପ୍ରତିବାଦ ଜାରି ରଖିଥିଲା।

କଂଗ୍ରେସର ପ୍ରତିବାଦ ମଧ୍ୟରେ ବାଚସ୍ପତି ଗୃହକୁ ସୋମବାର ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ଦୁଇ ଦଳର ହଟ୍ଟଗୋଳ ଭିତରେ କିନ୍ତୁ ବିଜେପିର ୩ ବିଧାୟକ ଟଙ୍କଧର ତ୍ରିପାଠୀ, ଅମର ନାୟକ ଓ ପୂର୍ଣ୍ଣଚନ୍ଦ୍ର ସେଠୀ ଦୁଇ ବିରୋଧୀ ଦଳଙ୍କୁ ମନଇଚ୍ଛା ଶୁଣାଇଥିଲେ। ହେଲେ ବିରୋଧୀ ଦଳ ପକ୍ଷରୁ ଜଣେ ହେଲେ କେହି ବିଧାୟକ ଆଜି ନିଜର ବୟାନ ରେକର୍ଡ କରିପାରିନଥିଲେ। ସେମାନଙ୍କର ସବୁତକ ସମୟ ପରସ୍ପର ମଧ୍ୟରେ ବଳ କଷାକଷିରେ ଯାଇଥିଲା।

### ଖର୍ଚ୍ଚ ହେବ..

କେନ୍ଦ୍ର ସରକାର ବହନ କରୁଛନ୍ତି।
ଏଥିସହ ରାଜ୍ୟ ସରକାର ନିଜସ୍ୱ ଯୋଜନାରେ ଅତିରିକ୍ତ ଖର୍ଚ୍ଚ ବହନ କରିଆସୁଛନ୍ତି। ବର୍ତ୍ତମାନ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଶ୍ରେଣୀର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ମୁଣ୍ଡପିଛା ଖର୍ଚ୍ଚ ୭ ଟଙ୍କା ୬୪ ପଇସା ଏବଂ ଉଚ୍ଚ ପ୍ରାଥମିକ ଛାତ୍ରଛାତ୍ରୀଙ୍କ ପାଇଁ ମୁଣ୍ଡପିଛା ୧୦ ଟଙ୍କା ୯୪ ପଇସା ବିଦ୍ୟାଳୟମାନଙ୍କୁ ପ୍ରଦାନ କରାଯାଉଛି। ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟାହ୍ନଭୋଜନ ପ୍ରଦାନ କରାଗଲେ ୧୦ ଲକ୍ଷ ୮୦ ହଜାର ଛାତ୍ରଛାତ୍ରୀ ଉପକୃତ ହେବେ ଏବଂ ଏ ବାବଦକୁ ରାଜ୍ୟ ସରକାରଙ୍କର ବର୍ଷକୁ ୬୪୬ କୋଟି ୩୧ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ମନ୍ତ୍ରୀ ଉଲ୍ଲେଖ କରିଛନ୍ତି।

## ନ୍ୟାୟ ଖୋଜୁଛି ନାବାଳିକା

# ବିବାହ ପ୍ରଲୋଭନ ଦେଇ ପ୍ରତାରଣା

### ପ୍ରେମିକା ଗର୍ଭବତୀ, ଯୁବକ ଫେରାର

**କାକଟପୁର/ଅସ୍ତରଙ୍ଗ, ୭।୩ (ସଂଚାର ବ୍ୟୁରୋ) :** ବିବାହର ପ୍ରତିଶ୍ରୁତି ଦେଇ ପ୍ରତାରଣା। ଆଉ ଏହି ସମୟ ମଧ୍ୟରେ ଯାହା ସବୁ ଘଟିଗଲା, ତା କହିଲେ କୁଳ କୁଟୁମ୍ବକୁ ଲାଜ, ନ କହିଲେ କୁଳ ଭାସିଯାଉଛି। ନାବାଳିକାଟିଏ, କଣ ବା ଜାଣିଥିଲା ତା ଜୀବନରେ ଘଟିଯିବ ଏତେ ବଡ଼ ଘଟଣା।

ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଧୀନ ଏକ ଅଞ୍ଚଳରେ ଜଣେ ନାବାଳିକା ଝିଅ (୧୬)କୁ ବିବାହ ପ୍ରଲୋଭନ ଦେଖାଇ ପ୍ରତାରଣା କରାଯାଇଛି। ନାବାଳିକା ଜଣକ ୫ ମାସର ଗର୍ଭବତୀ। ଏ ନେଇ ନାବାଳିକା ଜଣକ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଛନ୍ତି। ଖବର ମୁତାବକ ଅସ୍ତରଙ୍ଗ ଥାନା ଅଞ୍ଚଳର ଜୟକୃଷ୍ଣ ବେହେରା (୨୫) ଯୁବତୀକୁ ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ। ନାବାଳିକା ଜଣକୁ ବାରଣ କରିବା ସତ୍ତ୍ୱେ ବାରମ୍ବାର ଏପରି ଶାରୀରିକ ସମ୍ପର୍କ ରଖୁଥିଲେ ଯୁବକ। କିନ୍ତୁ ନାବାଳିକା ଜଣଙ୍କ ଗର୍ଭବତୀ ହେବାରୁ ବିବାହ କରିବାକୁ ମନାକରିଦେଇଥିଲେ। ଏହାସହ ଗର୍ଭ ନଷ୍ଟ କରିବାକୁ କିଛି ଅର୍ଥ ମଧ୍ୟ ଦେଇଥିଲେ। କିନ୍ତୁ ନାବାଳିକା ୫ମାସର ଗର୍ଭବତୀ ହେବା ପୀଡିତାଙ୍କ ପରିବାର ଲୋକ ଜାଣିବା ପରେ ପରିବାର ଲୋକଙ୍କ ଶହ ନାବାଳିକା ଜଣକ ଶୁକ୍ରବାର ମଧ୍ୟାହ୍ନ ସମୟରେ ଅସ୍ତରଙ୍ଗ ଥାନାରେ ପହଂଚି ପ୍ରେମିକ ଜୟକୃଷ୍ଣ ବେହେରାଙ୍କ ବିରୋଧରେ ଏତଲା ଦେଇଛନ୍ତି। ପୁଲିସ ନାବାଳିକାଙ୍କୁ ଡାକ୍ତରୀ ମାଇନା କରି ପୀଡିତାଙ୍କ ଏତଲାକୁ ଭିତ୍ତିକରି ଅସ୍ତରଙ୍ଗ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୁଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ ଜାରି ରଖିଛି।

# ଏଣିକି ଏଣ୍ଟ୍ରାସ ମାର୍କ ଆଧାରରେ ପିଜି ନାମଲେଖା

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ଆଗାମୀ ଶିକ୍ଷାବର୍ଷ ୨୦୨୫-୨୬ ନିମନ୍ତେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଯଥେଷ୍ଟ ସଅଳ ଆରମ୍ଭ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏଥିନିମନ୍ତେ ଆବେଦନକାରୀଙ୍କ ପାଇଁ ଆସନ୍ତା ୧୦ ତାରିଖରୁ କମନ୍ ଆପ୍ଲିକେସନ୍ ଫର୍ମ (ସିଏଏଫ୍) ଭରଣ ପ୍ରକ୍ରିୟା ଆରମ୍ଭ ହେବ। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ କମନ୍ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ୍ (ସିପିଇଟି) ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ। ଏହି ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ସ୍ନାତକୋତ୍ତର ପାଠ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କୁ ଚୟନ କରାଯିବ।




ସିପିଇଟି ଆସନ୍ତା ମେ' ମାସର ପ୍ରଥମ ସପ୍ତାହରେ ଅନୁଷ୍ଠିତ ହେବ। ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପାଇଁ ସିପିଇଟି ପରୀକ୍ଷା ମାର୍କ ପ୍ରମୁଖ ମାନଦଣ୍ଡ ହୋଇଥିବାରୁ ଛାତ୍ରଛାତ୍ରୀଙ୍କ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ ଭାବେ ମେଧା ଆଧାରିତ ହୋଇପାରିବ।

ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମଲେଖା ପ୍ରକ୍ରିୟାକୁ ଶୀଘ୍ର ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିସହ ଆସନ୍ତା ଜୁଲାଇ ୧୦ ତାରିଖ ସୁଦ୍ଧା ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହାଦ୍ୱାରା ସଠିକ ସମୟରେ ପାଠ୍ୟକ୍ରମ ସମାପ୍ତ ହେବା ସହ ଉପଯୁକ୍ତ ସମୟରେ ପରୀକ୍ଷା କରାଯାଇପାରିବ। ଫଳାଫଳ ମଧ୍ୟ ସଠିକ୍ ସମୟରେ ଆସିପାରିବ। ଏହାଦ୍ୱାରା ରାଜ୍ୟର ସମସ୍ତ ଛାତ୍ରଛାତ୍ରୀ ଉପକୃତ ହୋଇପାରିବେ।

# ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ



**ଖୋର୍ଦ୍ଧା,୭।୩(ସଂଚାର ବ୍ୟୁରୋ):** ସମାଜରେ ପ୍ରତିଦିନ ମହିଳାମାନେ ଯେଉଁ ଅମୂଲ୍ୟ ଅବଦାନ ଦିଅନ୍ତି, ତାହାକୁ ସ୍ୱୀକୃତି ଦେବା ପାଇଁ ଏବଂ ସ୍ମରଣୀୟ କରିବା ଉଦ୍ଦେଶ୍ୟରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ମହିଳାଙ୍କ ପ୍ରଗତି, ସମର୍ଥନ ଏବଂ ଉତ୍ଥାନକୁ ପାଳନ କରିବା ଲକ୍ଷ୍ୟରେ, ପୂର୍ବତଟ ରେଲୱେ ମହିଳା କଲ୍ୟାଣ ସଂଗଠନ, ଖୋର୍ଦ୍ଧାରୋଡ ଦ୍ୱାରା ଟ୍ରାଫିକ୍ କଲୋନୀ ସ୍ଥିତ ନ୍ୟୁ ଅଫିସର୍ସ କ୍ଲବରେ "ଆନ୍ତର୍ଜାତୀୟ ମହିଳା ଦିବସ" ପାଳନ କରାଯାଇଛି । ଏହି ଅବସରରେ, ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶ୍ରୀମତୀ ଗୁର୍ ସିମ୍ରନ୍ କୌରଙ୍କ ଦ୍ୱାରା, ଖୋର୍ଦ୍ଧା ରୋଡ଼ ମଣ୍ଡଳର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ୨୮ ଜଣ ମହିଳା କର୍ମଚାରୀଙ୍କୁ, ସେମାନଙ୍କର ସଚ୍ଚୋଟତା ଏବଂ କଠିନ ପରିଶ୍ରମ ପାଇଁ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ମହିଳା କଲ୍ୟାଣ ସଂଗଠନର ସଭାନେତ୍ରୀ ଶ୍ରୀମତୀ ଗୁର୍ ସିମ୍ରନ୍ କୌର, ଖୋର୍ଦ୍ଧା ରୋଡ଼ ମଣ୍ଡଳର ସମସ୍ତ ମହିଳା କର୍ମଚାରୀଙ୍କୁ ସେମାନଙ୍କର କଠିନ ପରିଶ୍ରମ ଏବଂ କର୍ତ୍ତବ୍ୟ ପ୍ରତି ନିଷ୍ଠା ପାଇଁ ଅଭିନନ୍ଦନ ଜଣାଇଥିଲେ। ଏବଂ କହିଥିଲେ ଯେ, ମହିଳାମାନେ ସମାଜର ମେରୁଦଣ୍ଡ, ମହିଳା ସଶକ୍ତିକରଣ ସମାଜକୁ ସଶକ୍ତ କରିବ। ଏହି ଅବସରରେ ମହିଳା କର୍ମଚାରୀଙ୍କ ପାଇଁ ବିଭିନ୍ନ ଖେଳର ଆୟୋଜନ କରାଯାଇଥିଲା। ପୂର୍ବତଟ ରେଳ ମହିଳା କଲ୍ୟାଣ ସଂଗଠନ, ଖୋର୍ଧା ରୋଡର ସଚିବ ଶ୍ରୀମତୀ ପ୍ରିୟଙ୍କା ନାଗୱାନି ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ଏହି ଆନ୍ତର୍ଜାତୀୟ ମହିଳା ଦିବସ ପାଳନ ଉତ୍ସବରେ, ମହିଳା କଲ୍ୟାଣ ସଂଗଠନର କୋଷାଧ୍ୟକ୍ଷ, ଶ୍ରୀମତୀ ନେହା ଦେବାଙ୍ଗନ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।



# ମା'ପ୍ରାଚେଶ୍ୱରୀ ଗ୍ରାମ ଦେବତୀଙ୍କ ନୂତନ ମନ୍ଦିରର ରତ୍ନମୂଦ ଉତ୍ସବ

**ନାଉଗାଁ, ୭।୩ (ସଂଚାର ବ୍ୟୁରୋ) :** ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦା (ଗୋବରୀକୂଳ) ଗ୍ରାମର ମା'ପ୍ରାଚେଶ୍ୱରୀ ଗ୍ରାମ ଦେବତୀଙ୍କ ନୂତନ ମନ୍ଦିରର ରତ୍ନମୂଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାତଃ କାଳରୁ ସୂର୍ଯ୍ୟ ପୂଜା, ଘୃତ ଯଜ୍ଞ ଆଦି କାର୍ଯ୍ୟ ସମ୍ପନ୍ନ କରାଯାଇ ଅପରାହ୍ନ ୨ଟା ସମୟରେ ରତ୍ନମୂଦ କାର୍ଯ୍ୟ ମୁଖ୍ୟ ବିଶ୍ୱକର୍ମା, ସହ ବିଶ୍ୱର୍କମା, ପଣ୍ଡିତମାନଙ୍କ ଉପସ୍ଥିତିରେ କରାଯାଇଥିଲା। ଏହି ଉତ୍ସବରେ ସ୍ଥାନୀୟ ଅଞ୍ଚଳରୁ ଶତାଧିକ ଭକ୍ତମାନେ ସାମିଲ ହୋଇ ଧନରତ୍ନ ଆଦି ପକାଇ ମା'ଙ୍କ କୃପା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କର୍ତ୍ତା ଭାବେ ଶରତ ଚନ୍ଦ୍ର ସ୍ୱାଇଁ ରହିଥିଲେ।

## ଏନ୍‌ଡିସିସିବି ପରିଚାଳନା ପରିଷଦ ନିଲମ୍ବନ ଘଟଣା

# ନିବନ୍ଧକଙ୍କ ନିର୍ଦ୍ଦେଶ ଉପରେ ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତାଦେଶ

**ନୟାଗଡ଼, ୭।୩ (ସଂଚାର ବ୍ୟୁରୋ) :** ରାଜ୍ୟ ସରକାର ନିର୍ବାଚିତ ଜନପ୍ରତିନିଧିଙ୍କ ଉପରେ ଆକ୍ରୋଶ ମୂଳକ କାର୍ଯ୍ୟାନୁଷ୍ଠାନ ଉପରେ ବାଜିଛି ଉଚ୍ଚ ନ୍ୟାୟାଳୟ ଛାଟ। ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ(ଏନଡିସିସିବି) ପରିଚାଳନା ପରିଷଦକୁ ଗତ ଫେବୃୟାରୀ ୬ ତାରିଖରେ ରାଜ୍ୟ ସମବାୟ ବିଭାଗ ନିବନ୍ଧକ ନିଲମ୍ବନ କରିଥିଲେ। ଏହି ନିର୍ଦ୍ଦେଶ ଉପରେ ଉଚ୍ଚ ନ୍ୟାୟାଳୟ ଆଜି ସ୍ଥଗିତାଦେଶ ପ୍ରଦାନ କରିଛନ୍ତି। ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ପରିଚାଳନା ପରିଷଦକୁ ବିଭିନ୍ନ ଅମୂଳକ କାରଣ ଦର୍ଶାଇ ନିଲମ୍ବନ କରିଥିବା ବେଳେ ନୟାଗଡ଼ ଜିଲ୍ଲାପାଳଙ୍କୁ ଆଡମିଷ୍ଟେଟର ଭାବେ ନିଯୁକ୍ତ କରାଯାଇଥିଲା।

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ସଭାପତି ଓ ପରିଚାଳନା ପରିଷଦ ସହ ସମ୍ପାଦକଙ୍କ ଦୀର୍ଘଦିନ ଧରି ବିବାଦ ଚାଲିଥିଲା। ଯାହାକୁ ନେଇ ପରିଚାଳନା ପରିଷଦ ସମ୍ପାଦକଙ୍କୁ




ନିଲମ୍ବିତ କରିଥିଲେ। ଏପରିକି ବିବାଦ କ୍ରମେ ଥାନାରେ ପହଞ୍ଚିଥିଲା। ଏବେ ରାଜ୍ୟ ସମବାୟ ନିବନ୍ଧକ ପରିଚାଳନା ପରିଷଦକୁ ନିଲମ୍ବନ କରିବା ପରେ ଘଟଣା ଭିନ୍ନ ରୂପ ନେବାକୁ ଯାଉଛି।

ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କରେ ଇନକମ୍ ଟ୍ୟାକ୍ସ ଫାଙ୍କିବା ପାଇଁ ଗୋଟିଏ ଚାଟାର୍ଡ଼ ସଂସ୍ଥାକୁ ୨.୧୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ପ୍ରଦାନ କରଯାଇଥିବା ଘଟଣାକୁ ସମବାୟ ବିଭାଗ ଗୁରୁତର ସହ ନେଇଥିଲା । ଏହା ସହିତ ପବିତ୍ର ମୋହନ ପ୍ରଧାନ ନାମକ ଜୈନିକ ଅବସରପ୍ରାପ୍ତ କର୍ମଚାରୀଙ୍କୁ ମାସିକ ୧୦ ହଜାର ବେତନରେ ଓଏସଡି ଭାବେ ନିଯୁକ୍ତ କରାଯାଇଥିବା ଘଟଣାକୁ ସମବାୟ ବିଭାଗ ବେନିୟମ ବୋଲି ଦର୍ଶାଯାଇଥିଲା। ଯାହା ନିୟମ ଅନୁସାରେ କରାଯାଇଥିବା ସଭାପତି କହିଛନ୍ତି। ସଭାପତି ଓ ପରିଚାଳନା ପରିଷଦ ବୈଠକ ପ୍ରାପ୍ୟ ବାବଦରେ ୪ ହଜାର ଲେଖାଏଁ ଉଠାଣ କରିଥିବା ତା ସହିତ ସଭାପତିଙ୍କ ପାଇଁ ବେତନ, ଟେଲିଫୋନ୍ ବିଲ ଏବଂ ଅନ୍ୟାନ ସୁବିଧା ନେଇ ହୋଇଥିବା ରିଜୋଲେସନକୁ ଅମୂଳକ ବୋଲି ନିବନ୍ଧକ ଦର୍ଶାଇଥିଲେ। ଏହା କେବଳ ରିଜୋଲେଶନ ହୋଇଥିବା ବେଳେ ଆଦୌ କାର୍ଯ୍ୟକାରୀ ହୋଇ ନଥିବା ସୂଚନା ମିଳିଛି। ନିଲମ୍ବନ ଆଦେଶ ଉପରେ ପରିଚାଳନା ପରିଷଦ ଉଚ୍ଚ ନ୍ୟାୟାଳୟର ଆଶ୍ରୟ ନେଇଥିଲା। ଆଜି ଏହାର ଶୁଣାଣି କରାଯାଇ ବିଚାରପତି ନିବନ୍ଧକଙ୍କ ଆଦେଶ ଉପରେ ସ୍ଥଗିତାଦେଶ ପ୍ରଦାନ କରିଛନ୍ତି।

# ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପ୍ରଧାନ ଶିକ୍ଷକ ଗିରଫ

**ନାଉଗାଁ, ୭।୩ (ସଂଚାର ବ୍ୟୁରୋ) :** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନ ଡାବର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗରେ ପ୍ରଧାନ ଶିକ୍ଷକ ରୁଦ୍ରପ୍ରସାଦ ସ୍ୱାଇଁଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ତାଙ୍କୁ ଶନିବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରଦୀପ୍ତ କାନୁନଗୋ ସୂଚନା ଦେଇଛନ୍ତି। ଉକ୍ତ ବିଦ୍ୟାଳୟରେ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକ ସ୍ୱାଇଁ ଅସଦାଚରଣ କରିଥିବା ନେଇ ଫେବୃଆରୀ ୧୭ରେ ଶିଶୁ ସୁରକ୍ଷା ହେଲ୍ପ ଲାଇନ ନମ୍ବରରେ କଲ କରାଯାଇ ଅଭିଯୋଗ କରାଯାଇଥିଲା। ଅଭିଯୋଗକୁ ଭିତ୍ତିକରି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ଅଧିକାରୀମାନେ ବିଦ୍ୟାଳୟରେ ପହଁଚି ଘଟଣା ଉପରେ ତଦନ୍ତ କରିଥିଲେ। ଉକ୍ତ ତଦନ୍ତ ରିପୋର୍ଟ ଜଗତସିଂହପୁର ଜିଲ୍ଲା ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଥିଲେ। ଉକ୍ତ ରିପୋର୍ଟକୁ ଭିତିକରି ଫେବୃଆରୀ ୨୨ରେ ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରିଣୀ ରାଜଶ୍ରୀ ସାହୁ, ବ୍ଲକ ଶିକ୍ଷାଧିକାରୀ କୈଳାଶ ଚନ୍ଦ୍ର ପାଢ଼ୀ ବିଦ୍ୟାଳୟରେ ପହଁଚି ତଦନ୍ତ କରି ଶିକ୍ଷକ ସ୍ୱାଇଁଙ୍କୁ ନିଲମ୍ବନ ନିର୍ଦ୍ଦେଶ ଦେଇଥିଲେ। ପରେ ଏହି ଘଟଣା ଉପରେ ଆବଶ୍ୟକ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ମାର୍ଚ୍ଚ ୬ରେ ଥାନାରେ ଲିଖିତ ଅଭିଯୋଗ କରାଯାଇଥିଲା। ଅଭିଯୋଗ ଉପରେ ତଦନ୍ତ କରାଯାଇ ପ୍ରଧାନ ଶିକ୍ଷକ ସ୍ୱାଇଁଙ୍କୁ ଗିରଫ କରାଯାଇଥିବା ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଅନ୍ତର୍ଜାତୀୟ ମହିଳା ଦିବସ ପକ୍ଷ ପାଳନ

**ଖୋର୍ଦ୍ଧା, ୭।୩ (ସଂଚାର ବ୍ୟୁରୋ) :** ସମଗ୍ର ଭାରତ ବର୍ଷରେ ଫେବୃୟାରୀ ୨୨ରୁ ମାର୍ଚ୍ଚ ୮ ପର୍ଯ୍ୟନ୍ତ ଆନ୍ତର୍ଜାତୀୟ ମହିଳା ଦିବସ ପକ୍ଷ ପାଳନ ହେଉଥିବା ବେଳେ ଆଜି ଖୋର୍ଦ୍ଧା ଆଇ.ସି.ଡି.ଏସ. ସଭା ଗୃହରେ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ପାଳନ ହୋଇଯାଇଛି। ଏହି ଦିବସକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ଆୟୋଜନ କରିଥିବା ବେଳେ ମୁଖ୍ୟଅତିଥି ରୂପେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ କୁସୁମ ପ୍ରହରାଜ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ କାର୍ଡ ଅନୁଷ୍ଠାନର ନିର୍ଦ୍ଦେଶିକା ମଞ୍ଜୁପ୍ରଭା ଧଳ, ସି.ଡି.ପି.ଓ.ନନ୍ଦିତା ମହାନ୍ତି, ୨୬ ନଂ ଜୋନର ଜିଲ୍ଲାପରିଷଦ ସଭ୍ୟ ସୁବାଶ ଚନ୍ଦ୍ର ରାଇଗୁରୁ ଏବଂ ପୂର୍ବତନ ଗେଡିଆପଲ୍ଲୀ ସରପଞ୍ଚ ଅର୍ଜୁନ ବେହେରା ପ୍ରମୁଖ ଅତିଥି ରୂପେ ଯୋଗଦେଇ ମହିଳା ହିଂସା ଏବଂ ସୁରକ୍ଷା ସହିତ ସେମାନେ



କିପରି ଉଚ୍ଚ ଶିକ୍ଷିତ ହୋଇ ସମାଜର ମୁଖ୍ୟ ସ୍ରୋତରେ ସାମିଲ ହେବେ, ତାହା ଉପରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ।

ଖୋର୍ଦ୍ଧା ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ପ୍ରଦାନ କରିବା ସହିତ କେନ୍ଦ୍ର ସରକାରଙ୍କ ବେଟୀ ବଚାଓ ବେଟୀ ପଢାଓ ଯୋଜନା ମାଧ୍ୟମରେ ମହିଳା ମାନଙ୍କୁ ଆଗକୁ ବଢ଼ିବା ପାଇଁ ସୁଯୋଗ ଅଛି,ଏହାର ସୁଯୋଗ ସମସ୍ତେ ନେବା ଆବଶ୍ୟକ ବୋଲି ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଅଙ୍ଗନବାଡି କର୍ମୀ, ଓ୍ୱାନ ଷ୍ଟପ ସେଣ୍ଟରର କର୍ମଚାରୀ ଏବଂ ସ୍ୱୟଂ ସହାୟକ ଗୋଷ୍ଠୀର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ଦିବସକୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟର ସାମାଜିକ କର୍ମୀ ରିତାଞ୍ଜାଳୀ ମହାନ୍ତି, ପରମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର ଏବଂ ଅର୍ଚ୍ଚନା ରାୟ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଆମ ପୁଲିସ ସମିତି ଓ ଆଇନ୍ ସଚେତନତା କାର୍ଯ୍ୟକ୍ରମ

**କାକଟପୁର/ଅସ୍ତରଙ୍ଗ, ୭।୩ (ସଂଚାର ବ୍ୟୁରୋ):** ଶୁକ୍ରବାର ଅପରାହ୍ନରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପରିସରରେ ଆମ ପୋଲିସ ସମିତି ଓ ଆଇନି ସଚେତନତା ସମ୍ପର୍କିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ଅଧକ୍ଷତାରେ ବୈଠକରେ ସାଧାରଣ ଲୋକ ତଥା ବୟୋଜ୍ୟେଷ୍ଠ, ମହିଳା ଙ୍କୁ ତ୍ୱରିତ ନ୍ୟାୟ ପ୍ରଦାନ, ଅପରାଧ ନିୟନ୍ତ୍ରଣ ରେ ଟେକ୍ନିକାଲ ପ୍ରୟୋଗ ଶହ ପ୍ରଭାବଶାଳୀ ଆଇନି ଆଖିରେ ଧୂଳି ଦେଇପାରିବେନି ବୋଲି ଥାନାଅଧିକାରୀ ବକ୍ତବ୍ୟ ରଖିଥିଲେ। ଆମ ପୋଲିସ କାର୍ଯ୍ୟକ୍ରମ ଆୟୋଜନ ଆଭିମୁଖ୍ୟ ଓ ଜନସାଧାରଣ ଙ୍କ ସହିତ ସମ୍ପର୍କ ଯୋଡିବାରେ ମହାନତା ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ବରିଷ୍ଠ ଅତିଥି ମାନେ ଯୋଗଦେଇ ପୁଲିସ ଜନତାର ବନ୍ଧୁ, ଜନସାଧାରଣଙ୍କୁ ଶୃଙ୍ଖଳିତ ସେବା ଯୋଗାଇବା ସହିତ ସର୍ବସାଧାରଣଙ୍କୁ ସୁରକ୍ଷା ଦେବା ଓ ବିଭିନ୍ନ କ୍ଷେତ୍ରରେ ନିର୍ଯାତନା ଭୋଗୁଥିବା ଲୋକମାନଙ୍କୁ ନ୍ୟାୟ ପ୍ରଦାନ କରିବାରେ ପୁଲିସର ଯେଭଳି ଭୂମିକା ଅଛି ସେହି ଅନୁକ୍ରମରେ ସାଧାରଣ ଜନତାଙ୍କର ପୁଲିସ କୁ ସହଯୋଗ କରିବାରେ ଆବଶ୍ୟକତା ଥିବା ସମ୍ପର୍କରେ ଆଲୋକପାତ କରିଥିଲେ। ଆଇନ ଯଥା ଆଇପିସି, ସିଆରପିସି ଓ ଆଇଇଏ ହଟିଯାଇ ସାରା ଭାରତରେ ଲାଗୁହୋଇଛି ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା ଏବଂ ଭାରତୀୟ ସାକ୍ଷ୍ୟ ସଂହିତା। ନାରୀ ନିର୍ଯାତନା, ଗ୍ରାମାଞ୍ଚଳରେ ଅବାଧ ନିଶା କାରବାର, ବରିଷ୍ଠ ନାଗରିକଙ୍କ ସୁରକ୍ଷା ଦିଗରେ ପୁଲିସର ଦାୟିତ୍ୱ ଓ ଜନସାଧାରଣ ଙ୍କ ସହଯୋଗ ସମ୍ପର୍କରେ ପୁଲିସ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ଆଲୋଚନା କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ସ୍ଥାନୀୟ ଅଞ୍ଚଳ ବୁଦ୍ଧିଜୀବି, ଜନପ୍ରତିନିଧି ଓ ବରିଷ୍ଠ ନାଗରିକ ଯୋଗଦେଇଥିଲେ।

# ୧୪୭ ଲିଟର ଦେଶୀମଦ ଜବତ, ୫ ଗିରଫ



**ଟାଙ୍ଗୀ-ଚୌଦ୍ୱାର, ୭।୩ (ସଂଚାର ବ୍ୟୁରୋ) :** ଚୌଦ୍ୱାର ଅବକାରୀ ବିଭାଗ ତରଫରୁ ଟାଙ୍ଗୀ-ଚୌଦ୍ୱାର ବ୍ଲକ ସାନଚାଞ୍ଚୋ ଓ ନଖରା ଗ୍ରାମରେ ଚଢ଼ଉ କରାଯାଇ ୧୪୭ ଲିଟର ବେଆଇନ୍ ଦେଶୀ ମଦ ଜବତ କରାଯିବା ସହିତ ଏସଂକ୍ରାନ୍ତରେ ଜଣେ ମହିଳାଙ୍କ ସମେତ ୫ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଆଠଗଡ଼ ଅଞ୍ଚଳର ଆଶୀଷ ମଲ୍ଲିକ, ସୁଶାନ୍ତ ବେହେରା, ଚୌଦ୍ୱାର ନଖରା ପଞ୍ଚାୟତ ଅଞ୍ଚଳର କବିତା ମହାନ୍ତି, ବରପଦାର ବିଜୟ ମଲ୍ଲିକ ଓ ଝୁଲା ପ୍ରଧାନ। ମଦ ଚାଲାଣରେ ବ୍ୟବହାର କରାଯାଇଥିବା ଏକ ସ୍କୁଟିକୁ ମଧ୍ୟ ଜବତ କରାଯାଇଥିବା ସୂଚନା ମିଳିଛି। ବିଭିନ୍ନ ସ୍ଥାନରେ ବେଆଇନ୍ ମଦ କାରବାର ହେଉଥିବା ଖବରପାଇ କଟକ ଅବକାରୀ ସୁପରିଟେଣ୍ଡେଣ୍ଟ କରୁଣା ଶଂକର ତିୱାରୀଙ୍କ ନିର୍ଦ୍ଦେଶ କ୍ରମେ ଚୌଦ୍ୱାର ଅବକାରୀ ବିଭାଗର ବରିଷ୍ଠ ଅଧିକାରୀ ବାପି ସାହୁ, ଆଶୁତୋଷ ଜେନା, ରାମକୃଷ୍ଣ ବିଶ୍ୱାଳ, ଦେବବ୍ରତ ଓଝା, ଲକ୍ଷ୍ମଣ ବେହେରା, ତୃପ୍ତିମୟୀ ପରିଡ଼ାଙ୍କୁ ନେଇ ଗଠିତ ଏକ ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲେ।

# ଆଇନ୍ ସଚେତନତା ଶିବିର



**କଣାସ, ୭।୩ (ସଂଚାର ବ୍ୟୁରୋ) :** ଆଜି କଣାସ ପୋଲିସ୍ ପକ୍ଷରୁ କଣାସ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଇନ୍ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କଣାସ ଆଇନଜୀବୀ ସଂଘର ସଭାପତି ସଦାନନ୍ଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନ ସଭାରେ କଣାସ ଥାନା ଆଇ.ଆଇ.ସି ପ୍ରମୋଦ କୁମାର ଜୁଝାରସିଂହ ଯୋଗଦେଇ ବିଭିନ୍ନ ଆଇନ୍ ଶୃଙ୍ଖଳା ଉପରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ସୂଚନା ଦେବାସହ କୌଣସି ଛାତ୍ରଛାତ୍ରୀ କୌଣସି ସମସ୍ୟାରେ ପଡ଼ିଲେ ୧୧୨ନଂକୁ ଟେଲିଫୋନ୍ କଲେ ସଂଗେସଂଗେ ପୁଲିସ୍ ତା ନିକଟରେ ପହଞ୍ଚି ସାହାର୍ଯ୍ୟ କରିପାରିବ ଏବଂ କୌଣସି ଟେଲିଫୋନ୍‌ରୁ ଫଲଡକଲ୍‌ର ବିଭିନ୍ନ ପ୍ରକାର ଧମକ ଆସିଲେ ଭୟଭିତ ନହୋଇ ୧୯୩୦ନଂକୁ ଫୋନ୍ କଲେ ତୁମକୁ ସହାୟତା ମିଳିପାରିବ ବୋଲି ଆଇଆଇସି ଶ୍ରୀ ଜୁଝାରସିଂହ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରାଇଥିଲେ। ସଚେତନ ସଭାରେ ୨ଶହରୁ ଉର୍ଦ୍ଧ୍ୱ ଛାତ୍ରାଛାତ୍ରୀ ଉପସ୍ଥିତ ଥିଲେ।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ ହିନ୍ଦୀ କର୍ମଶାଳା



**ଖୋର୍ଦ୍ଧା, ୭।୩ (ସଂଚାର ବ୍ୟୁରୋ):** ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟର ତିନି ଜଣିଆ ଯାଞ୍ଚ ଦଳର ଗସ୍ତ ଅବସରରେ ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି), ଭୁବନେଶ୍ୱର ପକ୍ଷରୁ ୭ ମାର୍ଚ୍ଚ ୨୦୨୫ ରେ ଏକ ସ୍ୱତନ୍ତ୍ର ହିନ୍ଦୀ କର୍ମଶାଳା ଆୟୋଜିତ ହୋଇଥିଲା। ଯାଞ୍ଚ ଦଳର ନିର୍ଦ୍ଦେଶକ (ଆନୁଷ୍ଠାନିକ ଭାଷା) ଶ୍ରୀ ଜଗଦୀଶ ରାମ ପାଉରୀଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ସହକାରୀ ନିର୍ଦ୍ଦେଶକ ଶ୍ରୀମତୀ ରେଖା ରାଣୀ ଏବଂ କନିଷ୍ଠ ଅନୁବାଦ ଅଧିକାରୀ ଶ୍ରୀମତୀ ନୀତୁ କୁମାରୀ ମଧ୍ୟ ଉପସ୍ଥିତ ଥିଲେ।

ସରକାରୀ ଭାଷା ନୀତି ଏବଂ ଏହାର କାର୍ଯ୍ୟାନ୍ୱୟନ" ଶୀର୍ଷକ କର୍ମଶାଳା ପ୍ରତିଷ୍ଠାନର ସରକାରୀ ଭାଷା ୟୁନିଟ୍ ଦ୍ୱାରା ଆୟୋଜିତ ହୋଇଥିଲା। କର୍ମଶାଳାର ମୁଖ୍ୟବକ୍ତା ଜଗଦୀଶ ରାମ ପାଉରୀ ସରକାରୀ ଭାଷା ନୀତିର ଗୁରୁତ୍ୱ ଏବଂ ଏହାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ଉପରେ ଏକ ବିସ୍ତୃତ ବକ୍ତୃତା ପ୍ରଦାନ କରିଥିଲେ। ଏହି କର୍ମଶାଳାରେ ଆଇଆଇଟି ଭୁବନେଶ୍ୱର ଜଟଣୀ ରେଜିଷ୍ଟ୍ରାର ବାମଦେବ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଭୁବନେଶ୍ୱର ନଗର ରାଜଭାଷା କାର୍ଯ୍ୟାନ୍ୱୟନ କମିଟିର ସଦସ୍ୟମାନେ ମଧ୍ୟ ଏହି କର୍ମଶାଳାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

## ପରିବାର ବୋଝକୁ ସ୍କୁଟିରେ ବୋହୁଛନ୍ତି ଲିପିନା

# ଗାଁ ଗାଁ ବୁଲି ବିକୁଛନ୍ତି ମାଛ

**କାକଟପୁର/ଅସ୍ତରଙ୍ଗ, ୭।୩ (ସଂଚାର ବ୍ୟୁରୋ):** ଜଣେ ଦକ୍ଷ, ପରିଶ୍ରମି ଓ ପରାକାଷ୍ଠା ଶ୍ରେଣୀର ନାରୀ ଲିପିନା। ସ୍କୁଟି ଚଳାଇ ଗାଁ ଗାଁବୁଲି ମାଛ ବ୍ୟବସାୟ କରୁଛନ୍ତି। ତାଙ୍କରି ରୋଜଗାର ଏବେ ପରିବାର ପେଟକୁ ଖାଦ୍ୟ ଯୋଗାଉଛି। ରକ୍ଷଣଶୀଳ ସମାଜରେ ସଶକ୍ତିକରଣ ଉଦାହରଣ।

ନିଜ ଜୀବନ ସଂଘର୍ଷ କାହାଣୀ ବଡ଼ ଲମ୍ବା। ୩୮ବର୍ଷୀୟ ମହିଳା ଲିପିନା ବେହେରା ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ଛୁରିଆନା ପଂଚାୟତ ଅଧୀନ ଅଣକଣା ଗ୍ରାମର ପ୍ରତାପ ବେହେରାଙ୍କ ପତ୍ନୀ। ସ୍ୱାମୀ ରୋଜଗାର କରୁଥିବା ବେଳେ ପରିବାର ହସଖୁସିରେ ଚଳୁଥିଲା। ହଠାତ କଳାବାଦଲ ଆସିବା ଭଳି ହସ ଖୁସିର ସଂସାର ମଧ୍ୟରେ ହଠାତ ସ୍ୱାମୀ ପ୍ରତାପ ମସ୍ତିଷ୍କ ଜନିତ ରୋଗରେ ଆକ୍ରାନ୍ତ ହୋଇ ଅପରେସନ ହେଲେ। ଘରର ଏକମାତ୍ର ରୋଜଗାରିଆ ମଣିଷ ହୋଇଗଲେ ଶଯ୍ୟାଶାୟୀ। ସ୍ୱାମୀର ଔଷଧ ଖର୍ଚ୍ଚ ଶହ ପିଲାଙ୍କ ପାଠପଢା କେମିତି ତୁଲାଇବେ ଚିନ୍ତାରେ ପଡ଼ିଥିଲେ। ଆଉ ନିଜ ପରିବାର ଚଳାଇବା ପାଇଁ ନିଜର ଅଦ୍ୟମ ସାହସ, ଦୃଢ଼ ଇଚ୍ଛା ଶକ୍ତି



ମାଧ୍ୟମରେ ଲିପିନା ସାଇକେଲରେ ମାଛ ବ୍ୟବସାୟ ଆରମ୍ଭ କଲେ। ପରିସ୍ଥିତି ଆଗରେ କିନ୍ତୁ ଭାଙ୍ଗିପଡ଼ିନାହାନ୍ତି ସେ। ରାତି ପାହିଲେ ମାଛ ଯୋଗାଡ଼ କରି ମାଛ ବ୍ୟବସାୟରୁ ଆରମ୍ଭ ହୁଏ ଲିପିନାଙ୍କ ଜୀବନ। ୮ କିଲୋମିଟର ଅସ୍ତରଙ୍ଗ ବଜାର ସମେତ ନଦୀ କୂଳକୁ ଯାଇ ଲିପିନା ମାଛ ସଂଗ୍ରହ କରିବାକୁ ପଡେ। ତା ସହିତ ଘର କାମ, ସ୍ୱାମୀ ସେବା, ପିଲାଙ୍କ ପାଠପଢା ଶହ କିଛି ରୋଜଗାର କରିବାକୁ ସିଲେଇ ମେସିନ, କିଛି ଛେଳି ମଧ୍ୟ ପାଳନ କରିଛନ୍ତି। ସକାଳୁ ରୋଷେଇ ସାରି ସ୍ୱାମୀକୁ ଔଷଧ ଖୁଆଇ ପିଲାଙ୍କ କଥା ବୁଝି ଗାଁ ଗାଁ ବୁଲି ମାଛ ବ୍ୟବସାୟ କରିବାକୁ ବାହାରିଯାଆନ୍ତି ଲିପିନା। କ୍ରମେ ପୂର୍ବସରକାର ସମୟରେ ମିଶନଶକ୍ତିରୁ ଋଣ ଆଣିଲେ। ଧୀରେ ଧୀରେ ସ୍ଥିତି ବଦଳିଗଲା। ବ୍ୟବସାୟ ଟିକେ ଭଲ ହେବାରୁ ସ୍କୁଟିଟିଏ କିଣିଲେ। ଆଉ ଏବେ ସାରା ଅଞ୍ଚଳରେ ଖୁବ ପରିଚିତା ଲିପିନା ଦିଦି ଭାବେ।

ଏବେ ବି ଆମ ସମାଜ ବ୍ୟବସ୍ଥା ନାରୀଟିଏ ପାଇଁ ଅନୁକୂଳ ହୋଇ ପାରିନାହିଁ। ସେ ପଦାକୁ ଗୋଡ଼ କାଢ଼ିଲେ ତାହା ପାଇଁ ଅନେକ ସମସ୍ୟା କିନ୍ତୁ ଏ ସବୁକୁ ଖାତିରି ନ କରି ଲିପିନା ବେହେରା ଓହ୍ଲାଇଥିଲେ ଜୀବନ ଯୁଦ୍ଧରେ। ଆଉ ଏଥିରେ ଆଜି ସଫଳ ହୋଇ ବୁଲୁଛନ୍ତି ଗାଁକୁ ଗାଁ। ଏଇଥି ପାଇଁ ଲିପିନା ବେହେରାଙ୍କୁ ଶହେ ସଲାମ୍। କାରଣ ତାଙ୍କ ସମୟର ଅସହାୟ ନାରୀ ପାଇଁ ସେ ପାଲଟିଯାଇଛନ୍ତି ଉତ୍କୃଷ୍ଟ ଉଦାହରଣ।

## ଜାତୀୟ ଆନ୍ତଃବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ

# ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୃତିତ୍ୱ

**ବ୍ରହ୍ମପୁର, ୭।୩ (ସଂଚାର ବ୍ୟୁରୋ):** ଉତ୍ତର ପ୍ରଦେଶର ନୋଇଡା ସ୍ଥିତ ଆମିଟି ବିଶ୍ୱବିଦ୍ୟାଳୟରେ ଗତ ୩ ଠାରୁ ୭ ମାର୍ଚ୍ଚ ପର୍ଯ୍ୟନ୍ତ ଆୟୋଜିତ ଜାତୀୟ ଆନ୍ତଃ ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବରେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସାଂସ୍କୃତିକ ଦଳ ପୁରସ୍କୃତ ହୋଇ ସର୍ବଭାରତୀୟ ସ୍ତରରେ କୃତିତ୍ୱ ଅର୍ଜନ କରିଛନ୍ତି। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ଅନିଶା ଦେବୀ ମେହେନ୍ଦି ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଦଳଗତ ଆଦିବାସୀ ଲୋକନୃତ୍ୟରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହ ସାଂସ୍କୃତିକ ଶୋଭାଯାତ୍ରାରେ ମଧ୍ୟ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି । ପ୍ରକାଶ ଥାଉ କି ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ବାଲିଗୁଡାର ଆଦିବାସୀ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ତରଫରୁ ଦଳଗତ ନୃତ୍ୟରେ ଭାଗ ନେଇଥିଲେ। ୭ ତାରିଖରେ ଆୟୋଜିତ ଉଦଯାପନୀ ଏବଂ ପୁରସ୍କାର ବିତରଣ ଉତ୍ସବରେ ପ୍ରତିଯୋଗିତାର ଫଳାଫଳ ଘୋଷଣା କରାଯାଇ କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ତରଫରୁ ଏଥିରେ ଟିମ୍ ମ୍ୟାନେଜର ଭାବେ ଡ. ମିହିର କୁମାର ତ୍ରିପାଠୀ ଏବଂ ଶୁଭସ୍ମିତା ସାହୁ ଯୋଗ ଦେଇଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ, ବିଭାଗ ସମୂହର ଅଧ୍ୟକ୍ଷ ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି।








## ବଢ଼ିଲା ସୁନା ଦର

ଦିନକୁ ଦିନ ସୁନା ଦର ବୃଦ୍ଧି ହେବାରେ ଲାଗିଛି। ୧ଲକ୍ଷ ଟଙ୍କା ଟପିବ ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୮୭ ହଜାର ୧୬୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୭୯, ୯୦୦ ଟଙ୍କା ଛୁଇଁଛି। ସେହିପରି ଆଜି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନାଦର ୭୯ ହଜାର ୯୦୦ ଟଙ୍କା ରହିଥିବା ବେଳେ ୨୪ କ୍ୟାରେଟ୍ ସୁନାଦର ୮୭ ହଜାର ୧୬୦ ହୋଇଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୯୦୦ ଟଙ୍କା ଓ ୮୭,୧୬୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୮୦, ୦୫୦ ଟଙ୍କା ଓ ୮୭, ୩୧୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୯୦୦ ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୧୬୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୯୦୦ ଓ ୮୭,୧୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୯,୧୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ଆଜି ଭାରତର ଅନେକ ସହରରେ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ଦେଖିବାକୁ ମିଳିଛି। ଅନେକ ସ୍ଥାନରେ ମୂଲ୍ୟ ହ୍ରାସ ପାଇଛି ଏବଂ ଅନେକ ସ୍ଥାନରେ ଇନ୍ଧନ ହାର ବୃଦ୍ଧି ପାଇଛି। ସେହିପରି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ .୫୨ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

### କାର୍ ବିକ୍ରି ବଢ଼ାଇବାକୁ ଦମଦାର ଅଫର ଦେଉଛି କମ୍ପାନୀ

# ୯୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି

**ନୂଆଦିଲ୍ଲୀ, ୭।୩:** ହୋଣ୍ଡା କମ୍ପାନୀର ପ୍ରିମିୟମ୍ କାରଗୁଡ଼ିକ ଭାରତରେ ବହୁ ଲୋକପ୍ରିୟ। ଏହା ଦେଶର ବଡ଼ କାର୍ କମ୍ପାନୀ ମଧ୍ୟରୁ ଅନ୍ୟତମ। ଏବେ ହୋଣ୍ଡା ବିକ୍ରି ବୃଦ୍ଧି କରିବା ସହ ଗ୍ରାହକମାନଙ୍କୁ ଲାଭ ଦେବା ପାଇଁ ଏକ ଯୋଜନା ଆଣିଛି। ଏହି ଯୋଜନା କେବଳ ମାର୍ଚ୍ଚ ମାସ ପାଇଁ। ହୋଣ୍ଡା କାର୍ସ ଇଣ୍ଡିଆ ଏହାର ଯାନଗୁଡ଼ିକ ଉପରେ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ ମୂଲ୍ୟ ହ୍ରାସ କରିବ ବୋଲି ଘୋଷଣା କରିଛି। ଯଦି ଜଣେ ଗ୍ରାହକ ହୋଣ୍ଡା ସିଟି, ହୋଣ୍ଡା ଏଲଭାଟେ ଏବଂ ହୋଣ୍ଡା ସିଟି ଇଏଚଇଭି ମଡେଲ ମଧ୍ୟରୁ ଯେକୌଣସି ଗୋଟିଏ କିଣନ୍ତି, ତେବେ ସେ ଏହାର ଫାଇଦା ଉଠାଇ ପାରିବେ। ନଗଦ ରିହାତି, ଏକ୍ସଚେଞ୍ଜ ରିହାତି, କର୍ପୋରେଟ୍ ଡିଲ୍ କିମ୍ବା ଅନ୍ୟ ଯେକୌଣସି ପ୍ରକାରର ଅଫର ଅନ୍ତର୍ଭୁକ୍ତ ହୋଇପାରେ। କେବଳ ଏତିକି ନୁହେଁ, ଏହି ଅଫରରେ ୭ ବର୍ଷର ୱାରେଣ୍ଟି ଏବଂ ବାଏ ବ୍ୟାକ୍ ଗ୍ୟାରେଣ୍ଟି ଅନ୍ତର୍ଭୁକ୍ତ। କମ୍ପାନୀ ଏକ ଶକ୍ତିଶାଳୀ ହାଇବ୍ରିଡ୍ ଇଞ୍ଜିନ୍ ସହିତ ହୋଣ୍ଡା ସିଟି ମଧ୍ୟ ବିକ୍ରୟ କରେ, ଯାହାର ମାଇଲେଜ୍ ଭଲ। ସିଟି ଇଏଚଇଭିରେ ବହୁତ ବୈଶିଷ୍ଟ୍ୟ ଅଛି ଏବଂ ମାର୍ଚ୍ଚ ମାସରେ ଏହି କାର ଉପରେ ସର୍ବାଧିକ ୯୦ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ମିଳିପାରେ।

ଏଲିଭେଟ୍ ବର୍ତ୍ତମାନ ଭାରତରେ ହୋଣ୍ଡାର ଏକମାତ୍ର ଏସୟୁଭି। ବିଶେଷ କଥା ହେଉଛି ଏହା ଭାରତରେ ଉତ୍ପାଦିତ ହୁଏ ଏବଂ ଆଫ୍ରିକା, ଜାପାନ ଭଳି ଅନ୍ୟ ଦେଶଗୁଡ଼ିକୁ ରପ୍ତାନି ହୁଏ। ଏଲିଭେଟର ପ୍ରାରମ୍ଭିକ ମୂଲ୍ୟ ୧୧.୬୯ ଲକ୍ଷ (ଏକ୍ସ-ସୋରୁମ୍) ଏବଂ ୧୬.୯୧ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ପର୍ଯ୍ୟନ୍ତ ଅଛି। ଏଲିଭେଟ୍ ହୋଣ୍ଡା ସିଟି ପ୍ଲାଟଫର୍ମରେ ନିର୍ମିତ।

ହୋଣ୍ଡା ସିଟି ଭାରତୀୟ ବଜାରର ସବୁଠାରୁ ଲୋକପ୍ରିୟ ସେଡାନ ମଧ୍ୟରୁ ଗୋଟିଏ ଛି। କମ୍ପାନୀ ଏହି କାରର ଆଇସିଇ ଭାରିଆଣ୍ଟ ଉପରେ ୭୩ ହଜାର ଟଙ୍କା ପର୍ଯ୍ୟନ୍ତ ରିହାତି ଦେଉଛି ବୋଲି କୁହାଯାଉଛି। ହୋଣ୍ଡଶ ସିଟି ଆଇସିଇ ମୂଲ୍ୟ ୧୧.୮୨ ଲକ୍ଷ (ଏକ୍ସ-ସୋରୁମ୍) ରୁ ଆରମ୍ଭ ହୋଇ ୧୬.୭୧ ଲକ୍ଷ ଟଙ୍କା (ଏକ୍ସ-ସୋରୁମ୍) ପର୍ଯ୍ୟନ୍ତ ରହିଛି।



## ପାର୍ଲେ-ଜି କମ୍ପାନିରେ ଆୟକର ବିଭାଗର ଚଢ଼ାଉ

**ମୁମ୍ବାଇ, ୭।୩:** ମାର୍କେଟରେ ଅନେକ ବିସ୍କୁଟ ବ୍ରାଣ୍ଡ ଥିଲେ ମଧ୍ୟ 'ପାର୍ଲେ-ଜି'ର ଚାହିଦା ଅଧିକ ରହିଛି। ପିଲାଠାରୁ ବୁଢ଼ା ପର୍ଯ୍ୟନ୍ତ ସଭିଁଏ ଏହି ବିସ୍କୁଟ ଖାଇବାକୁ ପସନ୍ଦ କରିଥାନ୍ତି। ଶୁକ୍ରବାର ମୁମ୍ବାଇରେ ପାର୍ଲେ ଗ୍ରୁପ ଅନେକ ସ୍ଥାନରେ ଆୟକର ବିଭାଗ ଚଢ଼ାଉ କରିଛି। ଏହି ଖବର ସାମ୍ନାକୁ ଆସିବା ପରେ 'ପାର୍ଲେ-ଜିର ଗ୍ରାହକମାନେ ଆଶ୍ଚର୍ଯ୍ୟ




ହୋଇଯାଇଛନ୍ତି। ତେବେ ଆୟକର ବିଭାଗ ପାର୍ଲେ ଗ୍ରୁପ ଉପରେ ଚଢ଼ାଉ କରି କ'ଣ ଯାଞ୍ଚ କରୁଛି ସେନେଇ ଖବର ଲେଖାହେଲା ପର୍ଯ୍ୟନ୍ତ କିଛି ସ୍ପଷ୍ଟ ସୂଚନା ମିଳି ପାରି ନଥିଲା। ଯାଞ୍ଚ ଶେଷ ପରେ ଚଢ଼ାଉର କାରଣ ଜଣାପଡ଼ିବ। ସମ୍ପ୍ରତି ଆୟକର ବିଭାଗ ବିଶେଷ ଭାବେ ପାର୍ଲେ ଗ୍ରୁପର ଦସ୍ତାବିଜକୁ କଡ଼ାକଡ଼ି ଯାଞ୍ଚ କରୁଛି।

ଗତବର୍ଷ ଅର୍ଥାତ ୨୦୨୩-୨୪ରେ ପାର୍ଲେ ଗ୍ରୁପକୁ ବ୍ୟବସାୟରେ ଦୁଇଗୁଣା ଲାଭ ମିଳିଥିଲା। ଏହି ଲାଭ ୧,୬୦୬.୯୫ରେ ପହଞ୍ଚିଥିବା ପ୍ରକାଶିତ ରିପୋର୍ଟରୁ ଜଣାପଡ଼ିଛି।

ପାର୍ଲେର ଆରମ୍ଭ ୧୯୨୯ ମସିହାରେ ଆରମ୍ଭ ହୋଇଥିଲା। ୯୦ଦଶକର ପିଲାଙ୍କ ପ୍ରିୟ ଖାଦ୍ୟ ଥିଲା ଚା' ପାର୍ଲେ ବିସ୍କୁଟ ନଚେତ ପାଣି ପାର୍ଲେ ବିସ୍କୁଟ। ୧୯୩୮ ମସିହାରେ ପାର୍ଲେ-ଗ୍ଲୁକୋ ନାମରେ ବିସ୍କୁଟ କମ୍ପାନିର ଆରମ୍ଭ ହୋଇଥିଲା। ପ୍ରଥମେ ଏହା ପାର୍ଲେ-ଜି ଥିଲା। ଦେଶ ସ୍ୱାଧୀନ ହେବାପରେ ଗ୍ଲୁକୋ ବିସ୍କୁଟର ପ୍ରଡକସନକୁ ବନ୍ଦ କରି ଦିଆଯାଇଥିଲା। କାରଣ ସେ ସମୟରେ ଦେଶରେ ଅନ୍ନ ସଙ୍କଟ ଦେଖା ଦେଇଥିଲା। ବିସ୍କୁଟ ତିଆରି କରିବାରେ ପ୍ରଚର ଗହମ ବ୍ୟବହାର କରାଯାଇଥାଏ ତେଣୁ ପାର୍ଲେ ବିସ୍କୁଟ ତିଆରି ବନ୍ଦ କରାଯାଇଥିଲା। ପରେ ପରିସ୍ଥିତି ଆୟତ୍ତକୁ ଆସିବା ପରେ କମ୍ପାନି ପୂର୍ବପରି ବିସ୍କୁଟ ତିଆରି କରିବା ଆରମ୍ଭ କରିଥିଲା।

## ପାକିସ୍ତାନରେ ସୁନା ଖଣି ଠାବ: ୮୦ହଜାର କୋଟିର ଭଣ୍ଡାର ଆକଳନ

**ନୂଆଦିଲ୍ଲୀ, ୭।୩:** ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ପାକିସ୍ତାନରେ ସୁନାର ବୃହତ୍ ଭଣ୍ଡାର ଠାବ ହୋଇଥିବା ଚର୍ଚ୍ଚା ହେଉଛି। ସିନ୍ଧୁ ନଦୀ ଶଯ୍ୟାରେ ଠାବ କରାଯାଇଥିବା ସୁନା ଖଣିରେ ୮୦ହଜାର କୋଟି ଟଙ୍କାର ସୁନା ଗଚ୍ଛିତ ଥିବା ଆକଳନ କରାଯାଇଛି। ପଞ୍ଜାବ ପ୍ରଦେଶର ଆଟୋକ୍ ଜିଲ୍ଲାରେ ସରକାରୀ ଏଜେନ୍ସି କରିଥିବା ସର୍ବେକ୍ଷଣରୁ ଏହି ଖଣି ଠାବ କରାଯାଇଛି। ସେଥିରୁ ସୁନା ଖନନ କରିବା ଲାଗି ପାକିସ୍ତାନ ସରକାର ଯୋଜନା କରୁଛନ୍ତି। ରାଷ୍ଟ୍ରାୟତ୍ତ ଉଦ୍ୟୋଗ ନ୍ୟାସନାଲ ଇଞ୍ଜିନିୟରିଂ ସର୍ଭିସେସ୍ ପାକିସ୍ତାନ ଓ ପଞ୍ଜାବର ଖଣି ବିଭାଗ ମିଳିତ ଭାବେ ସେହି ପ୍ରକଳ୍ପର ନେତୃତ୍ୱ ନେବେ। ଭୂତତ୍ତ୍ୱବିତ୍‌ମାନେ




କହିଛନ୍ତି ଯେ ଭାରତର ହିମାଳୟ ଅଞ୍ଚଳରୁ ସିନ୍ଧୁ ନଦୀରେ ପ୍ରବାହିତ ହୋଇ ସୁନାଗୁଡ଼ିକ ଆସିଛି। ଦେଶ ବିଭାଜନ ପରେ ସେହି ଅଞ୍ଚଳ ପାକିସ୍ତାନ ଭାଗରେ ପଡ଼ିଛି। ଯେହେତୁ ବହୁଦୂର ପର୍ଯ୍ୟନ୍ତ ସୁନା ଉପାଦାନଗୁଡ଼ିକ ପ୍ରବାହିତ ହୋଇ ଆସିଛି, ସେଥିପାଇଁ ସେଗୁଡ଼ିକ ଗୋଲାକାର କିମ୍ବା ଛୋଟ ଛୋଟ ଖଣ୍ଡରେ ଥିବା ଆଶା କରାଯାଉଛି। ପାକିସ୍ତାନ ସରକାର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବାରୁ ଦେଶ ଚଳାଇବା ଲାଗି ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଓ ବିଭିନ୍ନ ମିତ୍ର ଦେଶର ସହଯୋଗ ଲୋଡ଼ୁଛନ୍ତି। ଯଦି ସୁନା ଖଣିରୁ ଉତ୍ତୋଳନ ସମ୍ଭବ ହେବ, ତେବେ ପାକିସ୍ତାନ ସରକାରଙ୍କ ଏକ ବଡ଼ ମୁଣ୍ଡବ୍ୟଥା ଦୂର ହେବ।

## ଖୁବ୍‌ଶୀଘ୍ର ଲାଗୁ ହେବ ଇପିଏଫଓ ୩.୦

### ଏଟିଏମରୁ ଟଙ୍କା ଉଠାଇପାରିବେ ଉପଭୋକ୍ତା

**ନୂଆଦିଲ୍ଲୀ, ୭।୩:** କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମାଣ୍ଡବିୟ ଗୁରୁବାର ଘୋଷଣା କରିଛନ୍ତି ଯେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ (ଇପିଏଫଓ) ଖୁବ୍ ଶୀଘ୍ର "ଇପିଏଫଓ ୩.୦ ସଂସ୍କରଣ" ଆରମ୍ଭ କରିବ, ଯାହା ଗ୍ରାହକମାନଙ୍କୁ ଏଟିଏମ୍ ରୁ ଟଙ୍କା ଉଠାଇବା ସହିତ ଅନେକ ନୂତନ ବୈଶିଷ୍ଟ୍ୟ ପ୍ରଦାନ କରିବ। ତେଲେଙ୍ଗାନା ଜୋନାଲ ଅଫିସ ଏବଂ ଆଞ୍ଚଳିକ କାର୍ଯ୍ୟାଳୟର ଇପିଏଫଓ କାର୍ଯ୍ୟାଳୟ କମ୍ପ୍ଲେକ୍ସ ଉଦଘାଟନ କରିବା ପରେ ସେ କହିଛନ୍ତି ଯେ 'ଇପିଏଫଓ ୩.୦ ସଂସ୍କରଣ' ବ୍ୟାଙ୍କିଙ୍ଗ ସିଷ୍ଟମ ସହିତ ସମକକ୍ଷ ହେବ। "ଆଗାମୀ ଦିନରେ, ଇପିଏଫଓ ୩.୦ ସଂସ୍କରଣ ଆସିବ। ଏହାର ଅର୍ଥ ହେଉଛି ଇପିଏଫଓ ଏକ ବ୍ୟାଙ୍କ ସହିତ ସମକକ୍ଷ ହୋଇଯିବ। ଯେପରି ବ୍ୟାଙ୍କରେ କାରବାର କରାଯାଏ, ସେହିପରି ଆପଣଙ୍କର (ଇପିଏଫଓ ସବସ୍କ୍ରାଇବର୍ସ) ଆପଣଙ୍କର ୟୁନିଭର୍ସାଲ୍ ଆକାଉଣ୍ଟ ନମ୍ବର (ୟୁଏଏନ) ଅଛି ଏବଂ ଆପଣ ଆପଣଙ୍କର ସମସ୍ତ କାମ କରିପାରିବେ," ସେ କହିଛନ୍ତି।




"ନା ଆପଣଙ୍କୁ ଇପିଏଫଓ କାର୍ଯ୍ୟାଳୟକୁ ଯିବାକୁ ପଡିବ ନା ଆପଣଙ୍କୁ ନିଯୁକ୍ତିଦାତାଙ୍କ ପାଖକୁ ଯିବାକୁ ପଡିବ। ଏହା ଆପଣଙ୍କର ଟଙ୍କା ଏବଂ ଆପଣ ଯେତେବେଳେ ଚାହିଁବେ ସେତେବେଳେ ଏହାକୁ ଉଠାଇ ପାରିବେ। ଏବେ ଆପଣଙ୍କୁ ଇପିଏଫଓ କାର୍ଯ୍ୟାଳୟକୁ ଯିବାକୁ ପଡିବ ନାହିଁ। ମୁଁ ଆପଣଙ୍କୁ ପ୍ରତିଶ୍ରୁତି ଦେଉଛି, ଆଗାମୀ ଦିନରେ, ଆପଣ ଯେତେବେଳେ ଚାହିଁବେ ଏଟିଏମ୍ ରୁ ଆପଣଙ୍କର ଟଙ୍କା ଉଠାଇ ପାରିବେ। ଆମେ ଇପିଏଫଓ'ରେ ଏପରି ସଂସ୍କାର ଆଣିଛୁ।"

ମାଣ୍ଡବିୟ ନିକଟରେ ଗୁଜରାଟର ନରୋଦାରେ ଆଞ୍ଚଳିକ କାର୍ଯ୍ୟାଳୟର ଭର୍ଚୁଆଲ୍ ଉଦଘାଟନ କରିଥିଲେ ଏବଂ ହରିୟାଣାର ଗୁରୁଗ୍ରାମରେ କର୍ମଚାରୀ କ୍ୱାର୍ଟରର ଶିଳାନ୍ୟାସ କରିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଇପିଏଫଓ ପରିବର୍ତ୍ତନ ହେଉଛି ଏବଂ ସଂସ୍କାର ହେଉଛି। ଅଭିଯୋଗ ହ୍ରାସ ପାଉଛି ଏବଂ ସେବା ବୃଦ୍ଧି ପାଉଛି, ସେ କହିଛନ୍ତି, ଇପିଏଫଓ'ର ବ୍ୟବସ୍ଥା ଏବଂ କାର୍ଯ୍ୟଶୈଳୀ ଜନହିତକର ଆଭିମୁଖ୍ୟ ସହିତ ପରିବର୍ତ୍ତନ ହୋଇଛି। ସେ ଆହୁରି କହିଛନ୍ତି ଯେ ଇପିଏଫଓ ପ୍ଲାଟଫର୍ମ ଦ୍ରୁତ ପରିବର୍ତ୍ତନ ଦେଖୁଛି ଏବଂ ହିତାଧିକାରୀଙ୍କ ପାଇଁ ନିଆଯାଇଥିବା ସଂସ୍କାର ପଦକ୍ଷେପ ମଧ୍ୟରେ ପାଣ୍ଠି ସ୍ଥାନାନ୍ତର, ଦାବି ସ୍ଥାନାନ୍ତର ଏବଂ (ସଦସ୍ୟଙ୍କ ନାମରେ ସଂଶୋଧନ), ଯେକୌଣସି ବ୍ୟାଙ୍କରୁ ପେନସନ ଉଠାଣକୁ ଉଲ୍ଲେଖ କରିଛନ୍ତି।

## ସମ୍ପତ୍ତି ପରିଚାଳନାରେ ମହିଳାଙ୍କ ଗୁରୁତ୍ୱ ବଢ଼ୁଛି



**ଭୁବନେଶ୍ୱର, ୭।୩:** ମହିଳାମାନେ କେବଳ ପରିବାରର ସମ୍ପତ୍ତି ଉପଭୋଗ କରିବାରେ ସୀମିତ ନାହାନ୍ତି। ସମ୍ପତ୍ତିର ପରିଚାଳନା, ନୂତନ ସମ୍ପତ୍ତି ସୃଷ୍ଟି ଓ ସ୍ଥାନାନ୍ତର ଆଦି କ୍ଷେତ୍ରରେ ସେମାନଙ୍କ ଗୁରୁତ୍ୱ ବଢ଼ିବାରେ ଲାଗିଛି ବୋଲି ଆକ୍ସିସ୍ ଏଏମ୍‌ସିର ମୁଖ୍ୟ (ଫାମିଲି ଅଫିସ୍ ଓ ପ୍ରାଇଭେଟ୍ ୱେଲ୍‌ଥ) ଅରୁଣିମା ନୈନ୍ କହିଛନ୍ତି। ସେଥିପାଇଁ ଫାମିଲି ଅଫିସ୍ ଓ ଘରୋଇ ସମ୍ପତ୍ତି ପରିଚାଳନାର ନେତୃତ୍ୱ ଅଧିକରୁ ଅଧିକ ମହିଳା ନେଉଛନ୍ତି। ବୋଷ୍ଟନ କନ୍‌ସଲ୍‌ଟିଂ ଗ୍ରୁପ୍‌ର ତଥ୍ୟ ଅନୁସାରେ ବିଶ୍ୱର ଏକ ତୃତୀୟାଂଶ ସମ୍ପତ୍ତି ମହିଳାମାନେ ପରିଚାଳନା କରୁଛନ୍ତି। ଉଦ୍ୟମିତା, ନିବେଶ ଓ ଫାମିଲି ଅଫିସ୍ ଜରିଆରେ ସେମାନଙ୍କ ଭୂମିକା ବଢ଼ିବାରେ ଲାଗିଛି। ଏକ୍ଷେତ୍ରରେ କିଛି ଆହ୍ୱାନ ବି ରହିଛି। ବାର୍‌କ୍ଲେର ଏକ ରିପୋର୍ଟ ଅନୁସାରେ ଆସନ୍ତା ଦୁଇ ଦଶନ୍ଧିରେ ଧନୀ ପରିବାରର ପ୍ରତି ୧୦ରୁ ୮ ମହିଳା ଉତ୍ତରାଧିକାରୀ ସୂତ୍ରରେ ସମ୍ପତ୍ତି ପାଇବେ। କିନ୍ତୁ ଆର୍ଥିକ ନିଷ୍ପତ୍ତି ନେବାରେ ସେମାନଙ୍କ ଭୂମିକା ଅଧାରୁ କମ୍ ରହିଛି। ଭବିଷ୍ୟତ ପାଇଁ ଆର୍ଥିକ ଯୋଜନା ପ୍ରସ୍ତୁତି ବେଳେ ମହିଳାଙ୍କ ଯୋଗଦାନ ବେଶ୍ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ବିଶେଷ କରି ସମ୍ପତ୍ତି ହସ୍ତାନ୍ତର ଓ ଉତ୍ତରାଧିକାରୀ ନିଷ୍ପତ୍ତି ନେବା ବେଳେ ସେମାନଙ୍କୁ ସାମିଲ କରିବାର ଆବଶ୍ୟକତା ରହିଛି। ସମ୍ପତ୍ତି ସମ୍ପର୍କିତ ନିଷ୍ପତ୍ତି ଆଲୋଚନାରେ ସେମାନଙ୍କୁ ସାମିଲ କରିବାକୁ ହେବ ବୋଲି ନୈନ୍ କହିଛନ୍ତି। ପରିବାରର ଆର୍ଥିକ ନିଷ୍ପତ୍ତି ପ୍ରକ୍ରିୟାରେ ମହିଳାଙ୍କୁ ସାମିଲ କରିବା କେବଳ ନ୍ୟାୟୋଚିତ ନୁହେଁ, ବରଂ ଅନ୍ତର୍ଭୁକ୍ତୀକରଣର ଏକ ଆବଶ୍ୟକତା। ଫାମିଲି ଅଫିସ୍‌ରେ ଅଧିକରୁ ଅଧିକ ମହିଳାଙ୍କ ପ୍ରଭାବ ବଢ଼ୁଥିବାରୁ, ସେମାନଙ୍କ ସ୍ୱର ସମ୍ପତ୍ତି ପରିଚାଳନାର ଭବିଷ୍ୟତ ଗଠନ କରିବ। ଆଗାମୀ ଦିନରେ ସମ୍ପତ୍ତି ପରିଚାଳନାରେ ମହିଳାମାନେ ମୁଖ୍ୟ ଭୂମିକା ଗ୍ରହଣ କରିବେ ବୋଲି ସେ କହିଛନ୍ତି।

## ୩୦ ହଜାର ଭାରତୀୟ ବିଦେଶରେ ରଖିଛନ୍ତି ୨୯ ହଜାର କୋଟିରୁ ଅଧିକ ଟଙ୍କା

**ନୂଆଦିଲ୍ଲୀ, ୭।୩:** ଭାରତୀୟ କରଦାତାମାନେ ବିଦେଶରେ କେତେ ଟଙ୍କା ରଖିଛନ୍ତି ଏହାର ଖୁଲାସା କରିବାକୁ ସେମାନଙ୍କୁ ଉତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ଏକ ବିଶେଷ ଅଭିଯାନ ଚଳାଇଥିଲେ। ଏଥିରେ ୩୦ ହଜାର ଭାରତୀୟ ବିଦେଶରେ ୨୯,୨୦୮ କୋଟି ଟଙ୍କା ରଖିଛନ୍ତି ବୋଲି ଖୁଲାସା କରିଛନ୍ତି। ଅତିରିକ୍ତ ୧୦୯୦ ଟଙ୍କା ଆୟ ରହିଥିବା ଭାରତୀୟ କରଦାତମାନେ ସୂଚନା ଦେଇଥିବା ଜାତୀୟ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି।

ତେବେ ଏଥିରେ ଜଣାପଡ଼ିଛି ଯେ ଗତ କିଛି ବର୍ଷ ମଧ୍ୟରେ ବିଦେଶରେ ଭାରତୀୟଙ୍କ ସମ୍ପତ୍ତି ବୃଦ୍ଧି ପାଉଛି। ସରକାରୀ ତଥ୍ୟ ଅନୁସାରେ, ୨୦୨୪ ସେପ୍ଟେମ୍ବର ମାସ ସୁଦ୍ଧା ୩୦,୧୬୧ ଭାରତୀୟଙ୍କର ବିଦେଶରେ ୨୯,୨୦୮ କୋଟି ଟଙ୍କାର ସମ୍ପତ୍ତି ରହିଛି। ସରକାରୀ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ଭାରତ ୧୦୮ ରୁ ଅଧିକ ଦେଶରୁ ଆର୍ଥିକ ତଥ୍ୟ ହାସଲ କରିଛି, ଯାହା ବିଦେଶୀ ଆକାଉଣ୍ଟ ଏବଂ



ଭାରତ ବାହାରେ ଅର୍ଜିତ ଆୟ, ଯେପରିକି ସୁଧ ଏବଂ ଲାଭାଂଶ ବିଷୟରେ ସୂଚନା ଦେଇଛି। ବିଦେଶରେ ଟଙ୍କା ରଖୁ ସ୍ୱଚ୍ଛାକୃତ ଘୋଷଣା କରୁଥିବା ନାଗରିକଙ୍କ ସଂଖ୍ୟାରେ ବୃଦ୍ଧି ପାଉଛି। ବିଦେଶରେ ସମ୍ପତ୍ତି ରଖୁଥିବା କରଦାତାଙ୍କ ସଂଖ୍ୟା ୨୦୨୧-୨୨ ଆର୍ଥିକ ବର୍ଷରେ ୬୦ ହଜାର ଥିଲା। ହେଲେ ୨୦୨୪-୨୫ ଏଥିରେ ବୃଦ୍ଧି ଘଟି ୨ ଲକ୍ଷ ୩୧ ହଜାର,୪୫୨ରେ ପହଞ୍ଚିଛି। ବ୍ୟାପକ ସଚେତନତା ଅଭିଯାନ ଏବଂ ଦେଶ ବାହାରେ ପ୍ରୟାସ ଯୋଗୁ ଅଧିକ ସଂଖ୍ୟାକ ସ୍ୱଚ୍ଛାକୃତ ଭାବେ ବିଦେଶୀ ସମ୍ପତ୍ତି ଘୋଷଣା କରିଛନ୍ତି। ଫଳରେ ୨୦୨୩-୨୪ ତୁଳନାରେ ସ୍ୱେଚ୍ଛାକୃତ ଘୋଷଣାରେ ୪୫.୧୭% ବୃଦ୍ଧି ପାଇଛି।

ପ୍ରାରମ୍ଭରୁ କମନ୍ ରିପୋର୍ଟିଂ ଷ୍ଟାଣ୍ଡାର୍ଡ (ସିଆରଏସ) ପ୍ରକ୍ରିୟାକୁ ଗ୍ରହଣ କରିଥିବା ଦେଶମାନଙ୍କ ମଧ୍ୟରୁ ଭାରତ ହେଉଛି ଗୋଟିଏ। ଏହି ପ୍ରକ୍ରିୟା ମାଧ୍ୟମରେ ଭାରତ ୨୦୧୮ ମସିହାରୁ ବିଭିନ୍ନ ଦେଶରୁ ଆର୍ଥିକ ସୂଚନା ହାସଲ କରିଆସୁଛି। ୧୨୫ ରୁ ଅଧିକ ଦେଶ ଆର୍ଥିକ ତଥ୍ୟର ସ୍ୱୟଂଚାଳିତ ବିନିମୟରେ ଅଂଶଗ୍ରହଣ କରନ୍ତି, ଆକାଉଣ୍ଟ, ବାଲାନ୍ସ, ଲାଭାଂଶ ଏବଂ ମୋଟ ଦେୟ ବିଷୟରେ ବିବରଣୀ ଆଦାନପ୍ରଦାନ କରନ୍ତି। ଏଥିସହିତ, ଭାରତ ମଧ୍ୟ ବୈଦେଶିକ ଆକାଉଣ୍ଟସ୍ ଟିକସ ଅନୁପାଳନ ଆଇନ (ଏଫଏଟିସିଏ), ୨୦୧୦ ର ଆନ୍ତଃ-ସରକାରୀ ଚୁକ୍ତିନାମା ଅଧୀନରେ ଆମେରିକା ସହିତ ସମାନ ତଥ୍ୟ ଆଦାନପ୍ରଦାନ କରୁଛି।

### ବାର୍ଷିକ ଅଗ୍ରାଧିକାର ଋଣ ଯୋଜନା

# ୯ ମାସରେ ୬୯% ଲକ୍ଷ୍ୟ ହାସଲ, ଗୃହ, ଶିକ୍ଷା ଋଣ ଦେବାରେ ବ୍ୟାଙ୍କ ପଛୁଆ

**ଭୁବନେଶ୍ୱର, ୭।୩:** ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଧାର୍ଯ୍ୟ ୨ ଲକ୍ଷ ୧୦ ହଜାର ୫୪୬ କୋଟି ୩୫ ଲକ୍ଷ ଟଙ୍କାର ଅଗ୍ରାଧିକାର କ୍ଷେତ୍ର ଋଣ ମଧ୍ୟରୁ ୧ ଲକ୍ଷ ୪୫ ହଜାର ୧୭୨ କୋଟି ୬୫ ଲକ୍ଷ ଟଙ୍କା ପ୍ରଦାନ କରିବାରେ ରାଜ୍ୟର ବ୍ୟାଙ୍କଗୁଡ଼ିକ ଗତ ଡିସେମ୍ବର ୩୧ ସୁଦ୍ଧା ସକ୍ଷମ ହୋଇଛନ୍ତି। ଅଗ୍ରାଧିକାର କ୍ଷେତ୍ର ପାଇଁ ମୋଟ ଋଣ ଯୋଜନାର ୬୮.୯୫ ପ୍ରତିଶତ ଋଣ ବ୍ୟାଙ୍କଗୁଡ଼ିକ ଦେଇଛନ୍ତି। ଅକ୍ଟୋବରରୁ ଡିସେମ୍ବର ଅବଧିରେ ବ୍ୟାଙ୍କଗୁଡ଼ିକ ଏ ବାବଦରେ ୪୧,୨୮୩ କୋଟି ୫୪ ଲକ୍ଷ ଟଙ୍କା ଋଣ ପ୍ରଦାନ କରିଛନ୍ତି। କୃଷି ଓ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ଋଣ ପ୍ରଦାନ ହାର ଯଥାକ୍ରମେ ୭୫.୩୮% ଏବଂ ୭୩.୪୮% ରହିଛି। କିନ୍ତୁ ଶିକ୍ଷା, ଗୃହ, ରପ୍ତାନି ଓ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରର ଋଣ ପ୍ରଦାନ ଭଲ ନାହିଁ। ଶିକ୍ଷା କ୍ଷେତ୍ରରେ ମୋଟ୍ ଋଣ ଯୋଜନାର ୩୫.୪୮%, ଗୃହ ନିର୍ମାଣରେ ୩୧.୨୯%, ରପ୍ତାନି କ୍ଷେତ୍ରରେ ୫୩.୧୨% ଏବଂ ଅନ୍ୟାନ୍ୟ ଅଗ୍ରାଧିକାର କ୍ଷେତ୍ରରେ ୪୦.୨୮% ଋଣ ଦେଇ ପାରିଛନ୍ତି। ବ୍ୟାଙ୍କର ଋଣ ଜମା ଅନୁପାତ ୨୦୨୪ ଡିସେମ୍ବର ୩୧ ସୁଦ୍ଧା ୭୫.୪୪% ରହିଛି। ଉନ୍ନୟନ କମିସନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଏବଂ ୟୁକୋ ବ୍ୟାଙ୍କର



କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଏସ୍‌ଏଲ୍‌ବିସି ଓଡ଼ିଶାର ଅଧକ୍ଷ ବିଜୟକୁମାର ନିବୃତି କାମ୍ବଲେଙ୍କ ସହ-ଅଧକ୍ଷତାରେ ଆଜି ହୋଇଥିବା ୧୭୮ତମ ହୋଇଥିବା ବୈଠକରୁ ଏହା ଜଣାଯାଇଛି। ଏହି ପରିପ୍ରେକ୍ଷୀରେ ଶ୍ରୀମତୀ ଗର୍ଗ ବାର୍ଷିକ ଋଣ ଯୋଜନାର ୧୦୦% ହାସଲ ପାଇଁ ପରାମର୍ଶ ଦେଇଥିଲେ। ଗୃହ, ଶିକ୍ଷା, ସାମାଜିକ ଭିତ୍ତିଭୂମି ଏବଂ ରପ୍ତାନି କ୍ଷେତ୍ରକୁ ଋଣ ପ୍ରଦାନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ରାଜ୍ୟରେ ଋଣ-ଜିଏସ୍‌ଡିପି ଅନୁପାତ ବୃଦ୍ଧି କରି ଅନ୍ୟ ରାଜ୍ୟଗୁଡ଼ିକ ସହ ସମକକ୍ଷ ହେବାକୁ କହିଥିଲେ।

ଏଥିସହିତ ମହିଳା, ଏସ୍‌ସି, ଏସ୍‌ଟି ଏବଂ ଦୁର୍ବଳ ବର୍ଗଙ୍କୁ ଧ୍ୟାନରେ ରଖି ଋଣ ପ୍ରବାହକୁ ତ୍ୱରାନ୍ୱିତ କରିବା ସହିତ ନାବାର୍ଡର ଆକଳନ ଅନୁଯାୟୀ, ୨୦୨୫-୨୬ ଆର୍ଥିକବର୍ଷ ପାଇଁ ବାର୍ଷିକ ଋଣ ଯୋଜନା ୨.୫୨ ଲକ୍ଷ କୋଟି ଟଙ୍କା ରଖାଯାଇଥିବା ସେ ଘୋଷଣା କରିଥିଲେ। ପ୍ରଧାନମନ୍ତ୍ରୀ ନିୟମିତ ବ୍ୟବଧାନରେ ପିଏମ୍ ସ୍ୱନିଧି ଯୋଜନାର ସମୀକ୍ଷା କରୁଛନ୍ତି। ତେଣୁ ଏହି ଯୋଜନାକୁ ପର୍ଯ୍ୟାପ୍ତ ଋଣ ପ୍ରଦାନ ପାଇଁ ସେ ପରାମର୍ଶ ଦେଇଥିଲେ। ନିକଟରେ ଶୀତଳ ଭଣ୍ଡାର ସ୍ଥାପନ ପାଇଁ ଆର୍ଥିକ ସହାୟତା ଯୋଜନା ଆରମ୍ଭ କରାଯାଇଛି। ତେଣୁ ଏହି ଯୋଜନାକୁ ଋଣ ଦେବାକୁ ସେ ବ୍ୟାଙ୍କଗୁଡ଼ିକୁ କହିଥିଲେ। ଶ୍ରୀ କାମ୍ବଲେ ୩୧ ଡିସେମ୍ବର ସୁଦ୍ଧା ବ୍ୟାଙ୍କଗୁଡ଼ିକ ୬୮.୯୫% ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲ କରିବା ଏବଂ ପିଏମ୍‌ଜେଜେବିୱାଇ, ପିଏମ୍‌ଏସ୍‌ବିୱାଇ, ପିଏମ୍‌ଜେଡିୱାଇ ଭଳି ସାମାଜିକ ସୁରକ୍ଷା ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟକୁ ସଂପୂର୍ଣ୍ଣ ଭାବେ ହାସଲ କରିଥିବାରୁ ଖୁସି ବ୍ୟକ୍ତ କରିଥିଲେ। ଆର୍ଥିକ ବର୍ଷ ପାଇଁ ରଖାଯାଇଥିବା ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲ ପାଇଁ ସେ ବ୍ୟାଙ୍କଗୁଡ଼ିକୁ ମିଳିତ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ପିଏମ୍ ବିଶ୍ୱକର୍ମା ଯୋଜନାରେ ଖରାପ ପ୍ରଦର୍ଶନ ପାଇଁ ଚିନ୍ତାବ୍ୟକ୍ତ କରିଥିଲେ। ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ ସାରଦା ପ୍ରସନ୍ନ ମହାନ୍ତି ଓଡ଼ିଶାରେ ଖୁଚୁରା ଏବଂ ଖାଦ୍ୟ ମୁଦ୍ରାସ୍ଫୀତି ଅଧିକ ରହୁଥିବା ସଂପର୍କରେ ଉଲ୍ଲେଖ କରିଥିଲେ। ସେହିଭଳି ଜାତୀୟ ସ୍ତର ତୁଳନାରେ ଓଡ଼ିଶାରେ ଋଣ ଅଭିବୃଦ୍ଧି ହାର କମ୍ ରହିବା ନେଇ ମଧ୍ୟ ଚିନ୍ତାବ୍ୟକ୍ତ କରିଥିଲେ।

ଅର୍ଥ ବିଭାଗର ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର ପିଏମ୍‌ଇଜିପି, ପିଏମ୍‌ଏଫ୍‌ଏମ୍‌ଇ, ପିଏମ୍ ମୁଦ୍ରା, ଷ୍ଟାର୍ଟ ଅପ୍ ଇଣ୍ଡିଆ ଭଳି ସରକାରୀ ପ୍ରାୟୋଜିତ ଯୋଜନାଗୁଡ଼ିକ ପ୍ରଦାନ ଘରୋଇ ବ୍ୟାଙ୍କଗୁଡ଼ିକର ଋଣ ପ୍ରଦାନରେ ଉନ୍ନତି ଆଣିବା ଲାଗି ଗୁରୁତ୍ୱାରୋପ କରିଥିଲେ। ଏଥିସହିତ ଗୃହ ଏବଂ ଶିକ୍ଷା କ୍ଷେତ୍ରକୁ ଋଣ ପ୍ରବାହ ଅନୁଧ୍ୟାନ କରିବା ଲାଗି ଏକ କମିଟି ଗଠନ କରିବାକୁ ପରାମର୍ଶ ଦେଇଥିଲେ। ପିଏମ୍‌ଜେଜେବିୱାଇ ଏବଂ ପିଏମ୍‌ଏସ୍‌ବିୱାଇ ଭଳି ସାମାଜିକ ସୁରକ୍ଷା ଯୋଜନାରେ ଦାବି ସମାଧାନ ପରିସଂଖ୍ୟାନ ଦେବାପାଇଁ ଏସ୍‌ଏଲ୍‌ବିସିକୁ କହିଥିଲେ। କୃଷି ବିଭାଗର ପ୍ରମୁଖ ସଚିବ ଡ ଅରବିନ୍ଦ କୁମାର ପାଢ଼ୀ, ଏସ୍‌ଏଲ୍‌ବିସି ଓଡ଼ିଶାର ଆବାହକ ଗୌତମ ପାତ୍ର, ଏସ୍‌ଏଲ୍‌ବିସି ଓଡ଼ିଶା ପ୍ରଭାରୀ ଲିଙ୍ଗରାଜ ନାୟକ ସମେତ ବିଭିନ୍ନ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଆଗକୁ ଖରାଦିନ ଆସୁଛି, ପାଣି ପାଇଁ ଅସୁବିଧା

● ଦୀର୍ଘ ପାଞ୍ଚ ମାସ ହେଲା ନଳକୂପ ଅଚଳ



**ଖପ୍ରାଖୋଲ,୭।୩(ସଂଚାର ବ୍ୟୁରୋ):** ଲୋକେ ଯେପରି ପିଇବା ପାଣି ପାଇପାରିବେ ସେଥିପାଇଁ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରି ପାଣି ଯୋଗାଇ ଦେବାର ବ୍ୟବସ୍ଥା କରିଥିବାବେଳେ ଖପ୍ରାଖୋଲ ବ୍ଲକ ଅଧିନସ୍ଥ ଖପ୍ରାଖୋଲ ଅନ୍ତର୍ଗତ ମହୁଲ୍ଲି ଗ୍ରାମର ସମ୍ମୁଖରେ ଥିବା ନଳକୂପ ଉପରେ ନିର୍ଭର କରୁଥିବା ପରିବାର ପାଣିପାଇଁ ନାହିଁ ନଥିବା ଅସୁବିଧା ଭୋଗୁଛନ୍ତି କାରଣ ଦୀର୍ଘ ପାଞ୍ଚ ମାସ ହେଲା ନଳକୂପ ଅଚଳ ହୋଇ ପଡ଼ି ରହିଛି । ପ୍ରତିଦିନ ଏହି ପଡ଼ା ର ଲୋକେ ପାଣି ପାଇଁ ଅନେକ ଦୂରକୁ ଯିବାକୁ ପଡୁଛି । ଆଗକୁ ଖରାଦିନ ଆସୁଛି ପାଣି ପାଇଁ ଆହୁରି ଅସୁବିଧା ଦେଖାଦେବ । ଲୋକଙ୍କ ପାଣି ସମସ୍ୟା କୁ ଦୃଷ୍ଟିରେ ରଖି ଖପ୍ରାଖୋଲ ବ୍ଲକ ର ପଞ୍ଚାୟତରାଜ ପ୍ରଶାସନ ସମସ୍ୟା ପ୍ରତି ଦୃଷ୍ଟି ଦେଉ ନାହାନ୍ତି ଓ ବଲାଙ୍ଗୀର ଆର.ଡବ୍ଲୁ.ଏସ୍.ଏସ୍ ବିଭାଗ କୁ ଟୁଇଟ ମାଧ୍ୟମରେ ଅଭିଯୋଗ କଲେ ଦୃଷ୍ଟି ଦିଆଯିବ ବୋଲି ଉତ୍ତର ଆସୁଛି ହେଲେ ନଳକୂପ ସମସ୍ୟା ଆଜି ପର୍ଯ୍ୟନ୍ତ ସମାଧାନ ହେଇ ପାରୁନାହିଁ ଯାହା ଫଳରେ ଲୋକ ମାନେ ପିଇବା ପାଣି ପାଇଁ ବହୁତ ଅସୁବିଧା ଭୋଗୁଛନ୍ତି । ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ପାଇଁ ଲୋକଙ୍କ ଦାବି ହେଉଛି ।

## ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉତ୍ସବର ଶୁଭାରମ୍ଭ



**ନର୍ଲା, ୭।୩(ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଅଧିନସ୍ଥ ଲେଖପୁର ଗ୍ରାମରେ ନବ ନିର୍ମିତ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଠାରୁ ଶୁଭାରମ୍ଭ ହୋଇଛି। କମିଟିର ସଭାପତି ନାରାୟଣ ସେଲମା, ସମ୍ପାଦକ ଗୁଣମଣି ଭୋଇ ଓ କୋଷାଧ୍ୟକ୍ଷ କ୍ଷୀତିଶ ଚନ୍ଦ୍ର ପୋଙ୍କଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଏକ ଭବ୍ୟ ଶୋଭା ଯାତ୍ରାରେ ଶତାଧିକ ମହିଳା ସଗିଗୁଡ଼ା ସାନ୍ଦୁଲ୍ ନଦୀରୁ କଳସ ନେଇ ଆସି ମନ୍ଦିର ସମ୍ମୁଖସ୍ଥ ଯଜ୍ଞ ମଣ୍ଡପରେ ସ୍ଥାପନା କରିଥିଲେ। ମାର୍ଚ୍ଚ ୭ ରୁ ୧୫ ମାର୍ଚ୍ଚ ଯାଏଁ ଚାଲିବ ମନ୍ଦିର ପ୍ରତିଷ୍ଠା ଉତ୍ସବ। ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଲେଖପୁର ଗ୍ରାମର ଗୌଡ଼ିଆ ଟଙ୍କଧର ଭୋଇଙ୍କ ସୁପୁତ୍ର ତର୍ଜନ କୁମାର ଭୋଇ ଓ ତାଙ୍କ ଧର୍ମପତ୍ନୀ ବାସନ୍ତୀ ଭୋଇ ମୁଖ୍ୟ କର୍ତ୍ତା ଭାବରେ ଦାଇତ୍ୱ ନିର୍ବାହନ କରୁଛନ୍ତି। ଶୁକ୍ରବାର ଅଧିବାସ, ଦୀକ୍ଷା ଗ୍ରହଣ, ମଣ୍ଡଳ କରଣ ସଂଧ୍ୟା ୭ ଘଣ୍ଟା ସମୟରେ ଶୁଭ ଅଙ୍କୁର ରୋପଣ କାର୍ଯ୍ୟକ୍ରମ ରହିଥିବା ବେଳେ ମାର୍ଚ୍ଚ ୮ ରେ ପ୍ରାତଃ ପ୍ରତିଷ୍ଠା କର୍ମାରମ୍ଭ, ଶାଳା ସଂସ୍କାର, ସୂର୍ଯ୍ୟ ପୂଜା, ଗୋପୂଜା, ବୈଷ୍ଣବାଗ୍ନି ସଂସ୍କାର କାର୍ଯ୍ୟକ୍ରମ ରହିଛି । ସେହିଭଳି ମାର୍ଚ୍ଚ ୯ ରେ ହରିଦ୍ରାଦିବାସ, ପୁଷ୍ପାଧିବାସ, କଳାଧିବାସ ଓ ଶୟନ ବିଧାନ ଅନୁଷ୍ଠିତ ହେବ। ମାର୍ଚ୍ଚ ୧୦ ରେ ପ୍ରାସାଦନ୍ୟାସ, ନାଭିନ୍ୟାସ ଓ କୁର୍ମନ୍ୟାସ ସହ ଦେବତା ପ୍ରାଣ ସଂଚାର ବିଧାନ ଅନୁଷ୍ଠିତ ହେବ। ମାର୍ଚ୍ଚ ୧୧ ମଙ୍ଗଳବାର ଦେବତା ଗ୍ରାମ୍ୟ ପରିକ୍ରମା, ଚକ୍ର ଭ୍ରମଣ, ଧ୍ୱଜା ସ୍ଥାପନ ଓ ସିଂହାସନ ଆରୋହଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

## ଟାଉନ ଥାନା ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

**କୋରାପୁଟ,୭।୩(ସଂଚାର ବ୍ୟୁରୋ):** ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁକ୍ରବାର କୋରାପୁଟ ଜିଲାର କୋରାପୁଟ ଟାଉନ ଥାନା ଓ ଶୁଙ୍କି ଥାନାର ଉଦ୍‌ଘାଟନ କରିଛନ୍ତି। ସମସ୍ତ ଥାନାରେ ଅତ୍ୟାଧୁନିକ ବ୍ୟବସ୍ଥା କରାଯାଇଛି। କୋରାପୁଟ ସହରର ଗ୍ୟାରେଜ କଲୋନୀ ନିକଟରେ ନୂତନ ଭାବେ ନିର୍ମିତ ଟାଉନ ଥାନାର ଗୃହ ଓ ଶୁଙ୍କି ଥାନାର ନୂତନ ଗୃହକୁ ମୁଖ୍ୟମନ୍ତ୍ରୀ ଭର୍ଚୁଆଲ ମୋଡ୍‌ରେ ଉଦ୍‌ଘାଟନ କରିଛନ୍ତି। କୋରାପୁଟଠାରେ ଆୟୋଜିତ କାର୍ଯ୍ୟକ୍ରମ ଡିଆଇଜି ଅଖିଳେଶ୍ୱର ସିଂ, ଜିଲାପାଳ ଭି କୀର୍ତ୍ତି ଭାସନ, କୋରାପୁଟ ବିଧାୟକ ରଘୁରାମ ମାଛ, ଅତିରିକ୍ତ ଏସ୍‌ପି ମନୋବ୍ରତା ଶତପଥୀ, ମନୋଜ ପୂଜାରୀ, ଏସ୍‌ଡିପିଓ ଶ୍ରାବଣୀ ନାୟକ, ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଙ୍କ ସମେତ ବହୁ ବୁଦ୍ଧିଜୀବୀ, ଛାତ୍ରଛାତ୍ରୀ, ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ.. ସେହିପରି ଶୁଙ୍କି ଠାରେ ଆୟୋଜିତ ଉଦଘାଟନୀ ସମାରୋହରେ ଏସପି ରୋହିତ ବର୍ମା, ସୁନାବେଡା ଏସଡିପିଓ ସୁମିତ୍ରା ଜେନା ଓ ସ୍ଥାନୀୟ ଥାନାଧିକାରୀଙ୍କ ସମେତ ବହୁ ବୁଦ୍ଧିଜୀବୀ, ପୋଲିସ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କୋରାପୁଟ ଜିଲାରେ ଉପରୋକ୍ତ ଦୁଇଟି ଅତ୍ୟାଧୁନିକ ଥାନା ଉଦ୍‌ଘାଟନ ଦ୍ୱାରା ସ୍ଥାନୀୟ ଲୋକଙ୍କୁ ସୁରକ୍ଷା ଯୋଗାଇବାରେ ସହାୟକ ହେବ ବୋଲି ଏସ୍‌ପି ପ୍ରକାଶ କରିଛନ୍ତି।

# ପୋତି ହେଉଛି ଜଳାଶୟ, ବଢୁଛି ଜଳ ସଙ୍କଟ

● ଜଳ ସଂରକ୍ଷଣକୁ ଗୁରୁତ୍ୱ ନାହିଁ

● ଶ୍ରମ ଦିବସକୁ ଗୁରୁତ୍ୱ



**କଳାହାଣ୍ଡି,୭।୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାରେ ବର୍ତ୍ତମାନ ମାର୍ଚ୍ଚ ମାସରେ ପ୍ରଚଣ୍ଡ ଗ୍ରୀଷ୍ମ ଲହରୀ ସାଧାରଣ ଜନଜୀବନକୁ ଅସ୍ତବ୍ୟସ୍ତ କରି ଦେଇଛି । ଗତ କିଛି ଦିନ ହେଲା ଜିଲାର ତାପମାତ୍ରା ୩୬ ଡିଗ୍ରୀ ଉପରେ ରହୁଛି । ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଫଳରେ ଅଧିକାଂଶ ଗ୍ରାମାଞ୍ଚଳରେ ପାନୀୟ ଜଳ ସାଙ୍ଗକୁ ଜନସାଧାରଣଙ୍କ ବ୍ୟବହାର ଯୋଗ୍ୟ ଜଳର ଘୋର ସଙ୍କଟ ଦେଖାଦେଇଛି । ଭୂତଳ ଜଳସ୍ତର କ୍ରମାଗତ ଭାବେ ହ୍ରାସ ପାଇଥିବାରୁ ବର୍ତ୍ତମାନ ନଦୀ, ନାଳ, କୁଅ, ପୋଖରୀ ଧିରେ ଧିରେ ଶୁଖିଯାଉଥିବା ଦେଖାଯାଇଛି । ଫଳରେ ଜିଲାର ଅନେକ ସ୍ଥାନରେ ଫେବୃୟାରୀ ଶେଷରୁ ଜଳ ସମସ୍ୟା ଉତ୍କଟ ହେବାରେ ଲାଗିଛି ।ଜଳ ସଙ୍କଟର ମୁକାବିଲା ପାଇଁ କାହିଁ କେଉଁ ରାଜାରାଜୁଡା ଅମଳରୁ ରାଜା, ଜମିଦାର, ଗଉନ୍ତିଆ ମାନେ ପାନୀୟ ଜଳକୁ ଅଧିକ ଗୁରୁତ୍ୱ ଦେଇ ପ୍ରତ୍ୟେକ ଗ୍ରାମ ଓ ସହରରେ ବନ୍ଧ, କଟା, ଜଳାଶୟ ଆଦି ଖନନ କରିଥିଲେ । କିନ୍ତୁ ବର୍ତ୍ତମାନ ପ୍ରଶାସନିକ ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ଅନେକ ବିଭାଗୀୟ ଅଧିକାରୀଙ୍କ ଆବଶ୍ୟକ ବୈଷୟିକ ଜ୍ଞାନ କୌଶଳର ଅଭାବ ଯୋଗୁଁ ପୂର୍ବରୁ ଅକାତକୋତ ପାଣି ଥିବା ଅନେକ ପାରମ୍ପରିକ ଜଳାଶୟର ପୁନରୁଦ୍ଧାର କରାଯାଉ ନଥିବାରୁ କ୍ରମଶଃ ସେସବୁ ପୋତି ହେବାକୁ ବସିଥିବା ଦେଖାଯାଉଛି । ମନରେଗା ଭଳି ଏକ ବିଶେଷ ଜନ କଲ୍ୟାଣକାରୀ ଯୋଜନା ଅଧିନରେ ପୋଖରୀ ଖନନ, ପୋଖରୀ ପୁନରୁଦ୍ଧାର ଭଳି ଅନେକ ଜଳ ସଂରକ୍ଷଣ କାର୍ଯ୍ୟ କରାଯାଉଥିବା କୁହାଯାଉଥିଲେ ସୁଦ୍ଧା ଏହା କେବଳ କାଗଜ କଲମରେ ଚାଲି ଥିବାରୁ ବାସ୍ତବ କ୍ଷେତ୍ରରେ ସଫଳତା ମିଳି ପାରୁନାହିଁ । ସରକାର ଜଳ ସଂରକ୍ଷଣ ଅପେକ୍ଷା ଶ୍ରମ ଦିବସକୁ ବିଶେଷ ଗୁରୁତ୍ୱ ଦେଇଥିବାରୁ ବାସ୍ତବ କ୍ଷେତ୍ରରେ ଏହି ଯୋଜନା ନିଜର ମୂଳ ଲକ୍ଷ୍ୟ ଠାରୁ ଦୂରେଇ ଯାଉଥିବା ଦେଖା ଦେଇଛି। ପରିସ୍ଥିତି ଏପରି ହେଲାଣି ଆଗାମୀ ଦିନରେ ପାରମ୍ପରିକ ଜଳାଶୟ, ବନ୍ଧ, କଟା, ସାଗର ଆଦିକୁ ସ୍କୁଲ ଛାତ୍ରଛାତ୍ରୀ ମାନେ କେବଳ ଫଟୋଚିତ୍ରରେ ଦେଖିବାର ସୁଯୋଗ ପାଇବା ସହ ଇତିହାସ ବହିରେ ପଢ଼ିବାର ଆଶଙ୍କା ସୃଷ୍ଟି ହୋଇଛି । ବିଗତ ଦିନ ଇଂରେଜ ଶାସନ କାଳରେ ଏହି ସବୁ ପାରମ୍ପରିକ ଜଳାଶୟ ଗୁଡିକୁ ଦୃଷ୍ଟି ଦିଆ ନଯିବା ସହ ଜଳ ପାଇଁ ଖଜଣା ଲାଗୁ କରିବାରୁ ଏହାର ରକ୍ଷଣାବେକ୍ଷଣ ପ୍ରତି କେହି ଦୃଷ୍ଟି ଦେଇ ନଥିଲେ । ସେହି ଦିନଠାରୁ ଏସବୁ ଜଳାଶୟ ଗୁଡିକ ଘୋର ଅବହେଳାର ଶିକାର ହୋଇ ଦୀର୍ଘ ବର୍ଷ ପର୍ଯ୍ୟନ୍ତ ପଡ଼ିରହିଥିଲା । ଦେଶ ସ୍ୱାଧୀନ ପରବର୍ତ୍ତି ସମୟରେ ପୁଣି ସରକାର ବିବଦ୍ଧ ଆଇନ ପ୍ରଣୟନ କରି ଜଳାଶୟ କଟା, ପୋଖରୀ ଆଦିକୁ ସରକାରୀ ସମ୍ପତ୍ତି ଭାବରେ ଘୋଷଣା କରିଥିଲେ । ଅନେକ ସ୍ଥାନରେ ଏହା ସରକାରୀ ସମ୍ପତ୍ତି ଭାବରେ ଗଣନା ହେବାରୁ ସାଧାରଣ ଲୋକ ଏହା ଠାରୁ ଦୂରେଇ ରହିବାକୁ ବାଧ୍ଯ ହେଇଥିଲେ । ଯାହା ଦ୍ୱାରା ଏହାର ଆବଶ୍ୟକ ରକ୍ଷଣାବେକ୍ଷଣ ଓ ପୁନରୁଦ୍ଧାର ଅଭାବରୁ ପରବର୍ତ୍ତି ସମୟରେ ଅଧିକାଂଶ ଜଳାଶୟର ପାଣି ଦୂଷିତ ହୋଇ ପଡ଼ିଥିବା ବେଳେ ଅନେକ ପୋତି ହୋଇଯାଇଥିବା ଦେଖିବାକୁ ମିଳିଥିଲା । ପୂର୍ବରୁ ଖୋଦ ଜିଲା ସଦର ମହକୁମାରେ ରାଜା ରାଜୁଡା ଅମଳରୁ ପ୍ରାୟ ୮୫ ଏକର ପରିମିତ ଜମିରେ ଛୋଟବଡ ୨୫ରୁ ଉର୍ଦ୍ଧ ବିଭିନ୍ନ ଜଳଉସ୍ର ରହିଥିଲେ ସୁଦ୍ଧା ବର୍ତ୍ତମାନ ଅଧିକାଂଶ ପୋତି ହୋଇଯାଇଛି । ଜଳାଶୟର ଚତୁଃପାଶ୍ୱରେ ଜବରଦଖଲକାରୀ ମାନେ ବେଆଇନ ଗୃହ ନିର୍ମାଣ କରିଦେଉଥିବାରୁ ଯାହା କିଛି ବଞ୍ଚିଛି ତାହାବି ପୋତି ହେବାକୁ ବସିଥିବା ଦେଖାଯାଇଛି। ଅନେକ ଜଳାଶୟକୁ ଜବରଦଖଲକାରୀ ମାନେ ଜୋରଜବରଦସ୍ତ ଭାବରେ ମାଟି ପୋତି ଦେଇ ତା ଉପରେ ସୁଉଚ୍ଚ ଅଟ୍ଟାଳିକା ନିର୍ମାଣ କରି ରହୁଛନ୍ତି। ଜିଲ୍ଲା ର ସମସ୍ତ ବ୍ଲକ ଅଞ୍ଚଳରେ ପ୍ରାୟ ସବୁ ପଂଚାୟତ ର ପୋଖରୀ, ରାଜସ୍ୱ ବିଭାଗ ପୋଖରୀ ସହ ଅନ୍ୟାନ୍ୟ ବିଭାଗ ପୋଖରୀ ରହିଥିବା ସୂଚନା ମିଳିଛି । ଅଧିକାଂଶ ପୋଖରୀ ଆବଶ୍ୟକ ରକ୍ଷଣା ବେକ୍ଷଣ ଅଭାବରୁ ପୋତି ହେଉଥିବା ଦେଖିବାକୁ ମିଳୁଛି । ପାରମ୍ପରିକ ଜଳାଶ୍ୟୟ ଗୁଡ଼ିକ ପୁନଃରୁଦ୍ଧାର ସହ ବିଭିନ୍ନ ଯୋଜନା ମାଧ୍ୟମରେ ନୂତନ ଜଳାଶୟ ନିର୍ମାଣ ଯୋଜନା କରି କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି । ସେସବୁ ଯୋଜନା କୁ ବାସ୍ତବ କ୍ଷେତ୍ରରେ କାର୍ଯ୍ୟକାରୀ କରୁଥିବା ବିଭାଗୀୟ ଅଧିକାରୀଙ୍କ ଦୂର ଦୃଷ୍ଟି ର ଅଭାବ ଯୋଗୁଁ ଅଧିକାଂଶ ଜଳାଶୟ ରେ ଖରା ଆରମ୍ଭରୁ ଜଳ ଅଭାବ ଦେଖା ଦେଉଛି । ପୋଖରୀ ପୁନଃଉଦ୍ଧାର, ମରୁଡି ମୁକାବିଲା, ପୋଖରୀ ଖନନ, ମୋ ପୋଖରୀ ଭଳି ଅନେକ ଜନକଲ୍ୟାଣ ବ୍ୟବସ୍ଥା ପାଇଁ କାମ କାର୍ଯ୍ୟକାରୀ ହୋଇଥିବା ଜାତୀୟ ଗ୍ରାମୀଣ ନିଶ୍ଚିତ କମ ନିଯୁକ୍ତି ଯୋଜନା ଅଧୀନରେ ସଠିକ ଭାବରେ ପୋଖରୀ ଖନନ, ପୁନରୁଦ୍ଧାର କରା ନଯାଇ ଗ୍ରାମୀଣ ଶ୍ରମିକ କିପରି ଅଧିକରୁ ଅଧିକ କାମ ପାଇବେ ଓ ଅଧିକ ଶ୍ରମ ଦିବସ ସୃଷ୍ଟି ହେବ ତାକୁ ଗୁରୁତ୍ୱ ଦିଆଯାଇଥିବା ଦେଖାଯାଇଛି।

## ବିଦେଶୀ ମଦ ଜବତ, ୨ ଗିରଫ



**ଖପ୍ରାଖୋଲ,୭।୩(ସଂଚାର ବ୍ୟୁରୋ):** ଖପ୍ରାଖୋଲ ଥାନା ପୁଲିସ ଗୁରୁବାର ମଧ୍ୟାହ୍ନରେ ପେଟ୍ରୋଲିଂ କରୁଥିବା ସମୟରେ ଖପ୍ରାଖୋଲ-ପାଟଣାଗଡ଼ ରାସ୍ତା ଗମ୍ଭାରୀ ଛକରେ ଏକ ବାଇକ୍ ରୁ ୭୨ ଲିଟର ବିଦେଶୀ ମଦ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ଝାଡ଼ଖଣ୍ଡ ଲଟେହର ଜିଲ୍ଲାର ଗୋବର୍ଦ୍ଧନ ସିଂ (୨୬) ଓ ପାଟଣାଗଡ଼ର ଶଙ୍କର ଯୁଗୁନିଆ (୪୨) । ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ନରେନ୍ଦ୍ର ଛତର ପ୍ରକାଶ କରିଛନ୍ତି ।

## ଥାନା ନୂତନ କୋଠା ଉଦଘାଟିତ

**ଭେଡେନ,୭।୩(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ଥାନା ର ନବନିର୍ମିତ କୋଠା କୁ ଆଜି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଭର୍ଚୁଆଲ୍ ମୋଡରେ ଉଦଘାଟନ କରିଛନ୍ତି । ଏହି ଉଦଘାଟନ କାର୍ଯ୍ୟକ୍ରମରେ ଭେଡେନ ଠାରେ



ଉତ୍ତରାଞ୍ଚଳ ଆଇ ଜି ସମ୍ବଲପୁର ଶ୍ରୀ ହିମାଂଶୁ ଲାଲ, ବରଗଡ଼ ଏସ ପି ପ୍ରହ୍ଲାଦ ସ୍ୟହି ମିନା, ବରଗଡ ସାଂସଦ ପ୍ରଦୀପ ପୁରୋହିତ, ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦ ଏବଂ ବରଗଡ଼ ଏଡିଏମ୍ ମଧୁଛନ୍ଦା ସାହୁ, ଭେଡେନ ବି ଡି ଓ ତ୍ରିପୁର ମହାନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଭେଡେନ ବ୍ଲକ ର ବିଭିନ୍ନ ଗ୍ରାମ ପଂଚାୟତ ର ସରପଞ୍ଚ ଅନ୍ୟ ମାନେ ଉପସ୍ଥିତ ଥିଲେ ।ଏହି ନୂତନ ଥାନା ଉଦଘାଟନ ଦ୍ୱାରା ଅଞ୍ଚଳବାସୀଙ୍କୁ ସୁରକ୍ଷା, ସ୍ୱଚ୍ଛ ଏବଂ ଦ୍ରୁତ ପୋଲିସ୍ ସେବା ଦେବାରେ ସାହାଯ୍ୟ କରିବ ବୋଲି ଅତିଥି ମାନେ ମତ ଦେଇଥିଲେ ।

## ଆନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ସୁନ୍ଦରଗଡ,୭।୩(ସଂଚାର ବ୍ୟୁରୋ):** ସୁନ୍ଦରଗଡ଼ ସଂସ୍କୃତି ଭବନ ପରିସରରେ ଆନ୍ତର୍ଜାତୀୟ ମହିଳା ଦିବସ ମହା ଆଡମ୍ବର ସହକାରେ ପାଳନ ହୋଇ ଯାଇଛି । ମହିଳାଙ୍କୁ ସମ୍ମାନ ଶ୍ରଦ୍ଧା ଦେବା ପାଇଁ ଭାରତରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରି ଆସୁଛି । ସମୟ ସହ ମଣିଷର ବିଚାର, ଜୀବନ, ଜୀବିକା ଓ ଶୈଳୀ ପରିବର୍ତ୍ତନ ହେବା ପରେ ଏକବିଂଶ ଶତାବ୍ଦୀରେ ନାରୀ ଆଜି କାହିଁ ଆକାଶକୁ ଛୁଇଁଛି। ନିଜର ବକ୍ତବ୍ୟ, ସାଧନା, ପରାକାଷ୍ଠା, ଉଚ୍ଚ ବିଚାର, କଳା ର ଅସୁମାରୀ ସ୍ୱପ୍ନକୁ ସାର୍ଥକ କରିବାରେ ସମର୍ଥ । ବିଜ୍ଞାନ, ସୂଚନା, ପ୍ରଯୁକ୍ତି, ସ୍ୱାସ୍ଥ୍ୟ, ମହାକାଶ ଗବେଷଣା, କ୍ରୀଡ଼ା, ରାଜନୀତି, ଗଣମାଧ୍ୟମ, ଓ ସମାଜ ସେବାରେ ନାରୀ ମାନେ ବିଜୟିନୀ, ଲେଖିକା, କବି ଓ ଶିଳ୍ପୀ କଳାକାର ଭାବରେ ମଧ୍ୟ ପ୍ରତିଭାମୟୀଙ୍କ ପାଇଁ ପୂଜିତ । ତଥାପି ମହିଳା ସଶକ୍ତିକରଣ, ନାରୀଶିକ୍ଷା ଓ ନାରୀ ଅଧିକାର ପାଇଁ ଜାରି ରହିଛି ସଂଗ୍ରାମ। ଆନ୍ତର୍ଜାତୀୟ ମହିଳା ଦିବସରେ ଜିଲ୍ଲାପାଳ ମନୋଜ



ସତ୍ୟଓ୍ୱାନ ମହାଜନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ କୁନ୍ତି ପ୍ରଧାନ ଯୋଗଦାନ କରିଥିବା ବେଳେ ସମ୍ମାନୀତ ଅତିଥି ଭାବେ ପୌର ପରିଷଦ ଅଧ୍ୟକ୍ଷା ତନୟା ମିଶ୍ର, ଅତିରିକ୍ତ ଜିଲ୍ଲାପାଳ ରବି ନାରାୟଣ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଅମୂଲ୍ୟ ପଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ସୁରଞ୍ଜନ ସାହୁ, ଡିଏଲଏସଏ ର ଚେୟାରମେନ ଡ.ରିନିତା ମିଶ୍ର, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କ୍ରିଷ୍ଣା କୁମାରୀ ନନ୍ଦ, ସମାଜ ମଙ୍ଗଳ ଅଧିକାରୀ କନକଲତା ନାଏକ, ସିଡବ୍ଲୁସି ନନ୍ଦ ଲାଲ ନାଏକ ଆଇନଜିଓ୍ୱୀ ସ୍ନେହଲତା ପଟେଲ, ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ନନ୍ଦିନୀ ମୁଣ୍ଡାରୀ ଯୋଗଦାନ କରିଥିଲେ। ବିଭିନ୍ନ ବିଭାଗର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରାଯାଇଥିଲା । ପିଓ ସୁଶିଲା ରଥ ମଞ୍ଚ ପରିଚାଳନା କରିଥିଲେ । ପରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ବୈତରଣୀ ନଦୀରେ ଲୁଣାପାଣି ଆସିବାରୁ ଡାଲୁଅଚାଷୀ ଆତଙ୍କିତ



**ଦଶରଥପୁର,୭।୩(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକର କୟାଁ, କମାରଡ଼ିହି, ଖାନନଗର, ନିଜାମପୁର, ଦୁଦୁରାଅନ୍ତା, ଦତ୍ତପୁର ଆଦି ତଳିଆ ପଞ୍ଚାୟତର ଜନସାଧାରଣ ମାନେ ମୁଖ୍ୟତ ଡ଼ାଲୁଅ ଚାଷ ଉପରେ ନିର୍ଭର କରି ପରିବାର ପ୍ରତିପୋଷଣ କରିଥାନ୍ତି। ଏହି ଖରାଟିଆ ଚାଷ ପାଇଁ ଏକମାତ୍ର ବୈତରଣୀ ନଦୀ ଜଳ ଉପରେ ଚାଷୀ ମାନେ ନିର୍ଭର କରିଥାନ୍ତି। ଖରାଦିନେ ବୈତରଣୀ ନଦୀର ଉପର ମୁଣ୍ଡରୁ ଜଳ ନ ଆସିଲେ ବଙ୍ଗୋପ ସାଗରରୁ ଲୁଣା ଜୁଆର ମାଡି ଆସି ହଜାର ହଜାର ହେକ୍ଟର ଚାଷ କ୍ଷେତ ଲୁଣା ପାଣିରେ ଉଜୁଡି ଯାଇଥାଏ । ବର୍ତ୍ତମାନ ଡ଼ାଲୁଅ ଚାଷର ସମୟ ହୋଇଥିବା ବେଳେ ବୈତରଣୀରେ ମଝିରେ ମଝିରେ ଲୁଣା ଜଳ ଆସୁଥିବାରୁ ଏ ନେଇ ଚାଷୀ ମାନଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି । ବୈତରଣୀ ନଦୀ ଉପରେ ଆଖୁଆପଦା ଠାରେ ଥିବା ଆନିକଟରୁ ବୁଢ଼ା ନଦୀ ଓ ବୈତରଣୀ ନଦୀକୁ ପାଣି ଯିବାର ବ୍ୟବସ୍ଥା ଅଛି । ବୁଢ଼ା ନଦୀକୁ ପାଣି ବନ୍ଦ କରି ବୈତରଣୀ ନଦୀରେ ପାଣି ଛଡାଗଲେ ଦଶରଥପୁର ବ୍ଲକର କୟାଁ, କମାରଡିହ, ନିଜାମପୁର, ଦତ୍ତପୁର, ଦୁଦୁରାଅନ୍ତା, ଖାନନଗର ପ୍ରଭୃତି ପଞ୍ଚାୟତର ଚାଷୀ ମାନେ ଉପକୃତ ହେବା ସହ ସୁରୁଖୁରୁରେ ଡ଼ାଲୁଅ ଧାନ ଅମଳ କରିପାରିବେ। ଖୁବ ଶୀଘ୍ର ବୈତରଣୀରେ ମିଠା ଜଳ ଛାଡିବା ପାଇଁ ଚାଷୀ ମାନଙ୍କ ପକ୍ଷରୁ ଲକ୍ଷ୍ମୀକାନ୍ତ ବାରିକ, ଗୌରାଙ୍ଗ ନାୟକ, ଗଙ୍ଗାଧର ଯେନା, ଚୌଧୁରୀ ଯେନା, ପ୍ରଦୀପ କୁମାର ନାୟକ, ରାଜେନ୍ଦ୍ର ବିଶ୍ୱାଳ, ଜୟପ୍ରକାଶ ନାୟକ ପ୍ରମୁଖ ଯାଜପୁର ଜିଲ୍ଲା ଜଳସେଚନ ବିଭାଗର ମୁଖ୍ୟ ଅଧିକାରୀଙ୍କ ନିକଟରେ ଦାବି କରିବା ସହ ଯାଜପୁର ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ଚାଷୀ ମାନଙ୍କ ସମସ୍ୟା କିପରି ଦୂର ହୋଇପାରିବ ସେଥିପ୍ରତି ଦୃଷ୍ଟି ଦେବାକୁ ଚାଷୀ ମାନଙ୍କ ପକ୍ଷରୁ ଦାବି ହୋଇଛି ।

## ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ

**ଦଶରଥପୁର,୭।୩(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ ଥାଲକୁଡି ପଞ୍ଚାୟତସ୍ତ କସବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଆଜି ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସରୋଜ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ଥାଲକୁଡି ପଞ୍ଚାୟତର ସରପଞ୍ଚ ଗୀତାଞ୍ଜଳି ସେଠୀ ଯୋଗ ଦେଇଥିବାବେଳେ ମୁଖ୍ୟ ବକ୍ତା ରୂପେ ଦଶରଥପୁର ବ୍ଲକର ପୂର୍ବତନ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ଅର୍ଣ୍ଣଦା ପ୍ରସାଦ ରଣା, ସଂମ୍ମାନିତ ଅତିଥି ରୂପେ ଦଶରଥପୁର ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ନୃସିଂହ ଚରଣ ମହାନ୍ତି,ସିଆରସିସି ଗୌତମ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଦୀପକ କୁମାର ମଲ୍ଲିକ , ଶିକ୍ଷାବିତ ସନାତନ ନାୟକ, କଣ୍ଟପଡା ଉପ୍ରା ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ୟାରୀମୋହନ ରାଉତ, ଅଙ୍ଗନବାଡି କର୍ମୀ ମନୋରମା ଦାସ,ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ଜୟପ୍ରକାଶ ନାୟକ ପ୍ରମୁଖ ଯୋଗଦେଇ ସରକାରଙ୍କ ପକ୍ଷରୁ ଆୟୋଜନ କରାଯାଇ ଥିବା ଆମ ସଂସ୍କୃତି ଆମ ଖେଳଣା କାର୍ଯ୍ୟକ୍ରମର ଉଦେଶ୍ୟ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।ଏଥିରେ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ପକ୍ଷରୁ ଆମ ସଂସ୍କୃତି ଓ ଆମ ଖେଳଣା ଉପରେ ବିଭିନ୍ନ ପ୍ରକାର କଳାକୃତି ପ୍ରଦର୍ଶନ କରାଯାଇ ଥିଲା । ଶେଷରେ ଅତିଥି ମାନଙ୍କ ଦ୍ୱାରା ଛାତ୍ର ଛାତ୍ରୀ ମାନଙ୍କୁ ସାଠିଫିକେଟ ପ୍ରଦାନ କରାଯାଇ ଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ସଲମା ମୁର୍ମୁ, ବିଦ୍ୟାଳୟ ପରିଚାଳନା କମିଟିର ସମସ୍ତ ସଦସ୍ୟ, ସଦସ୍ୟା ମାନେ ସହଯୋଗ କରିଥିଲେ ।

## ପ୍ରଧାନମନ୍ତ୍ରୀ ଜନୌଷଧୀ ଦିବସରେ ରାଜ୍ୟସଭା ସଦସ୍ୟ ସୁଜିତ କୁମାର

**ସୁବର୍ଣ୍ଣପୁର,୭।୩(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ଜନୌଷଧି ଦିବସରେ ରାଜ୍ୟସଭା ସଦସ୍ୟ ଶ୍ରୀ ସୁଜିତ କୁମାରଙ୍କ ଯୋଗଦାନ। ସମ୍ପ୍ରତି ଆଜି ପ୍ରଧାନମନ୍ତ୍ରୀ ଜନୌଷଧି ଦିବସ ସୋନପୁର ପ୍ରଧାନମନ୍ତ୍ରି ଜନୌଷଧି କେନ୍ଦ୍ର ରେ ପାଳିତ ହୋଇଛି । ଏଥିରେ ରାଜ୍ୟସଭା ସଦସ୍ୟ ଶ୍ରୀ ସୁଜିତ କୁମାରଙ୍କ ଯୋଗଦାନ କରି ଏହା ପ୍ରଧାନମନ୍ତ୍ରୀ ଶ୍ରୀନରେନ୍ଦ୍ର ମୋଦିଙ୍କ ଦେଶବାସୀଙ୍କ ପ୍ରତି ଏକ ସୁନ୍ଦର ଉପହାର ଓ ଧନୀ ଲୋକଙ୍କ ଠାରୁ ଆରମ୍ଭ କରି ଗରୀବ ଶ୍ରମିକ କୃଷକ ମହିଳା ସମସ୍ତେ ଏହାର ସୁଯୋଗ ନେବା ଉଚିତ ବୋଲି ମତ ପ୍ରକାଶ କରିଛନ୍ତି। ଅନ୍ୟ ମାନଙ୍କ ମଧରେ ସୁବର୍ଣ୍ଣପୁର ଜିଲ୍ଲାର ସି.ଡ଼ି.ଏମ.ଓ, ଜିଲ୍ଲା ଡ୍ରଗ୍ସ ନୀରିକ୍ଷକ, ବରିଷ୍ଠ ଓକିଲ ଶ୍ରୀ ବଳଦେବ ବେଦବାକ, ସୀତାନ୍ସୁ ମିଶ୍ରଙ୍କ ସମେତ ବିଭିନ୍ନ ସାମାଜିକ ସଂଗଠନର କର୍ମକର୍ତ୍ତା ସାମିଲ ହୋଇ ଥିଲେ। ଶେଷରେ ଜନୌଷଧି କେନ୍ଦ୍ରର ଶ୍ରୀ ସୁବାସ୍ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ଦିବସରେ ୨୮ ମହିଳାଙ୍କୁ ସମ୍ମାନିତ କଲା ପୂର୍ବତଟ ରେଳପଥ

**ଭୁବନେଶ୍ୱର,୭।୩(ସଂଚାର ବ୍ୟୁରୋ):** ଆଜି ପୂର୍ବତଟ ରେଳପଥ ଦ୍ୱାରା ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ (ଇକୋରୋ) ସହ ମିଳିତ ଭାବେ ଭୁବନେଶ୍ୱରର ରେଳ ଅଡିଟୋରିୟମ୍‌ରେ ଆନ୍ତର୍ଜାତୀୟ ମହିଳା ଦିବସ ୨୦୨୫ ପାଳନ କରାଯାଇଥିଲା। ଶ୍ରୀମତୀ ଫୁଙ୍କୱାଲ୍ ମଧ ରେଳପଥ ମହିଳା କର୍ମଚାରୀମାନଙ୍କୁ ସେମାନଙ୍କର ଉତ୍କୃଷ୍ଟ ଓ ଅସାଧାରଣ ଅବଦାନ ପାଇଁ ସମ୍ମାନିତ କରିଥିଲେ । ଏହି ଅବସରରେ, ଖୋର୍ଦ୍ଧା ରୋଡ ମଣ୍ଡଳର ମଣ୍ଡଳ ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ପି. ଭରଲକ୍ଷ୍ମୀ ମହିଳାମାନଙ୍କ ମଧ୍ୟରେ ଥିବା ସାଧାରଣ ସ୍ତ୍ରୀ ରୋଗ ସ୍ୱାସ୍ଥ୍ୟ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ। ଏହା ସହିତ, ବିଶାଖାପାଟଣାର ଷ୍ଟେସନ ସୁପରିଣ୍ଟେଣ୍ଡେଣ୍ଟ ଶ୍ରୀମତୀ ଆଲା ଅରୁଣାଶ୍ରୀ ରେଳ ପରିଚାଳନାର ବିଭିନ୍ନ ଦିଗରେ ମହିଳାମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ଉପରେ ଆଲୋକପାତ କରି



ଭାରତୀୟ ରେଳପଥକୁ ପରିବର୍ତ୍ତନ କରିବାରେ ସେମାନଙ୍କୁ ଯୋଦ୍ଧା ଭାବରେ ବର୍ଣ୍ଣନା କରିଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଅସାଧାରଣ ଓ ଉତ୍କୃଷ୍ଟ ପ୍ରଦର୍ଶନ ପାଇଁ ୧୮ ମହିଳା ରେଳ କର୍ମଚାରୀଙ୍କୁ ସମ୍ମାନିତ କରାଯାଇଥିଲା। କବିତା ପାଠ, ରଙ୍ଗୋଲି ଏବଂ ପୂଜା ଥାଳି ସାଜସଜ୍ଜା ଇତ୍ୟାଦି ବିଭିନ୍ନ ପ୍ରତିଯୋଗିତାରେ ଉତ୍କର୍ଷତା ପାଇଁ ୧୦ ମହିଳା ରେଳ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଚରିତ୍ରକୁ ସନ୍ଦେହ, ସ୍ତ୍ରୀ'କୁ ଇଟାରେ ପିଟି ମାରିଲା ସ୍ୱାମୀ

**ସୁନ୍ଦରଗଡ଼,୭।୩(ସଂଚାର ବ୍ୟୁରୋ):** ଏକ ଆଶ୍ଚର୍ଯ୍ୟଜନକ ଘଟଣାରେ, ସୁନ୍ଦରଗଡ଼ ଟାଉନ୍ ପୋଲିସ ଥାନା ଅନ୍ତର୍ଗତ ରାଜାମୁଣ୍ଡାରେ ଜଣେ ବ୍ୟକ୍ତି ପରକୀୟା ପ୍ରୀତି ସନ୍ଦେହରେ ତାଙ୍କ ପତ୍ନୀଙ୍କୁ ଇଟାରେ ପିଟି ହତ୍ୟା କରିଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ମଙ୍ଗଲ ଓରାମଙ୍କୁ ପୋଲିସ ଗିରଫ କରିଛି। ମୃତକଙ୍କ ନାମ ଏମେନ୍ ଓରାମ। ରିପୋର୍ଟ ଅନୁଯାୟୀ, ମଙ୍ଗଲ ତାଙ୍କ ପତ୍ନୀଙ୍କ ଅବୈଧ ସମ୍ପର୍କ ଥିବା ସନ୍ଦେହ କରୁଥିଲେ, ଯାହା ତାଙ୍କୁ ଏହି ଘୃଣ୍ୟ କାର୍ଯ୍ୟ କରିବାକୁ ବାଧ୍ୟ କରିଥିଲା। ସେ ତାଙ୍କ ଘର ପାଖରେ ଥିବା ଏକ ଇଟା ଭାଟି ନିକଟରେ ତାଙ୍କୁ ଆକ୍ରମଣ କରିଥିଲେ। ପୋଲିସ ଏହି ଘଟଣାର ତଦନ୍ତ ଆରମ୍ଭ କରିଛି। ଏହି ନିର୍ମମ ହତ୍ୟାକାଣ୍ଡ ସମଗ୍ର ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।




## ନାହାଁଣାଗାଁରେ ଜଳ ସମସ୍ୟା

**କନ୍ଧମାଳ,୭।୩(ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ରୁ ମୃତ୍ୟୁଞ୍ଜୟ ଦିଗାଲ ଙ୍କରିପୋର୍ଟ କନ୍ଧମାଳ ଜିଲ୍ଲା ଅନ୍ତର୍ଗତ ଫିରିଙ୍ଗିଆ ବ୍ଲକ,ଫିରିଙ୍ଗିଆ ଗ୍ରାମ ପଞ୍ଚାୟତର ୱାର୍ଡ଼ ନଂ-୬,ନାହାଁଣା ଗ୍ରାମର



କିଛି ପରିବାର ଅପିରସ୍କାର ପାଣି ବ୍ୟବହାର କରିବା ପାଇଁ ବାଧ୍ୟ ହେଉଥିବା ଜଣାପଡ଼ିଛି। ଦେଶ ସ୍ୱାଧିନ ନ ହେବା ପୁର୍ବରୁ ଉକ୍ତ ଗ୍ରାମ ବାସିନ୍ଦା ବ୍ୟବହାର କରିଅସୁଥିବ ଚୁଆଁ ପାଣି ଉପରେ ନିର୍ଭର କରି ଚଳିଆସୁଥିବା ବେଳେ ଦେଶ ସ୍ୱାଧିନ ହେବା ପରେ ସରକାରୀ ସହାୟତାରେ ଏହି ଚୁଆଁକୁ ପୁନର୍ବାର ସଠିକ ଢଙ୍ଗରେ ନିର୍ମାଣ କରିଥିଲେ କିନ୍ତୁ ଅନେକ ଘରକୁ ସରକାରୀ ସହାୟତାରେ ଖନନ କୂପ ପ୍ରଦାନ କରିଥିବାରୁ ଏହି ପ୍ରାଚିନ ଚୁଆଁ କୂଅଁ ଉପରେ ମାତ୍ର କିଛି ପରିବାର ଅଦ୍ୟାବଧି ନିର୍ଭର କରୁଥିବା ଜଣାପଡ଼ିଛି। ନାହାଁଣା ଗ୍ରାମରେ ପାଣି ର ସମସ୍ୟା ଲାଗିରହିଥିବାରୁ ଏହାକୁ ଦୃଷ୍ଟିରେ ରଖି ନାହାଁଣା ଗ୍ରାମର ପ୍ରାର୍ଥମିକ ବିଦ୍ୟାଳୟ ର କମୋଳମତି ଛାତ୍ରଛାତ୍ରୀ ମାନଙ୍କ ସମେତ ଗ୍ରାମ ବାସିଙ୍କ ପାଣି ସମସ୍ୟା ଦୁରିକରଣ ନିମନ୍ତେ ବିଦ୍ୟାଳୟ ପ୍ରଙ୍ଗଣ ବାହାରେ ଏକ ସରକାରୀ ନଳ କୁଅ ନିର୍ମାଣ କରାଯାଇଥିବା ଜଣାପଡ଼ିଛି।କିନ୍ତୁ ଗ୍ରିଷ୍ମ ଋତୁରେ ପାଣି ସମସ୍ୟା ଦେଖାଦେଉଥିବାରୁ ପରିଶେଷରେ କିଛି ପରିବାର ଏହି ପ୍ରାଚିନ ଚୁଆଁ କୂଅ ଉପେର ନିର୍ଭର କୁଥିବାରୁ ଏହାର ମରାମତି ସକାଶେ ପ୍ରଶାସନର ଅଧିକାରୀଙ୍କ କରୁଣ ଦୃଷ୍ଟି ଆକର୍ସଣ କରିବା ପାଇଁ ବିଭିର୍ଣ୍ଣ ମାଧ୍ୟମର ସହାୟତା ନେଇଥିବା ଜଣାପଡ଼ିଛି।

## ସ୍ୱତନ୍ତ୍ର ଟିମ ଚଢ଼ାଉରେ ଇବ୍ ନଦୀରୁ ୩ ଟ୍ରକ ସହ ପୋକଲିନ୍ ମେସିନ ଜବତ

**ସୁନ୍ଦରଗଡ,୭।୩(ସଂଚାର ବ୍ୟୁରୋ):** ଇବ ନଦୀ ପଠାରୁ କୋଟି କୋଟି ଟଙ୍କାର ବାଲି ଚୋରା ଚାଲାଣ ଖୁଲମଖୁଲା ଭାବରେ ଚାଲିଥିବା ସମୟରେ ଜିଲ୍ଲା ପ୍ରଶାସନ ଏକ ସ୍ୱତନ୍ତ୍ର ଟିମ ଗଠନ କରି ବାଲିଘାଟ ମାନଙ୍କରେ ହଠାତ ଚଢାଉ କରିଥିଲେ। ଜିଲ୍ଲା ପ୍ରଶାସନରୁ ସ୍ୱତନ୍ତ୍ର ଟିମ ଚଢାଉ କରି ଦଲଦଲି ବାଲିଘାଟରେ ବୁଧବାର ଏକ ବାଲି ବୋଝେଇ ଟ୍ରକ ଗାଡି ନମ୍ବର ଓଡି ୨୩ କେ ୧୧୫୯ ବିନା ଟିପିରେ ବାଲି ଚାଲାଣ ହେଉଥିବା ଜାଣି ଟ୍ରକକୁ ଭଷ୍ମା ଥାନାରେ ବାଲି ବୋଝେଇ ଟ୍ରକ ସହ ଚାଳକକୁ ଅଟକ ରଖିଥିଲା। ଗୁରୁବାର ସକାଳେ ପୁଣି ସ୍ୱତନ୍ତ୍ର ଟିମରେ ଟାଙ୍ଗରପାଲି ତହସିଲଦାର ସ୍ମୃତି ସୌମ୍ୟା ଦାସ ଚଢାଉ ଆରମ୍ଭ କରି ଇବ ନଦୀ ଖମାରବାହାଲ ଠାରେ ଦୁଇଟି ବାଲି ବୋଝେଇ ଟ୍ରକ ଗାଡି ନମ୍ବର ଓଡି ୧୫ଜେ ୯୦୫୦,ଓଡି




୧୫ ଏଚ ୦୨୦୧ କୁ ଅଟକାଇ ଥିଲେ। ଉକ୍ତ ବାଲି ବୋଝେଇ ଟ୍ରକ ବିନା ଟିପିରେ ବାଲି ଚାଲାଣ କରୁଥିବାରୁ ଦୁଇ ଟ୍ରକ ସହିତ ବାଲାଜୀ କମ୍ପାନୀର ଗୋଟିଏ ପୋକଲିନ୍ ମେସିନକୁ ଜବତକରି ଭଷ୍ମା ଥାନାରେ ଅଟକ ରଖିଛନ୍ତି। ଉକ୍ତ ବାଲି ବୋଝେଇ ଗାଡ଼ି ବାଲାଜୀ କମ୍ପାନୀର କାମ ପାଇଁ ଲାଗିଥିଲା ବୋଲି ସୂଚନା ମିଳିଛି । ବାଲାଜୀ କମ୍ପାନୀ ମଧ୍ୟ ଲକ୍ଷଲକ୍ଷ ଟଙ୍କାର ବାଲି ଚୋରୀ କରି ଟିକସ ଫାଙ୍କି କାର୍ଯ୍ୟ ଚଳାଇଛନ୍ତି। ଟ୍ରକ ଚାଳକ ମୃତ୍ୟୁଞ୍ଜୟ ସାହୁ, ଉମେଶ ବିଶ୍ୱାସ, ବୁଧୁବାର ବୁଡ ଓ ପୋକଲିନ୍ ମେସିନର ଚାଳକ ରମେଶ ମହାଲିଙ୍ଗ ନାମରେ ଭିନ୍ନ ଭିନ୍ନ ଚାରିଟି ମାମଲା ରୁଜୁ କରିଛନ୍ତି। ରାଉରକେଲାରୁ ମାଇନିଂ ଅଧିକାରୀ ଅଜୟ କୁମାର ଗିରି ଓ ଅତିରିକ୍ତ ମାଇନିଂ ଅଧିକାରୀ ମଙ୍ଗଳଚରଣ ହେମ୍ବ୍ରମ ତଦନ୍ତ ଆରମ୍ଭ କରିଛନ୍ତି। ସୁନ୍ଦରଗଡ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ ମୁକେଶ କୁମାର ଦାସ ଭଷ୍ମା ଥାନାରେ ପହଞ୍ଚି ୩ ଟି ହାଇୱା ଗାଡିର କାଗଜପତ୍ର ଯାଞ୍ଚ କରି ୧ଲକ୍ଷ ୩୪ ହଜାର ଟଙ୍କାର ଜୋରିମାନା କରିଛନ୍ତି । ଖଣି ବିଭାଗ ଅଟକ ଗାଡି ଗୁଡିକର ଯାଞ୍ଚ କରି ଜୋରିମାନା କରିବେ ବୋଲି ସୂଚନା ଦେଇଛନ୍ତି।
ଆଜି ଶୁକ୍ରବାର ରାଜଗାଙ୍ଗପୁର ତହସିଲ ଅଧିନରେ ଏକ ବାଲି ବୋଝେଇ ଗାଡି ଜବତ କରିଥିବା କଥା ଉପ ଜିଲ୍ଲାପାଳ ଦାଶରଥି ଶରାବୁ କହିଛନ୍ତି, ତା ସହ ଆଗକୁ ମଧ୍ୟ ଚଢ଼ାଉ ଜାରି ରହିବ ବୋଲି ପ୍ରତିକ୍ରିୟା ଦେଇଥିଲେ ।



# ନାରୀ

# ଶବାରି ଚାଲେରେ ଧୀରେ ଧୀରେ...

**ବାହାଘର ଏକ ମଧୁର ଶବ୍ଦ। ଏଥିରେ ପୁଅ ଓ ଝିଅର ମନ ବାନ୍ଧିହେବା ସହିତ ଦୁଇ ପରିବାରର ମିଳନ ହୋଇଥାଏ। ଝିଅ, ପୁଅ ଦେଖାଦେଖି ହେବା ଠାରୁ ମୁଦିପିନ୍ଧା, ହାତଗଣ୍ଠି ଓ ଝିଅବିଦା ପର୍ଯ୍ୟନ୍ତ ନିଆରା ଅନୁଭୂତିକୁ ସମସ୍ତେ ସାଉଁଟିବାକୁ ଚାହିଁଥାନ୍ତି। କିନ୍ତୁ ଏବେ ସମୟ ସହିତ ବିବାହରେ ବହୁ ପରିବର୍ତ୍ତନ ଆସିଲାଣି। ବିଗତ କିଛି ବର୍ଷ ମଧ୍ୟରେ ନିର୍ବନ୍ଧଠାରୁ ଆରମ୍ଭ କରି ବାହାଘର ସାଜସଜ୍ଜା, ବେଶପୋଷାକରେ ଅନେକ ପରିବର୍ତ୍ତନ ଆସିଛି। ହଳଦୀ, ମେହେନ୍ଦୀ ପରି ନୂଆ ପ୍ରଥା ଯୋଡ଼ା ହୋଇଛି। ଯଦିଓ ବାହାଘରରେ ବ୍ୟାଣ୍ଡ୍‌ବାଜା, ଶୋଭାଯାତ୍ରା, କନ୍ୟାଦାନ ପରମ୍ପରା ସମ୍ପୂର୍ଣ୍ଣ ହଜିନାହିଁ, ତଥାପି କିଛି ପରମ୍ପରା ସମୟ ସହିତ ହଜିଯାଇଛି। ଏମିତି କିଛି ପରମ୍ପରାକୁ ମନେ ପକାଇବା ପାଇଁ ଆଜିର ସ୍ୱତନ୍ତ୍ର ଉପସ୍ଥାପନା...**



## ହଜିଗଲାଣି ଶବାରି

ଷାଠିଏ ସତୁରି ଦଶକରେ ଝିଅଟିଏ ବାହାହୋଇ ଶାଶୂଘରକୁ ଆସିବାର ଚିତ୍ରପଟ ଥିଲା ଟିକେ ନିଆରା। ଭଲିକି ଭଲି ଝାଲର ଓ ଜରି ଫୁଲରେ ସଜେଇ ହେଉଥିଲା ଶବାରି। ଆଉ ସେଇ ଶବାରିରେ ଝିଅ ବାପଘରୁ ବିଦା ହେଉଥିଲା। ବାପ ଘରକୁ ସବୁଦିନ ପାଇଁ ପର କରି ଯାଉଥିବାରୁ ଶବାରି ଭିତରେ ମାନ ଅଭିମାନ କରି ଭୋ ଭୋ ହୋଇ କାନ୍ଦୁଥିଲା କନିଆ। ଶବାରି ବାହୁଥିବା ଲୋକଟି ଗାଇ ଗାଇ ଚାଲୁଥିଲା....‘ଏଇଠି ଖାଲରେ, ଦେଖିକି ଚାଲରେ... ହାକୁମ ଧାବଲ ହାକୁମ ଧାବଲ’। କିନ୍ତୁ ଏବେ ସ୍ଥିତି ବଦଳିଛି। ଆଉ ପୁରୁଣା ନୀତିରେ ବନ୍ଧା ହୋଇ ରହିନାହାନ୍ତି। ପ୍ରି ୱେଡିଂ, ପୋଷ୍ଟ୍ ୱେଡିଂ ସହିତ ଡେଷ୍ଟିନେସନ୍ ୱେଡିଂ ଭଳି ପ୍ରଥା ଆରମ୍ଭ ହୋଇସାରିଲାଣି। କାର୍‌ଠାରୁ ଆରମ୍ଭ କରି ଉଡ଼ାଜାହାଜରେ ମଧ ଏବେ ଝିଅଟିଏ ତା’ ଶାଶୂଘରକୁ ଗଲାଣି। ପୂର୍ବଭଳି ଏବେ କାର୍‌ରେ ସତସତିକା ଫୁଲ, ଫଳ ଓ ପରିବା ସଜାଯାଉଛି ଆଉ ଜଲଦି ନେଇ ଘରେ ପହଞ୍ଚାଇ ଦେଉଛି। କିନ୍ତୁ ସେତେବେଳେ ବର ନ ଆସିବା ପର୍ଯ୍ୟନ୍ତ ଝିଅଟିଏ ବାଡୁଅ ପାଣି ଗାଧୋଉ ନଥିଲା। କାରଣ ଗାଧୋଇଲା ପରେ ଝିଅଟି ମଙ୍ଗୁଳା ହୋଇଯାଏ ବୋଲି ଧରା ଯାଉଥିଲା। ଏବେ ପ୍ରତ୍ୟେକ ପ୍ରଥା ଓ ପରମ୍ପରାରେ ପରିବର୍ତ୍ତନ ହେଉଛି ସତ କିନ୍ତୁ ସେ କାଳର ବାହାଘରରେ ଯେଉଁ ଆତ୍ମୀୟତା, ସ୍ନେହ ଓ ସୌହାର୍ଦ୍ଦ୍ୟର ବନ୍ଧନ ଥିଲା ତାହା ଏବେ ଆଉ ଦେଖିବା ସାତ ସପନ ହୋଇଯାଇଛି।

## ବିସ୍ମୃତ ପାରମ୍ପରିକ ବାଦ୍ୟ

ବାହାଘରରେ ଶଙ୍ଖ, ହୁଳହୁଳି, ସାହାନାଈ, ତେଲିଙ୍ଗି ବାଜା, ହାଡ଼ି ବାଜାରେ ପ୍ରକମ୍ପିତ ହେଉଥିବା ବେଳେ ଏବେ ତାହା ଆଉ ଶୁଣିବାକୁ ମିଳୁନି। ଏହିସବୁ ବାଦ୍ୟଯନ୍ତ୍ରର ବେଶ୍ ଗୁରୁତ୍ୱ ରହିଛି। ମଙ୍ଗନ ଦିନରୁ ଆରମ୍ଭ କରି କନିଆ ମେଲାଣି ଯାଏ ଏହି ବାଦ୍ୟ ବାଜିବା ଶୁଭ ବୋଲି କୁହାଯାଏ। ଏଥିପାଇଁ ମଧ ଦକ୍ଷ ବାଦକ ରହିଥା’ନ୍ତି। ତେବେ ଦିନକୁ ଦିନ ସହରରୁ ଏହି ବାଦ୍ୟ ଶବ୍ଦ ଉଭେଇ ଯିବାରେ ଲାଗିଛି। କାଁ ଭାଁ କେଉଁଠି ପାରମ୍ପରିକ ବାଦ୍ୟ ଶୁଣିବାକୁ ମିଳୁଛି।

## ବଦଳିଛି ସଙ୍ଗୀତର ଧାରା

ପୂର୍ବରୁ ନା ଥିଲା ରିମିକ୍ସ, ନା ଥିଲା ଡିଜେ ସାଉଣ୍ଡ୍। ନୂଆକରି ରିଲିଜ୍ ହେଉଥିବା ଯେକୌଣସି ସଙ୍ଗୀତ ଶୁଣିବାକୁ ମିଳୁଥିଲା ବିବାହ ସମୟରେ। ଯେଉଁ ଗୀତରେ ପିଲାଠୁ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ବାୟା ହେଉଥିଲେ। ଶୁଣିବାକୁ ମିଳୁଥିଲା ଲାଇଭ୍ ସଙ୍ଗୀତ। କଣ୍ଠଶିଳ୍ପୀମାନେ ଟ୍ରଲି ଉପରେ ବାଜା ବାଣ ସହିତ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ରର ଲୋକପ୍ରିୟ ସଙ୍ଗୀତ ପରିବେଷଣ କରୁଥିଲେ, ଯାହାକୁ ଶୁଣି ଆପେ ଆପେ ନାଚି ଉଠୁଥିଲେ ସମସ୍ତେ। ହେଲେ ବର୍ତ୍ତମାନ ହଲିଉଡ୍ ସଙ୍ଗୀତ ସାଙ୍ଗକୁ ଡିଜେ ସାଉଣ୍ଡ୍ ସମସ୍ତଙ୍କୁ ମତୁଆଲା କରିଛି।

## ପରିଧାନରେ ପରବର୍ତ୍ତନ

ପୂର୍ବରୁ ବଉଳପାଟ ପିନ୍ଧି ଝିଅଟି ଶାଶୂଘରକୁ ଯାଉଥିଲା। ବାହାଘର ମଝିରେ ନୀତି ନିୟମ ଅନୁଯାୟୀ ୨ରୁ ୩ ଥର ଶାଢ଼ି ବଦଳୁଥିଲା। କିନ୍ତୁ ଏବେ ଲେହେଙ୍ଗା ସହିତ ମ୍ୟାଚିଙ୍ଗ୍ ଜୁଏଲାରି, କୁଙ୍କୁମ ବଦଳରେ ମେକଅପ୍, ସୁନା ବଦଳରେ ଏମିଟେସନ୍ ଧାରଣ କରୁଛନ୍ତି। ଗୋଟିଏ ଦିନକୁ ମନେ ରଖିବା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି।

## ଶୁଭୁନାହିଁ କନ୍ୟା ବିଦା କାନ୍ଦଣା

ଝିଅଟିଏ ବାହାହୋଇ ବିଦା ହେଲାବେଳେ ସମସ୍ତଙ୍କୁ ଧରି ବାହୁନି ବାହୁନି କାନ୍ଦୁଥିଲା। ଏମିତି କି ସେ ମାସେ ପୂର୍ବରୁ ଏହାକୁ ଅଭ୍ୟାସ କରି ରଖୁଥିଲା। ସେତେବେଳେ ଏହି କାନ୍ଦଣା ଗୀତ ବହି ମେଳା ଓ ବଜାରରେ ମଧ ବିକ୍ରି ହେଉଥିଲା ଯାହାକି ଏବେ ଆଉ ଦେଖିବାକୁ ମିଳୁନାହିଁ। ବାହାଘର ଆଗରୁ ଝିଅ ଶାଶୂଘର ବାବଦରେ କିଛି ଜାଣିନଥିବା ବେଳେ ଲାଜ ହେତୁ ସେ ନିଜର ସ୍ୱାମୀ ଓ ଶାଶୂଘର ପରିବାରର ଆଉ କାହା ବିଷୟରେ କିଛି ପଚାରିବାର ସୁଯୋଗ ପାଇନଥାଏ। ଅଜଣା ପରିବେଶରେ ନୂଆ ଲୋକଙ୍କ ସହିତ କିପରି ଚଳିବ ତାହା ଝିଅଟି କାନ୍ଦଣା ବୋଲିରେ ଜଣାଇଥାଏ। ବାଡୁଅ ପାଣିରେ ଝିଅକୁ ଗାଧୋଇବା ପାଇଁ ଘରର ମହିଳାମାନେ ସଜବାଜ କରୁଥିବା ଦେଖି ସେ ନିଜର ବୋଉ, ଖୁଡ଼ୀ, ମାଇଁ, ଭାଉଜମାନଙ୍କୁ ଧରି କାନ୍ଦିଥାଏ।

“ରଜ ହୋଇଛି କି ସଜ କରୁଛ ମୋ ଖୁଡ଼ୀ,
ରୁଷିବସିଛି କି ବୋଧ କରୁଛ ମୋ ମାଇଁ,
ଏବେ ସବୁ ସ୍ନେହ ପାସୋରି ଦେଲ ମୋ ଆଈ,
କାନି ପଣତରୁ ଫିଟାଇଦେଲ ମୋ ମାଉସୀ...”

ବିଦାୟ ସମୟରେ ସେ ଶାଶୂଘରେ ଜୀବନ ଖୁବ୍ କଷ୍ଟକର ହେବ ବୋଲି ମନ ଭିତରେ ଥିବା ଭୀତି କାନ୍ଦଣା ମାଧମରେ କହେ...

“ଗର୍ଭେ ଦଶମାସ ତୁ ଧରିଥିଲୁ ମୋ ବୋଉ,
ଦିନେ ମର ବୋଲି କହି ନଥିଲୁ ମୋ ବୋଉ,
ମୁଁ ସହି ନଥିଲି ତୁମ ବଚନ ମୋ ବୋଉ,
କିପରି ସହିବି ପର ବଚନ ମୋ ବୋଉ।”

କିନ୍ତୁ ଏସବୁ ଲୋକଗୀତ ଓ ମନର ଭାବନା ପ୍ରକାଶ କରିବାକୁ ସମୟ ନାହିଁ। ନାଚ, ଗୀତରେ ଝୁମି ପାଶ୍ଚାତ୍ୟ ଶୈଳୀରେ ଏବେ ନିଜ ମନପସନ୍ଦ ବର ସହିତ ଖୁସିରେ ଘରକୁ ଫେରୁଛନ୍ତି।

## ବୋହୂ ପେଡ଼ିରୁ ଭ୍ୟାନିଟି ବ୍ୟାଗ୍

ପୂର୍ବରୁ ଝିଅଟିଏ ଶାଶୂଘରକୁ ଗଲାବେଳେ ମାଆ, ଖୁଡ଼ୀ, ମାଇଁମାନେ ଝିଅର ବାକ୍ସରେ ତା’ର ଅତ୍ୟାବଶ୍ୟକ ଜିନିଷ ସହିତ ପଇସା, ଔଷଧ, ପୁରାଣ ବହି ଏବଂ ତା’ ପିଲାବେଳର କଣ୍ଢେଇ ଓ ବାପଘରର କିଛି ସାଇତା ସନ୍ତକକୁ ଗୋଟେ ଛୋଟ ଆଲୁମିନିଅମ୍ ବାକ୍ସରେ ପୂରାଇ ଦେଉଥିଲେ। ତାକୁ ହାତରେ ନେଇ ସେ ଶାଶୂଘର ଯାଉଥିଲା। କିନ୍ତୁ ଏବେ ଝିଅ ହାତରେ ଭ୍ୟାନିଟି ବ୍ୟାଗ୍। ଯେଉଁଥିରେ ଅତି କମ୍‌ରୁ କମ୍ ଜିନିଷ, ଏଟିଏମ୍ କାର୍ଡ, ଲିପ୍‌ଷ୍ଟିକ୍, ପାନିଆ ଆଦି ରହୁଛି। ଏବେ ସିନା ଜିନିଷ ବଦଳିଛି କିନ୍ତୁ ସେଇ ଝିଅର ନିତ୍ୟ ବ୍ୟବହାର୍ଯ୍ୟ ଓ ଅତ୍ୟାବଶ୍ୟକ ଜିନିଷ ହିଁ ରଖୁଛନ୍ତି।

## ତୋରାଣି ଖିଆରୁ ବ୍ୟାଚ୍‌ଲର୍ ପାର୍ଟି

ପୂର୍ବରୁ ବରକନ୍ୟା ଆଗରୁ ଦେଖାସାକ୍ଷାତ ହେଉ ନଥିଲେ। ଘରର ବୟୋଜ୍ୟେଷ୍ଠମାନେ ପୁଅ ଝିଅଙ୍କ ବାହାଘର ଠିକ୍ କରୁଥିଲେ। ଥରେ ଝିଅର ବାହାଘର ଠିକ୍ ହୋଇଗଲେ ତୋରାଣି ଖିଆର ନୀତି ଓ ପରମ୍ପରା ଆରମ୍ଭ ହେଉଥିଲା। ପଡ଼ିଶା ଘରଠାରୁ ଆରମ୍ଭ କରି ବନ୍ଧୁବାନ୍ଧବ ସମସ୍ତେ ଖାଇବା ପାଇଁ ନିମନ୍ତ୍ରଣ କରୁଥିଲେ। ଭଳିକି ଭଳି ବ୍ୟଞ୍ଜନ ସହିତ ଗଲାବେଳେ ହାତରେ ନୂଆ ଲୁଗା, ଅଳତା, ଚୁଡ଼ି ଦେଉଥିଲେ। କିନ୍ତୁ ଏସବୁ ଏବେ ବଦଳିଗଲାଣି। ଏବେ ତା’ର ନାଁ ‘ବ୍ୟାଚ୍‌ଲର୍ ପାର୍ଟି’ ହେଲାଣି। ପୁଅ ଝିଅ ସେମାନଙ୍କ ସାଙ୍ଗସାଥୀଙ୍କୁ ଧରି ହୋଟେଲ୍, କ୍ଲବ୍ ଓ ସମୁଦ୍ର କୂଳରେ ନାଚଗୀତ କରି ପାର୍ଟି କରୁଛନ୍ତି।



# ପୁରୁଷପ୍ରଧାନ କ୍ଷେତ୍ର ହୋଇ ରହିନାହିଁ ଗେମିଂ

ଭିଡିଓଗେମ୍ ଖେଳିବାରେ ପୁରୁଷମାନଙ୍କର ଏକଚାଟିଆ ଆଗ୍ରହ ଓ ଭାଗୀଦାରି ରହିଛି ବୋଲି ଏକ ଧାରଣା ରହିଆସିଥିଲେ ହେଁ ଭାରତୀୟ ମହିଳାମାନେ ଏହି ଧାରଣାକୁ ସଂପୂର୍ଣ୍ଣ ଭୁଲ୍ ପ୍ରମାଣିତ କରିସାରିଲେଣି। ଅଲ୍ ଇଣ୍ଡିଆ ଗେମ୍ ଡେଭେଲୋପର୍ସ ଫରୋମ୍ (ଏଆଇଜିଡିଏଫ୍) ଦ୍ୱାରା ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତର ଗେମିଂ ଆଗ୍ରହୀଙ୍କ ମଧ୍ୟରୁ ୪୪% ହେଉଛନ୍ତି ମହିଳା। ଏହା ସତ୍ତ୍ୱେ ଭିଡିଓଗେମ୍ ପ୍ରସ୍ତୁତ କରୁଥିବା କମ୍ପାନିରେ ମହିଳା କର୍ମଚାରୀଙ୍କ ହାର ଅତି ନଗଣ୍ୟ (୧୨-୨୪%) ରହିଛି। ପୁଣି ଗେମିଂ କମ୍ପାନିରେ ବୈଷୟିକ ପଦରେ ଥିବା କର୍ମଚାରୀଙ୍କ ଭିତରେ ମହିଳାଙ୍କ ପ୍ରତିନିଧିତ୍ୱ ଆହୁରି ନିରାଶାଜନକ (୬-୯%)। ସଂଖ୍ୟା ଦୃଷ୍ଟିରୁ ଦେଖିଲେ, ବର୍ତ୍ତମାନ ଭାରତର ୨୬ କୋଟି ଭିଡିଓଗେମ୍ ଖେଳାଳି ହେଉଛନ୍ତି ମହିଳା। ଖେଳାଳି ଭାବେ ଏମାନଙ୍କ ପ୍ରତିନିଧିତ୍ୱରେ ବୃଦ୍ଧିକୁ ତାଳ ଦେଇ ଭିଡିଓଗେମ୍ ଶିଳ୍ପରେ ଏମାନଙ୍କ ପ୍ରତିନିଧିତ୍ୱ ବୃଦ୍ଧି ପାଇବା କଥା। କାରଣ ଗେମିଂ ଶିଳ୍ପରେ ଅଗ୍ରଗତିର ଅନେକ ସମ୍ଭାବନା ରହିଛି ଏବଂ ମହିଳାମାନେ ଏହାର ବିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବେ। ମହିଳାଙ୍କୁ ଗେମିଂ କ୍ଷେତ୍ରକୁ ଆଣିବା ଦ୍ୱାରା କେବଳ ମହିଳାମାନେ ଲାଭାନ୍ୱିତ ହେବେ ନାହିଁ, ଏହି ଶିଳ୍ପ ମଧ୍ୟରୁ ସେଥିରୁ ଲାଭ ପାଇବ ବୋଲି ‘ମୋବାଇଲ୍ ପ୍ରିମିଅର୍ ଲିଗ୍’ କମ୍ପାନିର ସିଓଓ ନମ୍ରତା ସ୍ୱାମୀ କହନ୍ତି। ଗେମିଂ ଶିଳ୍ପରେ ଏହି ଲିଙ୍ଗଗତ ବିଭେଦକୁ ଦୂର କରିବାକୁ ହେଲେ ବିଜ୍ଞାନ, ପ୍ରଯୁକ୍ତି, ଇଂଜିନିଅରିଂ ଓ ଗଣିତ ଶିକ୍ଷାକୁ ଆହୁରି ସୁଦୃଢ଼ କରିବା ସହିତ ନିଯୁକ୍ତି କ୍ଷେତ୍ରରେ ଅଧିକ ଅନ୍ତର୍ଭୁକ୍ତୀ ଆଭିମୁଖ୍ୟ ଆପଣାଇବା ଜରୁରି ବୋଲି ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।





# ରହିବନି ଷ୍ଟ୍ରେଚ୍ ମାର୍କ

ଷ୍ଟ୍ରେଚ୍‌ମାର୍କ ସାଧାରଣତଃ ନାରୀମାନଙ୍କ ପାଇଁ ଏକ ଚିନ୍ତାର କାରଣ। ସନ୍ତାନ ଜନ୍ମ ପରେ ହେଉ କିମ୍ବା ଅଧିକ ଚର୍ବି କମିବାପରେ ଏକ ପ୍ରକାର ଦାଗ ରହିଯାଏ। ଯାହାକୁ ଷ୍ଟ୍ରେଚ୍‌ମାର୍କ କୁହାଯାଏ। ଏହାକୁ ଦୂର କରିବା ପାଇଁ ବିଭିନ୍ନ ପ୍ରକାର କ୍ରିମ୍ ମିଳୁଛି। ଏହାବାଦ୍ ଆମେ ଘରୋଇ ଉପଚାର ମାଧମରେ ମଧ ଏହାକୁ ଦୂର କରିପାରିବା।

**ଚନ୍ଦନ ପ୍ୟାକ୍:** ଚନ୍ଦନର ରହିଛି ଅନେକ ଉପକାରୀ ଗୁଣ। ତେଣୁ ଏହା ଏକ ଆୟୁର୍ବେଦୀୟ ପ୍ରସାଧନ ଭାବେ ମଧ ପରିଚିତ। ପେଟରେ ହୋଇଥିବା ଷ୍ଟ୍ରେଚ୍‌ମାର୍କ ଦୂର କରିବା ପାଇଁ ଏହା ବେଶ୍ ଉପକାରୀ। ଏଥିପାଇଁ ଘରେ ଚନ୍ଦନ ପେଡ଼ିରେ ଏହାକୁ ଘୋରି କିମ୍ବା ମାର୍କେଟ୍‌ରେ ମିଳୁଥିବା ସ୍ୟାଣ୍ଡେଲ୍ ପାଉଡର୍‌ରେ କ୍ଷୀର ମିଶାଇ ପ୍ୟାକ୍ ପ୍ରସ୍ତୁତ କରନ୍ତୁ। ଏହାକୁ ଷ୍ଟ୍ରେଚ୍‌ମାର୍କ ହୋଇଥିବା ସ୍ଥାନରେ ଲଗାନ୍ତୁ ଏବଂ ଶୁଖିଯିବା ପରେ ପାଣିରେ ଧୋଇ ଦିଅନ୍ତୁ। ସପ୍ତାହକୁ ୩-୪ ଥର ଏପରି କରନ୍ତୁ।

**ଘିକୁଆଁରୀ:** ଘିକୁଆଁରୀ ରସକୁ ଦିନରେ ଦୁଇଥର ପେଟରେ ଲଗାନ୍ତୁ। କିଛି ସମୟ ପରେ ଧୋଇ ଦିଅନ୍ତୁ। ଏହାଦ୍ୱାରା ପେଟର ତ୍ୱଚା କୋମଳ ରହିବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହେବ।

**ଆଳୁ ରସ:** କଳା ଦାଗ ଦୂର କରିବା ପାଇଁ ଆଳୁ ରସ ଖୁବ୍ ଉପକାରୀ। ଏହାକୁ ପେଟରେ ଲଗାଇ କିଛି ସମୟ ପାଇଁ ଛାଡ଼ି ଦିଅନ୍ତୁ। ଆଳୁରେ ଭରପୂର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଓ ଭିଟାମିନ୍-ସି ଅଛି, ଯାହା କଳାଦାଗ ଦୂର କରି ତ୍ୱଚା ଉଜ୍ଜ୍ୱଳ କରେ ଏବଂ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ। ପ୍ରତିଦିନ ଏହାକୁ ଲଗାଇଲେ ଶୀଘ୍ର ଆପଣଙ୍କ ସମସ୍ୟା ଦୂର ହୋଇପାରିବ।

**କାକୁଡ଼ି ରସ:** କାକୁଡ଼ି ରସରେ ଭିଟାମିନ୍ ଏ, ବି ଓ ପୋଟାସିୟମ୍ ବହୁ ପରିମାଣରେ ଅଛି। ଏହାକୁ ଲଗାଇଲେ ପେଟରେ ହୋଇଥିବା କଳାଦାଗ ଓ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ।

**ନଡ଼ିଆ ତେଲ:** ନଡ଼ିଆ ତେଲ ନିୟମିତ ପେଟରେ ମାଲିସ୍ କରିବା ଦ୍ୱାରା ପେଟର ତ୍ୱଚା ନରମ ହେବା ସହ ଷ୍ଟ୍ରେଚ୍‌ମାର୍କ ଦୂର ହୋଇଥାଏ।

**ବାଦାମ:** ବାଦାମ ପାଉଡର୍ କ୍ଷୀରରେ ମିଶାଇ ପେଟରେ ଲଗାନ୍ତୁ। ବାଦାମରେ ଥିବା ଭିଟାମିନ୍-ଇ ତ୍ୱଚାର ରଙ୍ଗ ଉଜ୍ଜ୍ୱଳ କରିବା ସହ ଷ୍ଟ୍ରେଚ୍‌ମାର୍କ ଦୂର କରିବାରେ ସାହାଯ୍ୟ କରେ।



# ନିବେଶରେ ପାରଙ୍ଗମ ନାରୀ!



୨୦୨୪ ମସିହାରେ ଭାରତର ପ୍ରତି ଚାରିଜଣରୁ ତିନିଜଣ ନିବେଶକାରୀ ମହିଳା ‘ରିଅଲ୍ ଇଷ୍ଟେଟ୍’ ବା ଘରବାଡ଼ି ଉପରେ ଆସ୍ଥା ପ୍ରକଟ କରିଛନ୍ତି। ‘ଆନାରକ୍’ ନାମକ ଏକ ଉପଦେଷ୍ଟା ସଂସ୍ଥା ଦ୍ୱାରା କରାଯାଇଥିବା ସର୍ବେକ୍ଷଣରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଷ୍ଟକ୍ ବଜାରରେ ନିବେଶ ଲାଗି ମହିଳାଙ୍କ ଆଗ୍ରହ ୨୦୨୪ ଦ୍ୱିତୀୟାର୍ଦ୍ଧରେ ମାତ୍ର ୨%କୁ ଖସିଆସିଥିଲା, ଯେତେବେଳେକି ୨୦୨୨ ଦ୍ୱିତୀୟାର୍ଦ୍ଧରେ ଏହି ଆଗ୍ରହ ୨୦%ରୁ ଅଧିକ ଥିଲା।

ମହିଳାଙ୍କ ସ୍ୱାଧୀନତା ଓ ଆୟ ବୃଦ୍ଧି ପାଇବା ସହିତ ସେମାନେ ନିବେଶ କରିବା ଲାଗି ରିଅଲ୍ ଇଷ୍ଟେଟ୍ କ୍ଷେତ୍ରକୁ ପସନ୍ଦ କରୁଛନ୍ତି। ସର୍ବେକ୍ଷଣରେ ଭାଗ ନେଇଥିବା ମହିଳାଙ୍କ ମଧ୍ୟରୁ ୭୦%ଙ୍କ ମତରେ ରିଅଲ୍ ଇଷ୍ଟେଟ୍ ହେଉଛି ସବୁଠାରୁ ପସନ୍ଦଯୋଗ୍ୟ ନିବେଶ କ୍ଷେତ୍ର। ରିଅଲ୍ ଇଷ୍ଟେଟ୍ ଉପରେ ମହିଳାଙ୍କ ଏହି ଆସ୍ଥା ୨୦୧୯ ମସିହା (୫୭%)ରୁ ଲଗାତାର ବୃଦ୍ଧି ପାଉଛି। ପୁଣି ୫୨% ମହିଳା ନିବେଶକ ୯୦ ଲକ୍ଷ ଟଙ୍କାରୁ ଅଧିକ ମୂଲ୍ୟର ଘର କିଣିବାକୁ ଆଗ୍ରହୀ। ବିଗତ କିଛି ମାସ ହେଲା ଭାରତୀୟ ଷ୍ଟକ୍ ବଜାର କ୍ଷତିରେ ଚାଲୁଥିବାବେଳେ ମହିଳାମାନେ ଗତ ବର୍ଷରୁ ରିଅଲ୍ ଇଷ୍ଟେଟ୍ ଉପରେ ଅଧିକ ଆସ୍ଥା ପ୍ରକଟ କରିବା ଦର୍ଶାଉଛି ଯେ ନିବେଶକ ଭାବେ ମହିଳାମାନେ ବିଜ୍ଞ ନିଷ୍ପତ୍ତି ନେବାରେ ପାରଙ୍ଗମ।

## ସାମ୍ବର ମସଲା



୧୫/୨୦ଟି ବଡ଼ ଶୁଖିଲା ଲଙ୍କା, ବିରିଡାଲି ୨ ଚାମଚ, ବୁଟ ଡାଲି ୨ ଚାମଚ, ଅରୁଆ ଚାଉଳ ୨ ଚାମଚ, ଗୋଟା ଧନିଆ ୪ ଚାମଚ, ଜିରା ୧ ଚାମଚ, ମେଥି ୨ ଚାମଚ, ଗୋଲମରିଚ ୨ ଚାମଚ, ଭୃସଙ୍ଗ ପତ୍ର ଅଧାକପ୍, ଚାଉଳ ୨ ଚାମଚ, ହଳଦୀଗୁଣ୍ଡ ୧ ଚାମଚ, ଲୁଣ ସ୍ୱାଦ ଅନୁଯାୟୀ, ହେଙ୍ଗୁ ୧ ଚାମଚ ନିଅନ୍ତୁ। ଗୋଟେ ଶୁଖିଲା କରେଇରେ ପ୍ରଥମେ ଲଙ୍କାକୁ ଭାଜି କାଢ଼ି ଦିଅନ୍ତୁ। ତା’ପରେ ବିରିଡ଼ାଲି ଓ ବୁଟଡ଼ାଲିକୁ ବାସ୍ନା ଆସିବା ଯାଏ ଦୁଇ/ତିନି ମିନିଟ୍ ଭାଜି ନିଅନ୍ତୁ। ଏଥର ଭୃସଙ୍ଗ ପତ୍ରକୁ ଟିକେ କଡ଼କଡ଼ିଆ ଭାଜି ଦିଅନ୍ତୁ କିନ୍ତୁ ପୋଡ଼ିବେନି ଏବଂ ବେଶି ଭାଜିଲେ ବାସ୍ନା ଚାଲିଯିବ। ଏଥର ଧନିଆ ଟିକେ ଭାଜି ନେଇ ସେଥିରେ ଜିରା, ମେଥି, ଚାଉଳ, ଗୋଲମରିଚ ପକାଇ ଭାଜିନିଅନ୍ତୁ। ଗ୍ୟାସ୍ ବନ୍ଦ କରି ସେଥିରେ ହଳଦୀ ଓ ହେଙ୍ଗୁ ମିଶାନ୍ତୁ। ଚାହିଁଲେ ରଙ୍ଗ ପାଇଁ ଏକାଠି ଗୋଟେ ଚାମଚ କାଶ୍ମିରୀ ଲଙ୍କାଗୁଣ୍ଡ ମିଶେଇ ପାରିବେ। ସବୁ ମସଲା ଥଣ୍ଡା ହେଲାପରେ ଭଲକି ଗୁଣ୍ଡ କରିନିଅନ୍ତୁ। ଛଣାରେ ଚଲେଇ ଫାଇନ୍ ପାଉଡର୍‌କୁ କାଚ ବୋତଲରେ ସାଇତି ରଖନ୍ତୁ। ଏହି ସାମ୍ବର ମସଲାକୁ ଆପଣ ବିଭିନ୍ନ ଭଜା ଓ ନିରାମିଷ ତରକାରୀରେ ମଧ ବ୍ୟବହାର କରିପାରିବେ।

## ଘରେ କରନ୍ତୁ ଗରମ ମସଲା



ଭାରତୀୟ ରୋଷେଇରେ ଗରମ ମସଲାର ଉପସ୍ଥିତି ଅତି ସାଧାରଣ। ବିଭିନ୍ନ ନାମୀ କମ୍ପାନିର ଗୁଣ୍ଡ ମସଲା ବ୍ୟତୀତ ଅନେକେ ଘରେ ଏହାକୁ ପ୍ରସ୍ତୁତ କରିବାକୁ ଭଲ ପାଆନ୍ତି। କାରଣ ପ୍ରତି ପରିବାରର ସ୍ୱତନ୍ତ୍ର ସ୍ୱାଦ ଓ ସୁଗନ୍ଧ ତାଙ୍କ ରାନ୍ଧଣାରୁ ହିଁ ଜାଣିହୁଏ। ଗରମ ମସଲା ପ୍ରସ୍ତୁତି ଲାଗି ଆବଶ୍ୟକ ଏକ ଚାମଚ ଗୋଟା ଧନିଆ, ଏକ ଚାମଚ ଗୋଟା ଜିରା, ଲକ ଚାମଚ ଗୋଲମରିଚ (କଳା ଓ ଧଳା), ଗୋଟିଏ ଜାଇତ୍ରୀ, ଗୋଟିଏ ଜାଇଫଳ, ଗୋଟେ ଚାମଚ ପାନମହୁରୀ, ୫/୬ଟି ଗୁଜୁରାତି, ଦୁଇଟି ଅଳେଇଚ, ଗୋଟେ ଚାମଚ ଲବଙ୍ଗ, ଦୁଇଟି ତେଜପତ୍ର, ଗୋଟିଏ ଚକ୍ରୀ ଫୁଲ (ଷ୍ଟାର୍ ଅନିଶ୍), ଶୁଖିଲା ଲଙ୍କା ୫/୬ଟି, ଡାଲଚିନି ୨ ଇଞ୍ଚର (୨/୩ଟି)। ସବୁ ମସଲାକୁ ହାଲୁକା ଆଞ୍ଚରେ ବାସ୍ନା ଆସିବା ଯାଏ ଅଲଗା ଅଲଗା ଭାଜିନେବେ। ଯଦି ପାରିବେ ଏହି ମସଲାରେ ଅଳ୍ପ କବାବ୍ ଚିନି, ସାହାଜିରା ଓ ପଥର ଫୁଲ ବା ଜଗଡ଼ ଫୁଲ ମିଶେଇଲେ ବାସ୍ନା ବଢ଼ିଯିବ। ସବୁ ମସଲା ଥଣ୍ଡା ହେଲାପରେ ଗ୍ରାଇଣ୍ଡର୍‌ରେ ମସଲା ସବୁ ଅଳ୍ପ ଲୁଣ, ଟିକେ ହଳଦୀଗୁଣ୍ଡ ଓ କଶ୍ମୀର ଲାଲ୍ ଲଙ୍କାଗୁଣ୍ଡ ଚାମୁଚେ ପକାଇ ଭଲରେ ଗ୍ରାଇଣ୍ଡ୍ କରି ଛଣାରେ ଛାଣିନେବେ। ଏହାକୁ ଛ’ମାସ ଯାଏ ବ୍ୟବହାର କରିହେବ। ଉଭୟ ଆମିଷ ଓ ନିରାମିଷ ରାନ୍ଧଣାର ସ୍ୱାଦ ବଢ଼ିଯିବ ନିଶ୍ଚୟ।

## କ୍ଲଷ୍ଟରସ୍ତରୀୟ ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା



**ସୁବର୍ଣ୍ଣପୁର,୭ା୩(ସଂଚାର ବ୍ୟୁରୋ):** ସୋନପୁର ସହରରେ ତା ୪/୩/୨୫ ରୁ ୭/୩/୨୫ ଗଡଭିତର କ୍ଲଷ୍ଟର ସ୍ତରୀୟ ତ୍ରି ଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ସିଆରସିସି ଶ୍ରୀଯୁକ୍ତ ବୁଦ୍ଧଦେବ ସା ଙ୍କ ତତ୍ତ୍ୱାବଧାନ ରେ ପଟାଭାଡି ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ ଉତ୍ସବ ରେ ଜିଲ୍ଲା ଶିକ୍ଷା ଓ ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ର ବରିଷ୍ଠ ଶିକ୍ଷୟିତ୍ରୀ ରୀତା ଗ୍ଲୋରିଆ ଏକ୍କା, ପିରାମଲ ଫାଉଂଡେସନ ର ରାଜନନ୍ଦିନୀ, ଗ୍ରାମୋତ୍ଥାନ ର ପରାମର୍ଶ ଦାତା ସ୍ୱର୍ଣ୍ଣରୁପା ମିଶ୍ର, ରଶ୍ମିତା ପଧାନ ଯୋଗଦେଇଥିବାବେଳେ ଉଦଯାପନୀ ଦିବସରେ ସୋନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମଣ ମିଶ୍ର, ଅତିରିକ୍ତ ଗୋଷ୍ଠୀଶିକ୍ଷାଧିକାରୀ ଶ୍ରୀଯୁକ୍ତ ଫକୀର ଚରଣ ଭୋଇ, ଆଦର୍ଶ ସିଆରସିସି ଶ୍ରୀଯୁକ୍ତ ବ୍ରତାନନ୍ଦ ଭୋଇ ଯୋଗଦେଇଥିଲେ । ପ୍ରଧାନ ଶିକ୍ଷୟିତ୍ରୀ ମିନାକ୍ଷୀ ମିଶ୍ର, ସୁଜାତା ମିଶ୍ର,ଆରତୀ ବହିଦାର,ଭାରତୀ କର୍ଣ୍ଣ ସନ୍ଧ୍ୟାରାଣୀ ମିଶ୍ର, ସୁଷମା ରାଣୀ ପଣ୍ଡା, ଗୋଲାପ ମଞ୍ଜରୀ ସେଠୀ,ଆଲୋକ ଗହନ, ସୌଦାମିନି ବିଶ୍ୱାଳ,ଗୀତାଞ୍ଜଳି ତାଣ୍ଡି ଅଂଶଗ୍ରହଣ କରିଥିଲେ ।

## ସୁଭଦ୍ରା ଯୋଜନାର ସଠିକ୍ ବିନିଯୋଗ ପାଇଁ ସଚେତନତା ଶିବିର

**ଡେଲାଙ୍ଗ,୭ା୩(ସଂଚାର ବ୍ୟୁରୋ):** ନାରୀ ସଶକ୍ତିକରଣ ପାଇଁ ସରକାର ଙ୍କ ସୁଭଦ୍ରା ଯୋଜନା କୁ ସଠିକ ରୁପାୟନ ପାଇଁ ଗୁରୁବାର ଅପରାହ୍ନରେ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ଗଡ଼ମୋଟରୀ କଲ୍ୟାଣ ମଣ୍ଡପ ପରିସରରେ ପଥପ୍ରାନ୍ତ ସଭା ମାଧ୍ୟମ ରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଆଶ୍ରିତ ପଟ୍ଟନାୟକ,ସିଡିପିଓ ଜାପାନୀ ମିତ୍ର, ସମେତ ଶାସକ ଦଳର ତିନି ମଣ୍ଡଳର ସଭାପତି ପ୍ରମୁଖ ଯୋଗଦେଇଥିଲେ ।



ସୁଭଦ୍ରା ଯୋଜନା ର ସଠିକ୍ ବିନିଯୋଗ କରି ନାରୀ ସଶକ୍ତିକରଣ ହେଉଛନ୍ତି, ଆଗାମୀ ଦିନରେ ଯେଉଁ ମହିଳା ଏହି ଯୋଜନା ରେ ବଞ୍ଚିତ ହୋଇଛନ୍ତି ସେମାନଙ୍କର ବ୍ୟାଙ୍କ ର କେଓ୍ୱାସି କୁ କାର୍ଯ୍ୟକାରିତା କରି ରଖିବାକୁ କହି କହିଥିଲେ। ଏହି କାର୍ଯ୍ୟକ୍ରମ ରେ ଅଙ୍ଗନବାଡି ସୁପର ଭାଇଜର,ଅଙ୍ଗନବାଡ଼ି କର୍ମୀ, ଅଙ୍ଗାନାଓ୍ୱାଡି ସହାୟିକା , ସୁଭଦ୍ରା ହିତାଧିକାରୀ ମାନେ ଯୋଗଦେଇ ନୃତ୍ୟ, ଗୀତ , ପଥପ୍ରାନ୍ତ ଅଭିନୟ ମାଧ୍ୟମରେ ମହିଳା ମାନଙ୍କୁ ସଚେତନ କରାଇ ଥିଲେ।ସୁବାଦ୍ରା ଯୋଜନାରେ ଉପକୃତ ହୋଇଥିବା ହିତାଧିକାରୀ ମାନେ ସେମାନଙ୍କ ସଫଳତାର ଅନୁଭୂତି ବଖାଣି ଥିଲେ ।

## ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବୈଶିଙ୍ଗା,୭ା୩(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ବୈଶିଙ୍ଗା ଥାନା ବାଛୁରୀପଡ଼ା କ୍ଲଷ୍ଟର ଅନ୍ତର୍ଗତ ହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଅତିଥିଗଣ ଶ୍ରୀଜଗନ୍ନାଥଙ୍କ ଫୋଟଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଶୈଳେନ୍ଦ୍ର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ବରିଷ୍ଠ ଶିକ୍ଷକ ନନ୍ଦକିଶୋର ଦାସ ମୁଖ୍ୟବକ୍ତା, ସମାଜସେବୀ ଭିକାରୀ ଚରଣ ଦାସ ବିଶିଷ୍ଟ ଅତିଥି, ଅବସର ପ୍ରାପ୍ତ ବ୍ୟାଙ୍କ ଅଧିକାରୀ ମଙ୍ଗଳ ଚରଣ ଟୁଡୁ, ଯତୀନ୍ଦ୍ର ନାଥ ମହାନ ଓ ଭାସ୍କର ମହାନ୍ତ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦାସ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ବିଶ୍ୱଜିତ ବେହେରା ବର୍ଷିକ ବିବରଣୀ ପାଠ କରିଥିବାବେଳେ ଶିକ୍ଷକ ସୁଭାସ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପାଚିକା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା । ଦୀର୍ଘ ବର୍ଷ ଧରି ଅବୈତନିକ ଶିକ୍ଷୟିତୀ ଭାବେ ଶିକ୍ଷାଦାନ କରୁଥିବା ଜମ୍ମୁ ସିଂଙ୍କୁ ସ୍ୱତନ୍ତ୍ର ଭାବେ ସମ୍ମାନିତ କରାଯାଇଥିଲା । ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରସ୍ତୁତ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### କୋଟି କୋଟିର ଖେଳ, କୋଟିପତି ନିଶାରେ ହେଉଛନ୍ତି ସର୍ବହରା

# ଆଇପିଏଲ ବେଟିଂ ଜାଲରେ କଳାହାଣ୍ଡି

**କଳାହାଣ୍ଡି,୭ା୩(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ଆଇପିଏଲ ସଟା ବେଟିଂ ଜାଲରେ ଲୋକେ ଏବେ ଉବୁଟୁବୁ ହେଉଥିବା ଦେଖିବାକୁ ମିଳିଛି । ରାତାରାତି କାରୋଡ଼ ପତି ନିଶାରେ ଲୋକେ ସର୍ବସ୍ୱାନ୍ତ ହେଉଛନ୍ତି। ଆଇପିଏଲ ଯୋଗୁଁ ଲୋକେ ଘର ଦ୍ୱାରା ଜମିବାଡ଼ି ବିକ୍ରି କରି ଦେଉଥିବା ନିଜର କୁ ଆସୁଛି। ଏହି ରାକେଟ ଚେର କଳାହାଣ୍ଡି ରୁ ଟିଟିଲାଗଡ଼ ଓ ରାୟପୁର ଲମ୍ବିବା ଘଟଣା ସାଧାରଣ ରେ ଉଦବେଗରେ ବିଷୟର ହୋଇଛି । କଳାହାଣ୍ଡିର ଜୁନାଗଡ଼, ଧର୍ମଗଡ ଜୟପାଟଣା, କେସିଙ୍ଗା କଳମପୁର, କୋକସରା, ଗୋଲାମୁଣ୍ଡା ସମେତ ବିଭିନ୍ନ ସହରରେ ପ୍ରତିଦିନ ଆଇପିଏଲ କ୍ରିକେଟ ବେଟିଂ" ଦେଖିବାକୁ ମିଳୁଛି। ଆଇପିଏଲର ଦୁଇ ପ୍ରତିପକ୍ଷ ଟିମରେ କିଏ ଜିତିବ କିଏ ହାରିବ ସେ ନେଇ ଟଙ୍କା ଲଗା ଯାଉଛି। ସେହିଭଳି ପ୍ରତି ଓଭର, ଛକା, ଉଇକେଟ କ୍ୟାଚ, ଦଳଗତ ରନ ସ୍କୋର, ବ୍ୟାଟସ ମ୍ୟାନ ମାନଙ୍କ ବ୍ୟକ୍ତିଗତ ରନ ସ୍କୋର ରେ ଲୋକେ ଟଙ୍କା ଲଗାଉଛନ୍ତି। ଯଦି ଯେଉଁ ଟିମରେ ଟଙ୍କା ଲଗାଉଛନ୍ତି ସେହି ଟିମ ଜିତିବ ତାହାହେଲେ ଟଙ୍କା ଦୁଇ ରୁ ଅଶୀ ଗୁଣା ଟଙ୍କା ମିଳିବ । ଯଦି ଯେଉଁ ଟିମ ବିପକ୍ଷରେ ଟଙ୍କା ଲଗା ଯାଉଥିବ ସେହି ଟିମ ହାରେ ତାହେଲେ ସର୍ବସାନ୍ତ ହେବା ସୁନିଶ୍ଚିତ । ଏଭଳି ଭାବେ ଲୋକେ ରାତାରାତି କାରୋଡ଼ ପତି ହେବା ନିଶାରେ ଆପିଏଲ ବେଟିଂ ରେ ଟଙ୍କା ଲଗେଇ ଦେଉଛନ୍ତି । ବର୍ତ୍ତମାନ ଛୋଟ ଛୋଟ ବ୍ୟକ୍ତି ମାନେ ଲକ୍ଷ ଲକ୍ଷ ଟଙ୍କାର ଖେଳ କରୁଥିବା ବେଳେ ଏହି ବେଟିଂ ଟିଟିଲାଗଡ଼ ଓ ରାୟପୁରରୁ କଣ୍ଟ୍ରୋଲ ହେଉଛି। ଫୋନ ମାଧ୍ୟମରେ ଏହି ଖେଳ ଚାଲୁ ଥିବା ବେଳେ ପୋଲିସ ମଧ୍ୟ ଏହାର ସୁରାକ ପାଇ ପାରୁନାହାଁ। ଜିଲ୍ଲାର ମହିଳା ମାନେ ମଧ୍ୟ ଏହି ଖେଳରେ ବେଟିଂ ଲଗାଉଥିବା ଅଭିଯୋଗ ହେଉଛି। ଗତ କିଛି ବର୍ଷ ତଳେ ଜୁନାଗଡ଼ ସହରରେ ଜଣେ ଯୁବକ ପାଞ୍ଚ କୋଟି ଟଙ୍କାର ବେଟିଂ ଲଗେଇ ଥିଲେ । ହାରିଯିବା ପରେ ସେ ବାହାର ରାଜ୍ୟକୁ ଚାଲିଯାଇଥିଲେ। ତାଙ୍କୁ ପରେ ପରିବାର ଲୋକେ କୋଲକାତା ରେ ଠାବ କରିଥିଲେ। କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହରରୁ ଆଇପିଏଲ ସଟ୍ଟା କଣ୍ଟ୍ରୋଲ ହେଉ ଥିବା ବେଳେ ଭବାନୀପାଟଣା, କେସିଙ୍ଗା, ଟିଟିଲାଗଡ଼, କଣ୍ଟାବାଞ୍ଜି,ରାୟପୁର ନେଟୱାର୍କ ଦେଇ ନିଜର ବେଟିଂ ସକ୍ଷମ୍ରାଜ୍ୟକୁ ବିସ୍ତାର କରିବାରେ ଲାଗିଛନ୍ତି । ଏହି ବେଟିଂ" ରେ ଧନୀ ଯୁବକ ଶ୍ରେଣୀର ଲୋକେ ଅଧିକ ଲାଭ ପାଇବା ଆଶାରେ ଅର୍ଥକୁ ଜୁଆ ଖେଳୁଛନ୍ତି । ଏହି ଆଇପିଏଲ ବେଟିଂ ଯୋଗୁଁ ବହୁ ଯୁବକ ପଥଭ୍ରଷ୍ଟ ହେବାରେ ଲାଗିଛନ୍ତି । ଏ ନେଇ ପୋଲିସ ପ୍ରଶାସନ ଏକ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରି ଚଢ଼ଉ କଲେ ଏହି କଳା କାରନାମା ରାକେଟର ପର୍ଦାଫାଶ ହୋଇପାରନ୍ତା ବୋଲି ସାଧାରଣ ରେ ଦାବି ହେଉଛି । ଏ ନେଇ ଜିଲ୍ଲା ପୋଲିସ ପ୍ରଶାସନର କିଛି ପ୍ରତିକ୍ରିୟା ମିଳିପାରିନାହିଁଛି ।



## ମା’ ଜୟଚଣ୍ଡୀଙ୍କ ପୀଠରେ ଯଜ୍ଞ ମହୋତ୍ସବ ଆରମ୍ଭ



**ଦଶରଥପୁର,୭ା୩(ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଜୟଚଣ୍ଡୀ ନଗରସ୍ଥିତ ଅବସ୍ଥିତ ମା ଜୟଚଣ୍ଡୀଙ୍କ ପୀଠରେ ଆଜି ଠାରୁ ୪୭ ତମ ଯଜ୍ଞ ମହୋତ୍ସବ ଆରମ୍ଭ ହୋଇଯାଇଛି । ଶୁକ୍ରବାର ପ୍ରାତରୁ ମାଙ୍କର ରୀତିନୀତି ଅନୁଯାଇ ପୂଜାର୍ଚ୍ଚନା କରାଯିବା ପରେ ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଛି । ମାଙ୍କ ପୀଠରେ ୫ ଦିନ ଧରି ହେବାକୁ ଥିବା ଏହି ଯଜ୍ଞ ଉତ୍ସବରେ ୫ ଦିନ ଧରି ବାଦୀ ପାଲା ଅନୁଷ୍ଠିତ ହେବାକୁ ଥିବାବେଳେ ଓଡ଼ିଶାର ସୁନାମ ଧନ୍ୟ ଗାୟକ ବାଣୀ ବିନୋଦ ପ୍ରସନ୍ନ କୁମାର ପଟ୍ଟନାୟକ ଓ ଗାୟକ ଉଜ୍ଜଳ ବିଜୟ କୁମାର ଓଝାଙ୍କ ଦ୍ୱାରା ବାଦୀ ପାଲା ଅନୁଷ୍ଠିତ ହେବ । ପୂଜାରେ ପ୍ରତେହ ପ୍ରାୟ ୨୦ ହଜାରେରୁ ଉର୍ଦ୍ଧ ଭକ୍ତ ମାନଙ୍କ ସମାଗମ ହେଉଥିବା ବେଳେ ମନ୍ଦିର ପରିସରରେ ପ୍ରାୟ ୨ ସହରୁ ଉର୍ଦ୍ଧ ଉଠା ଦୋକାନି ବେପାର ପାଇଁ ନିଜର ପସରା ମେଲାଇ ଥିବା ବେଳେ ଗୁପଚୁପ ସାଙ୍ଗକୁ ମଥୁରା କେକ ଦୋକାନରେ ବହୁ ଭିଡ଼ ପରିଲକ୍ଷିତ ହେଉଥିବା ଦେଖିବା ପାଇଁ ମିଳିଛି । ମାଙ୍କ ନିକଟରେ ଭକ୍ତ ମାନଙ୍କ ଲାଗି ଦୁଇ ବେଳା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ସହ ସହ ଶ୍ରଦ୍ଧାଳୁ ଭକ୍ତ ପ୍ରସାଦ ସେବନ କରିବା ମାଙ୍କ ଦର୍ଶନ କରି ସାନିଧ୍ୟ ଲାଭ କରୁଥିବା ଦେଖିବା ପାଇଁ ମିଳିଛି । ଅଞ୍ଚଳ ବାସୀଙ୍କ ସହଯୋଗରେ ୫ ଦିନ ଧରି ଅନୁଷ୍ଠିତ ହୋଇଆସୁଥିବା ଏହି ଯଜ୍ଞ ଓ ପୂଜାରେ ଯାଜପୁର ସମେତ ପଡ଼ୋଶୀ କେନ୍ଦ୍ରାପଡ଼ା ଏବଂ ଭଦ୍ରକ ଜିଲ୍ଲାର ବହୁ ଲୋକେ ଯୋଗ ଦେଉଥିବା ଦେଖିବା ପାଇଁ ମିଳିଛି । ଯଜ୍ଞ ଉତ୍ସବ କମିଟିର ସଭାପତି ସୁଦର୍ଶନ ନାୟକ, ସମ୍ପାଦକ ମଧୁସୂଦନ ପୃଷ୍ଟି ଓ କୋଷାଧକ୍ଷ ସୁରେଶ ଚନ୍ଦ୍ର ରାୟଙ୍କ ସମେତ କମିଟିର ସମସ୍ତ ସଦସ୍ୟ ମାନେ ପୂଜା ଓ ଯଜ୍ଞ କାର୍ଯ୍ୟରେ ସହଯୋଗ କରୁଥିବା ଦେଖିବା ପାଇଁ ମିଳିଛି ।

## ଅଲ୍ ଓଡିଶା ମିନିଟ୍ରକ୍ ମାଲିକ ମହାସଂଘର ନିର୍ବାଚନ

**ଭୁବନେଶ୍ୱର,୭ା୩(ସଂଚାର ବ୍ୟୁରୋ):** ଆଜି ଅଲ ଓଡିଶା ମିନିଟ୍ରକ ମାଲିକ ମହାସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ନିର୍ବାଚନରେ ପୂର୍ବ ଭଳି ବଳରାମ ମହାପାତ୍ର ସଭାପତି, ରଂଜିତ କୁମାର ମିଶ୍ର ସମ୍ପାଦକ, ଶାନ୍ତନୁ କୁମାର ଚୌଧୁରୀ ସହ ସମ୍ପାଦକ, ବିରଞ୍ଚି କୁମାର ସାହୁ କାର୍ଯ୍ୟକାରୀ ସଭାପତି, ଉମେଶ ଚନ୍ଦ୍ର ସାହୁ, ତ୍ରିଲୋଚନ ରାଉତରାୟ, ସିତିକାନ୍ତ ତ୍ରିପାଠୀ, କେଶବ ଚନ୍ଦ୍ର ସାହୁ ସମସ୍ତେ ଉପସଭାପତି, ରାଜୀବ କୁମାର ପରିଡା, ସନ୍ତୋଷ କୁମାର ପ୍ରଧାନ, ମନୋଜ କୁମାର ସାହୁ, ଅଜୟ କୁମାର ଓଝା ସମସ୍ତେ ଯୁଗ୍ମସମ୍ପାଦକ, ରାକେଶ କୁମାର ସିନ୍ହା କୋଷାଧକ୍ଷ, ବୈରାଗୀ ଚରଣ ସାହୁ, ପ୍ରମୋଦ ସେନାପତି, କାବୁଲି ବାବୁ ସମସ୍ତେ ଉପଦେଷ୍ଟା ଭାବରେ ନିର୍ବାଚିତ ହୋଇଥିଲେ । ଏହି ସଭାରେ ରାଜ୍ୟର କୋଣ ଅନୁକୋଣରୁ ବହୁତ ସାରା ଗାଡ଼ିମାଲିକ ଭାଇମାନେ ଉପସ୍ଥିତ ରହିଥିଲେ । ତା ମଧ୍ୟ୍ୟରେ କଟକ ଜିଲ୍ଲା ସଭାପତି ସମ୍ପାଦକ, ଏବଂ ଉପଦେଷ୍ଟା, ବାଲେଶ୍ୱର ଜିଲ୍ଲା ସଭାପତି, ସମ୍ପାଦକ ବ୍ରହ୍ମପୁର ଜିଲ୍ଲା ସଭାପତି, ଅନୁଗୁଳ ଜିଲ୍ଲା ସଭାପତି, ରାଉରକେଲା ଜିଲ୍ଲା ସଭାପତି ସମ୍ପାଦକ, ଖୋର୍ଦ୍ଧା ଜିଲ୍ଲା ସଭାପତିଙ୍କ ସହିତ ମହାସଙ୍ଘର ପାଖାପାଖି (୨୦୦) ଦୁଇଶହରୁ ଉର୍ଦ୍ଧ କର୍ମକର୍ତା ମାନେ ଉପସ୍ଥିତ ରହି ସାଧାରଣ ନିର୍ବାଚନକୁ ସଫଳ ରୂପାୟନ କରିଥିଲେ ।



ବଳରାମ ସଭାପତି, ରଂଜିତ ସମ୍ପାଦକ

## ବେଆଇନ ରାସ୍ତା ନିର୍ମାଣରୁ ନାଳ ଅବରୋଧ, ବଢ଼ୁଛି ପ୍ରଦୂଷଣ

**କେନ୍ଦୁଝର,୭ା୩(ସଂଚାର ବ୍ୟୁରୋ):** କେନ୍ଦୁଝର ସଦର ତହସିଲ ଧୂପଦା ନିକଟ ମୋଚିଗାଁରେ ରାସ୍ତା ନିର୍ମାଣ ପାଇଁ ବର୍ଜ୍ୟବସ୍ତୁ ପକାଇ ନାଳ ଅବରୋଧ କରାଯାଇଥିବା ଘଟଣା ପ୍ରମୁଖ ଆଲୋଚ୍ୟର ବିଷୟ ହୋଇଛି। ଜାତୀୟ ରାଜପଥ ୪୯ ଏବଂ ପୂର୍ତ୍ତ ବିଭାଗର ନାକ ତଳେ ଏହି ରାସ୍ତା କଡ଼ରେ ଏହି ସ୍ଥାନରେ ସରକାରୀ ଜମି ଜବରଦଖଲ କରି ଏହି ରାସ୍ତା ନିର୍ମାଣ ଚାଲିଛି। ରାସ୍ତା ନିର୍ମାଣରେ କାରଖାନାର ବର୍ଜ୍ୟବସ୍ତୁ କଳାଗୁଣ୍ଡ ତଥା ଅନ୍ୟମାଟି ପକା ଯାଉଥିବାରୁ ସହରର ଜଳ ନିଷ୍କାସନ ରାସ୍ତା ସଂକୁଚିତ ହୋଇଯାଇଛି।ଫଳରେ ବର୍ଷା ଦିନରେ ପାଣି ନିଷ୍କାସିତ ହୋଇ ପାରିବ ନାହିଁ ଏବଂ କୃତ୍ରିମ ବନ୍ୟା ପରିସ୍ଥିତି ସୃଷ୍ଟି ହେବ ବୋଲି ମତପ୍ରକାଶ ପାଉଛି। ସେହିପରି କାରଖାନାର ବଜର୍‌ୟବସ୍ତୁ ପକାଇ ରାସ୍ତା ନିର୍ମାଣ କରାଯାଇଥିବାରୁ ଉକ୍ତ ଅଞ୍ଚଳରେ ଜଳ,ମୃତ୍ତିକା ଓ ବାୟୁ ପ୍ରଦୂଷଣ ହେବା ସହ ଆଖପାଖ ଚାଷଜମି କ୍ଷତିଗ୍ରସ୍ତ ହେବା ଆଶଙ୍କା ରହିଛି।

## ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ନିମନ୍ତେ ଓ ଅରିଏଣ୍ଟେସନ କର୍ମଶାଳା



**ସୁବର୍ଣ୍ଣପୁର,୭ା୩(ସଂଚାର ବ୍ୟୁରୋ):** ଜିଲ୍ଲାରେ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ଅଧିକାରୀଙ୍କୁ ନେଇ ଜିଲ୍ଲା ସ୍ତରୀୟ ଅରିଏଣ୍ଟେସନ କର୍ମଶାଳା ଜିଲ୍ଲା ଜରୁରୀ ଶାଖା ତରଫରୁ ଜିଲ୍ଲାକାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମାଝୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅଧିକାରୀ ମାନେ ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ କିପରି ଭାବରେ ନିଜ ବିଭାଗକୁ ପ୍ରସ୍ତୁତ ରଖିବେ ସେଥିପାଇଁ ଅନୁଷ୍ଠିତ କର୍ମଶାଳାରେ ଆବଶ୍ୟକ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଜିଲ୍ଲା ଜରୁରୀ ଶାଖା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜରୁରୀ ଶାଖା ଅଧିକାରୀ କୃଷ୍ଣ ମୋହନ ସିଂହ ବୈଠକର ଆଭିମୁଖ୍ୟ ଓ ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଡା. ସରୋଜ କୁମାର ମେହେର, ଡା. ମନୋରଞ୍ଜନ ପଣ୍ଡା, ଡା. ସବ୍ୟସାଚୀ ସାହୁ ପ୍ରମୁଖ ତାଲିମଦାତା ଭାବେ ଯୋଗଦାନ କରି ଗ୍ରୀଷ୍ମ ପ୍ରବାହର ସଫଳ ପରିଚାଳନା ପାଇଁ ବିଭାଗ ତଥା ଅଧିକାରୀଙ୍କ ଦାୟିତ୍ୱ, ପ୍ରାକ ପ୍ରସ୍ତୁତି, ପରିଚାଳନା ସହ ଜରୁରୀ ଚିକିତ୍ସା ପରିଚାଳନା ଉପରେ ଆବଶ୍ୟକ ତାଲିମ ପ୍ରଦାନ କରିଥିଲେ। ଜିଲ୍ଲା ଜରୁରୀ ଶାଖା ଡି ପି ଓ ବିଶ୍ୱନାଥ ନାୟକ ଗ୍ରୀଷ୍ମପ୍ରବାହର କାରଣ ନିରାକରଣ ତଥା ସଫଳ ଓ ସଠିକ ପରିଚାଳନା ନିମନ୍ତେ ଆବଶ୍ୟକ କାର୍ଯ୍ୟନ୍ୱୟନର ପାଓ୍ୱାର ପଏଣ୍ଟ ଉପସ୍ଥାପନ କରିଥିଲେ।ବୈଠକରେ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ ବୃନ୍ଦ ଗ୍ରୀଷ୍ମ ପ୍ରବାହ ଜନିତ ପରିସ୍ଥିତିର ସଫଳ ପରିଚାଳନା ନିମନ୍ତେ ନିଜ ନିଜ ବିଭାଗ ତରଫରୁ ପ୍ରାକ ପ୍ରସ୍ତୁତି ପଦକ୍ଷେପ ଉପରେ ଉପସ୍ଥାପନା କରିଥିବା ବେଳେ ଜିଲ୍ଲା ସ୍ତରୀୟ ଗତ ପ୍ରସ୍ତୁତି ବୈଠକର ଦିଶା ନିର୍ଦ୍ଦେଶ ଅନୁଯାୟୀ ବିଭାଗୀୟ ପ୍ରାକ ପ୍ରସ୍ତୁତିଯୋଜନା ଖସଡ଼ା ଜିଲ୍ଲା କାର୍ଯ୍ୟାଳୟରେ ତୁରନ୍ତ ପ୍ରଦାନ କରିବାକୁ ଜିଲ୍ଲା ଜରୁରୀ ଶାଖା ତରଫରୁ କୁହାଯାଇଥିଲା । ଅନୁଷ୍ଠିତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଅଶ୍ୱିନୀ ମେହେର ପ୍ରମୁଖ ଅଧିକାରୀଙ୍କ ସହ ବିଭାଗୀୟ ପ୍ରସ୍ତୁତି ଓ ପଦକ୍ଷେପ ଉପରେ ପଚାରି ବୁଝିଥିଲେ।

## ଟିପିସିସିଓଡ଼ିଏଲ ପକ୍ଷରୁ ଅଭିଯୋଗ

**ଜଗତସିଂହପୁର,୭ା୩(ସଂଚାର ବ୍ୟୁର):** ଜଗତସିଂହପୁର ଟିପିସିସିଓଡ଼ିଏଲର ପକ୍ଷରୁ ୬ ତାରିଖ ଦୀପକ କୁମାର ସାହୁ ପକ୍ଷରୁ ଜଗତସିଂହପୁର ଥାନା ରେ ଦୁଇଜଣ ଙ୍କ ବିରୁଦ୍ଧରେ ଦିଆଯାଇଛି ଏତଲା,ସୂଚନା ଅନୁସାରେ ଜଗତସିଂହପୁର ଥାନା ଅନ୍ତର୍ଗତ ସିପି ମୁକୁନ୍ଦପୁର ଗ୍ରାମର ପ୍ରଭାତୀ ନାୟକ ଓ ଜ୍ୟୋତି ପ୍ରକାଶ ନାୟକ ଦୁଇ ଜଣ ଅଫିସ କାର୍ଯ୍ୟାଳୟ ଭିତରକୁ ପଶି ଆସିବା ସହ ଅଶୀଳ ଭାଷା ରେ ଗାଳିଗୁଲଜ କରିବା ସେମାନଙ୍କର ବିଦ୍ୟୁତ ସଂଯୋଜ ବିଚ୍ଛିନ୍ନ କାହିଁକି କିଏ କରିଛି ବୋଲି ଅଫିସ ମଧ୍ୟରେ ପାର୍ଟି ତୁଣ୍ଡ କରିଥିଲେ ଏହାକୁ ପ୍ରତିବାଦ କରିବାରୁ ସହକାରୀ ଯନ୍ତ୍ରୀ ଦୀପକ ସାହୁ ପୂର୍ବରୁ ବାରମ୍ବାର ନୋଟିସ କରାଯିବା ସଂପର୍କ ରେ ଜଣାଇଥିଲେ ମଧ୍ୟ ଉକ୍ତ ବ୍ୟକ୍ତି ମାନେ ବିଭିନ୍ନ ପ୍ରକାର ଗାଳିଗୁଲଜ କରିବା ସହ ଅଫିସର କର୍ମଚାରୀ ମାନଙ୍କୁ ବିଭିନ୍ନ ଧମକ ଚମକ ଦେଇଥିବା ଅଭିଯୋଗ ରେ ଦର୍ଶାଇଛନ୍ତି ୧୩୫ ଧାରା ବିଦ୍ୟୁତ ନିୟମ ଅନୁସାରେ ସେମାନଙ୍କର ବିଦ୍ୟୁତ ସଂଯୋଗ ବିଚ୍ଛିନ୍ନ କରାଯାଇଛି ବୋଲି ପ୍ରକାଶ କରିଥିଲେ । ଏମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯାନୁଷ୍ଠାନ ପାଇଁ ବିଭାଗୀୟ ପକ୍ଷରୁ ଜଗତସିଂହପୁର ଥାନାରେ ଲିଖିତ ଅଭିଯୋଗ ଦିଆଯାଇଛି ବୋଲି ଶ୍ରୀ ସାହୁ କହିଛନ୍ତି ।

# ଆର୍ଥିକ ପରିଚାଳନା ନେଇ ବିଜେପିକୁ ବିଜେଡିର ଟାର୍ଗେଟ୍




**ଭୁବନେଶ୍ୱର,୭ା୩(ସଂଚାର ବ୍ୟୁରୋ):** ୨୦୨୫-୨୬ ଆର୍ଥୀକ ବର୍ଷ ପାଇଁ ରାଜ୍ୟ ବଜେଟରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ ୨୦୩୬ ସୁଦ୍ଧା ଓଡ଼ିଶାର ୫୦୦ ବିଲିଅନ ଡଲାର ଅର୍ଥନୀତିରେ ପରିଣତ କରିବା ସହିତ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ପୂରଣ କରିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। କିନ୍ତୁ ରାଜ୍ୟ ସରକାରଙ୍କ ଗତ ୯ ମାସର ପ୍ରଦର୍ଶନ ନିରୁତ୍ସାଜନକ ଏବଂ ନିର୍ଦ୍ଧାରିତ ଲକ୍ଷ୍ୟ ହାସଲଠାରୁ ବହୁତ ଦୂରରେ ବୋଲି ଆଜି ଶଙ୍ଖ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଧାୟକ ନିରଞ୍ଜନ ପୂଜାରୀ ଓ ରାଜ୍ୟସଭା ସାଂସଦ ଡ ସସ୍ମିତ ପାତ୍ର ମତ ଦେଇଛନ୍ତି।

ଶ୍ରୀ ପୂଜାରୀ କହିଛନ୍ତି ଯେ ସରକାର ବିଭିନ୍ନ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ଅର୍ଥରୁ ଗତ ଜାନୁଆରୀ ଶେଷ ସୁଦ୍ଧା ୫୦ ପ୍ରତିଶତ ବି ଖର୍ଚ୍ଚ କରିପାରିନାହାନ୍ତି। ଏହାଛଡ଼ା କେତେକ ବିଭାଗରେ ମାତ୍ର ୩୦ ପ୍ରତିଶତ ଖର୍ଚ୍ଚ ହୋଇଛି। ସେହିପରି ଓଡ଼ିଆ ଅସ୍ମିତା ନାରା ଦେଉଥିବା ସରକାର ବଜେଟ୍‌ରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମାତ୍ର ୨୭.୧ ପ୍ରତିଶତ ଖର୍ଚ୍ଚ କରିଛନ୍ତି। ସେହିପରି ସାଂସଦ ଡ. ପାତ୍ର ଗତ ୯ ମାସରେ ରାଜ୍ୟ ସରକାରଙ୍କ ଋଣ ଭାର ଅହେତୁକ ବୃଦ୍ଧି ପାଇଛି। ଗତ ବର୍ଷ ତୁଳନାରେ ଆଗାମୀ ଆର୍ଥିକ ବର୍ଷ ପାଇଁ ଋଣ ପରିମାଣ ପାଖାପାଖି ୧୨ ହଜାର କୋଟି ଟଙ୍କା ଅଧିକ ରହିଛି। ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ଗତ ବର୍ଷ ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଓଡ଼ିଶାର ଋଣଭାର ସର୍ବନିମ୍ନ ସ୍ତରକୁ ଆସିଥିବା କହିଛନ୍ତି।

## ଜଳୁଛି ଜଙ୍ଗଲ: ୧୧ ସ୍ଥାନରେ ନିଆଁ, ବଢ଼ୁଛି ତାତି

**ଭଞ୍ଜନଗର,୭ା୩(ସଂଚାର ବ୍ୟୁର):** ଗଞ୍ଜାମ ଜିଲା ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡର ବିଭିନ୍ନ ଜଙ୍ଗଲରେ ବିଗତ ୩ ଦିନ ମଧ୍ୟରେ ୧୦ରୁ ଉଦ୍ଧର୍ବ ଜଙ୍ଗଲରେ ନିଆଁ ଲାଗିଥିବା ଜଣାପଡ଼ିଛି। ଏହିଭଳି ପରିସ୍ଥିତିରେ ଶୁକ୍ରବାର ଆଉ ୧୧ଟି ସ୍ଥାନରେ ନିଆଁ ଲାଗିଥିବା ଜଣାପଡିଛି। ସେଥିମଧ୍ୟରୁ ମୁଜାଗଡ଼ ରେଞ୍ଜ ରମ୍ଭାବାଲି, ବିଞ୍ଜିଗିରି, ମୁଜାଗଡ଼, ଦୁର୍ଗାପ୍ରସାଦ, ବିରିପଦର ଜଙ୍ଗଲରେ ନିଆଁ ଲାଗିଛି। ସେହିଭଳି ତାରସିଂ ରେଞ୍ଜର ବ୍ରାହ୍ମଣସାହି, ଗାୟଗଣ୍ଡା ଏବଂ ଲାଠିପଡ଼ା ଜଙ୍ଗଲ ସମେତ ଅନ୍ୟାନ୍ୟ ଜଙ୍ଗଲରେ ନିଆଁ ଲାଗିଥିବା ସାଟେଲାଇଟ ତଥ୍ୟରୁ ଜଣାପଡ଼ିଛି।

## କଂଗ୍ରେସର ଜିଲ୍ଲାପାଳ କାର୍ଯ୍ୟାଳୟ ଘେରାଉ ପାଇଁ ପ୍ରସ୍ତୁତି ବୈଠକ



**ଜଗତସିଂହପୁର,୭ା୩(ସଂଚାର ବ୍ୟୁର):** ରାଜ୍ୟରେ ହୁ ହୁ ହୋଇ ବଢୁଥିବା ନାରୀ ନିର୍ଯ୍ୟାତନା ପ୍ରତିବାଦ ରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ଙ୍କ ଆହ୍ୱାନ କ୍ରମେ ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଆସନ୍ତା ମାର୍ଚ୍ଚ ୧୦ ତାରିଖ ସୋମବାର ଦିବା ୧୦ ଘଟିକା ସମୟରେ ଜିଲ୍ଲାପାଳ ଙ୍କ କାର୍ଯାଳୟ ଘେରାଉ କରିବାର କାର୍ଯ୍ୟକ୍ରମ ସ୍ଥିରୀକୃତ କରାଯାଇଛି।ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ପ୍ରଦେଶ କଂଗ୍ରେସ କମିଟି ପର୍ଯ୍ୟବେକ୍ଷକ ତଥା ବରିଷ୍ଠ କଂଗ୍ରେସ ନେତା ସନତ୍ ଦାସ ଘେରାଉ କାର୍ଯ୍ୟକ୍ରମ ଉପରେ ପିସିସି ନିର୍ଦ୍ଦେଶ ବଳି ଉପରେ ସୂଚନା ଦେବା ସହ ଏହି କାର୍ଯ୍ୟକ୍ରମ କୁ ସଫଳ କରିବାକୁ ଜିଲ୍ଲାର ସମସ୍ତ କଂଗ୍ରେସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଲିକୁଦାର ପୂର୍ବତନ ବିଧାୟକ ଡ଼ା ଲଲାଟେନ୍ଦୁ ମହାପାତ୍ର, ଏରସମା ବାଲିକୁଦା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ଇଂ ନଳିନୀ କୁମାର ସ୍ୱାଇଁ, ଜଗତସିଂହପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତ୍ରୀ ପ୍ରତିମା ମଲ୍ଲିକ ,ପାରାଦ୍ୱୀପ ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ନିରଞ୍ଜନ ନାୟକ , ନାଉଗାଁ ବ୍ଲକର ପୂର୍ବତନ ବ୍ଲକ ଅଧ୍ୟକ୍ଷ ବିଚିତ୍ରାନନ୍ଦ ଲେଙ୍କା,ପିସିସି ସଭ୍ୟ ଦେଓ୍ୱ ପ୍ରସାଦ ନାୟକ, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବରିଷ୍ଠ କଂଗ୍ରେସ ନେତା ମାନସ ରଥ,ପ୍ରମୁଖ ଉପସ୍ଥିତ ରହି ଆନ୍ଦୋଳନ କୁ ସଫଳ କରିବାକୁ ନିଜର ମତାମତ ପ୍ରଦାନ କରିଥିଲେ।

## ଘରେ ପଶି କାଠ ପେଡ଼ି ଭାଙ୍ଗିଲେ ଚୋର




**ଭଞ୍ଜନଗର,୭ା୩ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗ୍ରାମର ସଞ୍ଜୁ ସେଠୀଙ୍କ ଘରୁ ବୁଧବାର ରାତିରେ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରି ହୋଇଛି। ଶୁକ୍ରବାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ସେ ହେଲେ ଉକ୍ତ ଗ୍ରାମର ବଳରାମ ସେଠୀ। ଏଥିସହ ବଳରାମଙ୍କଠାରୁ ପୋଲିସ ଲୁଟ୍ ଅଳଙ୍କା ସମେତ ଅନ୍ୟାନ୍ୟ ଜିନିଷକୁ ଜବତ କରିବାରେ ସକ୍ଷମ ହୋଇଛି। ସନ୍ଧ୍ୟାରେ ଅଭିଯୁକ୍ତଙ୍କୁ ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଅଭିଯୁକ୍ତ ବଳରାମ ଘଟଣା ରାତିରେ ସଞ୍ଜୁଙ୍କ ଘରେ ପଶି ଏକ କାଠ ପେଡ଼ି ଭାଙ୍ଗି ସେଥିରେ ଥିବା ଅଳଙ୍କାର ସବୁ ଲୁଟି ନେଇଥିଲେ। ଏନେଇ ସଞ୍ଜୁ ଗାଲେରୀ ଫାଣ୍ଡିରେ ଘଟଣା ସମ୍ପର୍କରେ ଅଭିଯୋଗ କରିଥିଲେ। ପରେ ତାରସିଂ ପୋଲିସ ୧୧୦/୨୫ ରେ ଏକ ମାମଲା ରୁଜୁ କରି ଆଜି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସକ୍ଷମ ହୋଇଛି।

# କାଠ ବୋଝେଇ ଟ୍ରକ ଓଲଟିଲା, ଯାତାୟାତ ପ୍ରଭାବିତ



**ରାୟଗଡ଼,୭ା୩ (ସଂଚାର ବ୍ୟୁରୋ):** ରାୟଗଡ଼ ସହର ସ୍ଥିତ କୋରାପୁଟ ଛକ ନିକଟରେ ଏକ କାଠ ବୋଝେଇ ମାଲବାହୀ ଟ୍ରକ ଭାରସାମ୍ୟ ହରାଇ ଓଲଟି ପଡ଼ିଥିବା ଘଟଣା ଘଟିଛି। ଟ୍ରକଟି ବୁଲାଣୀ ରେ ବୁଲାଇପାରିନଥିବା ଫଳରେ ରେଳବାଇ ପାଚେରୀକୁ ଧକ୍କା ଦେଇ ଓଲଟିଯାଇଛି। ଏହି ଦୁର୍ଘଟଣାରେ କୌଣସି ପ୍ରାଣହାନି ଘଟିନାହିଁ, କିନ୍ତୁ ଚାରି ଜଣ ମାନେ ହାଲୁକା ଆଘାତ ପାଇଛନ୍ତି। ଏମାନେ ରାୟଗଡ଼ା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ଏହି ଦୁର୍ଘଟଣା କାରଣରୁ ୩୨୬ ଜାତୀୟ ରାଜପଥ ଉପରେ ଯାତାୟାତ ପ୍ରଭାବିତ ହୋଇଥିଲା। ଟ୍ରକଟି ରେଳବିଭାଗ ପାଚେରୀ ନିକଟରେ ଥିବା ଏବଂ ରାସ୍ତା ପାର୍ଶ୍ୱରେ ଥିବା ନାଳର ସ୍ଲାବ ଉପରେ ଓଲଟି ପଡ଼ିଥିଲା, ଯେଉଁଥିରୁ ଏହି ସ୍ଲାବ ଭାଙ୍ଗିଯାଇଛି। ଏହାର ପରିଣାମରେ, ସମୟକୁ ଜାତାୟାତ ରହିଥିବା ଏହି ମୁଖ୍ୟ ରାସ୍ତାରେ ଟ୍ରାଫିକ ଜାମ ସୃଷ୍ଟି ହୋଇଥିଲା। ଏହି ସମସ୍ୟାର ପ୍ରଭାବ ରାୟଗଡ଼ା ସହରର ଅନ୍ୟାନ୍ୟ ରାସ୍ତା ଉପରେ ମଧ୍ୟ ପଡ଼ିଥିଲା। ରାୟଗଡ଼ା ସହର ଭିତରେ ଭାରି ଯାନ ଚଳାଚଳ ବାରଣ ରହିଥିଲା ସତ୍ତ୍ୱେ, ଅନେକ ଟ୍ରକ ସହର ଭିତରକୁ ପ୍ରବେଶ କରୁଥିବା ଦେଖିବାକୁ ମିଳୁଛି। ଏଥିରୁ ପ୍ରତିଦିନ ଟ୍ରାଫିକ ଅସୁବିଧା ବୃଦ୍ଧି ପାଉଛି ଏବଂ ପ୍ରଶାସନ ଏହାକୁ ସମାଧାନ କରିବାରେ ବିଫଳ ହୋଇ ଆସୁଛି। ସହର ବାସୀ ଏହି ଅନଧିକୃତ ଯାନ ଚଳାଚଳ ଉପରେ ନିୟନ୍ତ୍ରଣ ଲଗାଇବାକୁ ପ୍ରଶାସନଙ୍କ ପ୍ରତି ଦାବି କରିଛନ୍ତି। ଏହି ଟ୍ରକଟି ଇଚ ୧୬ ଜ୍ଞଉ ୪୩୫୬ ନମ୍ବର ସହ ନେଲ୍ଲୁରୁ ରାୟଗଡ଼ା ଜିଲ୍ଲାର ଔକ କାଗଜ କଳକୁ କାଠ ବୋଝେଇ ଯାଉଥିଲା। କୋରାପୁଟ ଛକ ନିକଟରେ ବୁଲାଣୀ ରେ ନିୟନ୍ତ୍ରଣ ହରାଇ ଏହା ରେଳବାଇ ପାଚେରୀକୁ ଧକ୍କା ଦେଇ ଓଲଟିଯାଇଥିଲା। ଉକ୍ତ ଟ୍ରକରେ ଡ୍ରାଇଭର, ହେଲପର ସହିତ ଅନ୍ୟ ଦୁଇ ଜଣ ମଧ୍ୟ ଥିଲେ। ଦୁର୍ଘଟଣାରେ ସମସ୍ତେ ହାଲୁକା ଆଘାତ ପାଇଥିଲେ ଏବଂ ତୁରନ୍ତ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଥିଲେ। ସାଂଘାତିକ ଅଘଟଣ ନ ଘଟିଥିବାରୁ ଏକ ବଡ଼ ଦୁର୍ଘଟଣାରୁ ବଞ୍ଚିଯିବା କୁହାଯାଉଛି। ଦୁର୍ଘଟଣା ପରେ, ଟ୍ରକ ଚାଳକ ଏବଂ ଏହି ଟ୍ରକର ମାଲିକ ଚେରୁଗୁ ସୋଲୁ ରାଜୁ ରାୟଗଡ଼ା ଥାନାରେ ଆତ୍ମସମର୍ପଣ କରିଛନ୍ତି। ପୋଲିସ ଏହି ଘଟଣା ବିଷୟରେ ତଦନ୍ତ ଆରମ୍ଭ କରିଛି ଏବଂ ଯଥାଯୋଗ୍ୟ ବିଧିବଧାନ ଗ୍ରହଣ କରିବାକୁ ଯୋଜନା କରୁଛି। ଏହି ଦୁର୍ଘଟଣା ରାୟଗଡ଼ା ସହରର ଭାରି ଯାନ ଚଳାଚଳ ନିୟନ୍ତ୍ରଣ ଓ ଟ୍ରାଫିକ ବ୍ୟବସ୍ଥାର ଅସଫଳତା ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠାପିଛି। ସହର ବାସୀ ଏହି ପରିସ୍ଥିତିର ସମାଧାନ ପାଇଁ ପ୍ରଶାସନଙ୍କ ଦ୍ୱାରା କଠୋର ବ୍ୟବସ୍ଥା ନେବାକୁ ଦାବି କରୁଛନ୍ତି।